# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଅଗଷ୍ଟ ୧୨/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, August 12/2023 Page 16 ₹ 7.00

୪୯ଶ ଭାଗ ୨୫୮ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 258 ମୂଲ୍ୟ ₹୭/-




**କେବିସି ଶୁଟିଂ ପାଇଁ ୩.୫ କୋଟି ନିଅନ୍ତି ଅମିତାଭ**

କେବିସିର ପ୍ରଥମ ସିଜନ ହୋଷ୍ଟିଂ ପାଇଁ ଅମିତାଭ ବଚ୍ଚନ ୨୫ ଲକ୍ଷ ନେଉଥିବାବେଳେ ତାହା ବଢ଼ି ୩.୫ କୋଟିରେ ପହଞ୍ଚିଲାଣି। ୧୨

୧୪ **ଶ୍ରୀଜେଶ ଖେଳିଲେ ୩୦୦ତମ ମ୍ୟାଚ**

ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଶୁକ୍ରବାର ଜାପାନ ବିପକ୍ଷରେ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଛନ୍ତି।



# ନାବାଳିକାଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡ

- ହଟିବ ଆଇପିସି, ସିଆର୍‌ପିସି, ସାକ୍ଷ୍ୟପ୍ରମାଣ ଆଇନ
- ଲୋକ ସଭାରେ ୩ ବିଲ୍ ଆଗତ କଲେ ସ୍ୱରାଷ୍ଟ୍ରମନ୍ତ୍ରୀ
- ନୂଆ ଆଇନର ଲକ୍ଷ୍ୟ ଦଣ୍ଡ ନୁହେଁ, ନ୍ୟାୟ ଦେବା: ଶାହା

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ବ୍ରିଟିଶ୍ ଅମଳର ଭାରତୀୟ ଦଣ୍ଡବିଧି ଆଇନ(ଆଇପିସି), ଆପରାଧିକ ଦଣ୍ଡ ସଂହିତା(ସିଆର୍‌ପିସି) ଏବଂ ସାକ୍ଷ୍ୟପ୍ରମାଣ ଆଇନ ହଟିବ। ଏହା ପରିବର୍ତ୍ତେ ଦେଶରେ ନୂଆ ଆଇନ ପ୍ରଣୟନ କରାଯିବ। ଏଥିସକାଶେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଶୁକ୍ରବାର ଲୋକ ସଭାରେ ୩ଟି ପୃଥକ୍ ବିଲ୍ ଆଗତ କରିଛନ୍ତି। ପ୍ରସ୍ତାବିତ ଆଇନଗୁଡ଼ିକ ଦେଶର ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଆମୂଳଚୂଳ ପରିବର୍ତ୍ତନ ଆଣି ନାଗରିକମାନଙ୍କ ଅଧିକାରଗୁଡ଼ିକୁ ସୁରକ୍ଷା ଦେବ ବୋଲି ଶାହା କହିଛନ୍ତି। ନୂଆ ଆଇନରେ ମହିଳା ଓ ଶିଶୁମାନଙ୍କୁ ସର୍ବାଧିକ ଗୁରୁତ୍ୱ ଦିଆଯାଇଛି। ଭିଡ଼ହିଂସା ଓ ନାବାଳିକାଙ୍କୁ ବଳାତ୍କାର କଲେ ଦୋଷୀଙ୍କୁ ସର୍ବାଧିକ ମୃତ୍ୟୁଦଣ୍ଡ ଦିଆଯିବା ନେଇ ବିଧାନ କରାଯାଇଛି। ଦେଶଦ୍ରୋହ ଆଇନକୁ ଉଚ୍ଛେଦ କରାଯାଇଛି। ଏଥିରେ ପ୍ରଥମ ଥର ପାଇଁ ଆତଙ୍କବାଦର ସଂଜ୍ଞା ନିରୂପଣ କରାଯାଇଛି। ବିଲ୍‌ରେ ପ୍ରଥମ ଥର ମାମୁଲି ଅପରାଧ ଘଟାଇଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କମ୍ୟୁନିଟି ସର୍ଭିସ୍ ପ୍ରଦାନ ପାଇଁ ମଧ୍ୟ ଏଥିରେ ବ୍ୟବସ୍ଥା କରାଯାଇଛି। ସିସେସନ(ଅପସାରଣ ବା ପୃଥକ୍ ହେବା ପ୍ରକ୍ରିୟା), ସଶସ୍ତ୍ର ବିଦ୍ରୋହ, ବିଧ୍ୱଂସକ ଗତିବିଧି, ବିଚ୍ଛିନ୍ନତାବାଦୀ କାର୍ଯ୍ୟକଳାପ ବା ସାର୍ବଭୌମତ୍ୱକୁ ବିପଦରେ ପକାଇବା



ଅମିତ ଶାହା

ଅଥବା ଭାରତର ଏକତା ଓ ଅଖଣ୍ଡତାକୁ ବିପଦକୁ ଠେଲିଦେବା ଭଳି ନୂଆ ଅପରାଧକୁ ମଧ୍ୟ ଏଥିରେ ତାଲିକାଭୁକ୍ତ କରାଯାଇଛି। ଉପରୋକ୍ତ ବିଲ୍‌ଗୁଡ଼ିକ ଗୃହୀତ ହୋଇ ଆଇନରେ ପରିଣତ ହେଲେ ଆପରାଧିକ ନ୍ୟାୟ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ସମସ୍ତଙ୍କୁ ସର୍ବାଧିକ ୩ ବର୍ଷ ମଧ୍ୟରେ ନ୍ୟାୟ ପ୍ରଦାନ କରାଯାଇପାରିବ ବୋଲି ଶାହା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ପାର୍ଲାମେଣ୍ଟ ମୌସୁମୀ ଅଧିବେଶନର ଶେଷ ଦିନରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶାହା ଲୋକ ସଭାରେ ଭାରତୀୟ ନ୍ୟାୟ ସଂହିତା (ବିଏନ୍‌ଏସ୍) ବିଧେୟକ-୨୦୨୩, ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ବିଧେୟକ-୨୦୨୩ ଏବଂ ଭାରତୀୟ ସାକ୍ଷ୍ୟ (ବିଏସ୍) ବିଧେୟକ-୨୦୨୩ ଆଗତ କରିଛନ୍ତି। ଏହି ୩ ବିଲ୍ ଯଥାକ୍ରମେ ଉପନିବେଶ ଯୁଗୀୟ ଇଣ୍ଡିଆନ୍ ପେନାଲ କୋଡ୍ (ଆଇପିସି)୧୮୬୦, କ୍ରିମିନାଲ ପ୍ରସିଡ୍ୟୁର ଆକ୍ଟ (ସିଆର୍‌ପିସି)୧୮୯୮ ଏବଂ ଇଣ୍ଡିଆନ୍ ଏଭିଡେନ୍ସ ଆକ୍ଟ ୧୮୭୨ର ସ୍ଥାନ ନେବ ବୋଲି ସେ ଗୃହକୁ ସୂଚନା ଦେଇଛନ୍ତି। ଶାହା ଆହୁରି କହିଛନ୍ତି, ଦେଶବାସୀଙ୍କୁ ଦ୍ରୁତ ନ୍ୟାୟ ପ୍ରଦାନ ସକାଶେ ଏବଂ ଲୋକଙ୍କ ସାମ୍ପ୍ରତିକ ଆବଶ୍ୟକତା ଓ ଆଶାକୁ ଦୃଷ୍ଟିରେ ରଖି ଏହି ପରିବର୍ତ୍ତନ ଅଣାଯାଇଛି। ନୂଆ ଆଇନର ଲକ୍ଷ୍ୟ ଦଣ୍ଡ ଦେବା ନୁହେଁ, ବରଂ ନ୍ୟାୟ ପ୍ରଦାନ କରିବା। ଅପରାଧ ☞ପୃଷ୍ଠା-୪

# ମାଓବାଦୀଙ୍କ ଆକ୍ରମଣରେ ଓଡ଼ିଆ ଯବାନ ଶହୀଦ

**ରାଉରକେଲା,୧୧।୮(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡ଼ଖଣ୍ଡ ସୀମାନ୍ତ ପଶ୍ଚିମ ସିଂହଭୂମ ଜିଲା କୋଲହାନ କ୍ଷେତ୍ର ଗୋଇଲକେରା ଥାନା ଅନ୍ତର୍ଗତ ହାତୀବୁରୁ ଜଙ୍ଗଲ ନିକଟ ଶୋଶୋପି ଗ୍ରାମରେ ମାଓବାଦୀ ଓ ସୁରକ୍ଷାବଳ ମଧ୍ୟରେ ଶୁକ୍ରବାର ହୋଇଥିବା ଗୁଳି ବିନିମୟରେ ସିଆର୍‌ପିଏଫ୍ ୬୦ ବାଟାଲିୟନର ଜଣେ ଓଡ଼ିଆ ଯବାନ ଶହୀଦ ହୋଇଛନ୍ତି। ସେ ହେଲେ କେନ୍ଦୁଝର ଆନନ୍ଦପୁରର ସୁଶାନ୍ତ ଖୁଣ୍ଟିଆ। ଏଥିରେ ଅନ୍ୟ ଜଣେ ଯବାନ ମୁନାଲାଲ ଯାଦବ ଗୁରୁତର ହୋଇଛନ୍ତି। ତାଙ୍କୁ ରାଞ୍ଚି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଓଡ଼ିଶା ସୀମାନ୍ତ ବିଶ୍ରା ବ୍ଲକ ଅଞ୍ଚଳରେ ହାଇଆଲର୍ଟ ଜାରି କରାଯାଇଛି। ସ୍ଥାନୀୟ ପୋଲିସ ସହ ଗୋଇନ୍ଦା ବିଭାଗ ସୀମାନ୍ତରେ ମାଓବାଦୀଙ୍କ କାର୍ଯ୍ୟକଳାପ ଉପରେ ନଜର ରଖିଛି। ସୂଚନା ଅନୁସାରେ, ଗତ ଜାନୁଆରୀରୁ ☞ପୃଷ୍ଠା-୪



ସୁଶାନ୍ତ ଖୁଣ୍ଟିଆ

**ଆଜିର ସମ୍ପାଦକୀୟ**

ବ୍ୟର୍ଥ ଅଭିଳାଷ

## କ୍ୟାବିନେଟ୍ ନିଷ୍ପତ୍ତି

- ୪୩୭୩ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା
- 'ନୂଆ ଓଡ଼ିଶା' ଯୋଜନା: ପ୍ରତିବର୍ଷ ଦକ୍ଷ ହେବେ ୧ ଲକ୍ଷ ଯୁବତୀଯୁବକ
- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମି ହେବ ସ୍ଥିତିବାନ


## Government of Odisha
### Higher Education Department

**Revised Timeline for B.Ed., B.H.Ed., M.Ed. e-Admission for the Academic year 2023-24**

**No.N-54:** The revised timeline for e-admission into B.Ed., B.H.Ed., M.Ed courses for the Academic year 2023-24 under 'Student Academic Management System (SAMS)' is given below. Any change in the timeline will be published on the website https://te.samsodisha.gov.in/.

| Sl# | Activities | Timeline |
|---|---|---|
| 1 | Publication of Provisional Allotment of Seats (for Second Round Selection) | 10.08.2023 (Thursday) (02.00 PM) |
| 2 | Reporting of applicant at allotted institutions for taking admission (for Second Round Selection) | 11.08.2023 (Friday) to 14.08.2023 (Monday) (Except Sunday) |
| 3 | Updation of Slide-Up online by the students taken admission in Second Round of Selection | 11.08.2023 (Friday) to 15.08.2023 (Tuesday) |
| 4 | Data updation of admitted students in the e-space (for Second Round Admission) by the respective Institutions | 11.08.2023 (Friday) to 14.08.2023 (Monday) (Except Sunday) |
| 5 | Publication of Provisional Allotment of Seats (For Third Round Selection) | 20.08.2023 (Sunday) (02.00 PM) |
| 6 | Reporting of the applicant at allotted institutions for taking admission (for Third Round Selection) | 21. 08. 2023 (Monday) to 23.08.2023 (Wednesday) |
| 7 | Updation of Slide-Up Option online by the students taken admission in Third Round of Selection | 21.08.2023 (Monday) to 24.08.2023(Thursday) |
| 8 | Data updation of admitted students in the e-space (for Third Round of Selection) by the respective Institutions | 21.08.2023 (Monday) to 23.08.2023 (Wednesday) |
| 9 | Publication of Provisional Allotment of Seats (for Fourth Round Selection) | 29.08.2023 (Tuesday) (02.00 PM) |
| 10 | Reporting of applicant at allotted institutions for taking admission (for Fourth Round Selection) | 31.08.2023 (Thursday) to 02.09.2023 (Saturday) |
| 11 | Data updation of admitted students in the e-space (for Fourth Round of Selection) by the respective institutions. | 31.08.2023 (Thursday) to 02.09.2023 (Saturday) |
| 12 | Commencement of 1st year classes (For Freshly Admitted Students) | 16.08.2023 (Wednesday) |

**Important Notice**

- 4th Round of Selection will be treated as the last round of selection process for Phase-I admission. No Slide-up option will be provided in the last (4th) round of selection.

Sd./- Joint Secretary to Govt.
PTC Section

OIPR-11001/11/0018/2324





**କୋଟାରେ ଆଉଜଣେ ଛାତ୍ରଙ୍କ ଆତ୍ମହତ୍ୟା**

ରାଜସ୍ଥାନର କୋଟାରେ ଜେଇଇ ପରୀକ୍ଷା ଲାଗି ପ୍ରସ୍ତୁତ ହେଉଥିବା ଜଣେ ୧୭ ବର୍ଷୀୟ ଛାତ୍ର ଆତ୍ମହତ୍ୟା କରିଛନ୍ତି। ଉତ୍ତରପ୍ରଦେଶ ଆଜମଗଡ଼ ଅଞ୍ଚଳର ମନୀଷ ପ୍ରଜାପତ ବର୍ଷେ ହେଲା ଏଠାରେ ଥିବା ଏକ କମ୍ପିଟେଟିଭ ଇନ୍‌ଷ୍ଟିଚ୍ୟୁଟରେ ରହି ପ୍ରସ୍ତୁତ ହେଉଥିଲେ। ୨ ସପ୍ତାହ ମଧ୍ୟରେ ଏହା ତୃତୀୟ ଆତ୍ମହତ୍ୟା ଘଟଣା ବୋଲି ପୋଲିସ କହିଛି। ମନୀଷଙ୍କ ବାପା ଚଳିତ ସପ୍ତାହ ଆରମ୍ଭରୁ କୋଟାକୁ ଆସି ପୁଅ ସହ ୫ ଦିନ ରହିବା ପରେ ଗୁରୁବାର ମଧ୍ୟାହ୍ନରେ ଗାଁକୁ ଫେରିଥିଲେ। ଶୁକ୍ରବାର ସକାଳୁ ରୁମ୍‌ର ଏକ ସିଲିଂ ଫ୍ୟାନରେ ସେ ଝୁଲୁଥିବାର ଦେଖାଯାଇଥିଲା।

# ହୁ ହୁ ଜଳୁଛି ହାୱାଇ ଦ୍ୱୀପ

- ମଉଇ ବନାଗ୍ନି ଅଣାୟତ୍ତ
- ମୃତ୍ୟୁସଂଖ୍ୟା ୫୫
- ଉଦ୍ଧାର କାର୍ଯ୍ୟରେ ନୌସେନା








**କାହୁଲୁଇ/ନ୍ୟୁୟର୍କ,୧୧।୮**

ଆମେରିକାର ପ୍ରଶାନ୍ତ ମହାସାଗର ମଧ୍ୟସ୍ଥିତ ହାୱାଇ ରାଜ୍ୟର ମଉଇ ଦ୍ୱୀପରେ ହୁ ହୁ ହୋଇ ଜଳୁଛି ଜଙ୍ଗଲ। ମଙ୍ଗଳବାର ଲାଗିଥିବା ଏହି ବନାଗ୍ନିରେ ଅଦ୍ୟାବଧି ଅନ୍ୟୁନ ୫୫ ଜଣଙ୍କ ପ୍ରାଣହାନି ଘଟିଥିବାବେଳେ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଜୀବଜନ୍ତୁ, ବୃକ୍ଷଲତା ମଧ୍ୟ ଏଥିରେ ବ୍ୟାପକ ପ୍ରଭାବିତ ହୋଇଛନ୍ତି। ପର୍ଯ୍ୟଟନ ସହର ଲହାଇନାରେ ନିଆଁ ଅଣାୟତ୍ତ ହେବାରୁ ସବୁକିଛି ଜଳିପୋଡ଼ି ଛାରଖାର ହୋଇଯାଇଛି।

ସାମୁଦ୍ରିକ ଝଡ଼ ଡୋରା ଯୋଗୁ ଖୁବ୍ ଜୋର୍‌ରେ ପବନ ବହୁଥିବାରୁ ହାୱାଇ ଦ୍ୱୀପର ନିଆଁ ଚାରିଆଡ଼େ ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ବିଶେଷକରି ଦ୍ୱୀପର ଦକ୍ଷିଣ ଭାଗରେ ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ପବନ ବହୁଥିବାରୁ ଧ୍ୱଂସର ବିକଳ ଚିତ୍ର ଦୃଶ୍ୟମାନ ହେଉଛି। ଜୀବନ ବଞ୍ଚାଇବା ପାଇଁ ଲୋକେ ସମୁଦ୍ରକୁ ଲମ୍ଫ ମାରୁଛନ୍ତି। ୨୧୦୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ନିଆଁକୁ ଆୟତ୍ତ କରିବା ଓ ଉଦ୍ଧାର କାର୍ଯ୍ୟରେ ନୌସେନାକୁ ନିୟୋଜିତ କରାଯାଇଛି। ବ୍ଲାକ୍ ହକ୍ ଏବଂ ଚିନୁକ୍ ହେଲିକପ୍ଟର ଜରିଆରେ ନିଆଁ ଲିଭାଯାଉଛି। ଲହାଇନା ସହରକୁ ବାର୍ଷିକ ୨୦ ଲକ୍ଷ ଟୁରିଷ୍ଟ ଆସିଥାନ୍ତି, ଯାହାକି ହାୱାଇ ଦ୍ୱୀପକୁ ପର୍ଯ୍ୟଟକଙ୍କ ଆଗମନର ପ୍ରାୟ ୮୦%। ତେବେ ଜଙ୍ଗଲ ନିଆଁରେ ଏହି ସହର ନିଜ ସୌନ୍ଦର୍ଯ୍ୟ ହରାଇବସିଛି। ବନାଗ୍ନି ଯୋଗୁ ସହରର ଏତେ କ୍ଷତି ହୋଇଛି ଯେ, ଅଣ୍ଟା ସଳଖି ଛିଡ଼ାହେବା ପାଇଁ ଏହାକୁ ଅନେକ ବର୍ଷ ଲାଗିଯିବ। ଏହି ନିଆଁରେ ଲହାଇନା, ପୁଲେହୁ ଓ ଅପ୍‌କଣ୍ଟ୍ରି ସହରର ପ୍ରାୟ ୧,୭୦୦ କୋଠା ପ୍ରଭାବିତ ହୋଇଛି। ହାୱାଇ ଗଭର୍ନର ଜୋସ୍ ଗ୍ରୀନ୍ କହିଛନ୍ତି, ଆଜି ଆମେ ଯେଉଁଆଡ଼େ ଚାହୁଁଛୁ କେବଳ ବିପଦ ହିଁ ବିପଦ ଦେଖୁଛୁ। ହାୱାଇ ଦ୍ୱୀପରେ ଏହା ହେଉଛି ଇତିହାସର ସବୁଠୁ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ୧୯୬୦ରେ ଆସିଥିବା ସୁନାମି ୬୧ ଜଣଙ୍କ ଜୀବନ ନେଇଥିଲା। ବନାଗ୍ନିଜନିତ ମୃତ୍ୟୁସଂଖ୍ୟା ଏହାକୁ ଟପିଯିବ। ମଉଇ ବନାଗ୍ନିର ପରିବେଶଗତ ପ୍ରଭାବ ଏତିକିରେ ସୀମିତ ହୋଇ ରହିବ ନାହିଁ। ଏହା ଆହୁରି ବିପର୍ଯ୍ୟୟ ଆଣିବ ବୋଲି ଜୋସ୍ କହିଛନ୍ତି। କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ହାୱାଇବାସୀଙ୍କ ପାଇଁ ଶୋକବାର୍ତ୍ତା ପଠାଇଛନ୍ତି। ସେ ପୀଡ଼ିତ, ଆହତ ଓ ବିସ୍ଥାପିତଙ୍କ ପାଇଁ ପ୍ରାର୍ଥନା କରିଛନ୍ତି। ପ୍ରଫେସନାଲ ଗଲ୍ଫର କୋଲିନ୍ ମୋରିକାୱା ବନାଗ୍ନି ପ୍ରଭାବିତଙ୍କୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ଘୋଷଣା କରିଛନ୍ତି।

## ଭାରତରୁ ନିଆଯାଇଥିବା ୧୫୦ ବର୍ଷର ବଟବୃକ୍ଷ ଜଳିଗଲା

ହାୱାଇର ମଉଇ ଦ୍ୱୀପରେ ଥିବା ଏକ ୧୫୦ ବର୍ଷ ପୁରୁଣା ବଟବୃକ୍ଷ ବନାଗ୍ନିରେ ଜଳିଯାଇଛି, ଯାହାକୁ ଭାରତରୁ ସେଠାକୁ ନିଆଯାଇଥିଲା। ଏହା ଥିଲା ଆମେରିକାରେ ଅନ୍ୟତମ ବୃହତ୍ ବଟବୃକ୍ଷ। ୬୦ ଫୁଟ୍ ଉଚ୍ଚତାର ଏହି ବୃକ୍ଷକୁ ୧୮୭୩ରେ ଲହାଇନା ହାର୍ବରରେ ରୋପଣ କରାଯାଇଥିବା ନେଇ ଅନ୍‌ଲାଇନ୍ ପୋର୍ଟାଲ ଲହାଇନାଟାଉନ୍ ଡଟ୍‌କମ୍‌ରେ ଉଲ୍ଲେଖ କରାଯାଇଛି। ଗତ ଏପ୍ରିଲରେ ଏହି ବଟବୃକ୍ଷର ୧୫୦ତମ ଜନ୍ମଦିନ ପାଳନ କରାଯାଇଥିଲା।

# ଅନିର୍ଦ୍ଦିଷ୍ଟ କାଳ ପାଇଁ ସଂସଦ ସ୍ଥଗିତ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ମଣିପୁରର ଜାତିଆଣ ହିଂସାକୁ ନେଇ ପାର୍ଲାମେଣ୍ଟରେ ହଟ୍ଟଗୋଳଜନିତ ଅଚଳାବସ୍ଥା ଏବଂ ଭାଜପା ସରକାରଙ୍କ ବିରୋଧରେ ବିରୋଧୀ ଦଳଗୁଡ଼ିକ ଆଣିଥିବା ଅନାସ୍ଥା ପ୍ରସ୍ତାବ ଉପରେ ଜୋର୍‌ଦାର ବିତର୍କ ପରେ ଶୁକ୍ରବାର ଉଭୟ ଲୋକ ସଭା ଏବଂ ରାଜ୍ୟ ସଭାକୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି। ଫଳରେ ମୌସୁମୀ ଅଧିବେଶନ ଶେଷ ହୋଇଛି। ଲୋକ ସଭାରେ ଅନାସ୍ଥା ପ୍ରସ୍ତାବ ଉପରେ କଂଗ୍ରେସ ସଦସ୍ୟ ଗୌରବ ଗୋଗୋଇ ଆଲୋଚନା ଆରମ୍ଭ କରିଥିଲେ। ପାଖାପାଖି ୨୦ ଘଣ୍ଟାର ଆଲୋଚନାରେ ୬୦ ସଦସ୍ୟ ଭାଗ ନେଇଥିଲେ। ଶେଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୪୦ ମିନିଟ୍ ଧରି ଉତ୍ତର ରଖିବା ପରେ ଅନାସ୍ଥା ପ୍ରସ୍ତାବ ବାଚନିକ ମତରେ କାଟ୍ ଖାଇଥିଲା। ଚଳିତ ଅଧିବେଶନରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ଗୃହରୁ ନିଲମ୍ବନ କରାଯାଇଥିବାରୁ ବିରୋଧୀ ସଦସ୍ୟ କ୍ଷୁବ୍ଧ ହୋଇ ବାଚସ୍ପତି ଓମ୍ ବିର୍ଲାଙ୍କ ଉଦ୍‌ଯାପନୀ



ଭାଷଣ ବେଳେ କକ୍ଷତ୍ୟାଗ କରିଥିଲେ। ଚଳିତ ଅଧିବେଶନରେ ଲୋକ ସଭାରେ ମୋଟ ୧୭ଟି କାର୍ଯ୍ୟଦିବସରେ ୪୪ ଘଣ୍ଟା ୧୩ ମିନିଟ୍ ପାଇଁ ଚାଲିଥିଲା। ଏହି ସମୟ ମଧ୍ୟରେ ୨୦ଟି ସରକାରୀ ବିଲ୍ ଆଗତ ହୋଇଥିବାବେଳେ ୨୨ ବିଲ୍ ଗୃହୀତ ହୋଇଥିଲା। ଗୃହୀତ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ବିଲ୍ ମଧ୍ୟରେ ରହିଛି ମଲ୍ଟି-ଷ୍ଟେଟ୍ କୋଅପରେଟିଭ୍ ସୋସାଇଟିଜ୍ (ସଂଶୋଧନ) ବିଲ୍, ଡିଜିଟାଲ ଡେଟା ପ୍ରୋଟେକ୍ସନ ବିଲ୍, ନ୍ୟାଶନାଲ ନର୍ସିଂ ଆଣ୍ଡ ମିଡ୍‌ୱାଇଫେରି କମିଶନ ବିଲ୍, ନ୍ୟାଶନାଲ ଡେଣ୍ଟାଲ କାଉନ୍‌ସିଲ ବିଲ୍, ଜନବିଶ୍ୱାସ (ସଂଶୋଧନ) ବିଲ୍, ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର(ସଂଶୋଧନ) ବିଲ୍ ଏବଂ ସଶସ୍ତ୍ର ବଳ ସଂଗଠନ(କମାଣ୍ଡ, କଣ୍ଟ୍ରୋଲ, ଡିସିପ୍ଲିନ୍) ବିଲ୍। ସେହିପରି ରାଜ୍ୟ ସଭା ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର ଉଦ୍‌ଯାପନୀ ଭାଷଣ ଦେବା ପରେ ଗୃହକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରାଯାଇଥିଲା।

## ଅବସର ନେବାକୁ ଥିବା ରାଜ୍ୟ ସଭା ସଦସ୍ୟଙ୍କୁ ବିଦାୟ ସମ୍ବର୍ଦ୍ଧନା

ରାଜ୍ୟ ସଭାରୁ ଆସନ୍ତା ୧୮ ତାରିଖରେ ଅବସର ନେବାକୁ ଥିବା ୫ ଜଣ ଏମ୍‌ପିଙ୍କୁ ମୌସୁମୀ ଅଧିବେଶନର ଶେଷ ଦିନରେ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ଗୃହକୁ ସେମାନଙ୍କ ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରାଯାଇଥିଲା। ମୋଟ ୯ ସଦସ୍ୟ ଅବସର ନେବାକୁ ଥିବାବେଳେ ସେମାନଙ୍କ ମଧ୍ୟରୁ ୪ ଜଣ ପୁନଃ ନିର୍ବାଚିତ ହୋଇଥିବାରୁ ଅନ୍ୟ ୫ ଜଣଙ୍କ ଉପସ୍ଥିତିକୁ ଗୃହ ହରାଇବ ବୋଲି ଅଧ୍ୟକ୍ଷ ଜଗଦୀପ୍ ଧନ୍‌କର କହିଥିଲେ। ପୁନଃ ନିର୍ବାଚିତ ହୋଇଥିବା ସଦସ୍ୟ ହେଲେ, ଭାଜପାର ଏସ୍. ଜୟଶଙ୍କର, ଏଆଇଟିସିର ସୁଖେନ୍ଦୁ ଶେଖର ରାୟ, ଡେରେକ୍ ଓ'ବ୍ରାଏନ ଏବଂ ଡୋଲା ସେନ୍। ଅବସର ନେଉଥିବା ୫ ସଦସ୍ୟ ହେଲେ ଭାଜପାର ଯୁଗଳସିଂ ଲୋଖଣ୍ଡୱାଲା, ଦିନେଶଚନ୍ଦ୍ର ଡେମାଲଭାଇ ଅନଭାଦିୟା, ଏଆଇଟିସିର ସୁସ୍ମିତା ଦେବ ଏବଂ ଶାନ୍ତା ଛେତ୍ରୀ ଏବଂ କଂଗ୍ରେସର ପ୍ରଦୀପ ଭଟ୍ଟାଚାର୍ଯ୍ୟ। ରାଜନୀତିରେ ଅବସର ନାହିଁ ବୋଲି ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ। ଗୃହର ନେତା ପୀୟୂଷ ଗୋୟଲ କହିଥିଲେ, ବହିର୍ବ୍ୟାପାର ମନ୍ତ୍ରୀ ଭାବେ ଜୟଶଙ୍କରଙ୍କର ଗୃହକୁ ଏବଂ ବିଶ୍ୱ ସ୍ତରରେ ଅନେକ ଅବଦାନ ରହିଛି। ଏହାକୁ ନେଇ ଗୃହରେ ହୋହଲ୍ଲା ହେବାରୁ ଅଧ୍ୟକ୍ଷ ଏଥିରେ ହସ୍ତକ୍ଷେପ କରି କହିଥିଲେ, ପ୍ରତ୍ୟେକ ସଦସ୍ୟ ଯେଉଁମାନେ ଅବସର ନେଉଛନ୍ତି ଏବଂ ଯିଏ ପୁନଃ ନିର୍ବାଚିତ ହୋଇଥିବାରୁ ସଦସ୍ୟତା ବଳବତ୍ତର ରହିଛି, ସମସ୍ତଙ୍କର ଉଲ୍ଲେଖନୀୟ ଅବଦାନ ରହିଛି। ତେବେ ଯେଉଁମାନେ ପୁନର୍ବାର ନିର୍ବାଚିତ ହୋଇପାରି ନାହାନ୍ତି, ସେମାନଙ୍କ ପାଇଁ ମଧ୍ୟ ଆମେ ସମାନ ଭାବେ ଗର୍ବିତ ବୋଲି ଧନ୍‌କର କହିଥିଲେ।

**ସଂକ୍ଷେପରେ**

## ନୱାବ ମଲିକଙ୍କୁ ଜାମିନ

**ନୂଆଦିଲ୍ଲୀ,୧୧।୮(ପି.ଟି.):** ମନିଲଣ୍ଡରିଂ ମାମଲାରେ ଜେଲ ଯାଇଥିବା ମହାରାଷ୍ଟ୍ରର ପୂର୍ବତନ ମନ୍ତ୍ରୀ ତଥା ଏନ୍‌ସିପି ନେତା ନୱାବ ମଲିକଙ୍କୁ ସ୍ୱାସ୍ଥ୍ୟଗତ କାରଣରୁ ସୁପ୍ରିମକୋର୍ଟ ଶୁକ୍ରବାର ୨ ମାସ ପାଇଁ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ମନିଲଣ୍ଡରିଂ ମାମଲାର ତଦନ୍ତ ଚଳାଇଥିବାରୁ ଜାମିନ ପ୍ରଦାନ ଲାଗି ଜୁଲାଇ ୧୩ରେ ବମ୍ବେ ହାଇକୋର୍ଟ ମନା କରି ଦେଇଥିଲେ। ଏହା ବିରୋଧରେ



ମଲିକ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କିଡ୍‌ନୀ ରୋଗ ଓ ଅନ୍ୟ ସମସ୍ୟା ପାଇଁ ମଲିକ୍ ହସ୍ପିଟାଲରେ ଅଛନ୍ତି। କେବଳ ସ୍ୱାସ୍ଥ୍ୟଗତ କାରଣରୁ ତାଙ୍କୁ ଜାମିନ ଦିଆଯାଉଛି ବୋଲି ଜଷ୍ଟିସ୍ ଅନିରୁଦ୍ଧ ବୋଷ ଏବଂ ବେଲା ଏମ୍ ତ୍ରିବେଦୀଙ୍କ ଖଣ୍ଡପୀଠ କହିଥିଲେ। ପଳାତକ ଗ୍ୟାଙ୍ଗଷ୍ଟର ଦାଉଦ୍ ଇବ୍ରାହିମ୍ ଓ ତାଙ୍କ ସହଯୋଗୀମାନଙ୍କ ସହ ସମ୍ପର୍କରେ ଥିବା ମଲିକଙ୍କୁ ଇଡି ଗତବର୍ଷ ଫେବୃୟାରୀ ୨୨ରେ ଗିରଫ କରିଥିଲା। ସେ ବିଚାର ବିଭାଗୀୟ ହାଜତରେ ରହିଥିବାବେଳେ ଏବେ ମୁମ୍ବାଇର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି।

## ଇମ୍ରାନଙ୍କ ଜାମିନ ଆବେଦନ ଖାରଜ

**ଲାହୋର,୧୧।୮:** ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ୭ ଆତଙ୍କବାଦ ମାମଲାରେ ଗିରଫ ପୂର୍ବରୁ ଜାମିନ ପାଇଁ କରିଥିବା ଆବେଦନକୁ ଶୁକ୍ରବାର ଅଦାଲତ ଖାରଜ କରିଦେଇଛନ୍ତି। ତୋଷାଖାନା ଦୁର୍ନୀତି ମାମଲାରେ ଦୋଷୀସାବ୍ୟସ୍ତ ଇମ୍ରାନ୍ ଗତ ୫ ତାରିଖରୁ ଜେଲରେ ଥିବାରୁ ଆତଙ୍କବାଦ ମାମଲାର ଶୁଣାଣି ବେଳେ ଉପସ୍ଥିତ ହୋଇପାରି ନ ଥିଲେ। ତାଙ୍କର ଆଗୁଆ ଜାମିନ ଆବେଦନକୁ ଲାହୋରର ଆତଙ୍କବାଦ ନିରୋଧୀ ଅଦାଲତର ବିଚାରପତି ଏଜାଜ୍ ଅହମଦ ବୁଟ୍ଟର ଅଗ୍ରାହ୍ୟ କରିଦେଇଛନ୍ତି।

## ନାଇଜରରୁ ଫେରିଆସିବାକୁ ଭାରତୀୟଙ୍କୁ ପରାମର୍ଶ

**ନୂଆଦିଲ୍ଲୀ,୧୧।୮:** ନାଇଜରରେ ରହୁଥିବା ଭାରତୀୟ ନାଗରିକମାନଙ୍କୁ ଯଥାଶୀଘ୍ର ସମ୍ଭବ ଚାଲିଆସିବାକୁ କେନ୍ଦ୍ର ସରକାର ଶୁକ୍ରବାର ପରାମର୍ଶ ଦେଇଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଯେଉଁ ଭାରତୀୟଙ୍କର ବିଦ୍ରୋହ କବଳିତ ନାଇଜରରେ ରହିବା ଜରୁରୀ ନୁହେଁ, ସେମାନଙ୍କୁ ଦେଶ ଛାଡ଼ି ପଳାଇ ଆସିବାକୁ ପରାମର୍ଶ ଦିଆଯାଇଥିବା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ୍ ବାଗ୍‌ଚୀ କହିଛନ୍ତି। ନାଇଜରରୁ ବିମାନ ଚଳାଚଳ ବନ୍ଦ ରହିଥିବାରୁ ଭାରତୀୟମାନେ ସତର୍କତାର ସହ ସ୍ଥଳପଥ ଦେଇ ଚାଲିଆସିବାକୁ ପରାମର୍ଶ ଦିଆଯାଇଛି।

## ରାଘବ ଚଡ୍ଢା ରାଜ୍ୟ ସଭାରୁ ନିଲମ୍ବିତ

ଗୃହର ନିୟମ ଉଲ୍ଲଂଘନ, ଅସଦ୍ ବ୍ୟବହାର ଏବଂ ଉଗ୍ର ଆଚରଣ ପାଇଁ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସଦସ୍ୟ ରାଘବ ଚଡ୍ଢାଙ୍କୁ ଶୁକ୍ରବାର ରାଜ୍ୟ ସଭାରୁ ନିଲମ୍ବନ କରାଯାଇଛି। ଚଡ୍ଢା କେତେଜଣ ସଦସ୍ୟଙ୍କ ସହମତିବିନା ସେମାନଙ୍କ ନାଁକୁ ଦିଲ୍ଲୀ ଜାତୀୟ ରାଜଧାନୀ ଅଞ୍ଚଳ ସରକାର (ସଂଶୋଧନ) ବିଲ୍, ୨୦୨୩ ପାଇଁ ପ୍ରସ୍ତାବିତ ସିଲେକ୍ଟ କମିଟି ପୂରାଇଥିବାରୁ ତାଙ୍କ ବିରୋଧରେ



କାର୍ଯ୍ୟାନୁଷ୍ଠାନ ଲାଗି ଗୃହର ନେତା ପୀୟୂଷ ଗୋୟଲ ପ୍ରସ୍ତାବ ଆଣିଥିଲେ। ଉକ୍ତ ପ୍ରସ୍ତାବ ଧ୍ୱନି ମତରେ ଗୃହୀତ ହୋଇଥିଲା।

## ଜିଏସ୍‌ଟି ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ

ମୌସୁମୀ ଅଧିବେଶନର ଶେଷ ଦିନରେ ଜିଏସ୍‌ଟି ସଂଶୋଧନ ବିଲ୍ ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ଅନ୍‌ଲାଇନ ଗେମିଂ, କାସିନୋ ଏବଂ ହର୍ସ ରେସ୍ କ୍ଲବ୍‌ରେ ବେଟିଂର ପୂର୍ଣ୍ଣ ଫେସ୍ ଭାଲ୍ୟୁ ଉପରେ ୨୮ ପ୍ରତିଶତ ଜିଏସ୍‌ଟି ଲଗାଇବା ପାଇଁ କେନ୍ଦ୍ରୀୟ ଓ ସମନ୍ୱିତ ଜିଏସ୍‌ଟି ଆଇନରେ ସଂଶୋଧନ କରାଯାଇଛି। ରାଜ୍ୟ ସଭାରେ ବିନା




ଆଲୋଚନାରେ ଏହି ବିଲ୍ ଧ୍ୱନି ମତରେ ଗୃହୀତ ହେବା ପରେ ଲୋକ ସଭାକୁ ପଠାଯାଇଥିଲା। ଏହା ପୂର୍ବରୁ ନିମ୍ନ ସଦନ

### ଅନ୍‌ଲାଇନ୍ ଗେମିଂରେ ୨୮% ଟିକସ ଲାଗିବ

ସିଜିଏସ୍‌ଟି (ସଂଶୋଧନ) ବିଲ୍, ୨୦୨୩ ଏବଂ ଆଇଜିଏସ୍‌ଟି (ସଂଶୋଧନ) ବିଲ୍, ୨୦୨୩କୁ ଅନୁମୋଦନ କରିଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଉଭୟ ଗୃହରେ ଏହି ବିଲ୍ ଆଗତ କରିଥିଲେ।

## ଔଷଧ କମ୍ପାନୀଠାରୁ ଉପହାର ନେଇପାରିବେନି ଡାକ୍ତର

### ଏନ୍‌ଏମ୍‌ସିର ନୂଆ ନିୟମାବଳୀ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

ନ୍ୟାଶନାଲ ମେଡିକାଲ କାଉନ୍‌ସିଲ୍ (ଏନ୍‌ଏମ୍‌ସି)ର ନୂଆ ନିୟମାବଳୀ ଅନୁଯାୟୀ ଏଣିକି ଔଷଧ କମ୍ପାନୀ କିମ୍ବା ସେମାନଙ୍କ ପ୍ରତିନିଧିମାନଙ୍କଠାରୁ ଡାକ୍ତର ଏବଂ ତାଙ୍କ ପରିବାର ସଦସ୍ୟ କୌଣସି ଉପହାର, ଭ୍ରମଣ ସୁବିଧା, ଆତିଥେୟତା, ଟଙ୍କା କିମ୍ବା ମନୋରଞ୍ଜନ ସୁବିଧା ଗ୍ରହଣ କରିପାରିବେ ନାହିଁ। ଅଗଷ୍ଟ ୨ରେ ଜାରି ହୋଇଥିବା 'ପଞ୍ଜୀକୃତ ଡାକ୍ତରଙ୍କ ପେସାଦାରି ଆଚରଣ ସମ୍ପର୍କିତ ନିୟମାବଳୀ' ଅନୁଯାୟୀ ସେମାନେ କୌଣସି ନିର୍ଦ୍ଦିଷ୍ଟ ବ୍ରାଣ୍ଡର ଔଷଧ କିମ୍ବା ଡାକ୍ତରୀ ଉପକରଣ ପାଇଁ ଅନୁମୋଦନ କରିପାରିବେ ନାହିଁ କିମ୍ବା ସେଗୁଡ଼ିକର ପ୍ରଚାର କରିବେ ନାହିଁ। ନୂଆ ନିୟମାବଳୀ ଅନୁଯାୟୀ ହସ୍ପିଟାଲରେ ରୋଗୀଙ୍କ ରେକର୍ଡ ଦାୟିତ୍ୱରେ ଥିବା ପଞ୍ଜୀକୃତ ଚିକିତ୍ସା ଅଧିକାରୀ (ଆର୍‌ଏମ୍‌ପି)ଙ୍କୁ ରୋଗୀ କିମ୍ବା ତାଙ୍କ ସ୍ୱୀକୃତିପ୍ରାପ୍ତ ଆଟେଣ୍ଡାଣ୍ଟଙ୍କୁ ଅନୁରୋଧକ୍ରମେ ୫ କାର୍ଯ୍ୟଦିବସ ମଧ୍ୟରେ ରୋଗୀଙ୍କୁ ମେଡିକାଲ ରେକର୍ଡ ପ୍ରଦାନ କରିବେ। ପୂର୍ବରୁ ମେଡିକାଲ ରେକର୍ଡ ଦେବା ପାଇଁ ୭୨ ଦିନର ବ୍ୟବସ୍ଥା ଥିଲା। ଜରୁରୀ ମେଡିକାଲ ମାମଲାରେ ଯଥାଶୀଘ୍ର ସମ୍ଭବ ରେକର୍ଡ ଉପଲବ୍ଧ କରାଇବାକୁ କୁହାଯାଇଛି। ନିୟମାବଳୀ ପ୍ରକାଶନର ୩ ବର୍ଷ ମଧ୍ୟରେ ମେଡିକାଲ ରେକର୍ଡ ସମ୍ପୂର୍ଣ୍ଣ ଡିଜିଟାଲାଇଜ୍ କରିବାକୁ କୁହାଯାଇଛି। ପଞ୍ଜୀକୃତ ଚିକିତ୍ସା ଅଧିକାରୀ ଆଇଟି ଆଇନର ବ୍ୟବସ୍ଥା, ଡେଟା ସୁରକ୍ଷା ଓ ବ୍ୟକ୍ତିଗତ ଗୋପନୀୟତା ଆଇନକୁ ଅନୁପାଳନ କରିବା ସହ ରୋଗୀଙ୍କ ଗୋପନୀୟତାର ସୁରକ୍ଷା ପାଇଁ ନିୟମାବଳୀର କାର୍ଯ୍ୟକାରିତାକୁ ସୁନିଶ୍ଚିତ କରିବେ। ରୋଗୀ ଚିକିତ୍ସା ହେବାଠାରୁ ୩ ବର୍ଷ ପର୍ଯ୍ୟନ୍ତ ତାଙ୍କର ସମସ୍ତ ମେଡିକାଲ ରେକର୍ଡ ରଖିବାକୁ ହେବ।

## ଯୌନହିଂସା ରୋକିବାକୁ ରାଜ୍ୟ ବାଧ୍ୟ

**ନୂଆଦିଲ୍ଲୀ,୧୧।୮(ପି.ଟି.)**

### ମଣିପୁର ହିଂସା ଶୁଣାଣି ବେଳେ ସୁପ୍ରିମକୋର୍ଟଙ୍କ ମତ

ମଣିପୁର ହିଂସା ବେଳେ ମହିଳାମାନଙ୍କ ପ୍ରତି ଯେଭଳି ଅତ୍ୟାଚାର କରାଯାଇଛି, ତାହାକୁ ନେଇ ସୁପ୍ରିମକୋର୍ଟ ବ୍ୟଥିତ ହୋଇଛନ୍ତି। ଅନ୍ୟ ସମ୍ପ୍ରଦାୟକୁ ପଦାନତ କରିବାର ବାର୍ତ୍ତା ଦେବା ପାଇଁ ଉତ୍ତ୍ୟକ୍ତ ଲୋକେ ଯୌନ ହିଂସାକୁ ବ୍ୟବହାର କରିଥିଲେ। ଏହାକୁ ବନ୍ଦ କରିବାକୁ ରାଜ୍ୟ ବାଧ୍ୟ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ମଣିପୁରରେ ମେ' ୪ରେ ମହିଳାଙ୍କ ପ୍ରତି ହିଂସା କି ପ୍ରକାର ଥିଲା, ତାହା ଉପରେ ତଦନ୍ତ କରିବାକୁ ଅବସରପ୍ରାପ୍ତ ବିଚାରପତିଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ କମିଟିକୁ ସୁପ୍ରିମକୋର୍ଟ କହିଛନ୍ତି। ମହିଳାମାନଙ୍କ ପ୍ରତି ଯୌନ ଅପରାଧ ଓ ହିଂସା ଆଦୌ ଗ୍ରହଣୀୟ ନୁହେଁ। ମର୍ଯ୍ୟାଦା, ବ୍ୟକ୍ତି ସ୍ୱାଧୀନତାର ସାମ୍ବିଧାନିକ ମୂଲ୍ୟବୋଧର ଏହା ଗମ୍ଭୀର ଉଲ୍ଲଂଘନ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଛନ୍ତି। ଜାତିଆଣ ହିଂସାବେଳେ ଉତ୍ତ୍ୟକ୍ତ ଲୋକେ ଯୌନ ହିଂସାକୁ ବ୍ୟବହାର କରି ଗୋଟିଏ ସମ୍ପ୍ରଦାୟକୁ ପଦାନତ କରି ରଖିଥିବାର ବାର୍ତ୍ତା ଦେବାକୁ ଚାହିଁଥିଲେ। ଏହା ଅତ୍ୟାଚାର। ଏଭଳି ଅତ୍ୟାଚାରକୁ ରୋକିବା ରାଜ୍ୟ ସରକାରଙ୍କ ବାଧ୍ୟତାମୂଳକ କର୍ତ୍ତବ୍ୟ ବୋଲି ଖଣ୍ଡପୀଠ କହିଛନ୍ତି।

## ଚନ୍ଦ୍ରଯାନ-୩ ବନାମ ରୁଷିଆର ଲୁନା-୨୫

**ନୂଆଦିଲ୍ଲୀ, ୧୧।୮**

ଭାରତ ଏହାର ତୃତୀୟ ଚନ୍ଦ୍ର ଅଭିଯାନ ଚନ୍ଦ୍ରୟାନ-୩କୁ ଜୁଲାଇ ୧୪ରେ ଚନ୍ଦ୍ରପୃଷ୍ଠ ଅଭିମୁଖେ ପ୍ରେରଣ କରିଥିଲା। ଅପରପକ୍ଷେ ରୁଷିଆର ଲୁନା-୨୫ ଚନ୍ଦ୍ରୟାନ-୩ଠାରୁ ମାସେ ବିଳମ୍ବ ଅର୍ଥାତ୍ ଅଗଷ୍ଟ ୧୧ରେ ଅଭିଯାନ ଆରମ୍ଭ କରିଛି। ଉଭୟ ମହାକାଶଯାନ ବର୍ତ୍ତମାନ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବାକୁ ଦୌଡ଼ରେ ଅଛନ୍ତି। ଚନ୍ଦ୍ରୟାନ-୩ ଅଗଷ୍ଟ ୨୩ରେ ଚନ୍ଦ୍ରପୃଷ୍ଠରେ ଅବତରଣ କରିପାରେ। ଅପରପକ୍ଷେ ଲୁନା-୨୫ ମଧ୍ୟ ଖୁବଶୀଘ୍ର ତା'ର ଲକ୍ଷ୍ୟସ୍ଥଳରେ ପହଞ୍ଚିବା ସମ୍ଭାବନା ରହିଛି। ଗତ ୫୦ ବର୍ଷ ମଧ୍ୟରେ ଲୁନା-୨୫ ହେଉଛି ରୁଷିଆ ପ୍ରଥମ ଚନ୍ଦ୍ର ଅଭିଯାନ।

ରୁଷିଆର ଅନ୍ତରୀକ୍ଷ ଏଜେନ୍ସି




ରସକୋମୋସର ସୂଚନା ଅନୁସାରେ ଚନ୍ଦ୍ରକକ୍ଷ ନିକଟରେ ପହଞ୍ଚିବା ପାଇଁ ଲୁନା-୨୫ ପାଞ୍ଚଦିନ ସମୟ ନେବ। ଏହାପୃଷ୍ଠରେ ପହଞ୍ଚିବା ପାଇଁ ଆଉ ୫ରୁ ୭ ଦିନ ନେବ। ନ୍ୟୁୟର୍କ ଟାଇମ୍ସରେ ପ୍ରକାଶିତ ରିପୋର୍ଟ ଅନୁସାରେ ଲୁନା-୨୫ ଅଗଷ୍ଟ ୨୧ ସୁଦ୍ଧା ଚନ୍ଦ୍ରପୃଷ୍ଠରେ ପହଞ୍ଚିପାରେ। ରୁଷିଆର ଏହି ଅଭିଯାନକୁ ନେଇ ଭାରତୀୟ ମହାକାଶ ଗବେଷଣା ସଂଗଠନ(ଇସ୍ରୋ) ଖୁସି ବ୍ୟକ୍ତ କରିବା ସହ ରୁଷିଆ ଏଜେନ୍ସି

### ଚନ୍ଦ୍ରର ଦକ୍ଷିଣ ମେରୁରେ କିଏ ପ୍ରଥମେ ଅବତରଣ କରିବ

ରସକୋମୋସକୁ ଶୁଭେଚ୍ଛା ଜଣାଇଛି।

ଲୁନା-୨୫ ସୋୟୁଜ-୨୧ ବି ରକେଟ ସହାୟତାରେ ଆରମ୍ଭ କରାଯାଇଥିଲା। ଏହାର ଲମ୍ବା ୪୬.୩ ମିଟର ଏବଂ ଓସାର ୧୦.୩ ମିଟର। ଏହି ରକେଟର ଓଜନ ୩୦୩ କେ.ଜି.। ଉଭୟ ଯାନର ଅବତରଣ ନିଜ ନିଜର ବୈଜ୍ଞାନିକ କୌଶଳ ଉପରେ ନିର୍ଭର କରେ। ତେବେ ଚନ୍ଦ୍ରର ଦକ୍ଷିଣ ମେରୁରେ ପହଞ୍ଚିବା ଏତେଟା ସହଜ କାର୍ଯ୍ୟ ନୁହେଁ ବୋଲି ବିଶେଷଜ୍ଞମାନେ କହିଛନ୍ତି। ଏହା ଭିତରେ ଚନ୍ଦ୍ରୟାନ-୩ ଏବଂ ଲୁନା-୨୫ କିଏ ପ୍ରଥମେ ଚନ୍ଦ୍ରପୃଷ୍ଠରେ ଭଲଭାବେ ଅବତରଣ କରିପାରୁଛି ତାକୁ ନେଇ ଉତ୍କଣ୍ଠା ବଢୁଛି।

# ୪୩୭୩ ପଞ୍ଚାୟତରେ ମିଳିବ ବ୍ୟାଙ୍କ ସୁବିଧା

ଭୁବନେଶ୍ୱର, ୧୧।୮ (ଅନିଲ ଦାସ)



ରାଜ୍ୟର ବ୍ୟାଙ୍କ ସୁବିଧା ନ ଥିବା ୪୩୭୩ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବ। ଏଥିପାଇଁ ୫୦୦ କୋଟି ଟଙ୍କାର ବଜେଟ ସହାୟତା ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ, ବ୍ୟାଙ୍କ ଅଫ୍ ବରୋଦା, ବ୍ୟାଙ୍କ ଅଫ୍ ଇଣ୍ଡିଆ ଆଦି ୬ଟି ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ପ୍ରଦାନ କରାଯିବ। ସେହି ବ୍ୟାଙ୍କଗୁଡ଼ିକ ସହିତ ସମନ୍ୱୟ ରକ୍ଷାକରି 'ସିଏସ୍‌ପି ପ୍ଲସ୍' ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ଖୋଲିବ। ଏହି ଯୋଜନାକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି।

ଉକ୍ତ ବ୍ୟାଙ୍କଗୁଡ଼ିକୁ ପଞ୍ଚାୟତରେ ନିଜର ଶାଖା ଖୋଲିବା ପାଇଁ ୫ ବର୍ଷ ପର୍ଯ୍ୟନ୍ତ ନିଃଶୁଳ୍କ ଗୃହ, ଏକକାଳୀନ ସ୍ଥାୟୀ ଖର୍ଚ୍ଚ ଓ ୩ ବର୍ଷ ପାଇଁ ହେବାକୁ ଥିବା ଆବଶ୍ୟକ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବେ। ରାଜ୍ୟର ମୋଟ ୬୭୯୮ ଗ୍ରାମ ପଞ୍ଚାୟତ ମଧ୍ୟରୁ ପ୍ରାୟ ଶତକଡା ୬୫ ଭାଗ(୪୩୭୩) ଗ୍ରାମ ପଞ୍ଚାୟତରେ ସ୍ଥାୟୀ ବ୍ୟାଙ୍କ ଶାଖା ନାହିଁ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ବ୍ୟାଙ୍କିଙ୍ଗ୍ ଏକ ଅତ୍ୟାବଶ୍ୟକ ସେବା ହୋଇଥିବାରୁ ରାଜ୍ୟର ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ନିରବଚ୍ଛିନ୍ନ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ସ୍ଥାୟୀ ବ୍ୟାଙ୍କ ଶାଖାର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ଏକ ଉଚ୍ଚାଭିଳାଷୀ ଲକ୍ଷ୍ୟ ନେଇ ଆଗେଇ ଆସିଛନ୍ତି। ଚଳିତ ଆର୍ଥିକ ବର୍ଷ ୨୦୨୩-୨୪ରେ ସିଏସ୍‌ପି ପ୍ଲସ୍ ବ୍ୟାଙ୍କିଙ୍ଗ୍ ଆଉଟଲେଟ୍ ମାଧ୍ୟମରେ ରାଜ୍ୟରେ ଥିବା ସମସ୍ତ ବ୍ୟାଙ୍କବିହୀନ ପଞ୍ଚାୟତରେ ବ୍ୟାଙ୍କିଙ୍ଗ୍ ସେବା ପର୍ଯ୍ୟାୟକ୍ରମେ ଯୋଗାଇ ଦିଆଯିବ। ଏହି ଯୋଜନା ରାଜ୍ୟର ସମସ୍ତ ବ୍ୟାଙ୍କବିହୀନ ଗ୍ରାମ ପଞ୍ଚାୟତରେ ରହୁଥିବା ଲୋକମାନେ ମାଗଣାରେ ସମସ୍ତ ପ୍ରକାର ବ୍ୟାଙ୍କିଙ୍ଗ୍ ସେବା ପାଇପାରିବେ। ବରିଷ୍ଠ ନାଗରିକ, ଭିନ୍ନକ୍ଷମ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାମାନେ ଦୁଆର ମୁହଁରେ ବ୍ୟାଙ୍କିଙ୍ଗ୍ ସେବା ପାଇବେ ଏବଂ ଠିକ୍ ସମୟରେ ସରକାରଙ୍କ ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର(ଡିବିଟି)ଯୋଜନାର ସୁବିଧା ମଧ୍ୟ ପାଇପାରିବେ। କ୍ୟାବିନେଟ ବୈଠକ ଶେଷରେ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି।

ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ମୋଟ ୧୯ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କ୍ୟାବିନେଟ ଅନୁମୋଦନ କରିଥିବା ଅନ୍ୟ ପ୍ରସ୍ତାବ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ରାଜ୍ୟ କ୍ୟାବିନେଟ ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୧୯୮୩ରେ ରହିଥିବା ବ୍ୟବସ୍ଥାକୁ ସରଳୀକରଣ କରିବା ପାଇଁ ଏଥିରେ ଆବଶ୍ୟକ ସଂଶୋଧନ ଓ ନୂଆ ବ୍ୟବସ୍ଥା ଆଣିବା ପାଇଁ ମଞ୍ଜୁରୀ ଦେଇଛି। ପ୍ରସ୍ତାବିତ ନୂଆ ବ୍ୟବସ୍ଥାରେ ଏଣିକି ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ଓ ବିଭିନ୍ନ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ବାସଗୃହ ନିର୍ମାଣ ନିମନ୍ତେ ଲିଜ୍ ସୂତ୍ରରେ ଯୋଗାଇ ଦିଆଯାଇଥିବା ସରକାରୀ ଜମିକୁ ସ୍ଥିତିବାନ ସ୍ୱତ୍ୱରେ ପରିବର୍ତ୍ତନ କରାଯିବ। ସେମାନଙ୍କୁ ସିଧାସଳଖ ଭାବେ ସ୍ଥିତିବାନ ସ୍ୱତ୍ୱରେ ସରକାରୀ ଜମି ଯୋଗାଇ ଦେବାକୁ ମଧ୍ୟ ଏହି ରୁଲ୍‌ସରେ ନୂଆ ବ୍ୟବସ୍ଥା ଆଣିବାକୁ କ୍ୟାବିନେଟ ମଞ୍ଜୁରୀ ଦେଇଛି। ଏଥିସହିତ ଖାସମହାଲ, ନଜୁଲ, ଗ୍ରାମକଣ୍ଠ, ପରମବୋକ ଓ ଆବାଦୀ ଶ୍ରେଣୀର ଜମିକୁ ଆଇନସମ୍ମତ ଭାବେ ଦଖଲରେ ରଖିଥିବା ବ୍ୟକ୍ତିବିଶେଷଙ୍କ ନାଁରେ ଚିରସ୍ଥାୟୀ ବନ୍ଦୋବସ୍ତ କରିବା ପାଇଁ ଆବଶ୍ୟକ ସଂଶୋଧନକୁ ମଧ୍ୟ ମଞ୍ଜୁରୀ ମିଳିଛି। ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୨୦୨୩ ସରକାରୀ ଗେଜେଟରେ ପ୍ରକାଶିତ ହେବା ପରେ ନୂତନ ବ୍ୟବସ୍ଥା କାର୍ଯ୍ୟକାରୀ ହେବ।

ରାଜ୍ୟରେ ଆରମ୍ଭ ହେଲା ନୂତନ ଉନ୍ନତ ଅଭିଳାଷ ବା ନୂଆ ଓଡ଼ିଶା ଯୋଜନା। ଆସନ୍ତା ୩ ବର୍ଷ ମଧ୍ୟରେ ପ୍ରତିବର୍ଷ ୧ ଲକ୍ଷ ଯୁବତୀଯୁବକଙ୍କୁ ଦକ୍ଷ କରିବା ପାଇଁ ପଦକ୍ଷେପ ନିଆଯିବ। ୩୮୫ କୋଟି ଟଙ୍କା ବ୍ୟୟ ଅଟକଳରେ ନୂତନ ଉନ୍ନତ ଅଭିଳାଷ(ନୂଆ) ଓଡ଼ିଶା ଯୋଜନାକୁ କ୍ୟାବିନେଟ ଅନୁମୋଦନ କରିଛି। ଉନ୍ନତମାନର ପ୍ରଶିକ୍ଷଣ ପ୍ରଦାନ, ଶିଳ୍ପ ସଂଯୋଗକୁ ପ୍ରୋତ୍ସାହିତ କରିବା ଏବଂ ନିଯୁକ୍ତି ଦକ୍ଷତା ବୃଦ୍ଧି କରି ଦକ୍ଷ ମାନବସମ୍ବଳ ଅଭାବକୁ ଦୂର କରିବା ଦିଗରେ ଏହି ଯୋଜନା କାର୍ଯ୍ୟ କରିବ। ପାରମ୍ପରିକ କ୍ଷେତ୍ର ହସ୍ତଶିଳ୍ପ, ହସ୍ତତନ୍ତ, କୃଷି ଇତ୍ୟାଦିରେ ନୂତନ ଜ୍ଞାନକୌଶଳର ବ୍ୟବହାରରେ ଥିବା ଦକ୍ଷତା ବ୍ୟବଧାନକୁ ଦୂର କରିବାରେ ଏହା ସହାୟକ ହେବ। ଏଥିରେ ଯୁବବର୍ଗଙ୍କ ପାଇଁ ନୂତନ ଦକ୍ଷତା, ଛାତ୍ରୀଛାତ୍ରଙ୍କ ପାଇଁ ଆଡ୍ ଅନ୍ ସ୍କିଲ୍ ପାଠ୍ୟକ୍ରମ, ଉଚ୍ଚ ଶିକ୍ଷାନୁଷ୍ଠାନରେ ଯୁବକମାନଙ୍କ ପାଇଁ ଡିଜିଟାଲ ଓ ଇ-ପାଠ୍ୟକ୍ରମ, ବିଭିନ୍ନ ଅନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ପାଇଁ ନିଯୁକ୍ତି ଦକ୍ଷତା ଇତ୍ୟାଦି ରଖାଯିବ। ୩୦ ଜିଲାରେ କାର୍ଯ୍ୟକାରୀ ହେବାକୁ ଥିବା ଆଇଟିଆଇ, ପଲିଟେକ୍ନିକ୍, ସରକାରୀ ଦକ୍ଷତା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲଷ୍ଟର ମାଧ୍ୟମରେ ଦକ୍ଷତା, ପୁନଃଦକ୍ଷତା ବୃଦ୍ଧି କରାଯିବ। ପ୍ରତିଷ୍ଠିତ ଶିଳ୍ପ ଏବଂ ତାଲିମ ପ୍ରଦାନକାରୀ ସଂଘ ଇତ୍ୟାଦିଙ୍କୁ ନେଇ ଦକ୍ଷତା କାର୍ଯ୍ୟକ୍ରମ କରାଯିବ। ରାଜ୍ୟରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ସୁସଜ୍ଜିତ ଲ୍ୟାବ୍ ପ୍ରତିଷ୍ଠା ହେଲେ 'ସ୍କିଲ୍-ଇନ୍- ଓଡ଼ିଶା' ବ୍ରାଣ୍ଡକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ। ୨୦୨୩-୨୪ ବଜେଟରେ ଏହି ଯୋଜନାକୁ ନେଇ ପରିକଳ୍ପନା କରାଯାଇଥିଲା।

ରାଜ୍ୟର ୩୦ଟି ଜିଲାରେ କାର୍ଯ୍ୟକାରୀ ହେବାକୁ ଥିବା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ଦକ୍ଷତା ଅନୁଷ୍ଠାନ (ଆଇଟିଆଇ, ପଲିଟେକ୍ନିକ୍ ଇତ୍ୟାଦି), ସରକାରୀ ଦକ୍ଷତା ଅନୁଷ୍ଠାନ, ଶିକ୍ଷାନୁଷ୍ଠାନ, କ୍ଲଷ୍ଟର (ଏମ୍‌ଏସ୍‌ଏମ୍‌ଇ, କୃଷି, ହସ୍ତଶିଳ୍ପ ଇତ୍ୟାଦି) ମାଧ୍ୟମରେ ଦକ୍ଷତା, ରେସ୍କିଲିଂ ଏବଂ ଅପ୍‌ସ୍କିଲିଂ ସୁଯୋଗ ଯୋଗାଇ ଦିଆଯିବ।

ପ୍ରତିଷ୍ଠିତ ଶିଳ୍ପ ଏବଂ ପ୍ରଶିକ୍ଷଣ ପ୍ରଦାନକାରୀ ଶିଳ୍ପ ସଂଘ ଇତ୍ୟାଦିଙ୍କୁ ନେଇ ଗଠିତ ବିଶ୍ୱସନୀୟ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଭିନ୍ନ ଏବଂ ପ୍ରୋତ୍ସାହନଭିତ୍ତିକ ଆଭିମୁଖ୍ୟ ଉପରେ ଆଧାରିତ ଏକ ସକ୍ଷମ ନୀତି ଢାଞ୍ଚା ମାଧ୍ୟମରେ ଦକ୍ଷତା କାର୍ଯ୍ୟକ୍ରମ ପ୍ରଦାନ କରିବା ପାଇଁ ନିୟୋଜିତ କରାଯିବ। ରାଜ୍ୟରେ ଅତ୍ୟାଧୁନିକ ପ୍ରଶିକ୍ଷଣ କେନ୍ଦ୍ର, ସୁସଜ୍ଜିତ ଲ୍ୟାବ୍ ଏବଂ ଏକ ସୁଦୃଢ଼ ଦକ୍ଷତା ପରିବେଶ ପ୍ରତିଷ୍ଠା ହେଲେ 'ସ୍କିଲ୍-ଇନ୍- ଓଡ଼ିଶା' ବ୍ରାଣ୍ଡକୁ ଆହୁରି ସୁଦୃଢ଼ କରିବାରେ ସହାୟକ ହେବ।

୨୦୨୩-୨୪ ବଜେଟରେ ପରିକଳ୍ପନା କରାଯାଇଥିବା ଅନୁଯାୟୀ, ନୂଆ ଓଡ଼ିଶା ଅର୍ଥନୈତିକ ସଶକ୍ତୀକରଣ ଦିଗରେ ରାଜ୍ୟବାସୀଙ୍କ ଜୀବନରେ ପରିବର୍ତ୍ତନ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

### କ୍ୟାବିନେଟ ନିଷ୍ପତ୍ତି

- ୬ ରାଷ୍ଟ୍ରାୟତ୍ତ ବ୍ୟାଙ୍କକୁ ୫୦୦ କୋଟିର ବଜେଟ ସହାୟତା
- ବ୍ୟାଙ୍କ ଶାଖା ଖୋଲିବାକୁ ୫ ବର୍ଷ ପାଇଁ ମିଳିବ ମାଗଣା ଘର
- ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମି ହେବ ସ୍ଥିତିବାନ
- ଓଡ଼ିଶା ସରକାରୀ ଜମି ବନ୍ଦୋବସ୍ତ ରୁଲ୍‌ସ-୨୦୨୩କୁ କ୍ୟାବିନେଟ ମୋହର
- 'ନୂଆ ଓଡ଼ିଶା' ଯୋଜନାକୁ କ୍ୟାବିନେଟ ମୋହର
- ପ୍ରତିବର୍ଷ ଦକ୍ଷ ହେବେ ୧ ଲକ୍ଷ ଯୁବତୀଯୁବକ
- ଖର୍ଚ୍ଚ ହେବ ୩୮୫ କୋଟି
- ୧୯ ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ

## ସାପ କାମୁଡ଼ାରେ ମା'ପୁଅ ମୃତ



**ଟିକିରି, ୧୧।୮ (ପ୍ରଫୁଲ୍ଲ କୁମାର ବେହେରା):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଚନ୍ଦ୍ରଗିରି ପଞ୍ଚାୟତ ସିପିଜଡି ଗ୍ରାମରେ ଶୁକ୍ରବାର ସାପ କାମୁଡ଼ାରେ ମା'ପୁଅଙ୍କ ମୃତ୍ୟୁ ଘଟିଛି। ଗୁରୁବାର ରାତିରେ ଘରେ ବାପା, ମା'ଓ ୯ ବର୍ଷର ପୁଅ ଏକାଠି ଶୋଇଥିଲେ। ଅଧରାତିରେ ଏକ ବିଷାକ୍ତ ସାପ ମା' ବୃନ୍ଦା ବିଶି ଓ ପୁଅ ବିଜୟ ବିଶିଙ୍କୁ କାମୁଡ଼ିଦେବାରୁ ସେମାନେ ଗୁରୁତର ହୋଇପଡ଼ିଥିଲେ। ସ୍ଥାନୀୟ ଗ୍ରାମବାସୀ ଓ ପରିବାର ଲୋକେ ଉଭୟଙ୍କୁ ପ୍ରଥମେ କାଶୀପୁର ମେଡିକାଲକୁ ଆଣିବା ବାଟରେ ପୁଅ ବିଜୟଙ୍କର ମୃତ୍ୟୁ ଘଟିଛି। ମା' ବୃନ୍ଦା ଗୁରୁତର ଥିବାରୁ ତାଙ୍କୁ ରାୟଗଡ଼ା ଜିଲା ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି।






## ଠଗଠମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚେତିଲା ନାରୀ ସୁଖ ପାଏ
ନ ଚେତିଲା ନାରୀ ଘରୁ ଯାଏ।**

ଯେଉଁ ଗୃହିଣୀ ପାରିବାରିକ ବନ୍ଧନୀ ମଧ୍ୟରେ ବାନ୍ଧିହୋଇ ରହିଥାଏ, ସେ ପରିବାରର ଅଭାବ ଅସୁବିଧା ସହିତ ଜଡିତ ହୋଇ ତାହାର ସମାଧାନ ବା ସୁଧାର ଆଣିବାରେ ଅଭିଜ୍ଞତା ଅର୍ଜନ କରିଥାଏ। ସ୍ୱାମୀ, ସନ୍ତାନ ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନ ଜାଣି ସେମାନଙ୍କୁ ମନ ମୁତାବକ ସନ୍ତୁଷ୍ଟ କରି ନିଜ ହାତମୁଠାରେ ରଖି ଘର ଚଳାଇଥାଏ। ଯିଏ ନିଜ ଭୁଲରୁ ଶିକ୍ଷାଲାଭ କରେ ବା ନିଜ ଭୁଲକୁ ସଂଶୋଧନ କରି ନିଜକୁ ସଜାଡ଼ି ନିଏ ସିଏ ହିଁ ସବୁଥିରେ ସଫଳ ହୋଇଥାଏ। ବାସ୍ତବ ପକ୍ଷେ ଏପରି ନାରୀ ହିଁ ଘର ପରିବାର ଚଳେଇବାକୁ ସମର୍ଥ ହୋଇପାରିଥାନ୍ତି। କିନ୍ତୁ ଯିଏ ଏସବୁଠୁ ଦୂରେଇ ରହିଥାଏ ସିଏ ଅଯୋଗ୍ୟ ବୋଲି ବିବେଚିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚାଲୁଣି କହୁଛି ଛୁଞ୍ଚିକି
ତୋ ପଛରେ ଗୋଟିଏ କଣା।**

ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ କେବଳ ଅନ୍ୟର ଦୋଷ ହିଁ ଦେଖିଥାନ୍ତି। ନିଜର ଦୋଷ ନ ଦେଖି ଅନ୍ୟର ଭୁଲ୍‌ଭଟକା ପ୍ରତି ଅଙ୍ଗୁଳି ଉଠାଇଥାନ୍ତି ବା ଉଖାରିଥାନ୍ତି। ନିଜର ଅସଂଖ୍ୟ ଦୋଷ ଥାଇ ଅନ୍ୟର ଦୋଷ ଦର୍ଶାଇବା ହାସ୍ୟାସ୍ପଦ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ପୂର୍ବତନ ବିଧାୟକଙ୍କ ପରଲୋକ

ବରଗଡ଼,୧୧।୮ (ପ୍ରେମାନନ୍ଦ ଖମାରୀ)



କୁମର ବେହେରା

ବରଗଡ଼ ଜିଲା ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ କୁମର ବେହେରାଙ୍କ ଶୁକ୍ରବାର ବୁର୍ଲାସ୍ଥିତ ଭିମ୍‌ସାର ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୮୦ବର୍ଷ ହୋଇଥିଲା। ସ୍ୱର୍ଗତ ବେହେରା ଶିକ୍ଷକତା ଛାଡ଼ି ଜନତା ଦଳରେ ସାମିଲ ହୋଇଥିଲେ। ସେ ୧୯୯୦ରେ ଜନତା ଦଳରୁ ଭଟଲି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇ ୧୯୯୫ ପର୍ଯ୍ୟନ୍ତ ବିଧାୟକ ଥିଲେ। ପରବର୍ତ୍ତୀ ସମୟରେ ସେ ଜନତା ଦଳ ଛାଡ଼ି କଂଗ୍ରେସରେ ଯୋଗଦାନ କରିଥିଲେ । ଏହା ପରଠାରୁ ସେ ରାଜନୈତିକ କ୍ଷେତ୍ରରେ ଆଉ ସଫଳତା ହାସଲ କରିପାରି ନ ଥିଲେ। ଅତାବିରା ବ୍ଲକ ହିର୍ଲିପାଲି ନିବାସୀ ସ୍ୱର୍ଗତ ବେହେରା ନିଜ ବାସଭବନରେ ରହୁଥିଲେ। ଗତ କିଛିଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ଏବଂ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ମୃତ୍ୟୁ ହୋଇଛି। ତାଙ୍କ ମୃତଦେହକୁ ପ୍ରଥମେ ଅତାବିରା ବାସଭବନକୁ ଅଣାଯାଇଥିଲା। ପରେ ପୈତୃକ ଗ୍ରାମ ହିର୍ଲିପାଲିକୁ ନିଆଯାଇ ସେଠାରେ ମୃତଦେହ ସଂସ୍କାର କରାଯାଇଥିଲା। ସ୍ୱର୍ଗତ ବେହେରାଙ୍କ ପରଲୋକରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନ ଏମ୍‌ପି ପ୍ରସନ୍ନ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ରାଜ୍ୟ ଯୋଜନା ବୋର୍ଡ ସଦସ୍ୟ ସାଧୁ ନେପାକ, ବିଜେଡ଼ି ଜିଲା କାର୍ଯ୍ୟକାରିଣୀ ସଭାପତି ସୁଶାନ୍ତ (ଜାପାନ) ମହାପାତ୍ର ପ୍ରମୁଖ ଗଭୀର ଶୋକପ୍ରକାଶ କରିଛନ୍ତି।

# ମୋବାଇଲ ଛଡାଇନେଇ ତଥ୍ୟ ଡିଲିଟ୍ କଲେ ବ୍ଲକ ଅଧ୍ୟକ୍ଷା

**ଥାନାର ଦ୍ୱାରସ୍ଥ ହେଲେ ଗଣମାଧ୍ୟମ ପ୍ରତିନିଧି**

ଜମନକିରା,୧୧।୮ (ରବୀନ୍ଦ୍ର ପ୍ରସାଦ ଦାନି)

ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଥମେ ଖବର ସଂଗ୍ରହ ପାଇଁ ଯାଇଥିବା ଜଣେ ଗଣମାଧ୍ୟମ ପ୍ରତିନିଧିଙ୍କ ମୋବାଇଲ ଛଡାଇନେଲେ। ପରେ ସେ ସେଥିରେ ଥିବା ତଥ୍ୟ ଡିଲିଟ କଲେ। ଏହାକୁ ନେଇ ପ୍ରତିନିଧି ଜଣକ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏଭଳି ଏକ ଘଟଣା ଶୁକ୍ରବାର ସମ୍ବଲପୁର ଜିଲା ଜମନକିରା ବ୍ଲକରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ, ଅପରାହ୍ନ ପ୍ରାୟ ଦେଢଟା ସମୟରେ ଜମନକିରା ବ୍ଲକ ଅଧ୍ୟକ୍ଷାଙ୍କ ଚାମ୍ବରରେ ପାଟିତୁଣ୍ଡ ହେଉଥିବା ଶୁଣି ଏକ ବୈଦ୍ୟୁତିକ ଗଣମାଧ୍ୟମରେ କାମ କରୁଥିବା ସତ୍ୟପ୍ରିୟ ମହାପାତ୍ର ଖବର ସଂଗ୍ରହ ପାଇଁ ବ୍ଲକକୁ ଯାଇ ଭିଡିଓ ଉତ୍ତୋଳନ କରିଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଜନ ପ୍ରତିନିଧି ତାଙ୍କୁ ବାରଣ କରି ପାଟିତୁଣ୍ଡ କରିଥିଲେ। ପରେ ବ୍ଲକ ଅଧ୍ୟକ୍ଷା ସତ୍ୟପ୍ରିୟଙ୍କ ମୋବାଇଲ ଛଡ଼ାଇ ନେଇ ସେଥିରେ ଥିବା ଭିଡିଓ ଡିଲିଟ କରିଦେଇଥିଲେ। ଏହାକୁ ନେଇ ସତ୍ୟପ୍ରିୟ ରାଜ୍ୟ ସଭାପତିଙ୍କ ପରାମର୍ଶ କ୍ରମେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏ ଦିଗରେ ପୋଲିସ ଓ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆନ୍ଦୋଳନ କରାଯିବ ବୋଲି ଓଜେୟୁ ସଭାପତି ଶଶିଭୂଷଣ ପ୍ରହରାଜ ପ୍ରକାଶ କରିଛନ୍ତି। ଘଟଣା ପରେ ଥାନା ଅଧିକାରୀ ବ୍ଲକ ଅଧ୍ୟକ୍ଷା ଓ ସତ୍ୟପ୍ରିୟଙ୍କୁ ଥାନାକୁ ଡ଼ାକି ଆଲୋଚନା କରିଥିଲେ। ପରେ ଓଜେୟୁ ସମ୍ବଲପୁର ଜିଲା କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ପ୍ରସାଦ ଦାନିଙ୍କୁ ଡକାଇ ଆପୋସ ବୁଝାମଣା କରି ସମସ୍ୟାର ସମାଧାନ କରିଥିଲେ। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ଆଶ୍ରିତା ଭୋଇଙ୍କୁ ପଚାରିବାରୁ ସେ ଭୁଲ ବୁଝାମଣା ଯୋଗୁ ଏଭଳି ସମସ୍ୟା ହୋଇଥିଲା। ଆଗକୁ ସେଭଳି ଭୁଲ ହେବନି ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଭଲ ସମ୍ପର୍କ ରଖିବାକୁ ପ୍ରତିଶ୍ରୁତି ଦେଇଥିଲେ।

# ଗଙ୍ଗାଧର ମେହେରଙ୍କ ସ୍ମୃତିପୀଠର ରୂପାନ୍ତର ପାଇଁ ୨ କୋଟି ମଞ୍ଜୁର

ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)

ବରପାଲିରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ସ୍ମୃତିପୀଠର ରୂପାନ୍ତର ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଗତ ଜୁନ୍ ୨୬ ଓ ୨୭ରେ ବରଗଡ଼ ଗସ୍ତକରି ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା କରିବା ସହ ସାଧାରଣ ଲୋକଙ୍କୁ ଭେଟି ସେମାନଙ୍କ ଅଭିଯୋଗ ଶୁଣିଥିଲେ। ସେହିପରି ଜୁନ୍ ୨୬ରେ ପାଣ୍ଡିଆନ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ବରପାଲିସ୍ଥିତ ଜନ୍ମସ୍ଥାନ ପରିଦର୍ଶନକରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି କମିଟି ସଦସ୍ୟମାନଙ୍କ ସହ ଜନ୍ମସ୍ଥାନର ବିକାଶ ସମ୍ପର୍କରେ ଆଲୋଚନା କରିଥିଲେ। ସ୍ୱଭାବ କବି ଗଙ୍ଗାଧର ମେହେର ଓଡ଼ିଆ ଜାତିର ମହାନ୍ ସନ୍ତାନ ଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶରେ ତାଙ୍କର ଅନବଦ୍ୟ ଅବଦାନ ଥିଲା। ତାଙ୍କ ଜନ୍ମପୀଠ ସାହିତ୍ୟପ୍ରେମୀ ତଥା ସାଧାରଣ ଲୋକଙ୍କ ପାଇଁ ଏକ ତୀର୍ଥସ୍ଥାନ ହେବ। ଏହି ଐତିହାସିକ ପୀଠର ସର୍ବାଙ୍ଗୀନ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କରାଯାଇ ଏହାକୁ ଓଡ଼ିଆ ସାହିତ୍ୟର ଏକ ଗବେଷଣା କେନ୍ଦ୍ର ତଥା ଏକ ଆକର୍ଷଣୀୟ ପୀଠରେ ପରିଣତ କରିବା ପାଇଁ ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ମଞ୍ଜୁର କରିଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି। ଏଥିରେ କବି ଭବନ, ସ୍ମୃତି ଭବନ ଓ ଗଙ୍ଗାଧର ମେହେର ପାର୍କ ନିର୍ମାଣ ହେବ। ରୂପାନ୍ତର ପରେ ପ୍ରତି ବର୍ଷ ଏଠାକୁ ଲକ୍ଷାଧିକ ଲୋକଙ୍କ ସମାଗମ ହେବା ଆଶା କରାଯାଉଥିବା ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




# 'ବିକାଶ କାର୍ଯ୍ୟରେ ସ୍ୱଚ୍ଛତା ଅବଲମ୍ବନ କଲେ ଓଡ଼ିଶା ଆଗେଇବ'

**ମୟୂରଭଞ୍ଜରେ ୫-ଟି ସଚିବ**

ବାରିପଦା,୧୧।୮ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ଓଡ଼ିଶାବାସୀଙ୍କ ଅର୍ଥରେ ବିକାଶ ହେଉଥିବା କାର୍ଯ୍ୟକୁ ସ୍ୱଚ୍ଛତାର ସହ କାର୍ଯ୍ୟ କଲେ ଓଡ଼ଶା ଆଗେଇବ। ଜିଲାରେ ବିକାଶ ଧାରା ଆଗେଇ ଚାଲିଛି। ପାନୀୟଜଳ ସମସ୍ୟାକୁ ନେଇ ଅଭିଯୋଗର ତ୍ୱରିତ ସମାଧାନ କରାଯାଉଛି। ନୂତନ ଭାବେ କଲେଜଗୁଡ଼ିକ ୫-ଟି ଅଧୀନକୁ ଅଣାଯାଇ ଛାତ୍ରୀଛାତ୍ରମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବ। ଏକମାସ ମଧ୍ୟରେ ବହୁଳ ସମସ୍ୟା ଅଭିଯୋଗର ସମାଧାନ କରାଯିବ ବୋଲି ଶୁକ୍ରବାର ବାରିପଦାସ୍ଥିତ ଛଉ ପଡ଼ିଆରେ ଅନୁଷ୍ଠିତ ବିଶାଳ ସମାବେଶରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଯୋଗଦେଇ କହିଛନ୍ତି।

ମୟୂରଭଞ୍ଜ ଜିଲାର ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦେଇଥିବା ପ୍ରତିଶ୍ରୁତି ପାଳନ ହେବାକୁ ଯାଉଛି । ଦୀର୍ଘ ଦିନ ଧରି ଦାବି ହୋଇ ଆସୁଥିବା ବୁଢ଼ାବଳଙ୍ଗ ନଦୀରେ ଆଡିବନ୍ଧ ଓ ରିଂ ରୋଡ ନିର୍ମାଣ ପାଇଁ ଅନୁଦାନ ଘୋଷଣା କରାଯାଇଛି। ସେହିପରି ଦ୍ୱାରଶୁଣୀ ଘାଟିର ବିକଳ୍ପ ରାସ୍ତା ନିର୍ମାଣ, ପଣ୍ଡିତ ରଘୁନାଥ ମୁର୍ମୁଙ୍କ ସମାଧିପୀଠର ବିକାଶ, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ରୂପାନ୍ତରୀକରଣ, ଉଦଳାସ୍ଥିତ ଦେବକୁଣ୍ଡର ବିକାଶ, ମା' କୀଚକେଶ୍ୱରୀ ମନ୍ଦିରର ଉନ୍ନତୀକରଣ, ବହଳଦାର ଝରାଡିହୀରୁ ଲାଇଲମ ଘାଟି ରାସ୍ତା ନିର୍ମାଣ, ଠାକୁରମୁଣ୍ଡା ସ୍ଥିତ ଭୀମକୁଣ୍ଡର ବିକାଶ, ୨୯ଟି ଧାର୍ମିକ ଓ ଗୋଷ୍ଠୀ ଅନୁଷ୍ଠାନର ରୂପାନ୍ତରୀକରଣ, ବାରିପଦା ଷ୍ଟାଡିୟମର ଉନ୍ନତୀକରଣ, ଖିଚିଂ ସଂଗ୍ରହାଳୟର ଭିତ୍ତିଭୂମି ବିକାଶ, ବାରିପଦାସ୍ଥିତ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବାସଗୃହର ନବୀକରଣ ଓ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିର ବିକାଶ ନିମନ୍ତେ ମୋଟ ୩୫୭.୬୪କୋଟି ଟଙ୍କା ଘୋଷଣା କରାଯାଇଛି। ଖୁବ୍‌ଶୀଘ୍ର କାର୍ଯ୍ୟ ଆରମ୍ଭ କରାଯାଇ ଏହାର ପୂର୍ଣ୍ଣାଙ୍ଗ କରାଯିବ ବୋଲି ପାଣ୍ଡିଆନ କହିଛନ୍ତି। ପ୍ରାରମ୍ଭରେ ଉପସ୍ଥିତ କଲେଜର ଛାତ୍ରୀଛାତ୍ର, ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅଞ୍ଚଳବାସୀଙ୍କ ଅଭିଯୋଗପତ୍ର ଗ୍ରହଣ କରିବା ପାଇଁ ଲୋକଙ୍କ ନିକଟକୁ ଯାଇଥିଲେ। ସମସ୍ତଙ୍କ ସହ ହାତ ମିଳାଇ ଅଭିଯୋଗ ସମ୍ପର୍କରେ ବୁଝିଥିଲେ। ମନ୍ଦିର, ମସଜିଦ, ଚର୍ଚ୍ଚ, ଗୁରୁଦ୍ୱାର, କମ୍ୟୁନିଟି ସେଣ୍ଟରଗୁଡିକ ୭ଦିନ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କରିବେ ୨ଦିନ ମଧ୍ୟରେ ପାନୀୟ ଜଳ ସମସ୍ୟାର ସମାଧାନ କରାଯିବ। ୫-ଟିରେ ସାମିଲ ହୋଇଥିବା କଲେଜଗୁଡିକ କାର୍ଯ୍ୟ ପୂର୍ବରୁ, କାର୍ଯ୍ୟ ମଧ୍ୟରେ ଓ କାର୍ଯ୍ୟ ପରେ ହୋଇଥିବା ଫଟୋ ଓ ଭିଡିଓକୁ ନିଜ ନିଜ ଇନଷ୍ଟାଗ୍ରାମରେ ଅପଲୋଡ କରିବାକୁ ଛାତ୍ରୀଛାତ୍ରଙ୍କୁ କହିଥିଲେ। ଯାହାର ଭଲ ପୋଷ୍ଟ ହୋଇଥିବା ସେହି ଭିଡିଓଗୁଡ଼ିକୁ ସେ ନିଜେ ପୁନର୍ବାର ପୋଷ୍ଟ କରିବେ ବୋଲି କହିଥିଲେ। ଏସଏଚଜି ମହିଳାଙ୍କ ପାଇଁ ହୋଇଥିବା ଯୋଜନାଗୁଡିକ ସମ୍ପର୍କରେ ବୁଝିଥିଲେ। ମହିଳାମାନଙ୍କୁ ସଶକ୍ତିକରଣ କରିବା ଉଦ୍ଦେଶ୍ୟ ନେଇ ମିଶନଶକ୍ତିକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ବିଜୁ ସ୍ୱାସ୍ଥ୍ୟ କାର୍ଡରୁ ମିଳୁଥିବା ସୁବିଧା ସୁଯୋଗ ସମ୍ପର୍କରେ ପଚାରି ବୁଝିବା ସହ ମହିଳାମାନଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟବୀମା ସମ୍ପର୍କରେ ଅବଗତ ହୋଇଥିଲେ। ସେହିପରି କୃଷକ ଯୋଜନାରେ ଚାଷୀଙ୍କୁ ମିଳୁଥିବା ସରକାରୀ ଯୋଜନା ସମ୍ପର୍କରେ ବୁଝିଥିଲେ। ଗତ ମାର୍ଚ୍ଚରେ ଜିଲା ଗସ୍ତରେ ଆସି ବିଭିନ୍ନ ଆପତ୍ତି ଅଭିଯୋଗ ସମ୍ପର୍କରେ ସମାଧାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ବିନୀତ ଭରଦ୍ୱାଜ, ପୂର୍ବାଞ୍ଚଳ ଆଇଜି ଇଂ. ହିମାଂଶୁ ଲାଲ, ଏସ୍‌ପି ବି.ଗଙ୍ଗାଧର, ଅତିରିକ୍ତ ଜିଲାପାଳ ରୁଦ୍ର ନାରାୟଣ ମହାନ୍ତ, ଜରୁରୀକାଳୀନ ଅଧିକାରୀ ସୁଜୟ ପତିଙ୍କ ସମେତ ଜିଲାର ସମସ୍ତ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।



ବାରିପଦାରେ ଉପସ୍ଥିତ ଛାତ୍ରଙ୍କ ସହ ହାତ ମିଳାଉଛନ୍ତି ୫-ଟି ସଚିବ ଭି.କେ. ପାଣ୍ଡିଆନ।

## ପ୍ରଥମ ପୃଷ୍ଠାରୁ...

### ନାବାଳିକାଙ୍କୁ ବଳାତ୍କାର ...

ରୋକିବାର ଭାବାବେଗ ସୃଷ୍ଟି ପାଇଁ ଅପରାଧୀଙ୍କୁ ଦଣ୍ଡ ଦିଆଯିବ। ବ୍ରିଟିଶମାନେ ପ୍ରଣୟନ କରିଥିବା ଆଇନ ଦାସତ୍ୱର ପ୍ରତୀକ। ଏହାକୁ ସେମାନେ ନିଜ ଶାସନକୁ ବିରୋଧ କରୁଥିବା ବ୍ୟକ୍ତିମାନଙ୍କୁ ଦଣ୍ଡିତ କରିବା ପାଇଁ ଆଣିଥିଲେ ବୋଲି ଶାହା କହିବା ସହ ୩ ବିଲ୍‌କୁ ଯାଞ୍ଚ ଲାଗି ସ୍ୱରାଷ୍ଟ୍ର ବ୍ୟାପାର ସମ୍ପର୍କିତ ସ୍ଥାୟୀ ସଂସଦୀୟ କମିଟିକୁ ପଠାଇବା ସକାଶେ ବାଚସ୍ପତି ଓମ୍ ବିର୍ଲାଙ୍କୁ ଅନୁରୋଧ କରିଛନ୍ତି।

ନୂଆ ଆଇନଗୁଡ଼ିକ ବଳରେ ମାମଲାର ଚାର୍ଜଶିଟ୍ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ ପଡ଼ିବ। କୋର୍ଟ ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ହେଲେ ଆହୁରି ୯୦ ଦିନ ସମୟ ଦେଇପାରିବେ। ୧୮୦ ଦିନ ମଧ୍ୟରେ ତଦନ୍ତ ଶେଷ କରିବାକୁ ପଡ଼ିବ ଏବଂ ଶୁଣାଣି ପାଇଁ କୋର୍ଟକୁ ପଠାଯିବ। ଶୁଣାଣି ପରେ ୩୦ ଦିନ ମଧ୍ୟରେ ରାୟ ଆସିବ। ମହିଳାଙ୍କୁ ବିବାହ, ନିଯୁକ୍ତି, ପଦୋନ୍ନତି ଆଳରେ କିମ୍ବା ନିଜ ପରିଚୟ ଲୁଚାଇ ଯୌନ ଉତ୍ପୀଡ଼ନ କଲେ ଏହା ଅପରାଧ ପଦବାଚ୍ୟ ହେବ। ଗଣବଳାତ୍କାର ପାଇଁ ୨୦ ବର୍ଷ କିମ୍ବା ଆଜୀବନ ଜେଲଦଣ୍ଡ ଦିଆଯିବ। ନାବଳାକିକାଙ୍କୁ ବଳାତ୍କାର କଲେ ମୃତ୍ୟୁଦଣ୍ଡରେ ଦଣ୍ଡିତ କରାଯିବ। ଭିଡ଼ହିଂସା ପାଇଁ ୭ ବର୍ଷ, ଆଜୀବନ ଓ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା କରାଯାଇଛି।

ଅନ୍ୟପକ୍ଷେ ଦେଶଦ୍ରୋହ ଆଇନକୁ ସମ୍ପୂର୍ଣ୍ଣ ଭାବେ ଉଚ୍ଛେଦ କରାଯାଇଛି। ଭାରତ ଏକ ଗଣତନ୍ତ୍ର, ଯେଉଁଠି ସମସ୍ତଙ୍କ କହିବା ଅଧିକାର ରହିଛି। ନ୍ୟାୟ ସଂହିତା ବିଲ୍ ଅନୁସାରେ ଯିଏ ଦେଶ କିମ୍ବା ବିଦେଶରେ ଭାରତର ଏକତା, ଅଖଣ୍ଡତା ଓ ସୁରକ୍ଷାକୁ କ୍ଷତି ପହଞ୍ଚାଇବା ଉଦ୍ଦେଶ୍ୟରେ ଅପରାଧ ଘଟାଇବେ ଅଥବା ଜନସାଧାରଣଙ୍କୁ ଆତଙ୍କିତ କରିବେ କିମ୍ବା ସାଧାରଣ ଶୃଙ୍ଖଳା ଭଙ୍ଗ କରିବେ ତାଙ୍କୁ ଆତଙ୍କବାଦୀ କୁହାଯିବ। ଆତଙ୍କବାଦୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଏଥିରେ ନିୟମ ରହିବ। ଦଣ୍ଡ ଛାଡ଼ ନେଇ ସରକାରମାନଙ୍କ ରାଜନୈତିକ ଦୁରୁପଯୋଗ ରୋକିବା ଉଦ୍ଦେଶ୍ୟରେ ଏକ ନୂଆ ନିୟମ କରାଯାଇଛି। ଉକ୍ତ ନିୟମ ଅନୁସାରେ ମୃତ୍ୟୁଦଣ୍ଡକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରାଯିବ। ସେହିପରି ଆଜୀବନ ଜେଲ ହୋଇଥିଲେ ୭ ବର୍ଷର କାରାଦଣ୍ଡ ପରେ ଦୋଷୀଙ୍କୁ କ୍ଷମା ପ୍ରଦାନ କରାଯାଇପାରିବ। ବିହାରରେ ଅପରାଧୀରୁ ରାଜନେତା ସାଜିଥିବା ଆନନ୍ଦ ମୋହନଙ୍କୁ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ସରକାର ନିକଟରେ ମୁକ୍ତ କରିଛନ୍ତି। ଏହାର ଅବତାରଣା କରି ଶାହା କହିଛନ୍ତି, ରାଜନୈତିକ ପ୍ରଭାବ ଯେମିତି ଆଇନକୁ ଫାଙ୍କିପାରିବ ନାହିଁ ସେଥିପାଇଁ ଏହି ବ୍ୟବସ୍ଥା କରାଯାଇଛି। ଦଣ୍ଡବିଧାନ ହାର ୯୦%କୁ ବୃଦ୍ଧି ସକାଶେ ଫୋରେନ୍‌ସିକ୍ ସାଇନ୍ସ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି ବୋଲି ଶାହା ପ୍ରକାଶ କରିଛନ୍ତି।

### ମାଓବାଦୀଙ୍କ ଆକ୍ରମଣରେ ...

ସୀମାନ୍ତ କୋଲହାନ ଅଞ୍ଚଳରେ ଯବାନମାନେ ମାଓବାଦୀ ଦମନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଟୋଣ୍ଟୋ ଥାନା ଅନ୍ତର୍ଗତ ତୁମ୍ବାହାକା ଜଙ୍ଗଲରେ ବରିଷ୍ଠ ମାଓବାଦୀ ନେତା ମିଶିର ବେସରା ଓ ଟିମ୍ ସକ୍ରିୟ ଥିବା ସୂଚନା ପାଇ ସିଆର୍‌ପିଏଫ୍ ଓ ଅନ୍ୟ ସୁରକ୍ଷାବଳ କୋମ୍ବିଂ ଅପରେଶନକୁ ଜୋରଦାର କରିଥିଲେ। ଏହି ସମୟରେ ଗତ ୯ ତାରିଖରେ ଯବାନ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ମାଓବାଦୀମାନେ ଘଟଣାସ୍ଥଳରୁ ଛତ୍ରଭଙ୍ଗ ଦେଇଥିଲେ। ସେମାନଙ୍କ କ୍ୟାମ୍ପରୁ ବିପୁଳ ଗୋଳାବାରୁଦ, ଅସ୍ତ୍ରଶସ୍ତ୍ର, ପୁସ୍ତିକା, ପେନ୍ ଡ୍ରାଇଭ, ପୋଷ୍ଟର ବ୍ୟାନର ଆଦି ଜବତ ହୋଇଥିଲା। ସେହିପରି ଶୁକ୍ରବାର ସକାଳେ ଯବାନମାନେ ଶୋଶୋପି ଗ୍ରାମରେ କୋମ୍ବିଂ କରୁଥିବା ବେଳେ ମାଓବାଦୀମାନେ ହଠାତ୍ ଗୁଳି ଚଳାଇଥିଲେ। ଏଥିରେ ୨ ଜଣ ଯବାନ ସୁଶାନ୍ତ ଖୁଣ୍ଟିଆ ଓ ମୁନାଲାଲ ଯାଦବ ଗୁରୁତର ହୋଇଥିଲେ। ଉଭୟଙ୍କୁ ଏୟାରଲିଫ୍ଟ କରାଯାଇ ରାଞ୍ଚି ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ସୁଶାନ୍ତଙ୍କ ମୃତ୍ୟୁ ଘଟିଥିବା ସିଆର୍‌ପିଏଫ୍ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷେ ଯବାନଙ୍କ ପ୍ରତିଆକ୍ରମଣରେ ମାଓବାଦୀ କ୍ୟାମ୍ପ ଧ୍ୱଂସ ହୋଇଛି। ଉଲ୍ଲେଖଯୋଗ୍ୟ, ସୀମାନ୍ତ ଗ୍ରାମଗୁଡ଼ିକରେ ଗତ ଜାନୁୟାରୀରୁ କୋମ୍ବିଂ ଅପରେଶନ ଜାରି ରହିଛି। ଏଥିରେ ୧୨ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁଳିବିନିମୟ ଓ ଆଇଇଡି ବ୍ଲାଷ୍ଟରେ ୧୨ରୁ ଊର୍ଦ୍ଧ୍ୱ ଯବାନ ଆହତ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଟୁଇଟ୍ ଯୋଗେ ଶୋକ ପ୍ରକାଶ କରି କହିଛନ୍ତି, ସୁଶାନ୍ତ ଶହୀଦ ହେବା ଖବର ଶୁଣି ସେ ମର୍ମାହତ ହୋଇଛନ୍ତି। ଦେଶମାତୃକା ପାଇଁ ତାଙ୍କର ବଳିଦାନ ସ୍ମରଣୀୟ ହୋଇରହିବ। ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାରବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରନ୍ତୁ ବୋଲି ଧର୍ମେନ୍ଦ୍ର ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ଅ-ନାମାକ୍ଷର ବ୍ୟକ୍ତିଙ୍କ ପାରିବାରିକ ଓ କର୍ମ କ୍ଷେତ୍ରର ପରିସ୍ଥିତି ଭଲ ରହିବ। ପ୍ରତ୍ୟେକ କ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ପରିସ୍ଥିତିକୁ ସୁଧାରି ନେବେ। ସକାଳୁ ସକାଳୁ ବନ୍ଧୁଙ୍କ ଅନୁରୋଧବଶତଃ ଦୂରଯାତ୍ରା କରିବାକୁ ପଡ଼ିପାରେ। ସାହିତ୍ୟ ଚର୍ଚ୍ଚା, କଳା, ସଙ୍ଗୀତ, ଚଳଚ୍ଚିତ୍ର ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** - ବ-ନାମାକ୍ଷର ବ୍ୟକ୍ତିମାନେ ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ କାର୍ଯ୍ୟ ସାଧନ କରିପାରନ୍ତି। ସଭାସମିତିରେ ଆଲୋଚନା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ଆକସ୍ମିକ ସମସ୍ୟା ହେତୁ ଗଠନମୂଳକ କାର୍ଯ୍ୟରେ ଗତି ମନ୍ଥର ହେବ। ଉପରେ ପଡ଼ି ବନ୍ଧୁ କିଛି କହିବା କାରଣକୁ ନେଇ ପାରିବାରିକ ଅଶାନ୍ତି ଲାଗିରହିବ।

**ମିଥୁନ** - ଭାବୁଥିବେ ଗୋଟେ କଲା ବେଳକୁ ଆଉ ଗୋଟିଏ କାମ କରିବାକୁ ବାଧ ହେବେ। ନିଜ ଇଚ୍ଛା ଅନୁଶାରେ କୌଣସି କାମ କରି ନ ପରିବାରୁ ସମାଲୋଚିତ ହେବେ। କୁ-ନାମାକ୍ଷର ବ୍ୟକ୍ତି ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ। ସହକର୍ମୀମାନେ କୌଶଳରେ କାର୍ଯ୍ୟ ହାସଲ କରିବେ।

**କର୍କଟ** - ଆଜି ଆପଣ ଦ୍ୱନ୍ଦ୍ୱରେ ପଡ଼ି କୌଣସି ଠିକ୍ ନିଷ୍ପତ୍ତି ନେଇ ପାରିବେ ନାହିଁ। ଆକସ୍ମିକ ଭାବରେ ବନ୍ଧୁଙ୍କ ନିକଟରୁ ଆଶା କରୁଥିବା ଶୁଭ ଖବର ଶୁଣି ଖୁସି ହେବେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଡ-ନାମାକ୍ଷର ବ୍ୟକ୍ତିଙ୍କର ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବାର ଯୋଗ ରହିଛି।

**ସିଂହ** - କର୍ମକ୍ଷେତ୍ରରେ ଉଚ୍ଚବର୍ଗର ବ୍ୟକ୍ତିଙ୍କ ଦ୍ୱାରା ସହଯୋଗ ପାଇବେ। ସମ୍ପର୍କୀୟଙ୍କ ସାହାଯ୍ୟରୁ ବହୁତ ଦିନରୁ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ। ମାଲିମକଦ୍ଦମାରେ ବିଚାର ବିଳମ୍ବିତ ହେବାରୁ ମନସ୍ତାପ ବଢ଼ିଯାଇପାରେ। ମ-ନାମାକ୍ଷର ବ୍ୟକ୍ତିଙ୍କ ଅସମ୍ପୂର୍ଣ୍ଣ କାମକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆଜି ଦିନଟିର ଅଧିକାଂଶ ସମୟ ବିତିବ।

**କନ୍ୟା** - ପାରିବାରିକ ଜୀବନରେ ସ୍ନେହ, ଶ୍ରଦ୍ଧା ଓ ଆଦରର ଅଭାବ ଅନୁଭବ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗରୁ ଉତ୍ସାହିତ ହେବେ। ପରୋକ୍ଷ ଶତ୍ରୁତା କାରଣରୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ସମ୍ଭାବନା ରହିଛି। ପୂ-ନାମାକ୍ଷର ବ୍ୟକ୍ତିମାନେ ଘର ଲୋକଙ୍କୁ ଉପେକ୍ଷା କରିବା ହେତୁ ପରକ୍ଷଣରେ ଅନତାପ କରିବାକୁ ପଡ଼ିପାରେ।

**ତୁଳା** - କର୍ମକ୍ଷେତ୍ରରେ ପ୍ରତିବନ୍ଧକ ଆସିଲେ ମଧ୍ୟ କାମ ଅଟକିବ ନାହିଁ। କେତେକ କ୍ଷେତ୍ରରେ ବନ୍ଧୁଙ୍କ ସମ୍ମୁଖରେ ମନ କଥା କହିବାରେ ପଛେଇ ଯିବେ। ତ-ନାମାକ୍ଷର ବ୍ୟକ୍ତିମାନେ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ। ପାରିବାରିକ ଅଶାନ୍ତି ହେତୁକ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** - ପାରିବାରିକ ସମସ୍ୟା ଚିନ୍ତାକରି ମନ ଭାରାକାନ୍ତ ରହିବ। ନ-ନାମାକ୍ଷର ବ୍ୟକ୍ତିମାନେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ, ଅନ୍ୟଥା କଳହର ଆଶଙ୍କା ରହିଛି। କଳା, ସଙ୍ଗୀତ, ଚଳଚ୍ଚିତ୍ର, କ୍ରୀଡ଼ା, ପ୍ରତିଯୋଗିତା କ୍ଷେତ୍ରରେ ସଫଳତା ମିଳିପାରେ। କର୍ମକ୍ଷେତ୍ରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହେବେ।

**ଧନୁ** - ଆଜି ପାରିବାରିକ କ୍ଷେତ୍ରରେ ଉଲ୍ଲେଖନୀୟ କାମ କରି ଉଚ୍ଚ ପ୍ରଶଂସିତ ହେବେ। ଭ-ନାମାକ୍ଷର ବ୍ୟକ୍ତିମାନେ ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। କଠୋର କଥା କହିବା କାରଣରୁ ପରିବାରରେ କଳହ ଦେଖାଦେଇପାରେ। ଖଳ ଲୋକମାନଙ୍କ ଉଦ୍ଦେଶ୍ୟମୂଳକ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ।

**ମକର** - ପାରିବାରିକ ଅସ୍ଥିରତା କାରଣରୁ ମାନସିକ ସ୍ୱାସ୍ଥ୍ୟ ବିଶେଷ ଭଲ ରହି ନ ପାରେ। ଖ-ନାମାକ୍ଷର ବ୍ୟକ୍ତିମାନଙ୍କ କର୍ମକ୍ଷେତ୍ରରେ ସମସ୍ୟା ଜନିତ ମନ ବିଚଳିତ ରହିବ। ଆନୁଷ୍ଠାନିକ କ୍ଷେତ୍ରରେ ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ। ଦୂରଯାତ୍ରାର ସୁଯୋଗ ପାଇବେ। ସ୍ୱାସ୍ଥ୍ୟପ୍ରତି ଅବହେଳା କରି ଅନୁତାପ କରିପାରନ୍ତି।

**କୁମ୍ଭ** - ଆଜି ଶ-ନାମାକ୍ଷର ବ୍ୟକ୍ତିଙ୍କ ପାଇଁ ସହଜରେ ହାତକୁ ନେଇଥିବା କାମଗୁଡ଼ିକ ସମ୍ପନ୍ନ ହୋଇଯିବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କୌଣସି ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହୋଇପାରେ।

**ମୀନ** - ପାଖ ପଡ଼ୋଶୀଙ୍କ ସହ ସମ୍ପର୍କରେ ଅବନତି ଘଟିବା ପାଇଁ ଚେଷ୍ଟା କଲେ ଅବଶ୍ୟ ଉପକୃତ ହେବେ। ନିଜ ଲୋକଙ୍କ କଦର୍ଯ୍ୟ ବ୍ୟବହାରରେ ଅସନ୍ତୁଷ୍ଟ ହୋଇପାରନ୍ତି। ବ୍ୟବସାୟରେ ସଫଳତା ହାସଲ କରିବେ କିନ୍ତୁ ପରିବହନରେ ସମସ୍ୟା ଲାଗି ରହିବ। ଚ-ନାମାକ୍ଷର ବ୍ୟକ୍ତିଙ୍କ ପରିବାରରେ କାହା କଥା ସହ ଅନ୍ୟ କାହାର କଥା ମିଶିବ ନାହିଁ।

ଆଜି ଶ୍ରାବଣ (ମଳ) କୃଷ୍ଣପକ୍ଷ ଏକାଦଶୀ ଯୁକ୍ତ ଦ୍ୱାଦଶୀ, ଶନିବାର, ଅଦ୍ୟ ସ୍ମାର୍ତସମ୍ମତ ପୁରୁଷୋତମୀ ଏକାଦଶୀ ଏବଂ ବୈଷ୍ଣବ ସମ୍ମତ ଉନ୍ମିଳନୀ ଏକାଦଶୀ ଉପବାସ, ଅଗଷ୍ଟ ୧୨ ତାରିଖ, ବିଶ୍ୱ ଯୁବ ଦିବସ, ଜାତୀୟ ଗ୍ରନ୍ଥାଗାରିକ ଦିବସ, ରାଶି ନକ୍ଷତ୍ର-ଆରଦ୍ରା/ମିଥୁନ, ଦିବା ଘ.୧୦।୧୬ ଗତେ ଘ.୦୧।୦୮ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୮।୪୦ ଗତେ ଘ.୧୦।୧୬ ମଧ୍ୟେ ରାହୁକାଳ।

**ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ବକ୍ତୃତା ପ୍ରତିଯୋଗିତା**
ଆଳି ମହାବିଦ୍ୟାଳୟ, କେନ୍ଦ୍ରାପଡ଼ା

# ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ଶାସନ ଦିଗହରା



କେନ୍ଦ୍ରାପଡ଼ା ଜିଲାର ଆଳି ମହାବିଦ୍ୟାଳୟରେ ଶୁକ୍ରବାର 'ଧରିତ୍ରୀ' ପକ୍ଷରୁ ଆୟୋଜିତ 'ଗଣମାଧ୍ୟମ, ଗଣତନ୍ତ୍ର, ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।



ବକ୍ତୃତା ପ୍ରତିଯୋଗିତାରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅନ୍ୟମାନେ।

ଆଳି,୧୧।୮ (ବନମାଳୀ ସେନାପତି)

ଗଣମାଧ୍ୟମ ସମାଜରେ ସଚେତନତା ସୃଷ୍ଟି କରିବା ସହ ଗଣତନ୍ତ୍ରର ଜାଗ୍ରତ ପ୍ରହରି ଭାବେ କାର୍ଯ୍ୟ କରିଥାଏ। ଯୁବଶକ୍ତି ଗଣମାଧ୍ୟମ ଦ୍ୱାରା ଅଧିକ ପ୍ରଭାବିତ ହୋଇଥାନ୍ତି। ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଧରିତ୍ରୀର ୫୦ବର୍ଷ ଉପଲକ୍ଷେ କେନ୍ଦ୍ରାପଡ଼ା ଜିଲା ଆଳି ମହାବିଦ୍ୟାଳୟ ସଭାକକ୍ଷ ପରିସରରେ ଶୁକ୍ରବାର ଅନୁଷ୍ଠିତ 'ଗଣମାଧ୍ୟମ, ଗଣତନ୍ତ୍ର ଓ ଯୁବପିଢ଼ି' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ ଅତିଥିମାନେ ଏହା ପ୍ରକାଶ କରିଥିଲେ। ମୁଖ୍ୟ ଅତିଥି ଭାବେ ଆଳି ମହାବିଦ୍ୟାଳୟ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମଲ୍ଲିକ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସେ କହିଥିଲେ ଯେ, ଧରିତ୍ରୀର ଏହି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରମାନଙ୍କୁ ସଚେତନ କରାଇବାରେ ଏକ ସଫଳ ପ୍ରୟାସ। ଯୁବଶକ୍ତି ସଚେତନ ହୋଇ ଆଗେଇ ଆସିଲେ ଗଣତନ୍ତ୍ର ସୁଦୃଢ଼ ହେବ। ଗଣତନ୍ତ୍ର ସୁଦୃଢ଼ ହେଲେ ଭାରତ ସଶକ୍ତ ହେବ। ଗଣମାଧ୍ୟମ ହିଁ ଏ ଦିଗରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବହନ କରୁଛି। ମହାବିଦ୍ୟାଳୟର ରାଜନୀତି ବିଜ୍ଞାନର ପ୍ରାଧ୍ୟାପକ ବିକ୍ରମ କୁମାର ବେହୁରା କହିଥିଲେ, ଗଣମାଧ୍ୟମ ହେଉଛି ଜନତାର ସ୍ୱର। ଗଣତନ୍ତ୍ରରେ ଗଣମାଧ୍ୟମ ନ ରହିଲେ ଶାସନ ଦିଗହରା ହୋଇଯିବ। ଗୋଟିଏ ସୁସ୍ଥ ସମାଜ ଗଠନ ପାଇଁ ଗଣମାଧ୍ୟମ ପ୍ରମୁଖ ବିଧାଣି ହୋଇଥାଏ। ବିଚାରକ ଭାବେ ଯୋଗଦେଇଥିବା ରାଜନୀତି ବିଜ୍ଞାନ ପ୍ରାଧ୍ୟାପକ ପ୍ରଫୁଲ୍ଲ କୁମାର ପରିଡ଼ା କହିଥିଲେ, ଆଜିର ଯୁବପିଢ଼ିମାନଙ୍କ ଦ୍ୱାରା ସବୁକିଛି ସମ୍ଭବ। ସେମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ହେଲେ ସମାଜର ଉନ୍ନତି ହେବ। ଧରିତ୍ରୀର ପ୍ରୟାସକୁ ସେ ପ୍ରଶଂସା କରିବା ସହ ଗଣମାଧ୍ୟମ ହିଁ ଯୁବ ସାମାଜର ପଥପ୍ରଦର୍ଶକ ହେବ ବୋଲି କହିଥିଲେ। ଅନ୍ୟତମ ବିଚାରକ ଡ. ବିଭୂତି ଭୂଷଣ ପ୍ରଧାନ କହିଥିଲେ ଯେ, ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ନିର୍ଭୀକ ହେଲେ ଅନ୍ୟ ତିନି ସ୍ତମ୍ଭ ଠିକ୍‌ଭାବେ କାର୍ଯ୍ୟ କରିବ। ଧରିତ୍ରୀର ଉପବାର୍ତ୍ତା ସମ୍ପାଦକ ମିହିର କାନ୍ତ ଦାସ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ।

ବକ୍ତୃତା ପ୍ରତିଯୋଗିତାରେ ମହାବିଦ୍ୟାଳୟର ଯୁକ୍ତ ୩ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ର ବିଶ୍ୱଜିତ ପାତ୍ର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଯୁକ୍ତ ୩ ରାଜନୀତି ବିଜ୍ଞାନ ଅନର୍ସ ଛାତ୍ରୀ ସସ୍ମିତା ଗେରୁ ଓ ମୋନାଲିକା ବିଶ୍ୱାଳ ଯୁଗ୍ମ ଭାବେ ଦ୍ୱିତୀୟ ଏବଂ ଛାତ୍ରୀ ଅର୍ପିତା ପଣ୍ଡା ତୃତୀୟ ସ୍ଥାନ ହାସଲ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଧରିତ୍ରୀର କେନ୍ଦ୍ରାପଡ଼ା ଜିଲା ପ୍ରତିନିଧି ଜଗନ୍ନାଥ ଧଳ ସଂଯୋଜନା କରିଥିବାବେଳେ ଆଳି ପ୍ରତିନିଧି ବନମାଳୀ ସେନାପତି ଧନ୍ୟବାଦ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧରିତ୍ରୀର ବରିଷ୍ଠ ସହସମ୍ପାଦକ ମନୋରଞ୍ଜନ ଦାଶ, ଅରୁଣ ପ୍ରସାଦ କାନୁନ୍‌ଗୋ, ପ୍ରସାର ବିଭାଗର ଅଭୟ ମହାଭୋଇ, ଡେରାବିଶ ପ୍ରତିନିଧି ବେବର୍ତ୍ତା ଅଜୟ ଦାସ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ବିଜେତାଙ୍କ ମୁଖରୁ...

### ଯୁବଶକ୍ତି ହିଁ ପୃଥିବୀର ଶ୍ରେଷ୍ଠ ଶକ୍ତି



ଗଣତନ୍ତ୍ରର ସଫଳତା ପାଇଁ ଗଣମାଧ୍ୟମର ଅବଶ୍ୟକତା ରହିଛି। ଗଣମାଧ୍ୟମ ନିରପେକ୍ଷ ରହି ଖବର ପ୍ରସାରଣ କଲେ ତାହା ଗଣତନ୍ତ୍ର ପାଇଁ ମଙ୍ଗଳଦାୟକ। ଯୁବଶକ୍ତି ଗଣତନ୍ତ୍ର ଓ ଗଣମାଧ୍ୟମ ମଧ୍ୟରେ ସଂଯୋଗ ରକ୍ଷା କରି ଦେଶକୁ ଆଗେଇ ନେଇ ପାରିବେ। ଯୁବଶକ୍ତି ହିଁ ପୃଥିବୀର ଶ୍ରେଷ୍ଠ ଶକ୍ତି। ଦେଶ ଗଠନରେ ଯୁବଶକ୍ତି ଉପରେ ଉତ୍ତର ଦାୟିତ୍ୱ ରହିଛି। ଧରିତ୍ରୀର ୫୦ ବର୍ଷ ଉପଲକ୍ଷେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ନିଜକୁ ଗର୍ବିତ ଅନୁଭବ କରୁଛି।

- ବିଶ୍ୱଜିତ ପାତ୍ର, ପ୍ରଥମ ବିଜେତା

### ଦୁର୍ନୀତିକୁ ଲୋକଲୋଚନକୁ ଆଣିଥାଏ ଗଣମାଧ୍ୟମ



ଗଣମାଧ୍ୟମ ଓ ଗଣତନ୍ତ୍ର ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ। ଗଣମାଧ୍ୟମ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ସତ୍ୟ ଖବର ପରିବେଷଣ କରିବା ଉଚିତ। ଆମେ ଗଣମାଧ୍ୟମକୁ ଧନ୍ୟବାଦ ଦେବା। କେବଳ ଗଣମାଧ୍ୟମ ହିଁ ରାଜନୈତିକ ଲୋକଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିଥାଏ। କିନ୍ତୁ ତୋଷାମଦିଆ ଖବର ଏବଂ ସମାଜର ହିତସାଧନ କରୁ ନ ଥିବା ଖବରକୁ ସମସ୍ତେ ବର୍ଜନ କରିବା ଉଚିତ। ଏଥିପାଇଁ ଯୁବଗୋଷ୍ଠୀଙ୍କ ଭୂମିକା ଆଗରେ ରହିବା ଉଚିତ। ଧରିତ୍ରୀର ଏହି କାର୍ଯ୍ୟକ୍ରମ ଅତି ପ୍ରଶଂସନୀୟ।

- ମୋନାଲିକା ବିଶ୍ୱାଳ, ଦ୍ୱିତୀୟ ବିଜେତା

### ଗଣମାଧ୍ୟମ ନ ରହିଲେ ଗଣତନ୍ତ୍ର ଜଣତନ୍ତ୍ର ପାଲଟିବ



ଗଣତନ୍ତ୍ର ଶାସନରେ ଗଣମାଧ୍ୟମ ନ ରହିଲେ ଶାସନ ଦୁର୍ନୀତିଗ୍ରସ୍ତ ହେବ। ଗଣତନ୍ତ୍ର ଜଣତନ୍ତ୍ରରେ ପରିଣତ ହୋଇଯିବ। ରାଜନୈତିକ ବ୍ୟକ୍ତିବିଶେଷ ନିଜ ସ୍ୱାର୍ଥ ପାଇଁ ଗଣତନ୍ତ୍ରକୁ ଅତଳ ସାଗରରେ ବୁଡ଼ାଇଦେବେ। ତେଣୁ ଏହାକୁ ରକ୍ଷା କରିବାକୁ ଯୁବପିଢି ଆଗେଇ ଆସିବା ଉଚିତ। ସେମାନେ ସ୍ୱପ୍ନ ନୁହେଁ, ବାସ୍ତବତା ସହ ଲଢ଼େଇ କରି ଠିକ୍ ରାସ୍ତା ତିଆରି କରିପାରିବେ। ଧରିତ୍ରୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ନିଶ୍ଚିତ ଭାବେ ଯୁବପିଢ଼ିଙ୍କୁ ସଚେତନ କରିବ।

- ସସ୍ମିତା ଗେରୁ, ଦ୍ୱିତୀୟ ବିଜେତା

### ଧରିତ୍ରୀ ସାଧାରଣ ଲୋକଙ୍କ ସ୍ୱର



ଗଣତନ୍ତ୍ର ଏକ ଜନହିତକର ଶାସନର ନମୁନା ଏବଂ ଏଥିରେ ଗଣମାଧ୍ୟମର ସ୍ଥାନ ସ୍ୱତନ୍ତ୍ର। ଭୋକିଲା ମଣିଷର ସ୍ୱର ଗଣମାଧ୍ୟମ ଦ୍ୱାରା ଚେଇଁ ଶୋଇଥିବା ସରକାରଙ୍କ ନିକଟରେ ପହଞ୍ଚିଥାଏ। ଧରିତ୍ରୀ ହେଉଛି ସାଧାରଣ ଲୋକଙ୍କ ସ୍ୱର। ଆଜିର ଯୁବଶକ୍ତି ଜାତିର ଜନକ ମହାତ୍ମା ଗାନ୍ଧୀ, ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ବକ୍ସି ଜଗବନ୍ଧୁ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କୁ ଅନୁସରଣ କରି ସମାଜ ଗଠନରେ ବ୍ରତୀ ହେବା ଉଚିତ।

- ଅର୍ପିତା ପଣ୍ଡା, ତୃତୀୟ

## ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ର


ଅବନ୍ତିକା ବେହେରା


ଅଭିଷେକ ମହାନ୍ତି


ଜ୍ୟୋତିକୁମାରୀ ପଣ୍ଡିତ


ପୂଜା ବେହେରା


ରଞ୍ଜିତ ପାତ୍ର


ସ୍ମରଣିକା ପାଣି


ସ୍ୱପ୍ନା ବାରିକ


ସ୍ୱୟଂପ୍ରଭା ମଲ୍ଲିକ




# ଡିଏନ୍‌ଏ ରିପୋର୍ଟ ଧରି ଦୀପିକାଙ୍କ ଧାରଣା

**'ଶିଶୁପୁତ୍ରକୁ ବାପାର ହକ୍ ନ ମିଳିବା ଯାଏ ଉଠିବିନି'**

ବ୍ରହ୍ମପୁର,୧୧।୮ (ସୁବାସ ଚନ୍ଦ୍ର ପାଢ଼ୀ)

ଶିଶୁପୁତ୍ରକୁ ନ୍ୟାୟ ଓ ନିଜ ଅଧିକାର ଦାବିରେ ବ୍ରହ୍ମପୁର ଦେଶୀବେହେରା ସାହିସ୍ଥିତ ପ୍ରେମିକଙ୍କ ଘର ଆଗରେ କେ. ଦୀପିକାଙ୍କ ଧାରଣା ଜାରି ରହିଛି। ଶୁକ୍ରବାର ସେ ନିଜର ଓ ପ୍ରେମିକ କେ.ଦୀନେଶଙ୍କ ଡିଏନ୍‌ଏ ରିପୋର୍ଟ ଥିବା ଏକ ଫ୍ଲେକ୍ସ ଧରି ଧାରଣାରେ ବସିଛନ୍ତି। ଶିଶୁପୁତ୍ରର ବାପା, ମା' ଦୀନେଶ ଓ ଦୀପିକା ବୋଲି ଉକ୍ତ ରିପୋର୍ଟରେ ଦର୍ଶାଯାଇଛି। ରାଜ୍ୟ ଫୋରେନ୍‌ସିକ୍ ଲ୍ୟାବ ଦେଇଥିବା ଡିଏନ୍‌ଏ ଟେଷ୍ଟ ରିପୋର୍ଟର ନକଲ ଦୀପିକା ଗୁରୁବାର ରାତିରେ ପୋଲିସଠାରୁ ନେଇଛନ୍ତି।

ଦୀପିକା କହିଛନ୍ତି, ମୋତେ ଡିଏନ୍‌ଏ ରିପୋର୍ଟ ମିଳିଛି। ଉକ୍ତ ରିପୋର୍ଟ ଅନୁଯାୟୀ ଦୀନେଶ ହେଉଛନ୍ତି ମୋ ପୁଅର ବାପା । ତେଣୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ଧାରଣା ଜାରି ରଖିବି ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବ୍ରହ୍ମପୁର ଏସ୍‌ପି ଡ. ସର୍ବଣା ବିବେକ ଏମ୍. କହିଛନ୍ତି, ଦୀପିକା ଓ ଦୀନେଶଙ୍କ ମାମଲା ଏବେ କୋର୍ଟରେ ବିଚାରାଧୀନ ରହିଛି। କୋର୍ଟ ପକ୍ଷରୁ ଯାହା ରାୟ ଆସିବ ପୋଲିସ ତାହା କାର୍ଯ୍ୟକାରୀ କରିବ। ଅନ୍ୟପକ୍ଷରେ ଦୀନେଶଙ୍କ କିମ୍ବା ତାଙ୍କ ପରିବାର ପକ୍ଷରୁ ଏ ସମ୍ପର୍କରେ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସୂଚନାଯୋଗ୍ୟ, ପ୍ରାୟ ୨ ବର୍ଷ ତଳେ ଦୀନେଶ ଓ ଦୀପିକାଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଦୀନେଶ ବିବାହ ପ୍ରଲୋଭନ ଦେଖାଇ ଦୀପିକାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଦୀପିକା ଗର୍ଭବତୀ ହେବା ଜାଣିବା ପରେ ବିବାହ କରିବାକୁ ଦୀନେଶଙ୍କୁ କହିବାରୁ ସେ ରାଜି ହୋଇ ନ ଥିଲେ। ଏ ନେଇ ଦୀପିକା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ। ଦୀନେଶଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲା କୋର୍ଟରେ ବିଚାରାଧୀନ ଥିବାବେଳେ ଦୀନେଶ ସର୍ତ୍ତମୂଳକ ଜାମିନରେ ମୁକୁଳିଛନ୍ତି। ଏହାମଧ୍ୟରେ ଦୀପିକାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହୋଇଛି। ପୁଅକୁ ବାପାର ହକ୍ ଓ ବୋହୂର ମାନ୍ୟତା ଦାବିରେ ଦୀପିକା ଗତବର୍ଷ ଦୀନେଶଙ୍କ ଘରକୁ ଯାଇଥିବା ବେଳେ ତାଙ୍କ ପରିବାର ଲୋକେ ଘରୁ ବାହାର କରି ଦେଇଥିଲେ। ତେଣୁ ନ୍ୟାୟ ଦାବିରେ ଦୀପିକା ଘର ସମ୍ମୁଖରେ ଧାରଣାରେ ବସିଥିଲେ। ନ୍ୟାୟ ମିଳିବା ବିଳମ୍ବ ହେଉଥିବାରୁ ପୁଣିଥରେ ସେ ଧାରଣାରେ ବସିଛନ୍ତି।




ଦୀପିକା ଡିଏନ୍‌ଏ ରିପୋର୍ଟର ଫ୍ଲେକ୍ସ ଧରି ଧାରଣାରେ ବସିଛନ୍ତି।

# ତାମ୍ପରାରେ ନିର୍ମାଣ କାର୍ଯ୍ୟକୁ ନେଇ ଏନ୍‌ଜିଟିଙ୍କ ନୋଟିସ

**୪ ସପ୍ତାହ ମଧ୍ୟରେ ଉତ୍ତର ଦେବାକୁ ନିର୍ଦ୍ଦେଶ**

ଛତ୍ରପୁର,୧୧।୮ (ସନ୍ତୋଷ ପାଢୀ)

ଗଞ୍ଜାମ ଜିଲା ଛତ୍ରପୁର ଉପକଣ୍ଠରେ ଥିବା ହୁମୁରୀ ତାମ୍ପରା ହ୍ରଦକୁ ସଙ୍କୁଚିତ କରି ରେଷ୍ଟୁରାଣ୍ଟ, ହୋଟେଲ, ତାମ୍ପରା ରିସର୍ଟ ନିର୍ମାଣ ହୋଇଛି। ବର୍ତ୍ତମାନ ମଧ୍ୟ ଅନ୍ୟାନ୍ୟ ନିର୍ମାଣ କାର୍ଯ୍ୟ ଚାଲିଛି। ଏହା ଉପରେ କଟକ ୱାଇଲ୍ଡ ଲାଇଫ୍ ସୋସାଇଟି ପକ୍ଷରୁ ଏନ୍‌ଜିଟିରେ ପିଟିଶନ ଦାଖଲ କରାଯାଇଥିଲା। ଶୁକ୍ରବାର କୋଲକାତାସ୍ଥିତ ଏନ୍‌ଜିଟି ଇଷ୍ଟର୍ନ ଜୋନ୍ ବେଞ୍ଚ ଏହାର ଶୁଣାଣି କରିଛନ୍ତି। ପିଟିଶନରେ ଉଲ୍ଲେଖ ଅଭିଯୋଗଗୁଡିକ ଉପରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର ଉପାଧ୍ୟକ୍ଷ, ଓଡିଶା ବାୟୋଡାଇଭରସିଟି ବୋର୍ଡର ଅଧ୍ୟକ୍ଷ, ଇଞ୍ଜିନିୟରିଂ ପ୍ରୋଜେକ୍ଟର ଅତିରିକ୍ତ ଜେନେରାଲ ମ୍ୟାନେଜର, ଓଡିଶା ପର୍ଯ୍ୟଟନ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏନଜିଟି ପକ୍ଷରୁ ନୋଟିସ୍ ଜାରି ହୋଇଛି। ଆସନ୍ତା ୪ ସପ୍ତାହ ମଧ୍ୟରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ରହିଛି। ସେହିପରି ଓଡିଶାର ମୁଖ୍ୟ ଶାସନ ସଚିବଙ୍କଠାରୁ ଆରମ୍ଭ କରି ଗଞ୍ଜାମ ଜିଲାପାଳ ଓ ସମସ୍ତ ଅନ୍ୟ ପକ୍ଷଭୁକ୍ତମାନେ ମଧ୍ୟ ସତ୍ୟପାଠ ଜରିଆରେ ଏହା ଉପରେ ଉତ୍ତର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ହୋଇଛି। ଉକ୍ତ କମିଟିରେ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟର ଆଞ୍ଚଳିକ କାର୍ଯ୍ୟାଳୟ (ଭୁବନେଶ୍ୱର)ର ବରିଷ୍ଠ ବୈଜ୍ଞାନିକ, କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ବରିଷ୍ଠ ବୈଜ୍ଞାନିକ, ଗଞ୍ଜାମ ଜିଲାପାଳ ଓ ରାଜ୍ୟ ୱେଷ୍ଟ ଲ୍ୟାଣ୍ଡ କର୍ତ୍ତୃପକ୍ଷ ଓଡିଶାର ସେକ୍ରେଟାରି ରହିବେ। ଉକ୍ତ କମିଟି ତାମ୍ପରା ହ୍ରଦ ସାଇଟକୁ ଯାଇ ଅନୁଧ୍ୟାନ କରି ସତ୍ୟପାଠ ମାଧ୍ୟମରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ତାମ୍ପରା ହ୍ରଦକୁ ୨୦୨୧ ଅକ୍ଟୋବର ୧୨ ତାରିଖରେ ରାମ୍‌ସାର ସାଇଟ୍‌ର ମାନ୍ୟତା ମିଳିଥିଲା।



ତାମ୍ପରାରେ ନିର୍ମାଣାଧୀନ କାର୍ଯ୍ୟ।



# ବ୍ୟର୍ଥ ଅଭିଳାଷ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କେନ୍ଦ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)ର ମୁଖ୍ୟ ଏସ୍.କେ.ମିଶ୍ରଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ଚାହିଁଥିଲା। ଏହି ପଦକ୍ଷେପ ସ୍ପଷ୍ଟକରେ ଯେ, କେନ୍ଦ୍ର ଏହାର ବିଶ୍ୱସ୍ତ ବାବୁଙ୍କ କାର୍ଯ୍ୟକାଳ ବୃଦ୍ଧି କରିବାକୁ ତୀବ୍ର ଇଚ୍ଛା ପ୍ରକାଶ କରୁଛି। କହିବାକୁ ଗଲେ କ୍ୟାବିନେଟ୍ ସଚିବ ରାଜୀବ ଗୌବା ଓ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଅଜୟ କୁମାର ଭାଲାଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ଏହା ଏକ ପୂର୍ବସଙ୍କେତ ଥିଲା। ତେବେ ଗୌବାଙ୍କ ପାଇଁ ଲଗାତର ତୃତୀୟ ସମ୍ପ୍ରସାରଣ ତାଙ୍କୁ ଦୀର୍ଘତମ କ୍ୟାବିନେଟ୍ ସଚିବ କରିପାରିଛି। ଭାଲାଙ୍କ ଚତୁର୍ଥ ସମ୍ପ୍ରସାରଣ ତାଙ୍କୁ ଦ୍ୱିତୀୟ କେନ୍ଦ୍ର ସ୍ୱରାଷ୍ଟ୍ର ସଚିବ ଭାବେ ୫ ବର୍ଷ ପୂରଣ କରିବାକୁ ସୁଯୋଗ ଦେଇଛି। ଏହି ତିନୋଟି ସମ୍ପ୍ରସାରଣ କ୍ଷେତ୍ରରେ ନିୟମକୁ କୋହଳ କରାଯାଇଛି, ଯାହାକୁ ନେଇ କ୍ୟାରିୟର ଅଗ୍ରଗତିରୁ ବଞ୍ଚିତ ହେଉଥିବା ଅନ୍ୟ ବରିଷ୍ଠ ବାବୁମାନେ ଚିନ୍ତା ପ୍ରକଟ କରିଛନ୍ତି। ସୂତ୍ରରୁ ଜଣାପଡ଼ିଛି, ୧୯୮୬ ବ୍ୟାଚ୍ ଯାଏ ଥିବା ବାବୁମାନେ ଏହାଦ୍ୱାରା ଅଧିକ ପ୍ରଭାବିତ ହୋଇଛନ୍ତି। ବରିଷ୍ଠ ଅମଲାତନ୍ତ୍ରୀଙ୍କ ମଧ୍ୟରେ ଏକ ଧାରଣା ରହିଛି ଯେ ୨୦୨୪ ସାଧାରଣ ନିର୍ବାଚନ ସହିତ କ୍ୟାବିନେଟ୍ ସଚିବ ଏବଂ ସ୍ୱରାଷ୍ଟ୍ର ସଚିବଙ୍କ କାର୍ଯ୍ୟକାଳ ସମ୍ପ୍ରସାରଣର ସମ୍ପର୍କ ଅଛି। ଯେହେତୁ ନିର୍ବାଚନ ପାଖେଇ ଆସୁଛି ସେଥିପାଇଁ ଏକା ବ୍ୟାଚ୍‌ର ସାଥୀ କୁହାଯାଉଥିବା ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର, ଗୌବା ଏବଂ ଭାଲା ଏକତ୍ର କ୍ୟାବିନେଟ୍ ସଚିବାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ନିର୍ବାଚନ ଆୟୋଗ ମଧ୍ୟରେ ନିରନ୍ତର ସହଯୋଗକୁ ପ୍ରାଧାନ୍ୟ ଦେଇ ଏକ ମଜଭୁତ ସଂଯୋଗ ସୃଷ୍ଟି କରିପାରିବେ ବୋଲି କୁହାଯାଉଛି। ତେବେ ସମ୍ପ୍ରସାରଣ ପ୍ରକ୍ରିୟାରେ, ଅନେକ ବରିଷ୍ଠ ବାବୁଙ୍କ କ୍ୟାରିୟରଭିତ୍ତିକ ଅଭିଳାଷ ବ୍ୟର୍ଥ ହୋଇଛି। କ୍ୟାରିୟର ଅଗ୍ରଗତିରେ ଏଭଳି ବାଧା ଦ୍ୱାରା ଯେଉଁମାନେ ପ୍ରଭାବିତ ହୋଇଛନ୍ତି ତାଙ୍କ ପରେ ବି ଅନ୍ୟ ବାବୁମାନେ ପ୍ରଭାବିତ ହେବା ସମ୍ଭାବନା ରହିଛି।

### ବଦଳିକୁ ଚ୍ୟାଲେଞ୍ଜ

ଦୃଢ଼ ପ୍ରଶାସନିକ କାର୍ଯ୍ୟଧାରାକୁ ଚ୍ୟାଲେଞ୍ଜ କରିବାକୁ ଲକ୍ଷ୍ୟ ରଖିଥିବା ଏକ ପଦକ୍ଷେପରେ କେରଳ ଆଇଏଏସ୍ ଅଫିସର୍ସ ଆସୋସିଏସନ ଏବଂ ୨ ଜଣ କାର୍ଯ୍ୟରତ ଆଇଏଏସ୍ ଅଧିକାରୀ ବି.ଅଶୋକ ଏବଂ ପ୍ରିୟଙ୍କା ଜି. ଏକାଠି ପିନାରାୟୀ ବିଜୟନ ସରକାରଙ୍କୁ କେନ୍ଦ୍ରୀୟ ପ୍ରଶାସନିକ ଟ୍ରିବ୍ୟୁନାଲ (ସିଏଟି)କୁ ଟାଣି ନେଇଛନ୍ତି। ରାଜ୍ୟରେ ମନମୁଖୀ ଏବଂ ବ୍ୟାଘାତ ସୃଷ୍ଟିକାରୀ ବଦଳିକୁ ନେଇ ସେମାନେ ଏହା କରିଛନ୍ତି। ସେମାନଙ୍କର ନିବେଦନ ହେଉଛି, ବର୍ତ୍ତମାନର ସ୍ଥାନାନ୍ତର ନୀତି କେବଳ ପ୍ରଭାବଶାଳୀ ଶାସନରେ ବାଧା ସୃଷ୍ଟି କରୁନାହିଁ ବରଂ ଦୀର୍ଘମିଆଦୀ ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବାର କ୍ଷମତାକୁ ହ୍ରାସ କରୁଛି। ସେମାନେ ଯୁକ୍ତି କରିଛନ୍ତି ଯେ, ବଦଳି ଦ୍ୱାରା ସୃଷ୍ଟି ହେଉଥିବା କ୍ରମାଗତ ଉତ୍ତେଜନା ସରକାରୀ କାର୍ଯ୍ୟକ୍ରମର ନିରନ୍ତରତା ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ, ଯାହାଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପଗୁଡ଼ିକ ଅଟକିଯାଏ। ସେମାନେ ଏଲ୍‌ଡିଏଫ୍ ସରକାରଙ୍କ ପ୍ରଶାସନିକ ବିଫଳତାକୁ ଦାୟୀ କରିଥିବା ଅନୁମାନ କରାଯାଉଛି। ସୂଚନାନୁସାରେ, ଆବେଦନପତ୍ରରେ ଦର୍ଶାଯାଇଛି ଯେ, ଯେଉଁ ବାବୁମାନେ ନିର୍ବାଚିତ ପ୍ରତିନିଧିଙ୍କ ପ୍ରତି ଅନୁକୂଳ ମନୋଭାବ ପୋଷଣ କରୁଛନ୍ତି ସେମାନଙ୍କୁ ପଦବୀରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଉଛି। ଅନେକ ସମୟରେ ଯୋଗ୍ୟ ତଥା ଦକ୍ଷ ଅଧିକାରୀଙ୍କୁ ସ୍ଥାନାନ୍ତର କରାଯାଉଛି, ଯେଉଁମାନେ ନିୟମ ଅନୁଯାୟୀ ସେମାନଙ୍କ ଆବଣ୍ଟନ ପଦବୀରେ ସର୍ବନିମ୍ନ ୨ ବର୍ଷର କାର୍ଯ୍ୟକାଳ ପାଇବାକୁ ହକ୍‌ଦାର। କିନ୍ତୁ କେରଳର ୧୨୬ ଆଇଏଏସ୍ ଅଧିକାରୀଙ୍କ ମଧ୍ୟରୁ କେବଳ ୧୨ ଜଣ ଗୋଟିଏ ପଦବୀରେ ୨ ବର୍ଷରୁ ଅଧିକ ସମୟ ରହିପାରିଛନ୍ତି। ଆଇଏଏସ୍ ଅଧିକାରୀମାନେ ବଦଳି ଉପରେ ମୁଖ୍ୟମନ୍ତ୍ରୀଙ୍କୁ ଦେଇଥିବା ଅଭିଯୋଗର କୌଣସି ପ୍ରତିକ୍ରିୟା ନ ମିଳିବାରୁ ସେମାନେ ସିଏଟିର ଦ୍ୱାରସ୍ଥ ହୋଇଛନ୍ତି। ସିଏଟିର ନିଷ୍ପତ୍ତି ଏକ ଦୃଷ୍ଟାନ୍ତ ସୃଷ୍ଟି କରିପାରେ, ଯାହା କେବଳ କେରଳରେ ନୁହେଁ ବରଂ ଅନ୍ୟ ରାଜ୍ୟରେ ବଦଳିକୁ ପ୍ରଭାବିତ କରିବ।

### ବାବୁ ହେବେ ନେତା

୨୦୨୪ ନିର୍ବାଚନ ପାଖେଇ ଆସୁଥିବାରୁ ଜନସାଧାରଣଙ୍କୁ ପ୍ରଭାବିତ କରିପାରୁଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ଭାଜପା ସମ୍ଭାବ୍ୟ ପ୍ରାର୍ଥୀଙ୍କୁ ଅନ୍ୱେଷଣ କରୁଥିବା ଜଣାପଡ଼ିଛି। ସ୍ପଷ୍ଟତଃ,ଏହାର ଆଖି ବିଭିନ୍ନ କ୍ଷେତ୍ରରେ ଥିବା ଜ୍ଞାନୀ ତଥା ଦକ୍ଷ ବ୍ୟକ୍ତିଙ୍କ ଉପରେ ବିଶେଷକରି ୫୦ରୁ ଅଧିକ ଅମଲାତନ୍ତ୍ର ଉପରେ ପଡ଼ିଛି। ଏଥିମଧ୍ୟରେ ଉଭୟ କାର୍ଯ୍ୟରତ ତଥା ପୂର୍ବତନ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀ ଅନ୍ତର୍ଭୁକ୍ତ ଏବଂ ଏମାନଙ୍କ ଉପରେ ଏବେ ଦଳର ବରିଷ୍ଠ ନେତାମାନେ ଅନୁଧ୍ୟାନ କରୁଛନ୍ତି। ଏମାନଙ୍କ ମଧ୍ୟରେ ଅଛନ୍ତି ନିକଟରେ ଭାଜପା ଆଡ଼କୁ ଢଳିଥିବା ମହାରାଷ୍ଟ୍ର ପୋଲିସର ପୂର୍ବତନ ଆଇଜିପି ପ୍ରତାପ ଦିଗଭକର ଏବଂ ତାଙ୍କୁ ଉତ୍ତର ମହାରାଷ୍ଟ୍ରର ଧୁଲେ ନିର୍ବାଚନମଣ୍ଡଳୀରୁ ପ୍ରାର୍ଥୀ କରିବା ଲାଗି ବିଚାର କରାଯାଉଥିବା ଜଣାପଡ଼ିଛି। ସୂତ୍ରରୁ ପ୍ରକାଶ, ଉପ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନବିସ୍‌ଙ୍କ ପାଖଲୋକ ବୋଲି କୁହାଯାଉଥିବା ସୁମିତ ୱାଙ୍ଖଡେ ୱାର୍ଦ୍ଧା ଜିଲାରୁ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି। ସବୁଠୁ କୌତୂହଳର ବିଷୟ ହେଉଛି, ଅତୀତରେ ଅଭିଯୋଗର ସମ୍ମୁଖୀନ ହୋଇଥିବା ମୁମ୍ବାଇର ପୂର୍ବତନ ପୋଲିସ କମିଶନର ପରମବୀର ସିଂଙ୍କ ନାମ ବି ସମ୍ଭାବ୍ୟ ପ୍ରାର୍ଥୀଙ୍କ ମଧ୍ୟରେ ଅଛି। କିନ୍ତୁ ବର୍ତ୍ତମାନ ଆମକୁ କୁହାଯାଉଛି , ସେ କ୍ଷମା ପାଇଛନ୍ତି ଏବଂ ହରିୟାଣା କିମ୍ବା ରାଜସ୍ଥାନରେ ଏକ ଆସନରେ ପ୍ରାର୍ଥୀ ହେବା ସମ୍ଭାବନା ଅଛି। ତେବେ ଅନେକ କିଛି ଘଟିବା କିମ୍ବା ପରିବର୍ତ୍ତନ ହେବା ଅଛି ଏବଂ କିଛି ଆଲୋଚନା କିମ୍ବା କାନକୁହା କଥା ବି ସାମ୍ନାକୁ ଆସିପାରେ। ତେବେ ଆଗକୁ କ'ଣ ଘଟୁଛି ଦେଖିବାକୁ ବାକି ରହିଲା।

Email: dilipcherian@gmail.com

# ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ



ହରିଶଙ୍କର ମିଶ୍ର

ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସର ସଂଜ୍ଞା ଧାର୍ମିକ ଭାବନାରେ କେବଳ ମାନସିକତା ଉପରେ ପର୍ଯ୍ୟବସିତ। କିନ୍ତୁ ସାମାଜିକ ସ୍ତରରେ ବିଶ୍ୱାସ ସର୍ବଦା ସତ୍ୟ ଓ ପ୍ରମାଣ ଉପରେ ଆଧାରିତ ହୋଇଥାଏ। କୌଣସି ଘଟଣା ବା ବ୍ୟାପାର ସପକ୍ଷରେ ଚାକ୍ଷୁଷ ପ୍ରମାଣ ଓ ଲିଖିତ ଦସ୍ତାବିଜ ଥିଲେ ତାହାକୁ ବିଶ୍ୱସନୀୟ ଭାବେ ଗ୍ରହଣ କରାଯାଏ। ଆମ ବିଚାର ବ୍ୟବସ୍ଥାରେ ମଧ୍ୟ ଏହି ଆଧାରରେ ମାମଲାର ଫଇସଲା କରାଯାଏ। ଯଦି ଚାକ୍ଷୁଷ ପ୍ରମାଣ ଏବଂ ଲିଖିତ ଦସ୍ତାବିଜ ବା ଉଭୟରେ କୌଣସି ପାରସ୍ପରିକ ଅସଙ୍ଗତି ପରିଲକ୍ଷିତ ହୁଏ ତେବେ ତାହା ଅବିଶ୍ୱସନୀୟ ଭାବେ ଗୃହୀତ ହୋଇଥାଏ। ମାମଲାଟି ମଧ୍ୟ ମିଥ୍ୟା ତଥ୍ୟ ଆଧାରିତ ବୋଲି ବିଚାରରେ ସାବ୍ୟସ୍ତ ହୋଇଥାଏ। କିନ୍ତୁ କୌଣସି ତଥ୍ୟ ସମ୍ପର୍କରେ ଚାକ୍ଷୁଷ ବା ଲିଖିତ ପ୍ରମାଣ ନ ଥାଇ କେବଳ ମିଥ୍ୟା ଏବଂ ପ୍ରଭାବିତ କଲାପରି ସମ୍ବେଦନଶୀଳ କଥା ଚାତୁର୍ଯ୍ୟ ଏବଂ କାକତାଳିକ ଉଦାହରଣ ମାଧ୍ୟମରେ ଯଦି ବିଶ୍ୱାସ ସୃଷ୍ଟି କରାଯାଏ, ତେବେ ତାହା ଅନ୍ଧବିଶ୍ୱାସ ପଦବାଚ୍ୟ ହୋଇଥାଏ। ଏହା ବ୍ୟକ୍ତି ବା ସମାଜକୁ ସାମୟିକ ଆଶ୍ୱସ୍ତ କରିପାରେ କିନ୍ତୁ ସମୟକ୍ରମେ ଏହାର ସ୍ରଷ୍ଟା ବା ପ୍ରବକ୍ତା ସାମାଜିକ ନିନ୍ଦା ସହ ଆଇନ ଜାଲରେ ଛନ୍ଦି ହେବାର ସମ୍ଭାବନା ରହିଥାଏ। ସାମ୍ପ୍ରତିକ ସ୍ଥିତିରେ ପ୍ରତି ଓଡ଼ିଆଙ୍କ ପ୍ରାଣର ସ୍ପନ୍ଦନ ଓଡ଼ିଶାର ମଉଡମଣି ହିନ୍ଦୁମାନଙ୍କର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥଙ୍କ ଭିତର ରତ୍ନଭଣ୍ଡାର ସମ୍ପର୍କରେ ଭକ୍ତଙ୍କ ବିଶ୍ୱାସରେ ଅନ୍ଧବିଶ୍ୱାସକୁ ସଂଶ୍ଳିଷ୍ଟ କରାଯାଉଥିବା ଏବଂ ଅବିଶ୍ୱସନୀୟ ତଥ୍ୟ ବ୍ୟାପକ ହେଉଥିବାରୁ ତାହା ଭକ୍ତଙ୍କ ଭାବନାକୁ ଭାରାକ୍ରାନ୍ତ କରିଚାଲିଛି।

କିଛି ବର୍ଷ ହେଲା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଏକ ସ୍ପର୍ଶକାତର ପ୍ରସଙ୍ଗ ହୋଇଯାଇଛି। ଶ୍ରୀଜଗନ୍ନାଥଙ୍କ ଭଣ୍ଡାରରକ୍ଷକ ଭାବେ ଶ୍ରୀଲୋକନାଥ ରହିଥିବା ଜନଶ୍ରୁତି ରହିଛି। ଶ୍ରୀଜଗନ୍ନାଥଙ୍କ ବାର୍ଷିକ ଆୟବ୍ୟୟ ମଧ୍ୟ ଶ୍ରୀଜମ୍ବେଶ୍ୱର ମହାଦେବଙ୍କ ଦ୍ୱାରା ତନଖିର ଧାର୍ମିକ ପରମ୍ପରା ରହିଛି। ପୂର୍ବରୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଗଜପତିଙ୍କ ଦାୟିତ୍ୱରେ ଥିଲା। କିନ୍ତୁ ଶ୍ରୀମନ୍ଦିରର ଦାୟିତ୍ୱ ସରକାରଙ୍କ ନିୟନ୍ତ୍ରଣକୁ ଯିବା ପରେ ଧର୍ମୀୟ ପରମ୍ପରାରେ ଆଇନଗତ ବ୍ୟବସ୍ଥା ଯୋଡ଼ି ହୋଇଗଲା। ପରବର୍ତ୍ତୀ ସମୟରେ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଶ୍ରୀମନ୍ଦିରକୁ ପୁରାତନ କୀର୍ତ୍ତିରାଜି ଭାବେ ଘୋଷଣା କରିବାରୁ ଶ୍ରୀମନ୍ଦିର ଓ ତନ୍ମଧ୍ୟସ୍ଥ ପ୍ରତ୍ୟେକ ନିର୍ମାଣର ସୁରକ୍ଷା ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ ହୋଇଗଲା । ମାତ୍ର ଶ୍ରୀଜୀଉମାନଙ୍କର ପ୍ରତ୍ୟେକ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ସହ ଶ୍ରୀମନ୍ଦିରସ୍ଥ ଭିତର ଓ ବାହାର ରତ୍ନଭଣ୍ଡାରରେ ଗଚ୍ଛିତ ସ୍ୱର୍ଣ୍ଣ ରତ୍ନର ବ୍ୟବସ୍ଥିତ ରକ୍ଷଣାବେକ୍ଷଣ ରାଜ୍ୟ ସରକାର ଏବଂ ଶ୍ରୀମନ୍ଦିର ପ୍ରଶାସନର ମିଳିତ ଦାୟିତ୍ୱ ହୋଇଗଲା। ଏହା ନିର୍ବିବାଦୀୟ ସତ୍ୟ ଯେ ପ୍ରତ୍ୟେକ ଗୃହର ସ୍ଥାୟିତ୍ୱ ପାଇଁ ସମୟ ଭିତ୍ତିକ ମରାମତିରୁ ଶ୍ରୀମନ୍ଦିରର ବ୍ୟବସ୍ଥା ଅଲଗା ନୁହେଁ କିମ୍ବା ସରକାରୀ ନିୟମାନୁଯାୟୀ ତାଙ୍କର ନିୟନ୍ତ୍ରଣାଧୀନ ପ୍ରତ୍ୟେକ ଅସ୍ଥାବର ସମ୍ପତ୍ତିର ସମୟଭିତ୍ତିକ ତନଖିରୁ ଶ୍ରୀଜଗନ୍ନାଥ ରତ୍ନଭଣ୍ଡାର ବି ଅଲଗା ନୁହେଁ। ୪୫ ବର୍ଷ ପୂର୍ବରୁ ଗତ ୧୯୭୮ ମସିହାରେ ଶ୍ରୀମନ୍ଦିର ଭିତର ରତ୍ନଭଣ୍ଡାର ଖୋଲାଯାଇ ଗଚ୍ଛିତ ଅଳଙ୍କାରର ଗଣନା କରାଯାଇଥିବାରୁ ପୁନଶ୍ଚ ତା'ର ତନଖି ଅନାବଶ୍ୟକ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ରାଜ୍ୟ ଉଚ୍ଚ ନ୍ୟାୟାଳୟରେ ସତ୍ୟପାଠ ଦାଖଲ କରାଯାଇଛି। କିନ୍ତୁ ୧୯୯୦ ଦଶକର ଶେଷାର୍ଦ୍ଧରେ ଭିତର ରତ୍ନଭଣ୍ଡାର ଖୋଲାଯାଇ କିଛି ସ୍ୱର୍ଣ୍ଣ ଶ୍ରୀବଳଭଦ୍ରଙ୍କ ରତ୍ନ ଚିତା ଓ ମହାଲକ୍ଷ୍ମୀ ଏବଂ ସରସ୍ୱତୀଙ୍କ ମୁକୁଟ ମରାମତି ପାଇଁ ଅଣାଯାଇଥିବା ଶ୍ରୀମନ୍ଦିର ପ୍ରଶାସନର ପୂର୍ବତନ ପ୍ରଶାସକ ବିଭିନ୍ନ ଗଣମାଧ୍ୟମରେ ବିବୃତି ଦେଇଥିବାରୁ ୧୯୭୮ ମସିହାର ଜମାରେ ପରିବର୍ତ୍ତନ ହୋଇଥିବା ସ୍ପଷ୍ଟ ହେଉଛି। ଜଣେ ସାମାଜିକ କର୍ମୀ ରତ୍ନଭଣ୍ଡାର ଖୋଲିବା ପାଇଁ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେବାସହ ୨୦୦୯ ମସିହାର ଦୁଇଟି ତାରିଖ ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ କରି ଉକ୍ତ ଦିନ ଦ୍ୱୟରେ ରତ୍ନଭଣ୍ଡାରରୁ ସ୍ୱର୍ଣ୍ଣାଦି ଅଳଙ୍କାର ସ୍ଥାନାନ୍ତର ହୋଇଥିବାର ସେ ଦ୍ରଷ୍ଟା ଏବଂ ତାହା ମିଥ୍ୟା ପ୍ରମାଣିତ ହେଲେ ସେ ଯେକୌଣସି ଦଣ୍ଡ ଭୋଗିବାକୁ ବଚନବଦ୍ଧ ବୋଲି ବିଭିନ୍ନ ଗଣମାଧ୍ୟମରେ ସ୍ପଷ୍ଟୋକ୍ତି ପ୍ରକାଶ କରିଛନ୍ତି। ତାଙ୍କର ଉକ୍ତି ମିଥ୍ୟା ପ୍ରମାଣିତ କରିବାକୁ ସେ ରତ୍ନଭଣ୍ଡାର ତନଖି ପାଇଁ ଆହ୍ୱାନ ମଧ୍ୟ ଦେଉଛନ୍ତି। ଭାରତୀୟ ସର୍ବେକ୍ଷଣ ସଂସ୍ଥା ମଧ୍ୟ ଭିତର ରତ୍ନଭଣ୍ଡାରର ସ୍ଥିତି ଭଲ ନ ଥିବାରୁ ତାହାକୁ ଯାଞ୍ଚ ପାଇଁ ଶ୍ରୀମନ୍ଦିର ପ୍ରଶାସନକୁ ଅନୁମତି ମାଗିଥିବା ଜଣାଯାଏ। ୨୦୧୮ ମସିହାରେ ଚାବି ନ ନେଇ ଜିଲାପାଳଙ୍କ ନେତୃତ୍ୱରେ ଭିତର ରତ୍ନଭଣ୍ଡାର ଖୋଲିବାକୁ ଯାଇଥିବା ସତନ୍ତ୍ର ୧୭ଜଣିଆ ଦଳ ମଧ୍ୟ ତାହାର ସ୍ଥିତି ଦୟନୀୟ ଥିବା ଜଣାଇଛନ୍ତି। ସେଥିପାଇଁ ଭିତର ରତ୍ନଭଣ୍ଡାରର ମରାମତି ଜରୁରୀ ସତ୍ତ୍ୱେ ଶ୍ରୀମନ୍ଦିର ପ୍ରଶାସନ ସ୍ଥିତି ଯାଞ୍ଚ ପାଇଁ ଆବେଦନ ଉପରେ ଅନୁମତି ନ ଦେବାରୁ ସତ୍ୟପାଠ ମାଧ୍ୟମରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଭାରତୀୟ ସର୍ବେକ୍ଷଣ ସଂସ୍ଥା ଉଚ୍ଚ ନ୍ୟାୟାଳୟଙ୍କର ଦୃଷ୍ଟି ଆକର୍ଷଣ କରିଛି। ଏଣୁ ଭିତର ରତ୍ନଭଣ୍ଡାରର ଦୁର୍ବଳ ଅବସ୍ଥା ଏବଂ ସୂଚନା ଅଧିକାର କର୍ମୀଙ୍କ ବୟାନ ଆଧାରରେ କୋଟି କୋଟି ଶ୍ରୀଜଗନ୍ନାଙ୍କ ଭକ୍ତ ଗଚ୍ଛିତ ରତ୍ନ ଅଳଙ୍କାରର ବାସ୍ତବ ସ୍ଥିତି ସମ୍ପର୍କରେ ଜାଣିବାକୁ ବ୍ୟଗ୍ର ଥିବାବେଳେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ଏହାକୁ ଭିନ୍ନ ମୋଡ଼ ଦେବାକୁ କରୁଥିବା ପ୍ରୟାସ ସ୍ୱତଃ ବିଶ୍ୱାସ ଏବଂ ଅବିଶ୍ୱାସର ବଳୟ ସୃଷ୍ଟି କରୁଛି । କିନ୍ତୁ ନିର୍ଦ୍ଦିଷ୍ଟ ଗୋଟିଏ ଗୋଷ୍ଠୀ ଶ୍ରୀଜଗନ୍ନାଥଙ୍କ ଇଚ୍ଛା ବିନା ଏହା ଖୋଲିବା ଅସମ୍ଭବ ଏବଂ ଯାହା ହେଉଛି ସବୁ ତାଙ୍କ ଇଚ୍ଛାରେ ବୋଲି ପ୍ରଚାର କରୁଛନ୍ତି।



ଅତୀତର ସବୁ ନୀତି ବିଭ୍ରାଟ ସହ ଗତ ନୀଳାଦ୍ରି ବିଜେଠାରୁ ୪୦ ଦିନ ପର୍ଯ୍ୟନ୍ତ ବନକଲାଗି ନୀତି ନ ହେବା, ଶ୍ରୀଜୀଉମାନେ ଅନେକ ରାତି ଅନିଦ୍ରା ସହ ବାରମ୍ବାର ଦୀର୍ଘ ସମୟ ଉପବାସ ରହିଥିବା ତର୍ଜମା କଲେ ଏହା କେବଳ ଅନ୍ଧବିଶ୍ୱାସ ସୃଷ୍ଟି ମାଧ୍ୟମରେ ଆତ୍ମରକ୍ଷା ପାଇଁ ଉଦ୍ଦିଷ୍ଟ ଏଥିରେ ଦ୍ୱିରୁକ୍ତି ନାହିଁ। ଜଣେ ଦଇତା ସେବକ ଶ୍ରୀଜୀଉମାନଙ୍କର ଗତ ଅଣସର ନୀତି ସମୟରେ ଭିତର ରତ୍ନଭଣ୍ଡାର ମଧ୍ୟରୁ ସାପର ଭୟଙ୍କର ଫୁତ୍‌କାର ଶୁଣିଥିବା ଦାବି କରୁଛନ୍ତି। କିନ୍ତୁ ସାପ ଯଦି ଥାଆନ୍ତି, ବିନା ଆଘାତ ବା ଆକ୍ରମଣ ଆଶଙ୍କାରେ ଫୁତକାର କରିବା ଏବଂ ସେହି ଶବ୍ଦ ଅନ୍ୟୂନ ୧୦ ଫୁଟ ନିରନ୍ଧ୍ର ପଥର କାନ୍ଥ ଭେଦକରି ଶୁଣାଯିବା ମଧ୍ୟ ସତ୍ୟକୁ ବାଟବଣା ପାଇଁ କପୋଳକଳ୍ପିତ ଓ ଅତିରଞ୍ଜିତ ଏଥିରେ ସନ୍ଦେହ ନାହିଁ। ତେଣୁ ବିଶ୍ୱାସ, ଅବିଶ୍ୱାସ ଓ ଅନ୍ଧବିଶ୍ୱାସ ସହ ସମସ୍ତ ଉଦ୍‌ବେଗର ଅବସାନ ଏବଂ ସରକାରଙ୍କ ସ୍ୱଚ୍ଛତା ପ୍ରକାଶ ପାଇଁ ରତ୍ନଭଣ୍ଡାର ଖୋଲାଯାଇ ସେଥିରେ ଗଚ୍ଛିତ ଅଳଙ୍କାର ପୂର୍ବତାଲିକା ସହ ମେଳକ ଏବଂ ଏମାର ମଠରୁ ଉଦ୍ଧାର ହୋଇଥିବା ରୁପା ଇଟାକୁ ଶ୍ରୀଜଗନ୍ନାଥଙ୍କ ସମ୍ପତ୍ତି ବିବେଚନା କରାଯାଇ ତାହାର ସୁରକ୍ଷା ନିମିତ୍ତ ଗୋଟିଏ ନୂତନ ବଜ୍ରପ୍ରକୋଷ୍ଠ ବା ଷ୍ଟ୍ରଙ୍ଗରୁମ୍ ତିଆରି କରାଯିବା ଜରୁରୀ ନୁହେଁ କି?

୧୧୩, ଗୁଣ୍ଡିଚା ବିହାର, ପୁରୀ
ମୋ– ୭୯୭୮୭୮୫୪୭୮

# ଶ୍ରେଣୀଗୃହ ବିନା ଶିକ୍ଷକ



ନିରଞ୍ଜନ ମହାପାତ୍ର

ସମୟର ସୁଅ ସହିତ ଟେକ୍ନୋଲୋଜିର ଉନ୍ନତି ହୋଇଛି, ଯାହାଦ୍ୱାରା ସମାଜରେ ଅନେକ ପରିବର୍ତ୍ତନ ଆସିଛି। ପରିବହନ, ଦକ୍ଷତା ଏବଂ ନିରାପତ୍ତାଠାରୁ ଆରମ୍ଭ କରି ଖାଦ୍ୟ ଏବଂ ସ୍ୱାସ୍ଥ୍ୟସେବା, ସାମାଜିକୀକରଣ ଏବଂ ଉତ୍ପାଦକତା ପର୍ଯ୍ୟନ୍ତ ଟେକ୍ନୋଲୋଜି ଏକବିଂଶ ଶତାବ୍ଦୀର ଜୀବନର ପ୍ରାୟ ସମସ୍ତ ଦିଗକୁ ପ୍ରଭାବିତ କରିଛି। ଅନେକ ଟେକ୍ନୋଲୋଜି ସମୟ ଏବଂ ପରିଶ୍ରମ ସଞ୍ଚୟ କରି ଆମ ଜୀବନକୁ ସହଜ କରିବାରେ ସାହାଯ୍ୟ କରି ଆସୁଛି। ଇଣ୍ଟରନେଟର ଶକ୍ତି ଦ୍ୱାରା ସହଜରେ ବିଭିନ୍ନ ବିଚାର, ଗବେଷଣା ଏବଂ ସଂସାଧନଗୁଡ଼ିକୁ ସହଜରେ ବାଣ୍ଟିବା ବା ଆଦାନପ୍ରଦାନ କରିବା ପାଇଁ ବିଶ୍ୱସ୍ତରୀୟ ସମୁଦାୟ ସୃଷ୍ଟି କରିବାରେ ସକ୍ଷମ ହୋଇଛି। କିନ୍ତୁ ଏବେ ବି ମହତ୍ତ୍ୱ ଅଛି ପୁସ୍ତକର। ପୁସ୍ତକ ପଢ଼ିବାର ମହତ୍ତ୍ୱକୁ କେବେ ବି ଡିଜିଟାଲ ଟେକ୍ନୋଲୋଜି ଦ୍ୱାରା ବଦଳା ଯାଇପାରିବ ନାହିଁ। ପଢ଼ିବା ପାଇଁ ଉପଯୁକ୍ତ ପରିବେଶ, ଏକ ପାଠାଗାର ବ୍ୟତୀତ ଆଉ କ'ଣ ହୋଇପାରେ! ପାଠାଗାର ହେଉଛି ଏକ ଅନୁଷ୍ଠାନର ହୃଦୟ ସଦୃଶ, ଯାହାକି ଏକ ଶିକ୍ଷା ବ୍ୟବସ୍ଥାର ଏକ ପ୍ରଧାନ ଅଙ୍ଗ। ପ୍ରତ୍ୟକ ଶିକ୍ଷାନୁଷ୍ଠାନର ଶ୍ରେୟ ଏହାର ପାଠାଗାରର ସଂସାଧନ, ଭିତ୍ତିଭୂମି ଏବଂ କର୍ମଚାରୀମାନଙ୍କ ଉପରେ ନିର୍ଭର କରେ। ପାଠାଗାରକୁ ବିଭିନ୍ନ ଶବ୍ଦ ଯାଥା ଗ୍ରନ୍ଥାଗାର, ଗ୍ରନ୍ଥାଳୟ, ଲାଇବ୍ରେରି ଆଦି ନାମରେ ସମସ୍ତେ ଜାଣନ୍ତି। ପାଠାଗାର ମଧ୍ୟରେ ଅତିବାହିତ ଯାହାର ଜୀବନ; କର୍ମସ୍ଥଳୀ ଯାହାର ପାଠାଗାର, ଯାହାର ମନ ପାଠାଗାରରେ ଲୀନ ; ସେ କିଏ ସମସ୍ତେ ଜାଣନ୍ତି।

ଗ୍ରନ୍ଥାଗାରର ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ ଗ୍ରନ୍ଥାଗାରର ସଂରକ୍ଷକ, ପରିଚାଳକ ଏବଂ ପାଠକଙ୍କ ଭବିଷ୍ୟତର ମାର୍ଗଦର୍ଶକ। କିନ୍ତୁ ଦୁଃଖର ବିଷୟ, ସରକାରଙ୍କୁ ଲାଗୁଛି ବୋଧେ ଦରକାର ନାହିଁ ଗ୍ରନ୍ଥାଗାର ପାଇଁ ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ। ପାଠକଙ୍କୁ ମିଳୁନି ଆଶାନୁରୂପ ପାଠାଗାର ସେବା, ବିଦ୍ୟମାନ ପାଠାଗାରଗୁଡ଼ିକୁ ମିଳୁନି ତାଲିମପ୍ରାପ୍ତ ଗ୍ରନ୍ଥାଗାରିକର ସେବା। ଏହିପରି ଭାବରେ ଗ୍ରନ୍ଥାଗାର ସହ ଗ୍ରନ୍ଥାଗାରିକଙ୍କ ଅବସ୍ଥା ସରକାରଙ୍କର ଦୃଷ୍ଟି ଆକର୍ଷଣ କରିପାରିଲେ କିଛି ବ୍ୟବସ୍ଥା ହୋଇପାରନ୍ତା।

ଛାତ୍ରୀଛାତ୍ରମାନେ ସେମାନଙ୍କ କ୍ୟାରିଅରରେ ଉନ୍ନତି ଆଣିବା ପାଇଁ ପାଠାଗାର ବ୍ୟବହାର କରନ୍ତି। ଉପଯୁକ୍ତ ପାଠକଙ୍କୁ ଉପଯୁକ୍ତ ସମୟରେ ଉପଯୁକ୍ତ ସଂସାଧନ ଯୋଗାଇଦେବା ପାଇଁ ଗ୍ରନ୍ଥାଗାରିକମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି। ବିଦ୍ୟାଳୟ ସ୍ତରରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ପାଠକଙ୍କ ମାର୍ଗଦର୍ଶକ ହୋଇଥାନ୍ତି ଗ୍ରନ୍ଥାଗାରିକ ମାନେ।

**ଜାତୀୟ ଗ୍ରନ୍ଥାଗାରିକ ଦିବସ ଉପଲକ୍ଷେ**



ଟେକ୍ନୋଲୋଜିର ଯେତେ ଉନ୍ନତି ହେଲେ ମଧ୍ୟ, ପ୍ରତି ଲାଇବ୍ରେରିକୁ ଲାଇବ୍ରେରିଆନର ଆବଶ୍ୟକତା ରହିଛି। ସେଥିପାଇଁ ତ ପ୍ରସିଦ୍ଧ ବ୍ରିଟିଶ ଔପନ୍ୟାସିକ ନିଲ୍ ଜି' ଆଇମାନ କହିଛନ୍ତି ଯେ, ଗୁଗୁଲ ଆପଣଙ୍କୁ ଏକ ଶହ ହଜାର ଉତ୍ତର ଖୋଜି ବାହାର କରିଦେଇ ପାରେ, କିନ୍ତୁ ଜଣେ ଗ୍ରନ୍ଥାଗାରିକ ବା ଲାଇବ୍ରେରିଆନ ଆପଣଙ୍କୁ ଠିକ୍‌ଟି ହିଁ ଦେଇପାରିବ। ୟୁନିଭର୍ସିଟି ଗ୍ରାଣ୍ଟ କମିଶନ (ୟୁଜିସି)ର ନିୟମ ଅନୁସାରେ ଲାଇବ୍ରେରିଆନ ପଦବୀକୁ ଶିକ୍ଷଣିକ (ଏକାଡେମିକ) ସ୍ତରର ପଦଗୁଡ଼ିକ ସହ ତୁଳନା କରାଯାଇଛି। ବିଭିନ୍ନ ଅନୁସନ୍ଧାନ ବା ରିସର୍ଚ୍ଚ ସଂସ୍ଥାରେ ଲାଇବ୍ରେରିଆନ ପଦଗୁଡ଼ିକୁ ସୂଚନା ଅଧିକାରୀ, ସୂଚନା ବୈଜ୍ଞାନିକ, ସୂଚନା ବିଜ୍ଞାନୀ ଆଦି ନାମରେ ନିଯୁକ୍ତି ମିଳୁଛି।

ଜଣେ ଲାଇବ୍ରେରିଆନର ଗୁରୁତ୍ୱ କ'ଣ, ଏହା କେବଳ ଜଣେ ଲାଇବ୍ରେରିକୁ ଭଲପାଉଥିବା, ଲାଇବ୍ରେରି ସହିତ ଜଡିତ ଥିବା ଏବଂ ଲାଇବ୍ରେରିକୁ ବ୍ୟବହାର କରୁଥିବା ଲୋକ ହିଁ ବୁଝିପାରିବ। ଲାଇବ୍ରେରିଆନ କେବଳ ପାଠକଙ୍କୁ ପୁସ୍ତକ ଆଦାନ ପ୍ରଦାନ କରନ୍ତି ନାହିଁ, ଏହା ସହିତ ପାଠାଗାରରେ ଉପଯୁକ୍ତ ସଂସାଧନକୁ ଉପଯୁକ୍ତ ସମୟରେ ଉପଲବ୍ଧ କରାଇ ଉପଯୁକ୍ତ ବ୍ୟକ୍ତିଙ୍କୁ ସୂଚିତ କରିବା, ପାଠକଙ୍କ ମାନସିକ ଅଧ୍ୟୟନ, ପାଠକଙ୍କୁ ମାର୍ଗଦର୍ଶନ, ପୁସ୍ତକ ଏବଂ ଅନ୍ୟ ପଠନ ଉପଯୋଗୀ ସଂସାଧନର ଚୟନ, ପାଠାଗାର ଶୃଙ୍ଖଳା ଏବଂ ପରିଚାଳନା ଆଦି ଅନେକ କାର୍ଯ୍ୟଭାର ତୁଲାଇଥାନ୍ତି। ଏତଦବ୍ୟତୀତ ପାଠାଗାରର ଟେକ୍ନିକାଲ କାର୍ଯ୍ୟ ଯେପରିକି ସୂଚୀକରଣ (କ୍ୟାଟେଲଗିଂ), ବର୍ଗୀକରଣ (କ୍ଲାସିଫାଇଙ୍ଗ), ଅନୁକ୍ରମଣ (ଇଣ୍ଡେକ୍ସିଂ), ଅଟୋମେଶନ, ଡିଜିଟାଲାଇଜେଶନ ଇତ୍ୟାଦି ଦାୟିତ୍ୱ ମଧ୍ୟ ନିଭାଇଥାନ୍ତି। ଆମେରିକୀୟ ପାଣିପାଗ ଉପସ୍ଥାପକ ତଥା ରେଡିଓ/ଟିଭି ବ୍ୟକ୍ତିତ୍ୱ ୱିଲାର୍ଡ ସ୍କଟ୍ କହିଛନ୍ତି, ଲାଇବ୍ରେରିଆନ ସର୍ବଦା ସର୍ବାଧିକ ଚିନ୍ତିତ ଏବଂ ସାହାଯ୍ୟକାରୀ ଲୋକଙ୍କ ମଧ୍ୟରେ ରହିଆସିଛନ୍ତି। ସେମାନେ ଶ୍ରେଣୀଗୃହ ବିନା ଶିକ୍ଷକ। ଭାରତରେ ଲାଇବ୍ରେରି ବିକାଶର ନେତୃତ୍ୱ ନେଇଥିବା ପାଠାଗାର ବିଜ୍ଞାନ ବା ଲାଇବ୍ରେରି ସାଇନ୍ସର ଜାତୀୟ ପ୍ରଫେସର, ଶିକ୍ଷାବିତ୍, ଗଣିତଜ୍ଞ ତଥା ଜଣେ ମହାନ ଗ୍ରନ୍ଥାଗାରିକ ଡ.ଏସ. ଆର୍. ରଙ୍ଗନାଥନଙ୍କ ଜନ୍ମଦିନ ଅଗଷ୍ଟ ୧୨ ତାରିଖକୁ ଜାତୀୟ ଗ୍ରନ୍ଥାଗାରିକ ଦିବସ ଭାବରେ ପାଳନ କରାଯାଏ। ଲାଇବ୍ରେରି ସାଇନ୍ସରେ ତାଙ୍କର ବହୁ ଅବଦାନ ପାଇଁ ରଙ୍ଗନାଥନଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଥିଲା। ତାଙ୍କର ପୂରା ନାମ ଶିୟାଲି ରାମାମ୍ରିତ ରଙ୍ଗନାଥନ, ଯିଏ କି ଭାରତରେ ପାଠାଗାର ବିଜ୍ଞାନ, ଡକ୍ୟୁମେଣ୍ଟେଶନ ଏବଂ ସୂଚନା ବିଜ୍ଞାନର ଜନକ ଭାବରେ ପରିଗଣିତ ହୋଇଛନ୍ତି ଏବଂ ଏହି କ୍ଷେତ୍ରରେ ତାଙ୍କର ମୌଳିକ ଚିନ୍ତାଧାରା ପାଇଁ ସାରା ବିଶ୍ୱରେ ମଧ୍ୟ ସେ ଜଣାଶୁଣା।

ମୋ: ୯୦୧୫୮୧୨୩୪୪

## ଏଇ ଭାରତରେ

ମାତ୍ର ୩ ବର୍ଷ ବୟସରେ ଦୃଷ୍ଟିଶକ୍ତି ହରାଇବା ପରେ ଦତ୍ତୁ ଅଗ୍ରୱାଲ ଦୁନିଆକୁ ଦେଖିବାରୁ ବଞ୍ଚିତ ହୋଇଥିଲେ। ପରେ ସେ ଉଚ୍ଚଶିକ୍ଷା ଲାଭ କରି ୭୫ ଜଣ ଦୃଷ୍ଟିବାଧିତ ଝିଅଙ୍କୁ ଶିକ୍ଷା ଓ ଆଶ୍ରୟ ଦେଇ ସଶକ୍ତ କରିବାରେ ଲାଗିଛନ୍ତି। ଦତ୍ତୁଙ୍କ ବୟସ ଏବେ ୬୦। ସେ କର୍ଣ୍ଣାଟକର କାଲାବୁର୍ଗିରେ ମାତୋଶ୍ରୀ ଅମ୍ବୁବାଇ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠାକରି ଏହି କାର୍ଯ୍ୟ ଜାରି ରଖିଛନ୍ତି। ତାଙ୍କ ମା'ଙ୍କ ନାମରେ ଏହି ସ୍କୁଲ କରାଯାଇଛି। ସେଠାରେ ଥିବା ସମସ୍ତ ଝିଅଙ୍କୁ ମାଗଣାରେ ପୋଷାକ ଯୋଗାଇବା ସହ ବିନା ଦେୟରେ ପଢ଼ାଉଛନ୍ତି। ଦତ୍ତୁଙ୍କ ଜୀବନ ସଂଘର୍ଷମୟ ଥିଲା। ସେ ଦୃଷ୍ଟି ଶକ୍ତି ହରାଇବା ପରେ ବ୍ଲାଇଣ୍ଡ ସ୍କୁଲରେ ପଢ଼ିଥିଲେ ଓ ପରେ ଗୁଲବର୍ଗା ବିଶ୍ୱବିଦ୍ୟାଳୟରେ ରାଜନୀତି ବିଜ୍ଞାନରେ ପଢ଼ା ଶେଷ କରି ସେଠାରେ ୩୫ ବର୍ଷ ଧରି ରାଜନୀତି ବିଜ୍ଞାନ ପଢ଼ାଇଥିଲେ। ଅବସର ନେବା ପରେ ଏବେ ସେ ଏହି ସ୍କୁଲ ଚଳାଉଛନ୍ତି। ପ୍ରାରମ୍ଭିକ ସ୍ତରରେ ସ୍କୁଲରେ ୪ ଜଣ ଝିଅ ଥିଲେ ଓ ଏବେ ତାହା ବୃଦ୍ଧି ପାଇ ୬ଟି ଜିଲାରୁ ୭୫ ଜଣ ଏଠାରେ ପଢ଼ୁଛନ୍ତି। ସେମାନଙ୍କୁ କର୍ଣ୍ଣାଟକ ବୋର୍ଡ ପାଠ୍ୟକ୍ରମ ଅନୁଯାୟୀ ପଢ଼ାଯାଉଛି ଓ ମ୍ୟୁଜିକ ଶିକ୍ଷା ମଧ୍ୟ ଦିଆଯାଉଛି। କେବଳ ଏତିକି ନୁହେଁ ଦତ୍ତୁ ବଧିର ଝିଅମାନଙ୍କ ପାଇଁ ମଧ୍ୟ ଏକ ଆବାସିକ ସ୍କୁଲ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ଅଗଷ୍ଟ ୧୯୯୮

- ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, ଅଭିନେତା, ଅଧ୍ୟାପକ ରାଜକିଶୋର ରାୟଙ୍କ ୮୪ ବର୍ଷ ବୟସରେ ପରଲୋକ।
- ଆନ୍ନାଡିଏମ୍‌କେ ନେତ୍ରୀ ଜୟଲଳିତାଙ୍କ ଧମକ ସତ୍ତ୍ୱେ କାବେରୀ ଜଳ ଟ୍ରିବ୍ୟୁନାଲର ଆଦେଶ କାର୍ଯ୍ୟକାରୀ ସଂକ୍ରାନ୍ତ ସଂଶୋଧିତ ଚିଠା ଯୋଜନା ବିଧିବଦ୍ଧ ଭାବେ ଗେଜେଟ୍‌ରେ ପ୍ରକାଶ।
- ପରମାଣୁ ଅସ୍ତ୍ରଶସ୍ତ୍ରରେ ବ୍ୟବହୃତ ପ୍ଲୁଟୋନିୟମ ଓ ୟୁରାନିୟମ ଉତ୍ପାଦନକୁ ନିଷିଦ୍ଧ ପାଇଁ ଯେକୌଣସି ଚୁକ୍ତିରେ ସ୍ୱାକ୍ଷର କରିବା ନେଇ ଇସ୍ରାଏଲ୍‌ର ସମର୍ଥନ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 4 | | | | | | | |
| | | | | | 6 | 3 | 5 | 2 |
| 3 | | 9 | | | | | | 7 |
| 8 | 3 | | | | 5 | 4 | | |
| | | | | | 4 | 7 | | |
| 1 | | | 6 | | 3 | | | |
| | | 5 | | | 2 | | | 6 |
| | 7 | | | | | 1 | | |
| | 8 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 3 | 5 | 2 | 6 | 4 | 1 | 9 |
| 1 | 4 | 2 | 9 | 3 | 7 | 6 | 8 | 5 |
| 5 | 6 | 9 | 1 | 8 | 4 | 3 | 2 | 7 |
| 4 | 3 | 5 | 7 | 6 | 8 | 1 | 9 | 2 |
| 6 | 9 | 1 | 2 | 5 | 3 | 7 | 4 | 8 |
| 2 | 7 | 8 | 4 | 1 | 9 | 5 | 3 | 6 |
| 8 | 5 | 7 | 3 | 4 | 2 | 9 | 6 | 1 |
| 3 | 1 | 6 | 8 | 9 | 5 | 2 | 7 | 4 |
| 9 | 2 | 4 | 6 | 7 | 1 | 8 | 5 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ପାନୀୟ ଜଳ ପ୍ରକଳ୍ପରେ ଦୁର୍ନୀତି

ମହାଶୟ,

ଯାଜପୁର ଜିଲା ଧର୍ମଶାଳା ବ୍ଲକ ଜେନାପୁର ପଞ୍ଚାୟତ ଘାସିବର ଗ୍ରାମରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣରେ ବଡ଼ ଦୁର୍ନୀତି ହୋଇଛି। ପ୍ରକଳ୍ପ ନିର୍ମାଣ ହେବା ଦିନଠାରୁ ଲୋକେ ଏହି ପ୍ରକଳ୍ପରୁ ପାଣି ପାଉନାହାନ୍ତି। ଗାଁର ପ୍ରବେଶ ପଟେ ହୋଇଥିବା ଏହି ବୋରିଂଟି ମାତ୍ର ୨୨୦ ଫୁଟ୍‌ର। ଅତି କମ୍‌ରେ ଏଠାରେ ୩୦୦ରୁ ୩୫୦ ଫୁଟ୍ ବୋରିଂ ହେବା କଥା। ପ୍ରକଳ୍ପରେ ଦୁଇଟି ଟାଙ୍କି ପରିବର୍ତ୍ତେ ମାତ୍ର ଗୋଟିଏ ଛୋଟ ଟାଙ୍କି ହୋଇଛି। ପ୍ରକଳ୍ପରୁ ଗାଁ ଭିତରକୁ ପାଇପ ଆଦୌ ପଡିନାହିଁ। ଗାଁ ମୁଣ୍ଡରେ ଥିବା ସ୍କୁଲ ପର୍ଯ୍ୟନ୍ତ ପାଇପ ବିଛାଇ କାମ ଶେଷ କରି ଦିଆଯାଇଛି। ଏବେ ପ୍ରକଳ୍ପ ନିକଟରେ କୌଣସି ସୂଚନା ଫଳକ ଦେଖିବାକୁ ମିଳୁନାହିଁ। ବୋରିଂ କମ୍ ତଡା ଯାଇଥିବାରୁ ମାତ୍ର ୧୦ ମିନିଟ ପାଣି ଉଠିବା ପରେ ଆଉ ପାଣି ଉଠୁନାହିଁ। ଏଥିପାଇଁ ଗାଁର ଜଣେ ଲୋକ ବି ନିଜ ଘର ପାଖରେ ପାଣି ଏହି ବୋରିଂରୁ ପାଉନାହାନ୍ତି। ୧୦ ମିନିଟରେ ଯେତିକି ପାଣି ଉଠୁଛି, ସେଥିରୁ ଏହି ସ୍କୁଲର ପିଲାମାନେ କେବଳ ପାଣି ପାଉଛନ୍ତି। ଗାଁର ଅର୍ଦ୍ଧାଧିକ କୂଅରେ ହଳଦିଆ ଏବଂ ପାନୀୟ ଜଳ ଅନୁପଯୁକ୍ତ ପାଣି ବାହାରୁଛି। ସେଥିପାଇଁ ଲୋକେ ବେଳେ ବେଳେ ଏହି ସ୍କୁଲ ନିକଟକୁ ଆସି ବୋତଲରେ ପାଣି ନେଇ ପାନୀୟ ଜଳ ଭାବେ ବ୍ୟବହାର କରୁଛନ୍ତି। ଏହି ପାନୀୟ ଜଳ ପ୍ରକଳ୍ପରେ ବ୍ୟାପକ ଦୁର୍ନୀତି ହୋଇ ସରକାରଙ୍କ ଅର୍ଥର ଦୁରୁପଯୋଗ ହୋଇଛି। ଆମ ଲୋକାଭିମୁଖୀ ସରକାରରେ ଏଭଳି ଦୁର୍ନୀତି ଏବଂ ଜନସ୍ୱାର୍ଥ ବିରୋଧୀ କାର୍ଯ୍ୟକୁ ଆଦୌ ବରଦାସ୍ତ କରାଯିବା ଉଚିତ ନୁହେଁ। ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନାମରେ ଏଭଳି ଆଖିବୁଜା ଦୁର୍ନୀତି ଚାଲିଥିବାରୁ ଅର୍ଦ୍ଧାଧିକ ପ୍ରକଳ୍ପରୁ ଲୋକେ ପାଣି ପାଉନାହାନ୍ତି।

–ରଞ୍ଜନ ବେହେରା, ଘାସିବର, ଜେନାପୁର, ଧର୍ମଶାଳା, ଯାଜପୁର

## ଚିରନ୍ତନୀ

ମାନବ ଅନ୍ତର ତଳେ ଆଦିକାଳୁଁ ରହିଛି ଯେ ଦାଗ
କେତେ ଯତ୍ନେ କେତେ ପ୍ରାଣେ ବୋଲି ତହିଁ ନବ ଅନୁରାଗ,
କରଇ ଜୀବନ ଢାଳି ସେନେହେ ଲାଳିତ
କେତେ ଶଙ୍କା ଆବେଗରେ ଚିତ୍ତ।
(ସୃଜନ ବ୍ୟଥା)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

### ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ହାଇକୋର୍ଟରୁ ଜାମିନ ମିଳିଲା

କଟକ,୧୧।୮ (କାର୍ତ୍ତିକ ସାହୁ): ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗଙ୍କୁ ଶୁକ୍ରବାର ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ନିମ୍ନ ଅଦାଲତଙ୍କ ଦଣ୍ଡାଦେଶ ଉପରେ ରହିତାଦେଶ ଦେଇଛନ୍ତି ହାଇକୋର୍ଟ। ଏବେ ହାଇକୋର୍ଟରେ ମାମଲାର ଶୁଣାଣି ହେବ। ମାମଲାର ବିବରଣୀ ଅନୁସାରେ, ୧୯୯୫ ଅଗଷ୍ଟ ୨୯ ତାରିଖରେ ଭୁବନେଶ୍ୱର ବିଧାୟକ କଲୋନୀରେ ନିଜ ଗର୍ଭବତୀ ସ୍ତ୍ରୀଙ୍କୁ ପୋଡ଼ି ହତ୍ୟା କରିଥିବା ଅଭିଯୋଗ ଗମାଙ୍ଗଙ୍କ ନାମରେ ଆସିଥିଲା। ଗତ ଜୁନ୍ ୨୪ରେ ଏହି ମାମଲାରେ ଗମାଙ୍ଗ ଦୋଷୀ ସାବ୍ୟସ୍ତ ହୋଇଥିଲେ। ଭୁବନେଶ୍ୱର ଏଡିଜେ କୋର୍ଟ ଜୁନ୍ ୨୭ରେ ତାଙ୍କୁ ସ୍ତ୍ରୀ ହତ୍ୟା ଅଭିଯୋଗରେ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ଏହାକୁ ଚ୍ୟାଲେଞ୍ଜ କରି ଗମାଙ୍ଗ ହାଇକୋର୍ଟଙ୍କୁ ଆସିଥିଲେ। ଗମାଙ୍ଗଙ୍କ ପକ୍ଷରୁ ଆଇନଜୀବୀ ଅମିତ ପ୍ରସାଦ ବୋଷ ମାମଲା ପରିଚାଳନା କରୁଛନ୍ତି।

# ଶୋକରେ ବୁଡ଼ାଇଲେ ଶହୀଦ ସୁଶାନ୍ତ

ଆନନ୍ଦପୁର,୧୧।୮(ସନ୍ତୋଷ ରାଉତ)


ଶୋକାକୁଳ ପରିବାରବର୍ଗ

ସେଣ୍ଟ୍ରାଲ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ୍)ରେ ଯବାନ ଭାବେ କାର୍ଯ୍ୟ କରୁଥିବା କେନ୍ଦୁଝର ଜିଲା ଆନନ୍ଦପୁର ପୌରାଞ୍ଚଳର ସୁଶାନ୍ତ କୁମାର ଖୁଣ୍ଟିଆ ଝାଡ଼ଖଣ୍ଡ ପଶ୍ଚିମ ସିଂହଭୂମରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଛନ୍ତି। ବୀର ଯବାନଙ୍କୁ ହରାଇ ସ୍ତବ୍ଧ ହୋଇଯାଇଛି ଜନ୍ମମାଟି ତଥା ଆନନ୍ଦପୁର ପୌରାଞ୍ଚଳର ୪ନଂ. ୱାର୍ଡ। ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ଫାଟି ପଡ଼ୁଛି ଅଞ୍ଚଳ। ୨୦୦୫ରେ ଆନନ୍ଦପୁରର ସର୍ବପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟରୁ ସୁଶାନ୍ତ ମାଟ୍ରିକ୍ ଶେଷ କରିଥିଲେ। ଆନନ୍ଦପୁର ମହାବିଦ୍ୟାଳୟରେ ସ୍ନାତକ ପଢୁଥିବାବେଳେ ୨୦୧୧ରେ ସିଆରପିଏଫ୍‌ରେ ଭର୍ତ୍ତି ହୋଇଥିଲେ। ୨୦୨୩ ଜୁନ୍ ୯ରେ ବିବାହ ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ପୂର୍ଣ୍ଣିମା ପୃଷ୍ଟି ତେଲକୋଇ ଡାକ୍ତରଖାନାରେ ଏଏନ୍ଏମ ଭାବେ କାର୍ଯ୍ୟରତ ଅଛନ୍ତି। ସୁଶାନ୍ତଙ୍କ ବାପା ଆତୁଳ ଚରଣ ଖୁଣ୍ଟିଆଙ୍କ ୨୦୨୦ କରୋନା ସମୟରେ ମୃତ୍ୟୁ ହୋଇଥିବା ବେଳେ ମଝିଆ ଭାଇ ପ୍ରଶାନ୍ତଙ୍କ ୨୦୨୨ ଏପ୍ରିଲ ୨୪ରେ ବିୟୋଗ ଘଟିଥିଲା। କ୍ୟାନସର ପୀଡ଼ିତ ବଡ଼ଭାଇ ସନ୍ତୋଷଙ୍କ ୨୦୨୩ ଜାନୁୟାରୀ ୨୮ରେ ମୃତ୍ୟୁ ହୋଇଛି। ମା' ସୁନ୍ଦରୀ ରୋଗଗ୍ରସ୍ତ ହୋଇ ଭୁବନେଶ୍ୱରରେ ଝିଅଘରେ ରହି ଚିକିତ୍ସିତ ହେଉଛନ୍ତି। ପରିବାରରେ ମା' ସୁନ୍ଦରୀ, ବଡ଼ ଭାଉଜ ଏବଂ ତାଙ୍କର ଛୋଟ ପୁଅ ରହୁଥିବା ବେଳେ ଘର ମୁରବିଶୂନ୍ୟ ହୋଇପଡ଼ିଛି।



## ଦୁଇ ମାସ ତଳେ ହୋଇଥିଲା ବାହାଘର

ଶହୀଦ ସୁଶାନ୍ତ ଗତ ଜୁନ ୯ ତାରିଖରେ ଘଷିପୁରା ଗ୍ରାମର ପୂର୍ଣ୍ଣିମା ପୃଷ୍ଟିଙ୍କୁ ବିବାହ କରିଥିଲେ। ବାହାଘର ପରେ ଛୁଟିରେ ଥିବା ସୁଶାନ୍ତ ୨୦ ଦିନ ତଳେ କର୍ମକ୍ଷେତ୍ରକୁ ଯାଇଥିଲେ। କିଛି ଦିନ ଡ୍ୟୁଟି ସାରି ଘରକୁ ଫେରିବା ପାଇଁ ମନସ୍ଥ କରିଥିବା ସୁଶାନ୍ତ ଆଉ ଫେରିଲେନି। ସ୍ତ୍ରୀ ପୂର୍ଣ୍ଣିମା ତେଲକୋଇ ଡାକ୍ତରଖାନାରେ ଏଏନ୍ଏମ ଭାବେ କାର୍ଯ୍ୟରତ ଅଛନ୍ତି।



## ଦୁଃଖ ଯେବେ ଆସେ ସାଙ୍ଗସାଥୀଙ୍କୁ ନେଇ

କଥାରେ ଅଛି ଦୁଃଖ ଯେତେବେଳେ ଆସେ ସାଙ୍ଗ ସାଥୀଙ୍କୁ ନେଇ ଆସେ। ଏହିଲୋକକଥାଟି ଏକପ୍ରକାର ପ୍ରମାଣିତ ହୋଇଛି ଶହୀଦ ସୁଶାନ୍ତଙ୍କ ପରିବାର କ୍ଷେତ୍ରରେ। ସୁଶାନ୍ତଙ୍କ ବାପା ଆତୁଳ ଚରଣ ଖୁଣ୍ଟିଆଙ୍କ ତିନି ପୁଅ ଓ ଗୋଟିଏ ଝିଅ। ବଡ଼ପୁଅ ସନ୍ତୋଷ ଏକ ଘରୋଇ ସଂସ୍ଥାରେ କାମ କରୁଥିଲେ। ବାପାଙ୍କ ମୃତ୍ୟୁପରେ କ୍ୟାନ୍ସରରେ ପୀଡ଼ିତ ତାଙ୍କର ମୃତ୍ୟୁ ହୋଇଥିଲା। ଏତିକିରେ ଦୁଃଖ ସରିଲା ନାହିଁ। ମଝିଆଁ ପୁଅ ପ୍ରଶାନ୍ତଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ଦୁଃଖରେ ଭାଙ୍ଗି ପଡିଥିବା ମା' ସୁନ୍ଦରୀଙ୍କ ପାଇଁ ସୁଶାନ୍ତ ଏକମାତ୍ର ବଞ୍ଚିବାର ରାହା ଥିଲେ। ଶେଷରେ ମାଓବାଦୀଙ୍କ ଗୁଳିରେ ସେ ବି ଟଳିପଡ଼ିଛନ୍ତି।

## ବାସ୍ତୁଦୋଷ ପାଇଁ ବାସସ୍ଥାନ ଛାଡ଼ିଥିଲେ ପରିବାର

ଶହୀଦ ସୁଶାନ୍ତଙ୍କ ପରିବାରରେ ବାରମ୍ବାର ଅଘଟଣ ଘଟିଚାଲିଥିବାରୁ କେହି କେହି ବାସ୍ତୁଦୋଷ ଯୋଗୁ ଏଭଳି ଘଟୁଥିବା କହିଥିଲେ। ଏଥିରେ ବିଶ୍ୱାସ କରି ପରିବାର ଲୋକେ ୪ନଂ. ୱାର୍ଡ ଅନ୍ତର୍ଗତ ବାସସ୍ଥାନ ଛାଡ଼ି ୬ ନଂ. ୱାର୍ଡରେ ଭଡ଼ାଘରେ ରହୁଥିଲେ।

## ବୀର ଯବାନଙ୍କୁ ହରାଇଲା ଆନନ୍ଦପୁର

ମାଓବାଦୀଙ୍କ ଗୁଳିରେ ସୁଶାନ୍ତ ନିହତ ହେବା ପରେ ଆନନ୍ଦପୁର ଅଞ୍ଚଳ ଜଣେ ବୀର ଯବାନଙ୍କୁ ହରାଇଲା ବୋଲି କହିଛନ୍ତି ପୌର ଉପାଧ୍ୟକ୍ଷ ଦୁର୍ଗାଚରଣ ଦଳେଇ। ସେ କହିଛନ୍ତି, ଆନନ୍ଦପୁର ପାଇଁ ଏହା ଏକ ବଡ଼ ଦୁଃଖଦ ଖବର। ଏହା ଆମକୁ ମର୍ମାହତ କରିଛି। ସେହିପରି ଶହୀଦଙ୍କ ଭିଣୋଇ ବିଶ୍ୱଜିତ୍ ସାହୁ କୁହନ୍ତି, ପରିବାରର ଏକମାତ୍ର ରୋଜଗାରିଆ ପିଲା ଥିଲେ ସୁଶାନ୍ତ। ତାଙ୍କୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗିପଡ଼ିଛନ୍ତି। ଦେଶ ପାଇଁ ସିନା ସିଏ ଜୀବନ ଦେଲେ ହେଲେ ପରିବାର ପାଇଁ ଅପୂରଣୀୟ କ୍ଷତି ସୃଷ୍ଟି ହେଲା ବୋଲି ସେ କହିଛନ୍ତି।

# ଆଜି ଅଭିଭାବକ-ଶିକ୍ଷକ ବୈଠକ

ଭୁବନେଶ୍ୱର, ୧୧।୮ (ଅସମାପିକା ସାହୁ)

୨୦୨୩-୨୪ ଶିକ୍ଷାବର୍ଷ ପାଇଁ ରାଜ୍ୟର ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡିକରେ ଅଭିଭାବକ-ଶିକ୍ଷକ ତଥା ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟିର ବୈଠକ ଶନିବାର ଅନୁଷ୍ଠିତ ହେବ। ଶିକ୍ଷାରେ ଗୁଣାତ୍ମକ ଉନ୍ନତି ଆଣିବା ପାଇଁ ବିଦ୍ୟାଳୟଗୁଡ଼ିକରେ ସରକାରଙ୍କ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯିବ। ଏହି ବୈଠକରେ ଉଭୟ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟ ପାଇଁ ପ୍ରସ୍ତୁତ ଏକାଡେମିକ୍ କ୍ୟାଲେଣ୍ଡର ଉପରେ ଅଭିଭାବକ ଏବଂ ବିଦ୍ୟାଳୟ ପରିଚାଳନା/ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ସଦସ୍ୟଙ୍କ ମଧ୍ୟରେ ଆଲୋଚନା ହେବ। ପ୍ରଥମରୁ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଅଭିଭାବକ ବୈଠକରେ ଅଂଶଗ୍ରହଣ କରିବେ। ସକାଳ ୮ଟାରୁ ୧୦ଟା ଦୁଇଘଣ୍ଟା ଧରି ଏହି ବୈଠକ ହେବ।


**ଏସ୍.ଇ. ରେଳପଥ - ଟେଣ୍ଡର**

ଏନ୍ଆଇଟି ନଂ.: ଏସ୍‌ଟି_ପି_ଏସ୍‌ଇଆର୍_ଆଇପି-ଏମ୍‌ପିଏଲ୍‌ଏସ୍_ଭିଓଆଇପି, ତାରିଖ: ୧୦।୦୮।୨୦୨୩ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡେପୁଟି ଚିଫ୍ ସିଗ୍ନାଲ ଏବଂ ଟେଲିକମ୍ ଇଞ୍ଜିନିୟର/ୱାର୍କସ୍/ଏଚ୍‌କ୍ୟୁ/ଗାର୍ଡେନ୍ ରିଚ୍, ଦ.ପୂ. ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଉଛି: କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା ଓ ତାହାର ଅବସ୍ଥିତି: ଦକ୍ଷିଣ ପୂର୍ବ ରେଳପଥର ଖଡ଼୍‌ଗପୁର ଏବଂ ଚକ୍ରଧରପୁର ଡିଭିଜନରେ ୟୁନିଫାଏଡ୍ କମ୍ୟୁନିକେଶନ୍ ବ୍ୟାକ୍‌ବୋନ୍ ଏବଂ ଭିଓଆଇପି ବେସ୍‌ଡ ଟ୍ରେନ୍ କଣ୍ଟ୍ରୋଲ କମ୍ୟୁନିକେଶନ୍ ସିଷ୍ଟମ୍ ନିମନ୍ତେ ଆଇପି-ଏମ୍‌ପିଏଲ୍‌ଏସ୍ ଟେକ୍ନୋଲୋଜିର ଯୋଗାଣ, ସ୍ଥାପନ, ପରୀକ୍ଷଣ ଏବଂ କମିଶନିଂ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ₹୧୮,୧୧,୪୪,୮୨୬.୮୩ । ବିଡ୍ ଅମାନତ ପରିମାଣ: ₹୧୦,୫୫,୭୦୦/- । ଟେଣ୍ଡର ବନ୍ଦ ହେବାର ତାରିଖ: ତା୦୪।୦୯।୨୦୨୩ରିଖ ୧୧.୩୦ ଘଟିକା । ଉପରୋକ୍ତ ଟେଣ୍ଡର ପାଇଁ ସବିଶେଷ ଟେଣ୍ଡର ବିଜ୍ଞପ୍ତି ଇତିମଧ୍ୟରେ ୱେବ୍‌ସାଇଟ୍ www.ireps.gov.inରେ ପ୍ରକାଶିତ ହୋଇସାରିଛି । (PR-500)



**CAREER APPOINTMENT** ON EVERY WEDNESDAY & SATURDAY
B/W : ₹. 350 per sq.cm Colour : ₹. 400 per sq.cm
PAY FOR 1, GET 1 FREE
For Bookings Call : 0674-2580385 Email : advt@dharitri.com

**APPOINTMENT**
Required staff for Public Limited Company, Marketing Manager, Sales Manager, Sales Officer, Business Development Executive, Telecaller, Office Executive, Accountant, Web Designer, Architecture, Technician, Driver, Security, Peon.
Mob.: 9040043929

**WANTED**
Recruitment for Business Leader and Part Time Professional for Twin City
150 years Old Indian Conglomerate is hiring Some Professional for its Expansion of Financial Distribution across Bhubaneswar and Cuttack. (Need all Retired and VRS Employees, Govt. and Pvt.Employees, Prof. Housewife, Business People, Sales staff, Life and Health Insurance Advisor and Others are also Welcome).
9861468116, 9853052345

See Career Appointment on every Wednesday & Saturday

**REQUIRED**
LADY OFFICE ASSISTANT FOR AN OFFICE AT CUTTACK AREA
FREE ACCOMMODATION
FREE FOODING
10000/- to 15000/-
7809525452

**REQUIRED**
- MARKETING BOY (Plumbing and Sanitary)
- Boys for Showroom & General work

HR Trading, 57, Budha Nagar, Kalpana Square, Bhubaneswar - 6.
Ph (0674) 2310921 , Email : hrtrading.co.in@gmail.com

ଧରିତ୍ରୀ DHARITRI Oriya daily
**ଆବଶ୍ୟକ କରୁଛି**
**ସହସମ୍ପାଦକ**
- ପ୍ରାର୍ଥୀଙ୍କର ସହସମ୍ପାଦନା କ୍ଷେତ୍ରରେ ଅତିକମ୍‌ରେ ୩ ବର୍ଷର ଅଭିଜ୍ଞତା ଥିବ।
- ପ୍ରାର୍ଥୀ ସାମ୍ବାଦିକତାରେ ଡିଗ୍ରୀ ହାସଲ କରିଥିବେ।
- ଅନୁବାଦ କ୍ଷେତ୍ରରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ।

Apply immediately to : recruitment@dharitri.com
ଅଭିଜ୍ଞତା ଓ ଦକ୍ଷତା ଅନୁଯାୟୀ ଦରମା ଧାର୍ଯ୍ୟ ହେବ ।


# ଡିବିଟି ଦ୍ୱାରା ଲକ୍ଷେ ଆପ୍ରେଣ୍ଟିସଙ୍କୁ ୧୫ କୋଟି ବିତରଣ କଲେ କେନ୍ଦ୍ରମନ୍ତ୍ରୀ




ଭୁବନେଶ୍ୱର, ୧୧।୮(ସୁନିତ୍ ମିଶ୍ର)

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ନୂଆଦିଲ୍ଲୀଠାରେ ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରୋତ୍ସାହନ ଯୋଜନା (ଏନ୍ଏପିଏସ୍)ରେ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ବା ଡିବିଟିର ଶୁଭାରମ୍ଭ କରିଛନ୍ତି। ଏହି ଏନ୍ଏପିଏସ୍ ଅଧୀନରେ ୧ ଲକ୍ଷ ଆପ୍ରେଣ୍ଟିସ୍‌ଙ୍କୁ ୧୫ କୋଟି ଟଙ୍କା ବିତରଣ କରିବା ସହ ସେମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଆପ୍ରେଣ୍ଟିଶିପ୍ ପ୍ରଶିକ୍ଷଣରେ ଡିବିଟି ପ୍ରଚଳନକୁ ପ୍ରଶଂସାକରି ଧର୍ମେନ୍ଦ୍ର କହିଛନ୍ତି, ମୋଦି ସରକାର ଆସିବା ପରେ ପାରଦର୍ଶୀ ଓ ସ୍ୱଚ୍ଛତାକୁ ପ୍ରାଥମିକତା ଦିଆଯାଇଛି। ପ୍ରଧାନମନ୍ତ୍ରୀ କ୍ଷମତାକୁ ଆସିବା ପରେ ନଗଦ ଅର୍ଥକୁ ଲାଭାର୍ଥୀଙ୍କ ବ୍ୟାଙ୍କ ଖାତାରେ ସିଧାସଳଖ ଦେବା ପାଇଁ ଯୋଜନା ହୋଇଛନ୍ତି। ଏହି ସଂସ୍କାର ଦ୍ୱାରା ମୁଦ୍ରା, ପିଏମ୍ କିଷାନ ସମ୍ମାନ ନିଧି ଭଳି ଅନେକ ଯୋଜନାରେ ଲାଭାର୍ଥୀମାନେ ସିଧାସଳଖ ଟଙ୍କା ପାଇ ବିଶେଷ ଲାଭବାନ୍ ହୋଇଛନ୍ତି। ତେଣୁ ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରୋତ୍ସାହନ ଯୋଜନାରେ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ । ଏହି ଯୋଜନା ଆମ ଯୁବବର୍ଗଙ୍କ ପାଇଁ ଆପ୍ରେଣ୍ଟିଶିପ୍ ପ୍ରଶିକ୍ଷଣ ପ୍ରଦାନ କରିବା ସହ ଷ୍ଟାଇପେଣ୍ଡ୍ ବିତରଣରେ ସ୍ୱଚ୍ଛତା ବା ପାରଦର୍ଶୀକୁ ସୁନିଶ୍ଚିତ କରିବ। ପାଠପଢା ସହ ରୋଜଗାର ଦିଗରେ ଏହା ଏକ ପାଇଲଟ ଆରମ୍ଭ। ଜାତୀୟ ଆପ୍ରେଣ୍ଟିଶିପ୍ ପ୍ରୋତ୍ସାହନ ଯୋଜନାରେ ବର୍ତ୍ତମାନ ପର୍ଯ୍ୟନ୍ତ ୨୫ ଲକ୍ଷ ଯୁବତୀଯୁବକ ଏହାର ଲାଭାର୍ଥୀ ହୋଇଛନ୍ତି। ଚଳିତବର୍ଷ ଅତିରିକ୍ତ ୧୦ ଲକ୍ଷ ଯୁବତୀଯୁବକଙ୍କୁ ଏଥିରେ ଯୋଡ଼ିବାର ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନାରେ ଅନେକ ଶିଳ୍ପସଂସ୍ଥା ଯୋଡ଼ି ହୋଇଥିବା ବେଳେ ସେମାନେ ମଧ୍ୟ ପିଲାଙ୍କ ମନୋବଳ ବଢାଇଛନ୍ତି। ଭାରତ ସରକାରଙ୍କ ଆପ୍ରେଣ୍ଟିଶିପ ଆକ୍ଟକୁ ବଦଳାଇବା ଦ୍ୱାରା ଅନେକ କାର୍ଯ୍ୟ ସହଜ ହୋଇଛି। ଏହାବ୍ୟତୀତ ବର୍ତ୍ତମାନର ପରିବର୍ତ୍ତିତ ଟେକ୍ନୋଲୋଜିରେ ପାଠପଢ଼ା ସହ ରୋଜଗାର ତଥା ଡିଗ୍ରୀ- ଦକ୍ଷତା ବୃଦ୍ଧିର ଦୁନିଆ ବଦଳୁଛି। ଆମକୁ ଏ ଦିଗରେ ଧ୍ୟାନଦେବା ଆବଶ୍ୟକ ବୋଲି ଧର୍ମେନ୍ଦ୍ର କହିଛନ୍ତି।

# ନରସିଂହପୁର ସିଏଚ୍‌ସିରେ ଲାଗିବ ଆଉ ୨ ଡାଏଲିସିସ୍ ମେଶିନ

ଭୁବନେଶ୍ୱର, ୧୧।୮(ଅସମାପିକା ସାହୁ)

କଟକ ଜିଲା ନରସିଂହପୁର ସିଏଚ୍‌ସିରେ ଆଉ ୨ଟି ଡାଏଲିସିସ୍ ମେଶିନ ଲଗାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ନରସିଂହପୁର ସିଏଚ୍‌ସିରେ କିଡ୍‌ନୀ ରୋଗୀଙ୍କ ସଂଖ୍ୟା ଅଧିକ ରହୁଛି। ଏହାକୁ ଦୃଷ୍ଟିରେ ରଖି ଡାଏଲିସିସ୍ ସେବାର ସୁପରିଚାଳନା ପାଇଁ ଅତିରିକ୍ତ ଦୁଇଟି ଡାଏଲିସିସ୍ ମେଶିନ ଯଥାଶୀଘ୍ର ଲଗାଇବାକୁ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶକଙ୍କୁ ବିଭାଗ ନିର୍ଦ୍ଦେଶ ଦେଇଛି। ଏହି ବାବଦରେ ସମସ୍ତ ଖର୍ଚ୍ଚ ଓଡ଼ିଶା ଷ୍ଟେଟ୍ ମେଡିକାଲ କର୍ପୋରେଶନ ଲିମିଟେଡ୍(ଓଏସ୍ଏମ୍‌ସିଏଲ୍)ରୁ ବହନ କରାଯିବ ବୋଲି ଉକ୍ତ ଚିଠିରେ ଉଲ୍ଲେଖ କରାଯାଇଛି।


**झारखण्ड राज्य ग्रामीण पथ विकास प्राधिकरण (JSRRDA)**
एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड

**ई–निविदा आमंत्रण सूचना**

ई–निविदा संख्या:- 31/2023-24 दिनांक :- 10.08.2023

मुख्य अभियंता, जे०एस०आर०आर०डी०ए०, राँची द्वारा निम्नविवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टीफिकेशन संख्या/पैकेज संख्या | प्रखण्ड का नाम | | कार्य का नाम | प्राक्कलित राशि अंक में (लाख में) | प्राक्कलित राशि अक्षर में (रूपये में) | कार्य समाप्ति की अवधि |
|---|---|---|---|---|---|---|---|
| 1 | 2 | 3 | | 4 | 5 | 6 | 7 |
| 1 | JH-M-GOD-01/2023-24 | पोड़ैयाहाट | 1 | आर०सी०डी० मुर्गाबनी चतरा मोड़ से चतरा गाँव तक पथ का विशेष मरम्मति कार्य। (लं० – 3.250 कि०मी०) | 1079.553 | दस करोड़ उनासी लाख पचपन हजार तीन सौ रू० मात्र | 09 महीना |
| | | पोड़ैयाहाट | 2 | बरगच्छा हरियारी से हाथीहरियारी तक पथ का विशेष मरम्मति कार्य। (लं० – 3.010 कि०मी०) | | | |
| | | पोड़ैयाहाट | 3 | सुग्गाबथान से गौरीपुर तक पथ का विशेष मरम्मति कार्य। (लं० – 4.200 कि०मी०) | | | |
| | | पोड़ैयाहाट | 4 | रामगढ़ आर०सी०डी० पथ से सरबिन्धा गाँव तक पथ का विशेष मरम्मति कार्य। (लं० – 3.500 कि०मी०) | | | |
| | | पोड़ैयाहाट | 5 | पी०डब्ल्यू०डी० पथ कठौन से महरा तक पथ का विशेष मरम्मति कार्य। (लं० – 4.500 कि०मी०) | | | |

2. वेबसाईट मे निविदा प्रकाशन की तिथि:–18.08.2023
3. ई–निविदा प्राप्ति की अंतिम तिथि एवं समय:– 27.08.2023 अपराह्न 5.00 बजे तक।
4. (क) मुख्य अभियंता, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड (ख) जिला नियंत्रण कक्ष, राँची अथवा (ग) जिला नियंत्रण कक्ष, गोड्डा में से किसी भी कार्यालय में निविदा शुल्क एवं अग्रधन की राशि जमा करने की अंतिम तिथि एवं समय:– 28.08.2023 अपराह्न 3.30 बजे तक।
5. निविदा शुल्क एवं अग्रधन की राशि स्पीड पोस्ट के माध्यम से भी मुख्य अभियंता, जे०एस०आर०आर०डी०ए०, राँची, एफ०एफ० पी० भवन, तृतीय तल्ला, धूर्वा, राँची –834004, झारखण्ड को भेजा जा सकता है। यह निविदाकार की जिम्मेवारी होगी कि स्पीडपोस्ट के माध्यम से भेजा जाने वाला निविदा शुल्क एवं अग्रधन की राशि निर्धारित तिथि एवं समय (28.08.2023 अपराह्न 3.30 बजे तक) से पूर्व प्राप्त हो जाय। अंतिम तिथि एवं समय से पूर्व प्राप्त निविदा शुल्क एवं अग्रधन की राशि पर ही विचार किया जायेगा।
6. निविदा खोलने की तिथि एवं समय:–29.08.2023 .अपराह्न 3.30 बजे।
7. निविदा आमंत्रित करने वाले पदाधिकारी का नाम एवं पता:– मुख्य अभियंता का कार्यालय, जे०एस०आर०आर०डी०ए०, राँची, एफ०एफ०पी० भवन, तृतीय तल्ला, धूर्वा, राँची –834004, झारखण्ड।
8. ई–निविदा प्रकोष्ठ का दूरभाष सं०– ............................
9. निविदा शुल्क झारखण्ड राज्य में अवस्थित भारतीय स्टेटबैंक/राष्ट्रीयकृत बैंक/अनुसूचित बैंक द्वारा निर्गत बैंकड्राफ्ट के रूप में जो कार्यपालक अभियंता, ग्रामीण कार्य विभाग, कार्य प्रमण्डल, गोड्डा के पक्ष में एवं गोड्डा में भुगतेय जमा करना होगा जो लौटाया नहीं जायेगा।

विस्तृत जानकारी के लिए वेबसाईट jharkhandtenders.gov.in मे देखा जा सकता है। मुख्य अभियंता
PR.NO.304441 Rural Work Department(23-24):D जे०एस०आर०आर०डी०ए०, राँची।



**GOVERNMENT OF ODISHA**
**REVENUE AND DISASTER MANAGEMENT DEPARTMENT**
**WITHDRAWAL NOTIFICATION**

**No. RDM-LAC-DKNL-0034-2014/R&DM 5861 dated-14.02.2023**

**No.II-18:** In exercise of the powers conferred under section 93(1) of the RFCTLAR&R Act,2013, the State Government do hereby withdraw Ac. 3.07 of land as per schedule below out of total area Ac. 3.07 covered by Revenue & Disaster Management Department Notification No.38170 dated 03.10.2013 and Declaration No.31642 dated 25.10.2014 published in the extraordinary issue of Odisha Gazette vide No.2021 dated 19.10.2013 and No.1679 dated 03.11.2014 respectively and for which an order has already been issued u/s-7 vide Revenue and Disaster Management Department letter No.2254 dated 21.01.2016 for establishment of Industry(Ash Pipe Corridor) by IDCO in village-Benipathara of Dhenkanal District.

"Withdrawal Land Schedule
(Land schedule attached separately)"

ତଫସିଲ: ଗ୍ରାମ–ବେଣୀପଥର, ଥାନା–ବାଲିମି ନଂ.–୨୧,ତହସିଲ–ହିନ୍ଦୋଳ, ଜିଲ୍ଲା–ଢେଙ୍କାନାଳ

| କ୍ରମିକ ସଂଖ୍ୟା | ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା (ଏକର) | ଭୂ–ଅର୍ଜନ ଆଇନ ୧୮୯୪ ଧାରା ୪(୧) ମୁତାବକ ଅଧିଗ୍ରହିତ ରକବା (ଏକର) | ପ୍ରତ୍ୟାହାର ରକବା (ଏକର) |
|---|---|---|---|---|---|---|
| ୧ | ୧ | 171 (P) | ଶାରଦ–ଦୁଇ | ୧.୫୫୦ | ୦.୨୫୦ | ୦.୨୫୦ |
| ୨ | ୧୬ | ୧୨୦(P) | ଶାରଦ–ଦୁଇ | ୧.୮୦୦ | ୦.୧୬୦ | ୦.୧୬୦ |
| ୩ | ୧୮ | ୭୩(P) | ଶାରଦ–ଦୁଇଫସଲି–ଏକ | ୧.୮୦୦ | ୦.୩୫୦ | ୦.୩୫୦ |
| ୪ | ୧୮ | ୧୨୪(P) | ଶାରଦ–ଦୁଇଫସଲି–ଦୁଇ | ୬.୧୮୦ | ୦.୯୦୦ | ୦.୯୦୦ |
| ୫ | ୨୦ | ୧୬୬(P) | ଶାରଦ–ଦୁଇ | ୦.୧୨୦ | ୦.୦୧୦ | ୦.୦୧୦ |
| ୬ | ୨୪ | ୫୬(P) | ଶାରଦ–ଦୁଇ | ୧.୫୪୦ | ୦.୩୦୦ | ୦.୩୦୦ |
| ୭ | ୨୭ | ୧୫୪(P) | ଶାରଦ–ଦୁଇ | ୧.୨୭୦ | ୦.୧୬୦ | ୦.୧୬୦ |
| ୮ | ୩୦ | ୫୭(P) | ଶାରଦ–ଦୁଇ | ୦.୭୪୦ | ୦.୦୩୦ | ୦.୦୩୦ |
| ୯ | ୩୦ | ୫୮(P) | ଶାରଦ–ତିନି | ୦.୪୪୦ | ୦.୦୧୦ | ୦.୦୧୦ |
| ୧୦ | ୩୦ | ୫୯(P) | ଶାରଦ–ଏକ | ୦.୪୩୦ | ୦.୦୬୦ | ୦.୦୬୦ |
| ୧୧ | ୩୦ | ୭୪(P) | ଶାରଦ–ଦୁଇ ଫସଲି–ଏକ | ୨.୫୨୦ | ୦.୨୦୦ | ୦.୨୦୦ |
| ୧୨ | ୩୦ | ୫୯/୩୭୪(P) | ତଇଳା–ଏକ | ୦.୦୩୦ | ୦.୦୩୦ | ୦.୦୩୦ |
| ୧୩ | ୩୦ | ୬୦/୩୬୨(P) | ତଇଳା–ଏକ | ୦.୨୫୦ | ୦.୧୦୦ | ୦.୧୦୦ |
| ୧୪ | ୩୩ | ୧୫୮(P) | ଶାରଦ–ଦୁଇ | ୦.୧୭୦ | ୦.୦୮୦ | ୦.୦୮୦ |
| ୧୫ | ୩୩ | ୧୬୨(P) | ଶାରଦ–ଦୁଇ | ୦.୪୮୦ | ୦.୧୫୦ | ୦.୧୫୦ |
| ୧୬ | ୪୫ | ୧୬୩(P) | ଶାରଦ–ତିନି | ୦.୧୯୦ | ୦.୦୩୦ | ୦.୦୩୦ |
| ୧୭ | ୪୫ | ୧୬୫(P) | ଶାରଦ–ଦୁଇ | ୦.୩୫୦ | ୦.୧୦୦ | ୦.୧୦୦ |
| ୧୮ | ୪୭ | ୧୫୯(P) | ଶାରଦ–ଦୁଇ | ୦.୨୩୦ | ୦.୦୩୦ | ୦.୦୩୦ |
| ୧୯ | ୩୭/୬୯ | ୧୬୧(P) | ଶାରଦ–ଦୁଇ | ୦.୨୯୦ | ୦.୧୨୦ | ୦.୧୨୦ |
| | | | ମୋଟ | ୨୦.୩୮୦ | ୩.୦୭୦ | ୩.୦୭୦ |

By order of the Governor
Joint Secretary to Government
OIPR-24001/14/0058/2324



**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Odisha Coal and Power Limited OCPL
Zone-A, Ground Floor, Fortune Towers, Chandrasekharpur, Bhubaneswar – 751023, Odisha, Ph No: 0674-2300654 /2300664

**NOTICE INVITING TENDER**

NIT No: OCPL/SER-162/2023 Date: 12/08/2023

Sealed bids in prescribed format are invited from companies / firms / contractors for the following work:

| Sl. No. | Name of the work | Cost of tender paper | Bid security | Issue of tender document | Last date of sale fo tender document | Last date of submission / opening of bid |
|---|---|---|---|---|---|---|
| 1 | Construction of Rest Shelter inside Manoharpur Coal Mines, Manoharpur, Sundargarh, Odisha | Rs.1,180/- (Rupees One Thousand One Hundred and Eighty only) including GST. | Rs.50,000/- (Rupees Fifty Thousand Only) | 12.08.2023 | 02.09.2023 | 03:00 P.M. / 03:30 P.M. on 08.09.2023 |

For further details, bidders may visit our website, i.e., www.ocpl.org.in. Any clarification may please be addressed to the undersigned at the above address or by email to: contracts@ocpl.org.in.

Sd./- General Manager (C & CA)



**ଓଡ଼ିଶା ସରକାର**
**ରାୟଗଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ**
**ଅଧିସୂଚନା**

ପରିପତ୍ର ସଂଖ୍ୟା–1308 ତାରିଖ–19.07.2023

**No.XXVIII-12:** ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ କୋରାପୁଟ–ସିଙ୍ଗାପୁର ରୋଡ ଦୋହରୀକରଣ ରେଳପଥ ପ୍ରକଳ୍ପ ନିମନ୍ତେ ମୌଜା କାଣିପାଇ, ଥାନା–କଲ୍ୟାଣସିଂହପୁର, ନଂ.–୨୨୫, ତହସିଲ–କଲ୍ୟାଣସିଂହପୁର, ଜିଲ୍ଲା–ରାୟଗଡାରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୧.୧୬୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର (Appropriate Government)ଏତଦ୍ୱାରା ନିମ୍ନ ଅନୁସୂଚିତ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି ।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୧(୧) ଧାରା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟରେ ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ୧୫ ଧାରା ଅନୁଯାୟୀ ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

୧. ସର୍ବ ଉଦ୍ଦେଶ୍ୟର ସ୍ୱରୂପ – କୋରାପୁଟ–ସିଙ୍ଗାପୁର ରୋଡ ଦୋହରୀକରଣ ରେଳପଥ ପ୍ରକଳ୍ପ ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ଉପମୁଖ୍ୟ ଯନ୍ତ୍ରୀ (ନିର୍ମାଣ–III) ପୂର୍ବତଟ ରେଳପଥ, ବିଶାଖାପାଟଣା/କୋରାପୁଟ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଉକ୍ତ ପ୍ରକଳ୍ପ ପାଇଁ SIA Study vide No.1303/NCDS, ତାରିଖ ୨୪.୦୨.୨୦୨୩ ଦ୍ରଷ୍ଟବ୍ୟ ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ଜିଲ୍ଲାପାଳ, ରାୟଗଡା।
୬. ଜମିର ବିବରଣୀ:

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| ରାୟଗଡା | କଲ୍ୟାଣ ସିଂହପୁର | କାଣିପାଇ | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ଏଥି ସହିତ ସଂଲଗ୍ନ ଅଛି | ୨.୦୦୦ | ୧.୧୬୪ | ଏଥି ସହିତ ସଂଲଗ୍ନ ଅଛି |

ଉକ୍ତ ଭୂମିର ଏକ ନକ୍ସା ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ ରାୟଗଡାଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସ ମାନଙ୍କରେ ଦେଖିବାକୁ ମିଳିପାରିବ । ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ରାୟଗଡା ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଜିଲ୍ଲାପାଳ, ରାୟଗଡା

**ବ୍ୟକ୍ତିଗତ ଜମି**

| କ୍ରମିକ ନଂ. | ୧ ଖତିୟାନ ନଂ. | ୨ ପ୍ଲଟ ନଂ. | ୩ ମୌଜା | ୪ ଗ୍ରା.ପ. | ୫ ରକବା | ୬ ଅଧିଗ୍ରହଣ ରକବା | ୭ କିସମ | ୮ ଅଭିଲିଖିତ ରୟତ ନାମ |
|---|---|---|---|---|---|---|---|---|
| ୧ | ୨୯/୧୩ | ୬୦ | କାଣିପାଇ | ସିକରପାଇ | ୦.୪୯୦ | ୦.୪୯୦ | ଡଙ୍ଗର ଦୁଇ | କାରାସିକା ଆପି,ପି–କାରାସିକା ବାଇତ |
| ୨ | ୨୯/୨୪ | ୬୧ | କାଣିପାଇ | ସିକରପାଇ | ୦.୪୬୦ | ୦.୪୬୦ | ଡଙ୍ଗର ତିନି | କାଡ୍ରାକା ସୁକୁରୁ, କାଡ୍ରାକା ମୂର୍ତ୍ତି, କାଡ୍ରାକା ମୁନି, କାଡ୍ରାକା ମଣି, ପି–କାଡ୍ରାକା ରେଲି |
| | | ୬୩ | କାଣିପାଇ | ସିକରପାଇ | ୦.୦୫୦ | ୦.୦୫୦ | ଡଙ୍ଗର ତିନି | |
| ୩ | ୨୯/୨୩ | ୬୩/୨୧୫ | କାଣିପାଇ | ସିକରପାଇ | ୧.୦୦୦ | ୦.୧୬୪ | ଡଙ୍ଗର ତିନି | କାଡ୍ରାକା କେଟୁ, ପି–କାଡ୍ରାକା କେଶ, କାଡ୍ରାକା ପାଲେ, ସ୍ୱା–କାଡ୍ରାକା କେଶ |
| | | | | ମୋଟ ଏ | ୨.୦୦୦ | ୧.୧୬୪ | | |

ସ୍ୱା./–ତହସିଲଦାର ତଥା ଭୂ–ଅର୍ଜନ ଅଧିକାରୀ,
କଲ୍ୟାଣସିଂହପୁର, ଜିଲ୍ଲା–ରାୟଗଡ଼ା
OIPR-24169/14/0013/2324

## ସଂକ୍ଷେପରେ

### ୩,୬୮୬ ହିତାଧିକାରୀ ଭତ୍ତା ଯୋଜନାରେ ସାମିଲ

**ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ବ୍ଲକର ୩,୬୮୬ ବୃଦ୍ଧାବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ମଧୁବାବୁ ପେନସନ ଯୋଜନାରେ ସାମିଲ ହୋଇଛନ୍ତି। ସେମାନଙ୍କୁ ଅଗଷ୍ଟ ୧୫ରେ ବ୍ଲକ ପକ୍ଷରୁ ଭତ୍ତା ପ୍ରଦାନ କରାଯିବ। ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କ ମଧ୍ୟରେ ୨,୯୭୫ ବୃଦ୍ଧାବୃଦ୍ଧ, ୪୪୪ ବିଧବା ଓ ୨୬୭ ଦିବ୍ୟାଙ୍ଗ ରହିଛନ୍ତି। ଉକ୍ତ ବ୍ଲକରେ ପ୍ରଥମଥର ପାଇଁ ବହୁ ସଂଖ୍ୟକ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯିବ। ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଓ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କ ପାଇଁ ଏହା ସମ୍ଭବପର ହୋଇପାରିଛି। ଭତ୍ତାଧିକାରୀ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ବିଡିଓ ବଳ ସୂଚନା ଦେଇଛନ୍ତି। ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ୩୮୫ଜଣଙ୍କୁ ସାମିଲ ପାଇଁ ପ୍ରସ୍ତାବ ରହିଛି। ପୂର୍ବରୁ ଏହି ବ୍ଲକରେ ୧୨,୮୦୯ଜଣଙ୍କୁ ଭତ୍ତା ଦିଆଯାଉଥିବାବେଳେ ଏହି ସଂଖ୍ୟା ଏବେ ୧୬,୪୯୫ରେ ପହଞ୍ଚିଛି।

### ବେଆଇନ ଖନନବେଳେ କମ୍ପ୍ରେସର ଜବତ

**ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ତହସିଲ ଅନ୍ତର୍ଗତ ବାଜବାଟିସ୍ଥିତ ୧ ନମ୍ବର ଖାଦାନରେ ବେଆଇନ ଖନନବେଳେ ତହସିଲ ପକ୍ଷରୁ ଚଢ଼ାଉ କରାଯାଇ ଏକ କମ୍ପ୍ରେସର ମେଶିନ ଜବତ କରାଯାଇଛି। ବାଜବାଟି ୧ ନମ୍ବର ଖାଦାନକୁ ନିଲାମ ଦିଆଯାଇ ନାହିଁ। ମାତ୍ର ପଥର ମାଫିଆ ମେଶିନ ଲଗାଇ ଖନନ କରି କଳାପଥର ଚାଲାଣ କରି ବିପୁଳ ପରିମାଣର ଲାଭ କରୁଛନ୍ତି। ଶୁକ୍ରବାର ବେଆଇନ ଖନନ ହେଉଥିବା ଖବର ପାଇ ଅତିରିକ୍ତ ତହସିଲଦାର ଭବେଶ କୁମାର ମାଝି, ନାକପୋଲ ରାଜସ୍ୱ ନିରୀକ୍ଷକ ବିରଞ୍ଚି ନାରାୟଣ ବୋଇତେଇ, ଅତିରିକ୍ତ ଆର୍‌ଆଇ ଜଗବନ୍ଧୁ ଜେନା ଓ ନିର୍ମଳ ପଣ୍ଡା ପ୍ରମୁଖ ଚଢ଼ାଉ କରିଥିଲେ। ଏନେଇ ମେଶିନ ମାଲିକ ଓ ଅପରେଟରଙ୍କ ନାମରେ ଥାନାରେ ମାମଲା ରୁଜୁ ହୋଇଥିବା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି।

### ଆଇଟିଆଇ ପରିସରରୁ ସାମଗ୍ରୀ ଚୋରି

**ଧର୍ମଶାଳା,୧୧।୮ (ବଟକୃଷ୍ଣ ପରିଡ଼ା)**

ଧର୍ମଶାଳା ଥାନା ଅନ୍ତର୍ଗତ ପୁରୁଣା ଆଇଟିଆଇ କେନ୍ଦ୍ର ପରିସରରେ ରଖାଯାଇଥିବା ଏକ ପ୍ରଚାର ଗାଡ଼ିରୁ ମେଶିନ ସମେତ ବିଭିନ୍ନ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଉପନିର୍ବାଚନ ପାଇଁ ବିଜେଡି ପକ୍ଷରୁ ମାଇକ ପ୍ରଚାର ଗାଡ଼ି ଗୁରୁବାର ରାତିରେ ପୁରୁଣା ଅଇଟିଆଇ ପରିସରରେ ଥିଲା। ଦୁର୍ବୃତ୍ତ ଗାଡ଼ି କାଚ ଭାଙ୍ଗି ୫୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ମାଇକ ମେଶିନ, କଡଲେସ ଫୋନ ଓ ଏଲଇଡ ଲାଇଟ ଚୋରି କରିନେଇଛନ୍ତି। ଏନେଇ ପୁରୁଣା ଅଇଟିଆଇରେ ଚାଲିଥିବା ସିଲେଇ ମେସିନ କେନ୍ଦ୍ରର କର୍ମଚାରୀ ଚିନ୍ମୟୀ ପ୍ରସାଦ ସାହୁ ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଏଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ପୋଲିସ ସ୍ଥାନୀୟ ଅଞ୍ଚଳର ୪ ଜଣଙ୍କୁ ଥାନାକୁ ନେଇ ପଚରାଉଚରା କରୁଥିବା ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ଆଦର୍ଶ କୃଷକଙ୍କ ପରଲୋକ

**ବରୀ,୧୧।୮ (ମହେନ୍ଦ୍ର ସ୍ୱାଇଁ)**

ବରୀ ବ୍ଲକ ମନ୍ଦାରୀ ପଞ୍ଚାୟତ ବେଞ୍ଚାରାପୁର ଗ୍ରାମର ଆଦର୍ଶ କୃଷକ ଉଦୟନାଥ ଜେନାଙ୍କ ପରଲୋକ ହୋଇଯାଇଛି। ତାଙ୍କୁ ୮୪ ବର୍ଷ ବୟସ ହୋଇଥିଲା। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ନିଆଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ମରଶରୀର ଗ୍ରାମରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଜେନା ମନ୍ଦାରୀ ସମବାୟ ସମିତିର ସଭ୍ୟ ହୋଇ କୃଷକଙ୍କ ସମସ୍ୟା ସମାଧାନ କ୍ଷେତ୍ରରେ ଉଦ୍ୟମ କରି ଜଣେ ସଫଳ କୃଷକ ଭାବେ ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ମନୋରଞ୍ଜନ ମୁଖାଗ୍ନି ଦେଇଛନ୍ତି। ମୃତ୍ୟୁ ଖବର ପାଇ ବରୀ ବିଧାୟିକାଙ୍କ ପ୍ରତିନିଧି ଦେବେନ୍ଦ୍ର ଦାସ, ଜିଲା ବିଜେଡି ଉପସଭାପତି ପର୍ଶୁରାମ ଜେନା, ବିଜୟ କୁମାର ସାହୁ, ଉମେଶ କୁମାର ଜେନା, ଯୁବ ସାମାଜିକ କର୍ମୀ ହରିହର ପଣ୍ଡା ଓ ମନ୍ଦାରୀ ସମବାୟ ସମିତିସଭ୍ୟ ଅନିରୁଦ୍ଧ ମଲ୍ଲ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବନ୍ୟାରେ ଧୋଇଗଲା ଗ୍ରାମ୍ୟ ଉନ୍ନୟନ ରାସ୍ତା

**ବରୀ,୧୧।୮ (ମହେନ୍ଦ୍ର ସ୍ୱାଇଁ)**

ବରୀ କଳାମାଟିଆ ରାସ୍ତାଠାରୁ ବାଲୁଙ୍କେଶ୍ୱର ମନ୍ଦିର ରାସ୍ତାକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା ଚଳିତ ବର୍ଷ ସାମାନ୍ୟ ବନ୍ୟାରେ ଧୋଇଯାଇଛି। ଫଳରେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ବ୍ଲକ କାର୍ଯ୍ୟାଳୟ, ବରୀ-ରାମଚନ୍ଦ୍ରପୁର ଥାନାକୁ ଆସୁଥିବା ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଗୋପବନ୍ଧୁ ଚୌଧୁରୀ ମହାବିଦ୍ୟାଳୟକୁ ଅଧ୍ୟୟନ ନିମନ୍ତେ ଆସୁଥିବା ଛାତ୍ରୀଛାତ୍ର ମଧ୍ୟ ଅସୁବିଧାରେ ପଡୁଛନ୍ତି। ତେଣୁ ଏହାକୁ ତୁରନ୍ତ ମରାମତି କରିବାକୁ ଦାବି ହୋଇଛି। ଏହି ରାସ୍ତା ଦେଇ ଏକ ସପ୍ତାହ ଧରି ଆମ୍ବୁଲାନ୍ସ ଯାତାୟାତ ବନ୍ଦ ରହିଛି।


ବନ୍ୟାରେ ରାସ୍ତା ଧୋଇ ହୋଇଯାଇଛି।

ବିଗତ ଦିନରେ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ କରାଯାଇଥିଲା। ହେଲେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବରୁ ରାସ୍ତା ଅଣଓସାରିଆ ହେବା ସହିତ କମ ଉଚ୍ଚତା ବିଶିଷ୍ଟ ହୋଇଛି। ରାସ୍ତାରେ ଗୋଟିଏ ମାତ୍ର ବକ୍ସ କଲଭର୍ଟ ନିର୍ମାଣ କରାଯାଇଛି। ତେଣୁ ଉପରମୁଣ୍ଡରୁ ବନ୍ୟା ଓ ବର୍ଷା ଜଳ ଠିକ୍‌ଭାବେ ଏକ ମାତ୍ର ବକ୍ସ କଲଭର୍ଟ ଦେଇ ନିଷ୍କାସନ ହୋଇ ପାରୁ ନ ଥିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ବରୀ ଅଞ୍ଚଳର ବିବେକାନନ୍ଦ ନାଥଙ୍କ ନେତୃତ୍ୱରେ ସଞ୍ଜୟ କୁମାର ପାଢ଼ୀ, ସୀତାକାନ୍ତ ନାଥଶର୍ମା, ନୃସିଂହ ପତି, ଧନଞ୍ଜୟ ସାମଲ, ରତିକାନ୍ତ ନାଥ, ଧୀରେନ୍ଦ୍ର କୁମାର ପାଢ଼ୀ ପ୍ରମୁଖ ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି। ରାସ୍ତାର ଉଚ୍ଚତାକୁ ୫ ଫୁଟ ବୃଦ୍ଧି କରିବା ସହ ଅଧିକ ବକ୍ସ କଲଭର୍ଟ ନିର୍ମାଣ କରି ସମ୍ପ୍ରସାରଣ କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

## ୨ ଭାଇଙ୍କ ଘର ଜଳିଗଲା


ଘର ଜଳିଯାଇଛି।

**ବାଲିଚନ୍ଦ୍ରପୁର,୧୧।୮ (ଗିରିଜା ପ୍ରସାଦ ସାହୁ)**

ଦର୍ପଣ ତହସିଲ ନଳୀପୁର ପଞ୍ଚାୟତସ୍ଥିତ ୮ ନମ୍ବର ୱାର୍ଡ ସେକମହଲା ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସେକ୍ ମସିର ଓ ସେକ୍ ବସିର ୨ ଭାଇଙ୍କ ଦୁଇ ବଖରା ଜଳିପୋଡ଼ି ପାଉଁଶ ହୋଇଯାଇଛି। ନିଆଁକୁ ଆୟତ୍ତ କରିବାକୁ ସ୍ଥାନୀୟ ଲୋକେ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ବିଳମ୍ବରେ ଚଣ୍ଡିଖୋଲ ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସବୁକିଛି ଜଳି ଯାଇଥିଲା। ଶୁକ୍ରବାର ବାଲିଚନ୍ଦ୍ରପୁରର ଆର୍‌ଆଇ ଘଟଣାସ୍ଥଳ ପରିଦର୍ଶନ କରି କେବଳ ପଲିଥିନ ଜରିପାଲ ଯୋଗାଇ ଦେଇଥିବା ଜଣାପଡ଼ିଛି। ସମସ୍ତ ଆସବାବପତ୍ର ଜଳିଯାଇଥିବାରୁ ଉକ୍ତ ପରିବାର ଏବେ ଅସହାୟ ଅବସ୍ଥାରେ ଅଛନ୍ତି। ସରକାରଙ୍କ ତରଫରୁ ବିପନ୍ନ ପରିବାରକୁ ସହାୟତା ଯୋଗାଇଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ବିଦ୍ୟୁତ୍ ଶଟସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

## ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ ପାଳିଲା ନବନିର୍ମାଣ କୃଷକ ସଙ୍ଗଠନ


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ ପାଳନ କରାଯାଉଛି।

**ଯାଜପୁର ଟାଉନ,୧୧।୮ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି)**

ନବନିର୍ମାଣ କୃଷକ ସଂଗଠନର ଆହ୍ୱାନକ୍ରମେ ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶୁକ୍ରବାର ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ ସପ୍ତାହ ପାଳନ କରାଯାଇଛି। ଜିଲାର ବିଭିନ୍ନ ଅଞ୍ଚଳରୁ ଶତାଧିକ ଚାଷୀ ଯୋଗଦେଇ ଏଥିରେ ଭାଗ ନେଇଥିଲେ। ସଂଗଠନ ରାଜ୍ୟ ସହସଂଯୋଜକ ନିମାଇଁ ରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସର୍ବଧର୍ମ ପ୍ରାର୍ଥନା କରାଯାଇ ଅନାନରତ କୃଷକ ନେତା ଅକ୍ଷୟ କୁମାରଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ କାମନା କରାଯାଇଥିଲା। ଓଡ଼ିଶାର ଜନସାଧାରଣ ନବୀନ ସରକାରଙ୍କୁ ଶାସନରେ ବସାଇ ଅନୁତପ୍ତ ବୋଲି ରାୟ ମତବ୍ୟକ୍ତ କରିଥିଲେ। ଚାଷୀଙ୍କୁ ବାରମ୍ବାର ଭୁବନେଶ୍ୱର ଭିତରକୁ ନ ଛାଡ଼ିବା, ସେମାନଙ୍କ ଦାବି ନ ଶୁଣିବା, ମଦର ପ୍ରସାର ହେବା, ନାରୀକୁ ସୁରକ୍ଷା ନ ଦେବା, ଦୁର୍ନୀତି, ଭ୍ରଷ୍ଟାଚାର ବ୍ୟାପିବା, ହିଂସା, ବଳାତ୍କାରକୁ ରୋକି ନ ପାରିବା, କୋଇଲା, ଲୁହା, ବକ୍‌ସାଇଟ୍, କ୍ରୋମାଇଟ୍‌ର ଲୁଟ୍ ଆଦି ରାଜ୍ୟ ସରକାରଙ୍କ ନୀତିଦିନିଆ କାର୍ଯ୍ୟ ବୋଲି ସେ ଅଭିଯୋଗ କରିଥିଲେ। ସତ୍ୟାଗ୍ରହରେ ଯାଜପୁର ବ୍ଲକ୍ ସଂଯୋଜକ ଦିଲୀପ ଶଙ୍କର ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧବ ଶାନ୍ତି, ଶିଶିର ସାମଲ, ଡ. ଦାମୋଦର ଦାସ, ବଲ୍ଲଭ ଜେନା, ପ୍ରତାପ ନାୟକ, ବ୍ରହ୍ମାନନ୍ଦ ଦାଶ, ପ୍ରଶାନ୍ତ ସ୍ୱାଇଁ, ଅଜୟ ରାଉତ ଓ ସୁବ୍ରତ ସାହୁ ପ୍ରମୁଖ ସତ୍ୟାଗ୍ରହୀମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ବ୍ରହ୍ମବରଦା ଥାନାରେ ନାହାନ୍ତି ଆଇଆଇସି

**ବ୍ରହ୍ମବରଦା,୧୧।୮ (ଯଯାତି କେଶରୀ ବେହେରା)**

ବ୍ରହ୍ମବରଦା ଥାନାରେ ଆଇଆଇସି ନାହାନ୍ତି। ସେହିପରି ଅନ୍ୟ କର୍ମଚାରୀ ମଧ୍ୟ ନିଯୁକ୍ତ ହୋଇ ପାରିନାହାନ୍ତି। ଫଳରେ ଏଠାରେ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଅଭିଯୋଗକାରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏକ ମାସ ପୂର୍ବେ ଥାନା ଅଧିକାରୀ ଏସ୍ ଦଶରଥି ପାତ୍ର ବଦଳି ହୋଇ ନୟାଗଡ଼ ଜିଲାକୁ ଯିବାପରେ ଏଠାରେ ଆଇଆଇସି ପଦବୀ ଖାଲି ପଡ଼ିଛି। ରାଜ୍ୟ ପୋଲିସ ମୁଖ୍ୟ କାର୍ଯ୍ୟାଳୟରୁ ଅଦଳବଦଳ କରାଯାଇଥିବା ଲିଷ୍ଟିରେ ବ୍ରହ୍ମବରଦା ଥାନା ଅଧିକାରୀ ଭାବେ ଶ୍ରବଣ ମହାରଣାଙ୍କୁ ଚୟନ କରାଯାଇଥିଲା, ମାତ୍ର ୨ ଦିନ ପରେ ତାଙ୍କୁ ପୁଣି ପାଣିକୋଇଲିସ୍ଥିତ ପୋଲିସ ଜିଲା ମୁଖ୍ୟ କାର୍ଯ୍ୟାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବ୍ରହ୍ମବରଦା ଫାଣ୍ଡିରୁ ଥାନାରେ ପରିଣତ ହୋଇଥିବାରୁ ଏଠାରେ ଆବଶ୍ୟକ ମୁତାବକ ଏସ୍‌ଆଇ, ଏଏସ୍‌ଆଇ ଓ କନଷ୍ଟେବଳ ପଦବୀ ଖାଲିପଡ଼ିଛି। ଯଦ୍ୱାରା ଠିକରେ ପୋଲିସ ପକ୍ଷରୁ ଲୋକଙ୍କ ସମସ୍ୟା ସମାଧାନ କରାଯାଇ ପାରୁନାହିଁ। ରାତ୍ର ପାଟ୍ରୋଲିଂ ମଧ୍ୟ ଠିକରେ ହୋଇପାରୁ ନାହିଁ। ଫଳରେ ଚୋରି, ଡକାୟତି ସହ ରାହାଜାନି ବଢ଼ିଚାଲିଛି। ତେଣୁ ତୁରନ୍ତ ଥାନାରେ ଖାଲିପଡ଼ିଥିବା ପଦବୀଗୁଡ଼ିକ ପୂରଣ କରିବାକୁ ସ୍ଥାନୀୟ ଗ୍ରାମବାସୀ ଦାବି କରିଛନ୍ତି।

## ଆଦିବାସୀ ଗୌରବ ପର୍ବ ପାଳିତ


ଆଦିବାସୀ ମହିଳାଙ୍କ ଗହଣରେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ।

**ଯାଜପୁରରୋଡ୍,୧୧।୮ (ପବିତ୍ର ରଞ୍ଜନ ମହାନ୍ତି)**

କୋରେଇ କଂଗ୍ରେସ ପକ୍ଷରୁ ବ୍ୟାସନଗରସ୍ଥିତ ଚୂନଭାଟି ପଡ଼ିଆଠାରେ ଆଦିବାସୀ ଗୌରବ ପର୍ବ ପାଳିତ ହୋଇଯାଇଛି। ଶତାଧିକ ଆଦିବାସୀ ମହିଳା ଓ ପୁରୁଷଙ୍କ ଗହଣରେ ମୁଖ୍ୟ ଅତିଥିଭାବେ ରାଜ୍ୟ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ା ଓ ଆଦିବାସୀ ନେତା ତଥା ଫେରରୋକ୍ରୋମ କାରଖାନାର ଅଧିକାରୀ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର ସଭାପତି ଦିଲୀପ ମଲ୍ଲିକ, କୋରେଇ ସଭାପତି ଅକ୍ଷୟ ଜେନା, ଜିଲା ମହିଳା ସଭାନେତ୍ରୀ ରିତାଶ୍ରୀ ମହାନ୍ତି, ଆରତି ସ୍ୱାଇଁ, ପ୍ରତିମା ରାଉତ, କଉନସିଲର ଅନ୍ନପୂର୍ଣ୍ଣା ତରେଇ, ରବୀନ୍ଦ୍ର ରାଉତ, ପୂର୍ବତନ କାଉନସିଲର ଦିଲୀପ ଜେନା, ପ୍ରଭାତ ମହାପାତ୍ର, କୋରେଇ ଓ ରସୁଲପୁର ବ୍ଲକ କଂଗ୍ରେସର କର୍ମକର୍ତ୍ତା ଯୋଗ ଦେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ଆଦିବାସୀ ନୃତ୍ୟ ପରିବେଷଣ କରାଯାଇଥିଲା।

ଏହି ଅବସରରେ ଅନୁଷ୍ଠିତ ସଭାରେ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ଆଦିବାସୀଙ୍କ ଉପରେ ହେଉଥିବା ଅତ୍ୟାଚାର ସମ୍ପର୍କରେ ବକ୍ତାମାନେ କହିଥିଲେ। ମଣିପୁର ରାଜ୍ୟର ଆଦିବାସୀ ମହିଳାଙ୍କୁ ଯେପରି ଉଲଗ୍ନ କରି ରାଜରାସ୍ତାରେ ଚଲାଗଲା ଓ କଳିଙ୍ଗନଗରଠାରେ ୨୦୦୨ରେ କମ୍ପାନୀର ଜମି ଅଧିଗ୍ରହଣ ବେଳେ ୧୪ ନିରୀହ ଆଦିବାସୀଙ୍କୁ ଗୁଳି କରି ହତ୍ୟାକରାଗଲା, ତା'ଉପରେ ଆଲୋଚନା କରାଯାଇଥିଲା। ଆଦିବାସୀଙ୍କ ମୌଳିକ ଅଧିକାରକୁ ଉଭୟ ସରକାର ଅଣଦେଖା କରୁଥିବାରୁ ବହୁ ଗରିବ ଆଦିବାସୀ ସରକାରଙ୍କ ବିରୋଧରେ ଲଢ଼େଇ ପାଇଁ ମାଓବାଦୀଙ୍କୁ ମାଧ୍ୟମ କରୁଛନ୍ତି ବୋଲି ମତ ପ୍ରକାଶ ପାଇଥିଲା।

## ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଗୃହର ଶିଳାନ୍ୟାସ

**ଚଣ୍ଡିଖୋଲ,୧୧।୮ (ପ୍ରଦୀପ୍ତ କୁମାର ପୃଷ୍ଟି)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବାଲିଚନ୍ଦ୍ରପୁରଠାରେ ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନୂତନ ସମ୍ପ୍ରସାରିତ ଗୃହର ଶିଳାନ୍ୟାସ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଛନ୍ତି। ୩୫ ଲକ୍ଷ ଟଙ୍କା ବ୍ୟୟରେ ଏହି କାର୍ଯ୍ୟାଳୟ ଗୃହ ନିର୍ମାଣ ହେବ ବୋଲି ସହକାରୀ ଯନ୍ତ୍ରୀ ଅଜୟ କୁମାର ଦାସ ସୂଚନା ଦେଇଛନ୍ତି। ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପସଭାପତି ଗଣେଶ୍ୱର ବରାଳ, ଜିଲା ପରିଷଦ ସଭ୍ୟ ଅରବିନ୍ଦ ସାମଲ, ଯତୀନ୍ଦ୍ର ନାୟକ,


ବିଧାୟକ ନୂତନ ଗୃହର ଶିଳାନ୍ୟାସ କରୁଛନ୍ତି।

ପୂର୍ବତନ ଜିଲା ପରିଷଦ ସଭ୍ୟ ସାରଦା ପ୍ରସନ୍ନ ମହାନ୍ତି, ବିପିନ ବିହାରୀ ଜେନା, ସୋଭାଗ୍ୟଲକ୍ଷ୍ମୀ ବଳ, ଅଭିମନ୍ୟୁ ବଳ, ସଞ୍ଜୟ ମହାରଣା, ମିହିର କୁମାର ସ୍ୱାଇଁ, ଅମର ମହାନ୍ତି, ସୁରେଶ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ଅନାଦି ସାହୁ, ପ୍ରଭାତ ବେହେରା, ଫଣିନ୍ଦ୍ର ପଣ୍ଡା ଓ ଅନନ୍ତ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ପିଙ୍କୁ ଅଭିଯୋଗକଲେ ଗ୍ରାମବାସୀ

### ଗାଁରେ ଅରାଜକତା ସୃଷ୍ଟି କରୁଛନ୍ତି ନାବାଳକ

**ଯାଜପୁର ଟାଉନ,୧୦।୮ (ପ୍ରଜ୍ଞା ପ୍ରିୟଦର୍ଶନୀ ମହାନ୍ତି)**

ଯାଜପୁର ସଦର ଥାନା ଅନ୍ତର୍ଗତ ସୁଜନପୁର ଗ୍ରାମର ଜଣେ ନାବାଳକ ୨ବର୍ଷ ହେବ ଗାଁରେ ଅରାଜକତା ସୃଷ୍ଟି କରୁଛନ୍ତି। ଏଥିରେ ଅତିଷ୍ଠ ହୋଇ ଗ୍ରାମବାସୀ ବିଭିନ୍ନ ସମୟରେ ଥାନାର ଦ୍ୱାରସ୍ଥ ହେବାପରେ ନ୍ୟାୟ ପାଇବାରେ ବିଳମ୍ବ ହେବାରୁ ବାଧ ହୋଇ ଯାଜପୁର ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗତ କିଛିଦିନ ହେବ ସମ୍ପୃକ୍ତ ନାବାଳକ ରାସ୍ତାରେ ଯାଉଥିବା ଲୋକ, ଛୋଟ ପିଲା ଓ ଝିଅ ବୋହୂଙ୍କୁ ଆକ୍ରମଣ କରିବା ସହ ଟେକା ପଥର ମାଡ଼ କରୁଛନ୍ତି। ମାରଣାସ୍ତ୍ର ଧରି ଭୟଭିତ କରିବା ଦ୍ୱାରା ଗ୍ରାମରେ କୋକୁଆଭୟ ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀ ସମ୍ପୃକ୍ତ ନାବାଳକଙ୍କ ବାପାଙ୍କୁ ଜଣାଇଥିଲେ ମଧ୍ୟ ସେ ତାଙ୍କ ପୁତ୍ରଙ୍କୁ ଘଣ୍ଟ ଘୋଡ଼ାଇବା ସହ ପୁଅର ମୁଣ୍ଡ ଦୋଷ ଅଛି ବୋଲି କହି ପରୋକ୍ଷରେ ଗ୍ରାମବାସୀଙ୍କୁ ଚେତାବନୀ ଦେଉଛନ୍ତି। ବିଗତ ଦିନରେ ସମ୍ପୃକ୍ତ ନାବାଳକଙ୍କ ଏପରି ବର୍ବରରିଚ କାଣ୍ଡରେ ଅତିଷ୍ଟ ହୋଇ ତାଙ୍କ ନିଜ ବଡ଼ବାପା ଗ୍ରାମ ଛାଡି ଅନ୍ୟତ୍ର ରହୁଛନ୍ତି। ତାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିବା ଗ୍ରାମବାସୀଙ୍କୁ ମଧ୍ୟ ଧମକ ମିଳିଥିବା ନେଇ ଅଭିଯୋଗ ହୋଇଛି। ସମ୍ପୃକ୍ତ ନାବାଳକ ଜଣକ ନିଜ ବୟସକୁ ଅପବ୍ୟବହାର କରି ଏପରି ଅରାଜକତା ସୃଷ୍ଟି କରୁଛନ୍ତି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ଗ୍ରାମବାସୀ ଏସ୍‌ପିଙ୍କ ନିକଟରେ ଦାବି କରିଛନ୍ତି। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଆଦିବାସୀ ଛାତ୍ରାବାସ ଉଦ୍‌ଘାଟିତ

**କାଳିଆପାଣି,୧୧।୮ (ଅସିତ ମହାନ୍ତ)**

ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ଚିଙ୍ଗୁଡ଼ିପାଳ ପଞ୍ଚାୟତର ଦେଓଗାଁଠାରେ ୨୦୦ ଶହ ଶଯ୍ୟା ବିଶିଷ୍ଟ ଏକ ଆଦିବାସୀ ଛାତ୍ରାବାସ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ଏହାର ଉଦ୍‌ଘାଟନ କରିଛନ୍ତି। ପୂର୍ତ୍ତ ବିଭାଗ ପକ୍ଷରୁ ୪ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଛାତ୍ରାବାସରେ ୧୦୦ ଶଯ୍ୟା ବାଳକ ଓ ୧୦୦ ଶଯ୍ୟା ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ରହିଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଅବସରରେ ଆୟୋଜିତ ଏକ ସଭାରେ ସୁକିନ୍ଦା ରିଜିୟନ କ୍ରୋମାଇଟ ଖାଦାନ ମଜଦୁର ସଂଘ ସାଧାରଣ ସମ୍ପାଦକ ନାରାୟଣ ଚନ୍ଦ୍ର ଧୀର ଅଧ୍ୟକ୍ଷତା କରିଥିଲେ। ସୁକିନ୍ଦା ବ୍ଲକ ଅଧ୍ୟକ୍ଷ ଦିବ୍ୟରଞ୍ଜନ ବରାଳ, ଉପାଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲା ପରିଷଦ ସଭ୍ୟା ଜେମା ଚାଖି, ସରପଞ୍ଚ ଅଞ୍ଜଳି ଦେହୁରୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ ଧନ୍ୟବାଦ ଦେଇଥିଲେ।


ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼େଇ ଆଦିବାସୀ ଛାତ୍ରାବାସ ଉଦ୍‌ଘାଟନ କରୁଛନ୍ତି।

## ଇଚ୍ଛାପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ

**ରସୁଲପୁର,୧୧।୮ (ରଞ୍ଜିତ ରାଉତ)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତସ୍ଥିତ ଇଚ୍ଛାପୁର ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପ୍ରଧାନଶିକ୍ଷୟିତ୍ରୀ ସ୍ନେହଲତା ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ଜିଲାର ଅଗ୍ରଣୀ ପୁରାତନ ବିଦ୍ୟାଳୟଗୁଡିକ ମଧ୍ୟରେ ଏହି ବିଦ୍ୟାଳୟ ଅନ୍ୟତମ। ୧୯୦୬ରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରୁ ବହୁ ପ୍ରତିଭାବାନ ବିଦ୍ୟାର୍ଥୀ ସୃଷ୍ଟି ହୋଇଛନ୍ତି। ଅନେକ ଦକ୍ଷତା ସମ୍ପନ୍ନ ଗୁରୁଜୀଗୁରୁମା ବିଦ୍ୟାଳୟକୁ ଗୌରବ ମଣ୍ଡିତ କରିଛନ୍ତି। ବିଦ୍ୟାଳୟର ସୁନାମ ବଢ଼ାଇବାରେ ଅଭିଭାବକ, ଶିକ୍ଷାପ୍ରେମୀ, ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ପ୍ରମୁଖ ଭୂମିକା ରହିଆସୁଛି। ତେଣୁ ପୁରାତନ ଛାତ୍ରମାନେ ବିଦ୍ୟାଳୟ ଗୌରବକୁ ବହୁଗୁଣିତ କରିବାରେ ବ୍ରତି ହୋଇପାରିଲେ ଅନୁଷ୍ଠାନର ଉନ୍ନତି ହୋଇପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ଏହି ଅବସରରେ ବିଦ୍ୟାର୍ଥୀମାନଙ୍କୁ ଅତିଥି ପୋଷାକ ବିତରଣ କରି ୟୁନିଫର୍ମର ଯତ୍ନ ନେବା ସହ ନିୟମିତ ବ୍ୟବଧାନରେ ସଫାସୁତୁରା ରଖିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସ୍ମୃତିରେଖା ରାଉତ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶେଷଦେବ ପତି, ସୁକାନ୍ତି ବାଇ, ସକୁନ୍ତଳା ଘଡ଼ାଇ, ପ୍ରଭାସିନୀ ଦ୍ୱିବେଦୀ, ବିଜୟଲକ୍ଷ୍ମୀ ଶତପଥୀ, ଯଶୋଦାରାଣୀ ସେଠୀ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ପ୍ରଭାତ କୁମାର ନାଥ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାର୍ଥୀଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ବିଦ୍ୟାଳୟ ପକ୍ଷରୁ ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଯୋଗଦେଇ କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହଯୋଗ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଶତପଥୀ ଧନ୍ୟବାଦ ଦେଇଥିଲେ।


ବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ଅବସରରେ ଛାତ୍ରୀଛାତ୍ରମାନଙ୍କୁ ପୋଷାକ ବଣ୍ଟନ କରାଯାଉଛି।

## ୧୬ ଗ୍ରାମ୍ ବ୍ରାଉନ୍‌ସୁଗାର ଜବତ

ଜଗତ୍‌ସିଂହପୁର, (ପ୍ରମୋଦ କୁମାର ନାୟକ): ଜଗତ୍‌ସିଂହପୁର ପୋଲିସ କାଠପୋଲ ନିକଟରେ ଶୁକ୍ରବାର ପାଟ୍ରୋଲିଂ କଲାବେଳେ ୧୬ ଗ୍ରାମ୍ ବ୍ରାଉନ୍‌ସୁଗାର ଓ ଏକ ମୋବାଇଲ ଜବତ କରିଛି। ଏନେଇଜଗତ୍‌ସିଂହପୁର ଥାନାରେ ମାମଲା (ନଂ.୫୧୦/୨୩) ରୁଜୁ କରାଯାଇଛି। ଏଥିସହ ଅଭିଯୁକ୍ତ ତଥା ଯଶୋବନ୍ତପୁରର ଦିବ୍ୟଜ୍ୟୋତି ବେହେରା ଓରଫ କାଳିଆ(୨୨)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି।

## ସଂକ୍ଷେପରେ

### ପୋଲିସକୁ ଗାଳିଗୁଲଜ, ହତ୍ୟା ଧମକ: ଜଣେ କୋର୍ଟ ଚାଲାଣ

**ମାର୍ଶାଘାଇ,୧୧।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ):** ମାର୍ଶାଘାଇ ଥାନା ଅନ୍ତର୍ଗତ ଦୁମୁକା ପଞ୍ଚାୟତର ଉପନିର୍ବାଚନ ପାଇଁ ପୋଲିସ ପକ୍ଷରୁ ରାତ୍ରକାଳୀନ ପାଟ୍ରୋଲିଂ ଏଏସଆଇ ସଞ୍ଜୀବ କୁମର ଖଟୁଆଙ୍କ ନେତୃତ୍ୱରେ ଚାଲିଥିଲା। ଥାନା ଅନ୍ତର୍ଗତ ଦୁମୁକା ଗ୍ରାମ ମଲିକସାହିର ନରେଶ ସେଠୀ (୩୬) ଓ ସହଯୋଗୀଙ୍କ ସହ ସନ୍ଦିଗ୍ଧ ଅବସ୍ଥାରେ ବୁଥ ଅଞ୍ଚଳରେ ବୁଲୁଥିବା ଦେଖିଥିଲେ। ତାକୁ ପଚରାଉଚରା କରାଯିବାରୁ ସେ ହଠାତ କ୍ରୋଧାନ୍ୱିତ ହୋଇ ପୋଲିସକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ଗାନ ପଏଣ୍ଟରେ ହତ୍ୟା ଧମକ ସହ ଆକ୍ରମଣ ଉଦ୍ୟମ କରିଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ହତ୍ୟା ଧମକ ଦେବା ଓ ପବ୍ଲିକ ସରଭ୍ୟାଣ୍ଟଙ୍କୁ ତାଙ୍କ ଆଇନଗତ କାର୍ଯ୍ୟରେ ବାଧା ଦେବା ଅଭିଯୋଗରେ ନରେଶଙ୍କୁ ଗିରଫ କରାଯାଇଛି। ଏନେଇ ନଂ. ୪୫୪/୨୩ ରେ ମାମଲା ରୁଜୁ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

### ଦାରିଦ୍ର୍ୟମୁକ୍ତ, ଉନ୍ନତ ଜୀବିକାଯୁକ୍ତ ପଞ୍ଚାୟତ ସମ୍ପର୍କିତ ତାଲିମ

**ରଘୁନାଥପୁର,୧୧।୮(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ ସଭାକକ୍ଷରେ ଦାରିଦ୍ର୍ୟ ମୁକ୍ତ ଓ ଉନ୍ନତ ଜୀବିକାଯୁକ୍ତ ଗ୍ରାମପଞ୍ଚାୟତ ସମ୍ପର୍କରେ ତାଲିମ ପ୍ରଦାନ କରାଯାଉଛି। ୫ ଦିନ ବ୍ୟାପୀ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୀର୍ଘସ୍ଥାୟୀ ବିକାଶ ସମ୍ପର୍କରେ ଆଲୋଚନା ହେବ। ଏଥିରେ ୪ ପଞ୍ଚାୟତର ସରପଞ୍ଚ, ପ୍ରତି ପଞ୍ଚାୟତର ୪ ଜଣ ୱାର୍ଡସଭ୍ୟ ଆଶା, ଅଙ୍ଗନୱାଡି କର୍ମୀ ଓ ସହାୟିକା, ମହିଳା ସଂଘ ଏମ୍ବିକେ, ସିଆରପି, ପ୍ରାଣୀମିତ୍ର, ବ୍ୟାଙ୍କମିତ୍ର ଓ ଗୋମିତ୍ର ଏବଂ ସ୍କୁଲ ଶିକ୍ଷକ ଉପସ୍ଥିତ ରହି ତାଲିମ ନେଉଛନ୍ତି। ସେମାନଙ୍କୁ ବିଡିଓ, ଏବିଡିଓ,ଏସ୍‌ଇଓ,ଏମଆଇ, ଜିପିଇଓ, ବିଏସ୍‌ଏସ୍‌କେଓ, ଵିଭିଓ, ଏଏଫ୍‌ଓ ଏବଂ ଏଏଓ ପ୍ରମୁଖ ତାଲିମ ଦେଉଛନ୍ତି। ଗ୍ରାମାଞ୍ଚଳର ଲୋକେ ଯେପରି ସରକାରଙ୍କ ବହୁମୁଖୀ ଯୋଜନାରୁ ଉପକୃତ ହୋଇ ନିଜର ଜୀବନ ଜୀବିକାକୁ ସୁଦୃଢ଼ କରିପାରିବେ ତାହାହିଁ ତାଲିମର ଉଦ୍ଦେଶ୍ୟ ବୋଲି ଜିପିଇଓ ସ୍ମାରକ ମହାନ୍ତି କହିଛନ୍ତି। ଏହାଛଡା ଗ୍ରାମର ସ୍ୱଚ୍ଛତା, ଉନ୍ନତ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଭତ୍ତା, ମୋ ଘର ଯୋଜନା, ବିଶୁଦ୍ଧ ପାନୀୟଜଳ ଓ ଅନ୍ୟ ସମସ୍ତ ବ୍ୟବସ୍ଥା ଯେପରି ଲୋକଙ୍କ ନିକଟରେ ପହଞ୍ଚିପାରିବ ଏବଂ ଦାୟିତ୍ୱରେ ଥିବା ଜନ ପ୍ରତିନିଧି ଓ ବିଭାଗୀୟ କର୍ମଚାରୀମାନେ ଏଥିପ୍ରତି ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଅଗଷ୍ଟ ୮ରୁ ଆରମ୍ଭ ହୋଇଥିବାବେଳେ କାର୍ଯ୍ୟକ୍ରମ ସୋମବାର ଶେଷ ହେବ। ଏହି ଅବସରରେ ପ୍ରତ୍ୟେକ ଦିନ ୧୦ରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଟ୍ରେନିଂ ଜାରି ରହିବ ବୋଲି ଜିପିଇଓ ମହାନ୍ତି ପ୍ରକାଶ କରିଛନ୍ତି।

# ନବନିର୍ମାଣ କୃଷକ ସଙ୍ଗଠନର ପ୍ରାୟଶ୍ଚିତ୍ତ ସତ୍ୟାଗ୍ରହ

ଜଗତ୍‌ସିଂହପୁର,୧୧।୮
(ପ୍ରମୋଦ କୁମାର ନାୟକ)

■ ଜିଲାର ଅର୍ଦ୍ଧାଧିକ ଜମିରେ ଜଳସେଚନ ସମ୍ଭବ ହୋଇନି

■ ଦଳେଇଘାଇ, ତରିକୁନ୍ଦ ନିକଟରେ କେନାଲ ଭାଙ୍ଗିବା ଘଟଣାର ତଦନ୍ତ ଦାବି


ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

ନବୀନ ପଟ୍ଟନାୟକଙ୍କୁ ଲୋକେ ମୁଖ୍ୟମନ୍ତ୍ରୀ କରିଥିଲେ ସୁଦ୍ଧା ସେ ବିଶ୍ୱାସ ରଖିପାରିନାହାନ୍ତି। ତେଣୁ ଲୋକଙ୍କୁ ପ୍ରାୟଶ୍ଚିତ୍ତ କରିବାକୁ ପଡୁଛି। ଏଭଳି ଅଭିଯୋଗ ଆଣି ଗତ ୯ କ୍ରାନ୍ତି ଦିବସରୁ ୧୫ ତାରିଖ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ରାଜ୍ୟବ୍ୟାପୀ ପ୍ରାୟଶ୍ଚିତ ସପ୍ତାହ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରାୟଶ୍ଚିତ ସତ୍ୟାଗ୍ରହ କରାଯାଇଥିଲା। ଏଥିରେ ଜିଲାରେ ଚାଷୀ ଓ ଚାଷ କ୍ଷେତ୍ରରେ ଦେଖା ଦେଇଥିବା ନାନା ସମସ୍ୟା, ଦୁର୍ନୀତି, ଅବହେଳା ଆଦି ଉପରେ ଆଲୋଚନା ହେବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଙ୍ଗଠନ ନେତାମାନେ କହିଥିଲେ, ମହାନଦୀ ନିମ୍ନ ଅବବାହିକା ଯଥା ତାଳଦଣ୍ଡା-ମାଛଗାଁ ମୁଖ୍ୟ କେନାଲର ଜଳଧାରଣ କ୍ଷମତା ଆଶାଜନକ ନାହିଁ। କାରଣ ଏପର୍ଯ୍ୟନ୍ତ ଜିଲାର ପ୍ରାୟ ଅର୍ଦ୍ଧାଧିକ ଚାଷଜମିକୁ ଜଳସେଚନ କରାଯାଇନାହିଁ। ଏଥିଯୋଗୁ ଚାଷୀ ଓ ଚାଷ କାର୍ଯ୍ୟ ଗୁରୁତର ପ୍ରଭାବିତ ହୋଇଛି। ତେଣୁ କେନାଲର ଜଳଧାରଣ କ୍ଷମତା ବୃଦ୍ଧି କରାଯିବାର ଆବଶ୍ୟକତା ରହିଛି। ଗତ କିଛି ବର୍ଷ ହେବ ରବି ଋତୁରେ କେନାଲ ମାଧ୍ୟମରେ ଜଳଯୋଗାଣ ହେଉନାହିଁ। ଚଳିତ ମାର୍ଚ୍ଚରୁ ଜୁନ୍ ମାସ ମଧ୍ୟରେ ମାଛଗାଁ ମୁଖ୍ୟ କେନାଲ ବନ୍ଦ ଥିଲା। କିନ୍ତୁ ଦୁର୍ବଳ ସ୍ଥାନଗୁଡିକର ମରାମତି କରାଗଲାନାହିଁ। ଏହାଦ୍ୱାରା ଜୁଲାଇ ୧୫ରେ ଦଳେଇ ଘାଇ ଓ ତରିକୁନ୍ଦ ନିକଟରେ କେନାଲ ଭାଙ୍ଗି ବ୍ୟାପକ କ୍ଷୟକ୍ଷତି ହେଲା। ଏବେ ବି ଅନ୍ୟ ସ୍ଥାନରେ କେନାଲ ବନ୍ଧ ଭାଙ୍ଗିବା ଆଶଙ୍କା ରହିଛି। ଏଥିପାଇଁ ପ୍ରକୃତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ। କେଉଁ କାରଣରୁ ଏଭଳି ଘଟିଲା ତା'ର ବିଚାର ବିଭାଗୀୟ କିମ୍ବା ସ୍ୱତନ୍ତ୍ର ଅନୁଧ୍ୟାନକାରୀ ଦଳ ଦ୍ୱାରା ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ସାର୍ବଜନୀନ କରାଯାଉ। ମାଛଗାଁ ମୁଖ୍ୟ କେନାଲ ବନ୍ଧ ଭାଙ୍ଗିବା ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଧାନ, ତଳିକ୍ଷେତ, ପନିପରିବା, ବୁଣାରୁଆ, ପୋତାଧାନର ଠିକ୍ ଆକଳନ କରାଯାଇ ସମ୍ପୃକ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ। ଏହାଛଡ଼ା କ୍ଷତିଗ୍ରସ୍ତ ବ୍ୟବସାୟୀଙ୍କ ପାଇଁ ମଧ୍ୟ ଚିନ୍ତା କରାଯାଉ। ପ୍ରତିବର୍ଷ ମୁଖ୍ୟ କେନାଲ ଓ ଜଳ ନିଷ୍କାସନ ପଥଗୁଡ଼ିକରେ ଭର୍ତ୍ତି ଦଳକୁ ମେ', ଜୁନ ସୁଦ୍ଧା ଉଚ୍ଛେଦ କରାଯାଇ ଏହାକୁ କମ୍ପୋଷ୍ଟ ବା ଦୈନିକ ଖତରେ ପରିଣତ କରାଯାଉ। ଚାଷୀ ଉତ୍ପାଦିତ ସମସ୍ତ ଦ୍ରବ୍ୟ ଯଥାସମୟରେ ଉପଯୁକ୍ତ ଦରରେ ବିକ୍ରି କରିବାକୁ ସୁନିଶ୍ଚିତ କରାଯାଉ। ଫନୀ, ଜୱାଦ ବାତ୍ୟା ସହାୟତାରୁ ବଞ୍ଚିତଙ୍କୁ ଅବିଳମ୍ବେ ସହାୟତା ଦିଆଯାଉ। ଏହାଛଡ଼ା ଜିଲାର ସମସ୍ତ ଜଳ ନିଷ୍କାସନ ପଥର ଉତ୍ପତ୍ତିସ୍ଥଳରୁ ମୁହାଣ ପର୍ଯ୍ୟନ୍ତ ସୁବିସ୍ତୃତ ଯୋଜନାର କାର୍ଯ୍ୟକାରୀ କରାଯିବା ପାଇଁ ଦାବି କରାଯାଇଥିଲ। ବଂଶୀଧର ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପ୍ରାୟଶ୍ଚିତ ସତ୍ୟାଗ୍ରହରେ ଅନ୍ୟମାନଙ୍କ ମଧ୍ୟରେ ସଙ୍ଗଠନ ରାଜ୍ୟସ୍ତରୀୟ ନେତା ରଶ୍ମିରଞ୍ଜନ ସ୍ୱାଇଁ, ଦେବୀପ୍ରସନ୍ନ ମହାରଣା, ଦୁର୍ଗାଚରଣ ସ୍ୱାଇଁ, ଅଶୋକ ସ୍ୱାଇଁ, ବିଷ୍ଣୁଚରଣ ଦାଶ, ଅନନ୍ୟା ମହାନ୍ତି, କୈଳାସ ଦାସ, ଅଭୟ ସ୍ୱାଇଁ, ବିଜୟ କୁମାର ମହାପାତ୍ର, ପ୍ରମୋଦ ମହାରଣା, ସୁରେଶ ପଟ୍ଟନାୟକ ଓ ନିରଞ୍ଜନ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

## ଦୁମୁକା ସମିତିସଭ୍ୟ ଉପନିର୍ବାଚନ: ନମିତା ବିଜୟୀ

ମାର୍ଶାଘାଇ,୧୧।୮ (ଶୁଭେନ୍ଦୁ ପ୍ରସାଦ ଚୌଧୁରୀ)



ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଦୁମୁକା ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଥିଲା। ଏହାର ଫଳ ଶୁକ୍ରବାର ପ୍ରକାଶ ପାଇଛି। ବିଜେଡି ସମର୍ଥିତ ପ୍ରାର୍ଥିନୀ ନମିତା ପ୍ରଧାନ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ସାବିତ୍ରୀ ପ୍ରଧାନଙ୍କୁ ୭୬୦ ଖଣ୍ଡ ଭୋଟ ବ୍ୟବଧାନରେ ହରାଇ ନିର୍ବାଚିତ ହୋଇଛନ୍ତି। ମୋଟ ମତଦାନ ହୋଇଥିବା ୨୩୫୩ ଖଣ୍ଡ ଭୋଟରୁ ନମିତାଙ୍କୁ ୧୫୩୨ ଖଣ୍ଡ ଭୋଟ ମିଳିଥିବାବେଳେ ସାବିତ୍ରୀଙ୍କୁ ୭୭୨ ଖଣ୍ଡ ଭୋଟ ମିଳିଥିଲା। ୪୯ ଖଣ୍ଡ ଭୋଟ ନାକଚ ହୋଇଥିଲା। ଭୋଟ ଗଣତି ସମୟରେ ନିର୍ବାଚନ ଅଧିକାରୀ ତଥା ବିଡିଓ ଉମାଶଙ୍କର ବେହେରା, ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଅଶୋକ କୁମାର ବେହେରା, ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରମେଶ ଚନ୍ଦ୍ର ସ୍ୱାଇଁ ଉପସ୍ଥିତ ଥିଲେ।

## ଏଏମ୍‌ଏନ୍‌ଏସ୍ ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ



ଏଏମ୍‌ଏନ୍‌ଏସ୍ ପକ୍ଷରୁ ବଣ୍ଟନ ହେବାକୁ ଥିବା ରିଲିଫ ସାମଗ୍ରୀ।

ପାରାଦୀପ,୧୧।୮(ଶରତ ରାଉତ)

ପାରାଦୀପର ଅନ୍ୟତମ କମ୍ପାନୀ ଏଏମ୍‌ଏନ୍‌ଏସ(ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ)ପକ୍ଷରୁ ଜଗତ୍‌ସିଂହପୁର ଜିଲାର ବନ୍ୟା ପ୍ରଭାବିତ ଲୋକଙ୍କ ପାଇଁ ରିଲିଫ ସାମଗ୍ରୀ ଯୋଗାଇ ଦିଆଯାଇଛି। କମ୍ପାନୀ ତାର ସିଏସଆର କାର୍ଯ୍ୟକ୍ରମ ଅଧୀନରେ ଶୁକ୍ରବାର ଶୁଖିଲା ଖାଦ୍ୟ, ପିଲାଙ୍କ ଖାଦ୍ୟ, ସାନିଟାରୀ ନାପକିନ ଆଦି ଦେଇଛନ୍ତି। କମ୍ପାନୀ ଅଧିକାରୀ ବିକାଶ ଯାଦଭେନ୍ଦୁ ଏହି ସାମଗ୍ରୀକୁ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଦେଇଥିଲେ।

## ଡକାୟତ ଗ୍ୟାଙ୍ଗର ୪ଗିରଫ: ମୋବାଇଲ, ସ୍କୁଟି ଜବତ

କେନ୍ଦ୍ରାପଡ଼ା, ୧୧।୮(ଜଗନ୍ନାଥ ଧଳ)



ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ପୋଲିସକୁ ଏକ ସଫଳତା ମିଳିଛି। କିଛିଦିନ ହେବ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଚୋରି, ରାହାଜାନି ଲୁଟ୍ ଭଳି ଘଟଣା ଘଟାଉଥିବା ଡକାୟତ ଗ୍ୟାଙ୍ଗର ୪ ଅଭିଯୁକ୍ତଙ୍କୁ ଶୁକ୍ରବାର ପୋଲିସ ଗିରଫ କରିଛି। ପୋଲିସ ତାଙ୍କଠାରୁ କଟୁରୀ, ଲୁହାରଡ଼, ସ୍କ୍ରୁ ଡ୍ରାଇଭର, ୫ଟି ଚୋରା ମୋବାଇଲ ସହ ଏକ ସ୍କୁଟି ଜବତ କରିଛି। ଏ ନେଇ ଥାନାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ ଏହି ସୂଚନା ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବିଭିନ୍ନ ସମୟରେ ଲୁଟେରା ଗ୍ୟାଙ୍ଗ ଚୋରି, ଲୁଟ ଓ କଲେଜ ଛାତ୍ରୀଙ୍କୁ ଛିନତାଇ କରୁଥିଲେ। ଯାହାକୁ ନେଇ ଦୀର୍ଘ ଦିନ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। ଏ ନେଇ ପୋଲିସ ଏହି ଗ୍ୟାଙ୍ଗକୁ ଧରିବାକୁ ଚଢାଉ ଜାରି ରଖିଥିଲା। ତେବେ ୯ ତାରିଖ ରାତ୍ରି ପାଟ୍ରୋଲିଂ ସମୟରେ ସବ୍ ଇନ୍‌ସପେକ୍ଟର ଅନ୍ତର୍ଯ୍ୟାମୀ ବିଶ୍ୱାଳ ବିଶେଷ ସୂତ୍ରରୁ ଖବରପାଇ ଅପରାଧ ଘଟାଇବା ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଅଚାନକ ଚଢ଼ାଉ କରିଥିଲେ। ଘଟଣାସ୍ଥଳରୁ ପୋଲିସ ୪ଜଣଙ୍କୁ ଗିରଫ କରିବାରେ ସକ୍ଷମ ହୋଇଥିଲା। ଗିରଫ ଡକାୟତ ହେଲେ ପଟ୍ଟାମୁଣ୍ଡାଇ ପୋଖରିଆପଡା ଗ୍ରାମର ବିକାଶ ମଲିକ, ବିକାଶ ମଲିକ, ପଟ୍ଟାମୁଣ୍ଡାଇ ୧୦ ନଂ. ୱାର୍ଡର ବିନୋଦ ମଲିକ ଓ ଗ୍ରାମାଞ୍ଚଳ ଥାନା ଅଧୀନ ଧନେଶ୍ୱର ମଲିକ। ତଦନ୍ତ ପରେ ଏମାନେ ପେସାଦାର ଅପରାଧୀ ବୋଲି ପୋଲିସ ଜାଣିବାକୁ ପାଇଛି। ଏମାନଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ଥିବା ଜଣାପଡିଛି। ଏ ନେଇ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାରେ ନଂ. ୪୬୩/୨୩ରେ ମାମଲା ରୁଜୁ କରାଯାଇଛି। ପୋଲିସ ସେମାନଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଏସଡିପିଓ ବେହୁରିଆ ସୂଚନା ଦେଇଛନ୍ତି।

## ସ୍ୱାଧୀନତା ଦିବସରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା, ୧୧।୮(ଜଗନ୍ନାଥ ଧଳ)

ଆଜିର ଯୁବପିଢି କାଲିର ଭବିଷ୍ୟତ। ମାତ୍ର ଆଜିର ଯୁବପିଢି ପାଶ୍ଚାତ ସଭ୍ୟତା ମୁହାଁ ହୋଇ ନିଶାକୁ ବହୁଳ ମାତ୍ରାରେ ଆପଣାଇଥିବା ଦେଖାଯାଉଛି। ଏପରିସ୍ଥିତିରେ ନିଶାନିବାରଣ ସଙ୍ଗଠନ 'ମୋନା' ରାଜ୍ୟ ସଙ୍ଗଠନ ନିଷ୍ପତ୍ତି କ୍ରମେ ରାଜକନିକା ନିଶା ନିବାରଣ ସଙ୍ଗଠନ ପକ୍ଷରୁ ଆଗାମୀ ସ୍ୱାଧୀନତା ଦିବସରେ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୈଳାଶ ଚନ୍ଦ୍ର ମଲ୍ଲିକଙ୍କ ଆବାହକତ୍ୱରେ ଏକ ପ୍ରସ୍ତୁତି ବୈଠକ କନିକା ରିଡିଂ ରୁମ ପରିସରରେ ଏହାକୁ ଆୟୋଜନ କରାଯାଇଛି। ଏହି ପ୍ରସ୍ତୁତ ବୈଠକରେ କାଳିପ୍ରସାଦ ନାୟକ, ଦାମୋଦର ଧଳ, ଗୋପୀନାଥ ଦାସ, ଦିଲୀପ ରାଉତ, କୈଳାଶ ନାୟକ, ବିଦ୍ୟୁତ୍ ପ୍ରସାଦ ରାଉତ ରାୟ, ଗୋପୀନାଥ ବିଶ୍ୱାଳ, ମାନସ ଓଝା, ସୁରେଶ ମିଶ୍ର ରମାକାନ୍ତ ନାୟକ, ଗୀତା ସିଂ ଦେଓ, ହଳଧର ମଲ୍ଲିକ, କୈଳାଶ ବେହେରା, ସମରେନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସ୍ୱାଧୀନତା ଦିବସରେ ହେବାକୁ ଥିବା ସଚେତନତା କାର୍ଯ୍ୟକ୍ରମ, 'ମୋନା'ର ମାସିକ ବୈଠକ, ସଭ୍ୟ ଅନୁଦାନ, ବ୍ଲକ ଜନ ଶୁଣାଣିରେ ମଦକୁ କିପରି ବନ୍ଦ କରିହେବ ସେ ବିଷୟରେ ଆଲୋଚନା କରିଥିଲେ। ଶେଷରେ ମଦ ବିରୋଧୀ ଆନ୍ଦୋଳନକୁ କିପରି ଗ୍ରାମାଞ୍ଚଳସ୍ତରୀୟ ହୋଇପାରିବ ସେନେଇ ଉପସ୍ଥିତ କର୍ମକର୍ତ୍ତା ନିଜର ମତ ରଖିଥିଲେ।

## ପାଟକୁରା କଂଗ୍ରେସର କର୍ମୀ ସମ୍ମିଳନୀ


କଂଗ୍ରେସର କର୍ମୀ ସମ୍ମିଳନୀ ଉପସ୍ଥିତ ନେତା ଓ କର୍ମୀମାନେ।

ପାଟକୁରା, ୧୧।୮(ରବୀନ୍ଦ୍ରନାଥ ବାରିକ)

ଗରଦପୁର ବ୍ଲକ କଂଗ୍ରେସ କମିଟି ଆହ୍ୱାନରେ ରାମଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ କର୍ମୀ ସମ୍ମିଳନୀ ସ୍ଥାନୀୟ କାମେଶ୍ୱର ମହାଦେବ ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପଞ୍ଚାୟତ କଂଗ୍ରେସ କମିଟି ସଭାପତି ସୁବାସ ମହାନ୍ତିଙ୍କ ସଭାପତିତ୍ୱରେ ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ ଯୋଗଦେଇ କିଭଳି ପାଟକୁରାରେ କଂଗ୍ରେସ ସଙ୍ଗଠନକୁ ମଜଭୁତ କରିବା ସହ ଆସନ୍ତା ୧୮ ତାରିଖ ବ୍ଲକ ଘେରାଉକୁ ସଫଳ କରିବା ଓ ସାଧାରଣ ନିର୍ବାଚନରେ ପାଟକୁରାରେ କଂଗ୍ରେସକୁ ବିଜୟୀ କରାଯିବ ସେନେଇ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, ଜିଲା କଂଗ୍ରେସ କମିଟି ଉପସଭାପତି ନିରଞ୍ଜନ ରାଉତ, ସମ୍ପାଦକ ଦୟାନିଧି ଜେନା, ବରିଷ୍ଠ କଂଗ୍ରେସ ନେତା ସୁବାସ ସାମଲ, ରାମଚନ୍ଦ୍ରପୁର ପଞ୍ଚାୟତ ପର୍ଯ୍ୟବେକ୍ଷକ ଦେବେନ୍ଦ୍ର ଦାସ, ପୂର୍ବତନ ସମିତି ସଭ୍ୟ ଗୋବର୍ଦ୍ଧନ ସାହୁ, ଶଙ୍କର୍ଷଣ ମଲ୍ଲିକ, ଗରଦପୁର ପଞ୍ଚାୟତ ସଭାପତି କୁମାର ପାଣି, ବଙ୍ଗାଳପୁର ପଞ୍ଚାୟତ ସଭାପତି ରମାକାନ୍ତ ସ୍ୱାଇଁ, ରଞ୍ଜନ ପରିଜାଙ୍କ ସମେତ ଉକ୍ତ ପଞ୍ଚାୟତର କୀର୍ତ୍ତନ ନାୟକ, ନାରାୟଣ ନାଥ, ସୁବାସ ଚନ୍ଦ୍ର ନାଥଶର୍ମା, ଅଭିରାମ ବେହେରା, ତପନ ମିଶ୍ର, ସୁରେଶ ଦାସ, ବୀରବର ନାଥ, ପ୍ରଫୁଲ୍ଲ ନାଥ, ବଲ୍ଲଭ ମଲ୍ଲିକ, ଶ୍ରୀକାନ୍ତ ଦାସ, ଦେବରାଜ ନାଥ, ସୁରେଶ ଚନ୍ଦ୍ର ନାୟକଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲାବେଳେ ସରୋଜ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## କଢ଼ାଙ୍ଗ-ମର୍ଦ୍ଦୋଳ କେନାଲ ବନ୍ଧ ରାସ୍ତା ନିର୍ମାଣ ପାଇଁ ସର୍ଭେ

ତିର୍ତ୍ତୋଲ,୧୧।୮(ଗୌରାଙ୍ଗ ଚରଣ ସ୍ୱାଇଁ)

**୫-ଟି ସଚିବ ନିର୍ଦ୍ଦେଶ ଦେଇଥିଲେ**

ତିର୍ତ୍ତୋଲ ବ୍ଲକ କଟରା ପଞ୍ଚାୟତ ଅନ୍ତର୍ଗତ କଢ଼ାଙ୍ଗଠାରୁ ଦୁର୍ଦ୍ଦା ମର୍ଦ୍ଦୋଳ ପର୍ଯ୍ୟନ୍ତ ୧୦ ଏଚ୍ କେନାଲ ବନ୍ଧ ରାସ୍ତା ନିର୍ମାଣ ଲାଗି ଶୁକ୍ରବାର ସର୍ଭେ ଆରମ୍ଭ ହୋଇଛି। ୫-ଟି ସଚିବଙ୍କ ନିର୍ଦ୍ଦେଶରେ ଜଳ ସମ୍ପଦ ବିଭାଗ ଦ୍ୱାରା ଏହି ସର୍ଭେ କରାଯାଇଛି। ଗତ ଜୁନ ୩୦ରେ ୫-ଟି ସଚିବ ଭି.କେ. ପାଣ୍ଡିଆନ ଜଗତ୍‌ସିଂହପୁର ଜିଲା ଗସ୍ତ ଅବସରରେ ଏହି ରାସ୍ତା ଲାଗି ଦାବିପତ୍ର ଦେଇଥିଲେ। ଏହି ଦାବି ଅନୁଯାୟୀ, ରାସ୍ତା ନିର୍ମାଣ ଲାଗି ଜଳ ସମ୍ପଦ ବିଭାଗ ତରଫରୁ ଉଦ୍ୟମ ଆରମ୍ଭ ହୋଇଛି। ଜଳ ସମ୍ପଦ ବିଭାଗର ସହକାରୀ ଯନ୍ତ୍ରୀ ପ୍ରସନ୍ନ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ସର୍ଭେ କାର୍ଯ୍ୟ କରାଯାଇଛି। ଏହି ସମୟରେ କଟରା ସମିତିସଭ୍ୟା ରୋଜାଲିନ ଜେନା, ପୂର୍ବତନ ସମିତି ସଭ୍ୟ ବାଇଧର ବଳ, ବିଜେଡି ସମ୍ପାଦକ ଯଶୋବନ୍ତ ରାଉତ, ଅଧ୍ୟାପକ ବୈକୁଣ୍ଠନାଥ ଜେନା, ବିଜୁ ଜନତା ଦଳର ଯୁବ ସଭାପତି ସୁବାସ ସେଠୀ, ରାଜେଶ ଜେନା ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ମତା ପୋଷଣ କରିଥିଲେ। ଦୀର୍ଘଦିନରୁ ଏହି ୧୦ ଏଚ୍ କେନାଲ ବନ୍ଧ ରାସ୍ତା ନିର୍ମାଣ ଲାଗି ଦାବି ହେଉଥିଲା। ଏହି ରାସ୍ତା ନିର୍ମାଣ ହେଲେ କଟରା, ଗୋପାଳପୁର ସଅଁରା, ବିରିତୋଳ ସମେତ ୧୦ରୁ ଅଧିକ ପଞ୍ଚାୟତ ଅଧିବାସୀ ଯାତାୟାତ ସୁବିଧା ପାଇବେ। ଖୁବ୍‌ଶୀଘ୍ର ରାସ୍ତା ଟେଣ୍ଡର ପ୍ରକ୍ରିୟାକୁ ଯିବ ବୋଲି ବିଭାଗୀୟ ସହକାରୀ ଯନ୍ତ୍ରୀ ପଣ୍ଡା ସୂଚନା ଦେଇଛନ୍ତି।

# ଉଭୟ ଟିମ୍ ୧-୧ ପଏଣ୍ଟରେ ସନ୍ତୁଷ୍ଟ

କେନ୍ଦ୍ରାପଡ଼ା, ୧୧।୮(ଜଗନ୍ନାଥ ଧଳ)

**ରାଜକନିକା ପ୍ରିମିୟର ଫୁଟ୍‌ବଲ ଲିଗ୍**

ରାଜକନିକା ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ସ୍ଥାନୀୟ ଆର୍‌ଏନ୍ ହାଇସ୍କୁଲ ମିନି ଷ୍ଟାଡିୟମଠାରେ ଚାଲୁ ରହିଥିବା ପ୍ରିମିୟର ଫୁଟବଲ ଲିଗ-୨୦୨୩ର ୪ର୍ଥ ଦିନ ଶୁକ୍ରବାର କନିକା ନାରାୟଣ ଫୁଟବଲ କ୍ଲବ ବନାମ ଏଏସ୍‌ଏମ୍ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚରେ ଉଭୟ ଟିମ୍ ୧-୧ ଗୋଲ ଦେବାରେ ସକ୍ଷମ ହୋଇ ଖେଳଟି ଅମୀମାଂସିତ ରହିଥିଲା। ଫଳରେ ଲିଗ୍ ନିୟମାନୁଯାୟୀ ଉଭୟ ଟିମକୁ ୧-୧ ପଏଣ୍ଟ ପାଇଛନ୍ତି। ଏଏସ୍‌ଏମ୍ ଫୁଟବଲ କ୍ଲବର ଗୋଲ ରକ୍ଷକ ଫରାନ ଖାଁଙ୍କୁ ଖେଳର ଶ୍ରେଷ୍ଠ ଖେଳାଳି ବା ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଯୋଗ୍ୟ ବିବେଚିତ କରାଯାଇଥିଲା। ମ୍ୟାଚରେ ଅତିଥି ଭାବେ ନହୁଣୀ ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତିସଭ୍ୟ ଅଞ୍ଜନ ନାୟକ, କୋରନ୍ଦ ସରପଞ୍ଚ ଗୀତାଞ୍ଜଳି ସେଠୀ ଓ ସମିତିସଭ୍ୟା ଶର୍ମିଷ୍ଠା ଦାସ ପ୍ରମୁଖ ଯୋଗଦେଇ ଉଭୟ ଟିମର ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଆଜିର ଖେଳରେ ବିବେଚିତ ହୋଇଥିବା ଶ୍ରେଷ୍ଠ ଖେଳାଳି ବା ମ୍ୟାନ ଅଫ୍ ଦି ମ୍ୟାଚ ଫରାନଙ୍କୁ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ପକ୍ଷରୁ ଉପସଭାପତି ତଥା ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷ କପିଳେନ୍ଦ୍ର ମଲ୍ଲିକ, ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଯୁଗ୍ମ ସମ୍ପାଦକ ଡ. ଫକୀର ଚରଣ ପ୍ରଧାନ, ଫୁଟବଲ ସମ୍ପାଦକ ଶିବ ପ୍ରସାଦ ମଲ୍ଲିକ, ମିଡିଆ ସେଲ ସମ୍ପାଦକ ଅଜୟ କୁମାର ରାଉତ, କୋଷ ପ୍ରମୁଖ ଦେବେନ୍ଦ୍ର ନାୟକ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମ୍ୟାଚ ରେଫରି ଭାବେ ଅରୁଣ କୁମାର ବାରିକ ଓ ପ୍ରଶାନ୍ତ କୁମାର ସେନାପତି ଓ ଶରତ କୁମାର ଜେନା ପ୍ରମୁଖ ଲାଇନ୍ସରେ ସହଯୋଗ କରିଥିବା ବେଳେ ୪ର୍ଥ ଅଫିସିଆଲ୍ସ ଭାବେ ସଞ୍ଜୟ କୁମାର ନାୟକ ଦାୟିତ୍ୱ ତୁଲାଇଥିଲେ। ମ୍ୟାଚ କମିଶନର ଭାବେ ଗୋଲକ ବିହାରୀ ମଲ୍ଲିକ କାର୍ଯ୍ୟ ସମ୍ପାଦନ କରିଥିଲେ। ଶନିବାରର ମ୍ୟାଚ ଅର୍ବାନ ଫୁଟବଲ କ୍ଲବ ବନାମ କନିକା ୱାରାୟର୍ସ ଫୁଟବଲ କ୍ଲବ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିମାନେ ବିଜୟୀ ଦଳର ଗୋଲ ରକ୍ଷକ ଫରାନ ଖାଁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

# ଦେଉଳପଡ଼ା ଗାଁରେ ୨ ଡେଙ୍ଗୁ ରୋଗୀ ଚିହ୍ନଟ



ବ୍ଲକ ଅଧୀନ ଦେଉଳପଡ଼ା ଦଳିତସାହିରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ ପହଞ୍ଚି ଡେଙ୍ଗୁ ଜ୍ୱର ସମ୍ପର୍କରେ ସଚେତନତା ଓ ରକ୍ତ ନମୁନା ସଂଗ୍ରହ କରୁଛନ୍ତି।

ମହାକାଳପଡ଼ା,୧୧।୮(ପ୍ରତାପ ଚନ୍ଦ୍ର ସ୍ୱାଇଁ)

■ କଟକ ବଡ଼ ମେଡ଼ିକାଲରେ ଚିକିତ୍ସା

■ ଗାଁରେ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସଚେତନତା

■ ରକ୍ତ ନମୁନା ସଂଗ୍ରହ

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଦେଉଳପଡ଼ା ଗାଁରେ ୨ ଜଣ ମହିଳା ଡେଙ୍ଗୁ ଜ୍ୱରରେ ପୀଡ଼ିତ ହୋଇଥିବା ଚିହ୍ନଟ ହୋଇଛନ୍ତି। ତେବେ ୨ ଡେଙ୍ଗୁ ରୋଗୀ ମହିଳା ଦ୍ୱୟ କଟକ ବଡ଼ ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ, ଏହି ଗ୍ରାମର ଚୁନିବାଳା ପଣ୍ଡା (୫୦) ଓ ଜୟନ୍ତୀ ମଲିକ(୩୫) ବୋଲି ରକ୍ତ ନମୁନାରୁ ଚିହ୍ନଟ ହୋଇଛନ୍ତି। ଏ ନେଇ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ଟିମ୍‌ର ସଚେତନ କାର୍ଯ୍ୟକ୍ରମ ଦଳିତସାହିର ତାରିଣୀ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସଚେତନତା କାର୍ଯ୍ୟକ୍ରମରେ ଡେଙ୍ଗୁ ଜ୍ୱରର କାରଣ, ନିରାକରଣ ଓ ଚିକିତ୍ସା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇ ଥିଲେ। ପରେ କେତେଜଣ ଲୋକଙ୍କଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ଘର ଚାରିପାଖରେ ଜମି ରହିଥିବା ଖାଲ, ସନ୍ତସନ୍ତିଆ ଜାଗା ବନ୍ଦ କରିବା, ମଶା ଡିମ୍ବ ଦେବା ସ୍ଥାନକୁ ନଷ୍ଟ କରିବା ସହ ମଶାରୀ ଟାଣି ଶୋଇବା ଦ୍ୱାରା ଡେଙ୍ଗୁ ଜ୍ୱରଠାରୁ ଦୂରେଇ ପାରିବା ବୋଲି ସଚେତନ କରିଥିଲେ। ଏହି ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ମନୋରଞ୍ଜନ ପଣ୍ଡା, ଜନ ସ୍ୱାସ୍ଥ୍ୟ ଅଧିକାରୀ ମୀନାରାଣୀ ସେଠୀ, ଟେକନିସିଆନ ଅରବିନ୍ଦ ମହାପାତ୍ର, ସୁଶ୍ରୀ ସଙ୍ଗୀତା ରାଉତ, ଗାଁର ବରିଷ୍ଠ ମୁରବି ନିରଞ୍ଜନ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସା ଅଧିକାରିଣୀ ଡା. ଅନିତା ପଟ୍ଟନାୟକଙ୍କୁ ପଚାରିବାରେ ଏଡିସ୍ ମଶା (ଡେଙ୍ଗୁ ମଶା) ଗୁଡ଼ିକ ଭୋର ଓ ସନ୍ଧ୍ୟା ଗୋଧୂଳି ସମୟରେ ରୋଗୀଙ୍କୁ କାମୁଡି ଥାନ୍ତି। ଏହି ମଶାରୁ ଦୂରେଇ ରହିବା ପାଇଁ ମଶାରୀ ବ୍ୟବହାର କରିବା ସହ ନିକଟରେ ଥିବା ଖାଲରେ ପାଣି ଜମି ଥିବା ସ୍ଥାନ, ଟାୟାର, ଟିଣ, ପ୍ଲାଷ୍ଟିକ ଦ୍ରବ୍ୟ ଭିତରେ ପାଣି ଜମି ରହିଥିଲେ ଏମାନେ ସହଜରେ ଡିମ୍ବ ଦେଇଥାନ୍ତି। ଏସବୁରୁ ପାଣି ନ ଜମିବା ଉପରେ ଗୁରୁତ୍ୱ ଦେବା ପାଇଁ ପରାମର୍ଶ ଦେଇଥିଲେ। ନିଜେ ସଚେତନ ରହି ସ୍ଥାନୀୟ ଲୋକମାନଙ୍କୁ ସଚେତନ କରାଇବା ପାଇଁ ସେ କହିଛନ୍ତି।

## ସଂକ୍ଷେପରେ

### ଯୁବତୀ ଅପହରଣ ଉଦ୍ୟମ ପଣ୍ଡ
#### ୪ ଅପହରଣକାରୀ ଅଟକ କାର୍ ଜବତ, ଯୁବତୀ ଉଦ୍ଧାର

ନୟାଗଡ,୧୧।୮(ଲୋକନାଥ ମିଶ୍ର)

ନୟାଗଡ଼ ସଦର ଥାନା ପୋଲିସ ୪ ଜଣ ଅପହରଣକାରୀଙ୍କୁ ଗୋଡେଇ ଗୋଡେଇ ଧରିବା ପରେ ଯୁବତୀ ଅପହରଣ ଉଦ୍ୟମ ପଣ୍ଡ ହୋଇଯାଇଛି। ପୋଲିସ କାର ସହ ୪ଜଣ ଅପହରଣକାରୀଙ୍କୁ ଅଟକାଇ ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷେ ଅପହୃତା ଯୁବତୀଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଛି। ପ୍ରାପ୍ତ ସୂଚନା ଅନୁସାରେ, ଶୁକ୍ରବାର ନଂ. ଓଡି୦୨ ଟି ୫୨୦୨ କାର ଯୋଗେ ସ୍ଥାନୀୟ ଅଞ୍ଚଳର ଜଣେ ଯୁବତୀଙ୍କୁ ରାଜପାଟଣାଠାରୁ ଅପହରଣ କରାଯାଉଥିଲା। ସ୍ଥାନୀୟ ଲୋକ ଫୋନ କରିବା ପରେ ପୋଲିସ କାର ସହ ଶିମଳିସାହି ଅଞ୍ଚଳରୁ ଉଦ୍ଧାର କରିଛି। ପୋଲିସ କାରକୁ ଜବତ କରିବା ସହ ଯୁବତୀଙ୍କୁ ଉଦ୍ଧାର କରିଛି।

### ପୁଣି ଜଣେ କଲେଜ ଛାତ୍ରୀଙ୍କୁ ଅସଦାଚରଣ

ନୟାଗଡ,୧୧।୮(ଲୋକନାଥ ମିଶ୍ର)

ଇଟାମାଟି ଥାନାର ଏକ କଲେଜରେ ଜଣେ ଛାତ୍ରୀଙ୍କୁ ବଳତ୍କାର କରାଯାଇଥିବା ଚର୍ଚ୍ଚା ହେଉଛି। ଅଦାଚରଣ ସମୟରେ କଲେଜର ସିସିଟିଭିକୁ ବନ୍ଦ କରାଯାଇଥିଲା। ସିସିଟିଭି ବନ୍ଦ ହେବା ଦେଖି ଅଧ୍ୟକ୍ଷ ଶ୍ରେଣୀ ଗୃହ ଯାଞ୍ଚ କରିବା ପରେ ଅଧ୍ୟାପକ ଛାତ୍ରୀଙ୍କ ଗୁମର ଖୋଲିଥିଲା। ତେବେ ଘଟଣାଟି ୩ ଦିନ ତଳର ହୋଇଥିବାବେଳେ ପ୍ରସଙ୍ଗକୁ ଲୁଚାଇବାକୁ ଜୋରଦାର ଉଦ୍ୟମ ଆରମ୍ଭ ହୋଇଯାଇଛି।

### ଅଟୋରୁ ୫୦କେଜି ଗୋରୁ ମାଂସ ଜବତ
#### ନାବାଳକ ସହ ୩ ଥାନାରେ ଅଟକ

ରଣପୁର, ୧୧।୮
(ସୁକାନ୍ତ କିଶୋର ଡ଼ାକୁଆ)

ଶୁକ୍ରବାର ବେଆଇନୀ ଭାବେ ଚାଲାଣ ହେଉଥିବା ଏକ ଅଟୋରେ ଗୋରୁ ମାଂସକୁ ରଣପୁର ବଜରଙ୍ଗ ଦଳର କ୍ରମକର୍ତ୍ତାମାନେ ଧରି ପୋଲିସ ଜିମା ଦେଇଛନ୍ତି। ଏ ନେଇ ରଣପୁର ଥାନାରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି। ଏହି ଗୋରୁ ମାଂସ ଚାଲାଣରେ ଜଣେ ନାବାଳକ ରହିଥିବା ଜଣାପଡିଛି। ପ୍ରକାଶ ଯେ, ନୟାଗଡ଼ ଜିଲା ରଣପୁର ବ୍ଲକ ଅନ୍ତର୍ଗତ ଜାମୁସାହିଠାରୁ ଶୁକ୍ରବାର ମଧ୍ୟାହ୍ନରେ ଏକ ଗୋରୁ ମାଂସ ବୋଝେଇ ଅଟୋ ନଂ. ଓଡି ୧୩ ଡ଼ି ୫୩୧୩ରେ ରଣପୁର ବ୍ଲକ ଅନ୍ତର୍ଗତ ବାଣିକିଲ ରାସ୍ତା ଦେଇ ବାମ୍ପଡାକୁ ଯାଉଥିଲା। ଏ ସମ୍ପର୍କରେ ଖବରପାଇ ରଣପୁରର ୩୦ ଜଣିଆ ବଜରଙ୍ଗୀ ଦଳର କର୍ମକର୍ତ୍ତାମାନେ ପିଛା କରିଥିଲେ। ଗଡ଼ବାଣୀକିଲ ରାସ୍ତାରେ ଅଟୋକୁ ଧରି ସେଥିରେ ଥିବା ୫୦ କେଜିରୁ ଊର୍ଦ୍ଧ୍ୱ ଗୋରୁ ମାଂସକୁ ଜବତ କରିଥିଲେ। ଏହାସହ ଜଣେ ନାବାଳକଙ୍କ ସମେତ ୩ଜଣଙ୍କୁ ଧରି ରଣପୁର ଥାନା ପୋଲିସ ଜିମା ଦେଇଛନ୍ତି। ପୋଲିସ ହେପାଜତରେ ସେମାନଙ୍କୁ ରଖାଯାଇଛି। ପୋଲିସ ବିଭିନ୍ନ ଅନୁକୋଣରୁ ତଦନ୍ତ ଜାରି ରଖିଛି। ଏ ନେଇ ବଜରଙ୍ଗ ଦଳ ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ପରେ ଏକ ମାମଲା ରୁଜୁ କରାଯାଇଛି।

# ନୟାଗଡ଼ ମହାବିଦ୍ୟାଳୟ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)



ନୟାଗଡ଼ କଲେଜ ସମ୍ମୁଖରେ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ନୟାଗଡ଼ ଜିଲାର ଶିକ୍ଷାନୁଷ୍ଠାନଗୁଡିକରେ ଯୌନ କେଲେଙ୍କାରୀର ପ୍ରତିବାଦ କରି ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଶୁକ୍ରବାର ବିକ୍ଷୋଭ କରାଯାଇଛି। ତେବେ ବିକ୍ଷୋଭ ପୂର୍ବରୁ କଂଗ୍ରେସ କର୍ମୀମାନେ ନୟାଗଡ଼ ଟ୍ରାଫିକ ଛକରୁ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏଥିରେ ଜିଲା ସଭାପତି ରଣଜିତ ଦାଶ କହିଥିଲେ, ଯୌନ କେଲେଙ୍କାରୀ ଶିକ୍ଷକଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବା ଦରକାର। ଜିଲାର ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡ଼ିକରେ ଯୌନ କାଙ୍ଗାଳ ଅଧ୍ୟାପକ ଓ ଶିକ୍ଷକ ଛାତ୍ରୀମାନଙ୍କୁ ପ୍ରଲୋଭିତ କରି କାମ ଲାଳସା ମେଣ୍ଟାଉଛନ୍ତି। ଜିଲାର ଗୋଟିଏ ପରେ ଗୋଟିଏ ସ୍କୁଲ, କଲେଜରେ ବଳତ୍କାର, ଅସଦାଚରଣ ବଢ଼ି ଚାଲିଛି। ଜିଲାରେ ନାରୀ ସୁରକ୍ଷା ଓ ସମ୍ମାନରେ ଦାଗ ଲାଗୁଥିବାବେଳେ ନୟାଗଡ଼ ବଦନାମ ହୋଇ ଚାଲିଛି। ଅଧ୍ୟାପକମାନେ ଛାତ୍ରୀଙ୍କୁ

## ଶିକ୍ଷାନୁଷ୍ଠାନରେ ଯୌନ କେଲେଙ୍କାରୀର ପ୍ରତିବାଦ

ଗର୍ଭବତୀ କରାଇବା ଭଳି ସମ୍ବେଦନଶୀଳ ଘଟଣାରେ ଅଭିଭାବକ କଲେଜ ଉପରୁ ଆସ୍ଥା ହରାଇ ସରିଲେଣି। ଅଧ୍ୟାପକମାନେ ସ୍ଥାନୀୟ ନେତାଙ୍କ ନିକଟତର ହେଉଥିବାରୁ କଲେଜ କର୍ତ୍ତୃପକ୍ଷ ଲଗାମ ଲଗାଇ ପାରୁନାହାନ୍ତି। ଭୋଟ ରାଜନୀତି ଯୋଗୁ ଅଧ୍ୟାପକମାନଙ୍କୁ ପୁଣି ବଦଳି କରାଯାଇ ପାରୁନାହିଁ। ଏଣୁ ଶିକ୍ଷାନୁଷ୍ଠାନ ବଦନାମର ବୋଝ ମୁଣ୍ଡାଉଛି। ଏଭଳିସ୍ଥଳେ ନୟାଗଡ଼ ବିଧାୟକ ନାରୀ ସମ୍ମାନ ଉପରେ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିବା ଦରକାର। ଏଣୁ ଏ ବିଷୟରେ ନୟାଗଡ଼ ବିଧାୟକଙ୍କ ସହ କଥା ହେବେ ବୋଲି ଗଣମାଧ୍ୟମକୁ ଦାଶ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଦଳୀୟ ନେତା ସୁକାନ୍ତ ଶତପଥୀ, ପୂର୍ଣ୍ଣଚନ୍ଦ୍ର ସାହୁ, ଜିଲା ଛାତ୍ର କଂଗ୍ରେସ ସଭାପତି ଜ୍ୟୋତି ରଞ୍ଜନ ଦାଶ, ଯୁବନେତା ଦେବବ୍ରତ ବେହେରା, ଅଶୋକ ନାୟକ, ଓଡଗାଁ ବ୍ଲକ ଛାତ୍ର କଂଗ୍ରେସ ସଭାପତି ଦିଲୀପ ବିଶୋଇ ପ୍ରମୁଖ ଯୋଗଦେଇ ଯୌନ କେଲେଙ୍କାରୀର ନିନ୍ଦା କରିଥିଲେ।

# ଗଣବଳାତ୍କାର ମାମଲା: ୨ ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ ଦଣ୍ଡାଦେଶ, ୫୦ ହଜାର ଜରିମାନା

ଓଡ଼ଗାଁ, ୧୧।୮
(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ଓଡ଼ଗାଁ ଆଦର୍ଶ ଥାନା ଅନ୍ତର୍ଗତ ପାଇକ ପନ୍ତିଖାରୀ ଗ୍ରାମରେ ୨୦୨୦ ଜୁନରେ ଘଟିଥିବା ଗଣବଳତ୍କାର ମାମଲା (ଏସ୍‌ଟି କେସ ନମ୍ବର ୯୫/୪୩/୨୦-୨୩)ର ଶୁକ୍ରବାର ବିଚାର କରି ଓଡ଼ଗାଁ ଅତିରିକ୍ତ ଜିଲା ଦୌରାଜଜ୍ ମାନସ ରଞ୍ଜନ ରଥ ୨ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏହି ମାମଲାରେ ୨ ଅଭିଯୁକ୍ତ ବୀରେନ୍ଦ୍ର ବେହେରା ଓ ରାଜେନ୍ଦ୍ର ନାୟକ ଘଟଣା ଦିନ ବିଳମ୍ବିତ ରାତିରେ ପୀଡିତା ଘରେ ଏକାକୀ ଥିବା ସମୟରେ ତାଙ୍କ ଛାତ ଉପରେ ଦେଇ ଘରେ ପଶି ପ୍ରଥମେ ସେ ପିନ୍ଧିଥିବା ସୁନା ଓ ରୁପା ଅଳଙ୍କାର ଛଡାଇ ନେଇଥିଲେ। ପରେ ଜଣେ ପରେ ଜଣେ ପୀଡିତା ମହିଳାଙ୍କୁ ବଳତ୍କାର କରିଥିଲେ। ଘଟଣା ସମ୍ପର୍କରେ ଚୁପ ରହିବାକୁ କହିବା ସହ ଜୀବନରେ ମାରି ଦେବାକୁ ଧମକ ଦେଇ ଉଭୟେ ଚାଲି ଯାଇଥିଲେ। ପୀଡିତା ଏ ନେଇ ସେହିଦିନ ସକାଳେ ଥାନାରେ ଉଭୟଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ନେଇ ନଂ. ୧୪୨/୨୦ରେ ମାମଲା ରୁଜୁ କରି ତଦନ୍ତ କରୁଥିଲା। ପୋଲିସ ଉଭୟଙ୍କୁ ଗିରଫ କରିବା ପରେ ୨ ଅଭିଯୁକ୍ତ ଓ ପୀଡିତା ମହିଳାଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଏହି ଘଟଣା ସତ୍ୟ ବୋଲି ଜଣାପଡିବା ପରେ ୧୬ ଜଣ ସାକ୍ଷୀଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ପ୍ରମାଣକୁ ଭିତ୍ତିକରି ବିଚାରପତି ଉଭୟ ଅଭିଯୁକ୍ତଙ୍କୁ ଦଫା ୩୭୬(ଘ) ଅନୁସାରେ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୫୦ ହଜାର ଟଙ୍କା ଲେଖାଏ ଜରିମନା, ଜରିମନା ଅନାଦେୟ ୬ ମାସ ଅତିରିକ୍ତ ଦଣ୍ଡାଦେଶ, ଦଫା ୪୫୭ ଅନୁସାରେ ୨ ବର୍ଷ ସଶ୍ରମ ଦଣ୍ଡାଦେଶ ସହ ୧ ହଜାର ଟଙ୍କ ଜରିମନା ଓ ଜରିମନା ଅନାଦେୟ ୧ ବର୍ଷ ସଶ୍ରମ ଦଣ୍ଡାଦେଶ ଏବଂ ଦଫା ୫୦୬ ଅନୁସାରେ ୧ ବର୍ଷ ସଶ୍ରମ ଦଣ୍ଡାଦେଶ ଘୋଷଣା କରିଛନ୍ତି। ଆଦାୟ ଜରିମନା ଅର୍ଥ ପୀଡିତା ମହିଳାଙ୍କୁ ପ୍ରଦାନ କରାଯିବା ବୋଲି ଏ ନେଇ ମାମଲାକୁ ପରିଚାଳନା କରୁଥିବା ଅତିରିକ୍ତ ସରକାରୀ ଓକିଲ ଇନ୍ଦୁଭୂଷଣ ମିଶ୍ର ସୂଚନା ଦେଇଛନ୍ତି।

# ନବନିର୍ମାଣ କୃଷକ ସଙ୍ଗଠନର ପ୍ରାୟଶ୍ଚିତ୍ତ ସମାବେଶ



ସମାବେଶରେ ନବନିର୍ମାଣ କୃଷକ ସଙ୍ଗଠନର ସଦସ୍ୟମାନେ।

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟକାଳୟ ସମ୍ମୁଖରେ ନବନର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଶୁକ୍ରବାର ପ୍ରାୟଶ୍ଚିତ ସମାବେଶ କରି ସରକାରଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଧାୟକ ହୁଅନ୍ତୁ ଅଥବା ଏମ୍‌ପି ଲୋକଙ୍କ ଭଲ ମନ୍ଦ ବୁଝିବା ବଦଳରେ ସେମାନଙ୍କୁ ବିଶ୍ୱାସଘାତ କରିଥିବାରୁ ପ୍ରାୟଶ୍ଚିତ କରାଯାଇଛି। ପ୍ରାୟଶ୍ଚିତ ସମାବେଶରେ ସରକାର ବଦଳାଇବାକୁ ନିଷ୍ପତ୍ତି

## ବଦଳାଇବେ ସରକାର, ଚାଷୀ ଗଢ଼ିବେ ନୂଆ ଦଳ

ହୋଇଛି। ନବ ନିର୍ମାଣ କୃଷକ ସଙ୍ଗଠନ ଏବେ ନବ ନିର୍ମାଣ ସ୍ୱରାଜ୍ୟ ସରକାର ନାମରେ ଏକ ଦଳ ଗଠନ କରିବାକୁ ନିଷ୍ପତ୍ତି ନେଇଛି। ୨୦୨୪ ନିର୍ବାଚନରେ ସବୁ ବିଧାନସଭା ଓ ଲୋକସଭାରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ଦେବ। ନିଜ ସରକାର ନିଜେ ଗଠନ କରି ଚାଷୀଙ୍କୁ ନ୍ୟାୟ ଦେବାକୁ ଅଣ୍ଟା ଭିଡିଛି। ପ୍ରାୟଶ୍ଚିତ ସମାବେଶକୁ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ଆସି ଆଲୋଚନା କରିଥିଲେ। ପରେ ଚାଷୀଙ୍କଠାରୁ ସ୍ମାରକପତ୍ର ନେଇଥିଲେ। ପ୍ରାୟଶ୍ଚିତ ସମାବେଶ ନବ ନିର୍ମାଣ କୃଷକ ସଙ୍ଗଠନର ଜିଲା ସଂଯୋଜକ ମହେଶ୍ୱର ଜେନାଙ୍କ ନେତୃତ୍ୱରେ ହୋଇଥିବାବେଳେ ଜିଲା ସଂଯୋଜକ ରଣଜିତ୍ ଦଳବେହେରା, ପ୍ରସନ୍ନ ପ୍ରଧାନ, ଅଭିମନ୍ୟୁ ଗୁମାନସିଂ, ବାଇନାଥ ସାହୁ, ଶ୍ରୀନିବାସ ନାୟକ, ରମେଶ ପଣ୍ଡା, ରବୀନ୍ଦ୍ର ବରାଡ ପ୍ରମୁଖ ଭାଗ ନେଇଥିଲେ।

# ୧୦ ଦଫା ଦାବି ନେଇ ସରପଞ୍ଚ ସଂଘର ସ୍ମାରକପତ୍ର

ଆର ଉଦୟଗିରି, ୧୧।୮
(ମନୋଜ କୁମାର ପାଢୀ)

ବିଭିନ୍ନ ଦାବି ନେଇ ଗଜପତି ଜିଲା ଆର.ଉଦୟଗିରି ପଞ୍ଚାୟତ ସମିତି ସରପଞ୍ଚ ସଂଘ ପକ୍ଷରୁ ବିଡିଓ ଲରିମନ ଖର୍ସେଲଙ୍କ ଜରିଆରେ ଜିଲାପାଳଙ୍କୁ ୧୦ ଦଫା ଦାବିପତ୍ର ପ୍ରଦାନ କରାଯାଇଛି । ସରକାର ଦାବି ପୂରଣ ନକଲେ ଗଜପତି ଜିଲାର ସମସ୍ତ ସରପଞ୍ଚ ଏକତ୍ର ହୋଇ ରାଜରାସ୍ତାରେ ଓହ୍ଲାଇବେ ବୋଲି ଆର.ଉଦୟଗିରି ସରପଞ୍ଚ ସଂଘ ଚେତାବନୀ ଦେଇଛି। କୁମୁଦିନୀ ଗମାଙ୍ଗ, ଫୁଲମତି ରଇତ, ରିତାନୀ ମଣ୍ଡଳ, ଜାମେସ ରାଇକା, ସନ୍ତୋଷୀ ପାଇକ, ଡାଳିମ୍ବ ରଇତ, ଶ୍ରୀଧର ପ୍ରଧାନ, ସସ୍ମିତା କାଜି ଓ ଅନ୍ୟ ସରପଞ୍ଚମାନେ ଦାବିପତ୍ର ପ୍ରଦାନ ସମୟରେ ଉପସ୍ଥିତ ଥିଲେ।

# ପାଣି ଆଣୁଥିବା ବେଳେ ଦୁର୍ଘଟଣାରେ ଯୁବକ ମୃତ

ଭାପୁର,୧୧।୮(ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ ଥାନା ଅନ୍ତର୍ଗତ କରବର ପଞ୍ଚାୟତ ଗୁଡୁପଡା ଗ୍ରାମର ଧନେଶ୍ୱର ବେହେରାଙ୍କ ଏକମାତ୍ର ପୁଅ କହ୍ନେଇ ବେହେରାଙ୍କ ଗାଡ଼ି ଧକ୍କାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, କହ୍ନେଇ ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ଡ୍ରାଇଭର ଭାବେ କାମ କରନ୍ତି। କଟକରୁ ଜଣେ ମାଲିକଙ୍କ ଟ୍ରକ୍ ନେଇ ଗୁରୁବାର ରାତିରେ ଗଞ୍ଜାମ ଯାଇଥିଲେ। ସେଠାରେ ରାସ୍ତା କଡ଼ରେ ଗାଡ଼ି ରଖି ପାଣି ବୋତଲ ଆଣିବାକୁ ଯାଇଥିଲେ। ପାଣି ବୋତଲ ଧରି ଗାଡ଼ିକୁ ଆସୁଥିବା ସମୟରେ ଦ୍ରୁତଗତିରେ ଏକ ଟ୍ରକ୍ ନଂ. ଓଡି ୦୨ସିଏଫ୪୦୪୮ ଆସି କହ୍ନେଇଙ୍କୁ ଧକ୍କା ଦେଇ ଫେରାର ହୋଇ ଯାଇଥିଲା। ଘଟଣାସ୍ଥଳରେ କହ୍ନେଇଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଗଞ୍ଜାମ ଜିଲାର ଓଡ଼ିଶା ଡ୍ରାଇଭର ମହାସଂଘର ଡ୍ରାଇଭର ଘଟଣାସ୍ଥଳରେ ପହଞ୍ଚି କହ୍ନେଇଙ୍କୁ ଛତ୍ରପୁର ମେଡିକାଲରେ ନେଇ ଭର୍ତ୍ତି କରିଥିଲେ। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ପରେ ଡ୍ରାଇଭର ମହାସଂଘ ଗୁଡୁପଡା ଗ୍ରାମକୁ ତାଙ୍କ ମୃଥଦେହ ଆଣିଥିଲେ। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଗଞ୍ଜାମ ଥାନାରେ ଆତ୍ମସମର୍ପଣ କରିଥିବା ସୂଚନା ମିଳିଛି। ଧନେଶ୍ୱର ଓ ମା' ସୁଲୋଚନାଙ୍କ କହ୍ନେଇ ହେଉଛନ୍ତି ଏକମାତ୍ର ପୁଅ। ମା'ବାପା ବିଭିନ୍ନ ପ୍ରକାରର ଓଷା ବ୍ରତ କରି ୫ ଜଣଙ୍କ ଝିଅ ପରେ କହ୍ନେଇଙ୍କୁ ଜନ୍ମ ଦେଇଥିଲେ। ୫ଜଣ ଝିଅଙ୍କ ବିବାହ କରି ସାରିଛନ୍ତି। ଘରର ଧାରକରଜ ଶୁଝିବା ପାଇଁ କହ୍ନେଇ ଡ୍ରାଇଭର କାମ କରନ୍ତି। ଏକମାତ୍ର ରୋଜଗାରକ୍ଷମ ପୁଅକୁ ହରାଇ ସେମାନେ ଭାଙ୍ଗି ପଡିଛନ୍ତି। ଗୁଡୁପଡା ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଭାପୁର ଡ୍ରାଇଭର ମହାସଂଘ ଓ କରବର ପଞ୍ଚାୟତର ସମସ୍ତ ଡ୍ରାଇଭର ମହାସଂଘର ସଦସ୍ୟ କହ୍ନେଇଙ୍କ ମୃତଦେହକୁ ଶୋଭାଯାତ୍ରାରେ ନେଇ ଗାଁ ଶ୍ମଶାନରେ ସଂସ୍କାର କରିଥିଲେ।

# ପାଇପରେ ଜଳଯୋଗାଣ, ବିଦ୍ୟୁତ୍‌କରଣ: ୧୧୯.୩ କୋଟିର ଟେଣ୍ଡର

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ନୟାଗଡ଼ ଜିଲାରେ ଜଳସେଚନ ପାଇଁ କୁସୁମୀ ନଦୀ ଜଳସେଚନ ପ୍ରକଳ୍ପ ଅଧୀନରେ ଭୂତଳ ପାଇପ ଜଳଯୋଗାଣ ତଥା ବିଦ୍ୟୁତିକରଣ ପାଇଁ କ୍ୟାବିନେଟରେ ୧୧୯.୩ କୋଟିର ଟେଣ୍ଡର ଅନୁମୋଦନ ହୋଇଛି। ଏହାଦ୍ୱାରା ନୟାଗଡ଼, ଖଣ୍ଡପଡ଼ା ଓ ଭାପୁର ବ୍ଲକର ୩,୭୪୫ ହେକ୍ଟର ଚାଷଜମିକୁ ସେଚ ସୁବିଧା ଯୋଗାଇବ। ନିକଟରେ ୫-ଟି ସଚିବ ଭି.କେ. ପଣ୍ଡିଆନ ୨ଦିନିଆ ନୟାଗଡ଼ ଜିଲା ଗସ୍ତରେ ଆସି ବିଭିନ୍ନ ବ୍ଲକ ଏବଂ ଗ୍ରାମାଞ୍ଚଳକୁ ଯାଇ ଲୋକମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ନୟାଗଡ଼ ମୁଖ୍ୟତଃ ଏକ କୃଷି ପ୍ରଧାନ ଜିଲା ହୋଇଥିବା ବେଳେ ଏଠାରେ ଜଳସେଚନର ବିଶେଷ ସୁବିଧା ନାହିଁ। ଏ ନେଇ ବିଭିନ୍ନ ବର୍ଗର ଲୋକଙ୍କଠାରୁ ଅଭିଯୋଗ ଶୁଣିବା ପରେ ଏ ଦିଗରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହା ଶୁକ୍ରବାର କ୍ୟାବିନେଟରେ ପ୍ରତିଫଳିତ ହୋଇଛି। ଅନ୍ୟପକ୍ଷରେ ଜିଲାରେ ଆଖୁ ଚାଷ ଉଜୁଡି ଯାଉଥିବା ବେଳେ ଏହି ପ୍ରକଳ୍ପ ଦ୍ୱାରା ଆଖୁଚାଷ ପୁଣି ଥରେ ଫେରିବା ନେଇ ଆଶା ସଞ୍ଚାର ହୋଇଛି। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପକୁ ଜିଲାର କୃଷକ ଏବଂ ଜନସାଧାରଣ ସ୍ୱାଗତ କରିଛନ୍ତି।

# ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷଙ୍କୁ ସମ୍ବର୍ଦ୍ଧନା

ଖଣ୍ଡପଡ଼ା,୧୧।୮
(ଅଜୟ କୁମାର ମହାରଣା)



ନବ ନିଯୁକ୍ତ ଭାଜପା ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଅଭିଳାଷ ପଣ୍ଡାଙ୍କୁ ଖଣ୍ଡପଡ଼ା ଅଞ୍ଚଳର ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପଣ୍ଡା ଶତାଧିକ ସମର୍ଥଙ୍କ ଗହଣରେ ୭ ଶହରୁ ଉର୍ଦ୍ଧ୍ୱ ବାଇକ୍ ଓ ୬୦ରୁ ଉପକାର ସହ ଏକ ବିରାଟ ଶୋଭାଯାତ୍ରାରେ ଗତ କାଲି ଗୁରୁବାର ଖଣ୍ଡପଡା ସହର ପରିକ୍ରମା କରିବା ଅବସରରେ ରଥଗଡା ଛକସ୍ଥିତ ବିଶ୍ୱ ବିଖ୍ୟାତ ଜ୍ୟୋର୍ତିବିଦ୍ ପଠାଣି ସାମ'ଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଖଣ୍ଡପଡାର ଆରାଧ ମା ଉମାଦେବୀଙ୍କ ମନ୍ଦିରକୁ ଯାଇ ଠାକୁରାଣୀଙ୍କୁ ଦର୍ଶନ କରିଥିଲେ। ସେଠାରୁ ସମର୍ଥକଙ୍କ ଗହଣରେ ପଣ୍ଡା ଖଳିସାହି, ମର୍ଦ୍ଦରାଜପୁର, ବେଣାଗାଡିଆ, ବାଣପୁର ଗ୍ରାମ ପରିକ୍ରମା କରିଥିଲେ। କଣ୍ଟିଲୋ ଓ ପଥରଚକଡା ଅଭିମୁଖେ ଯାତ୍ରା କରିଥିଲେ। ସେଠାରେ ଶ୍ରୀନୀଳମାଧବ ଜୀଉ ଓ ମା ନାରାୟଣୀଙ୍କୁ ଦର୍ଶନ କରି ଶ୍ରୀ ପଣ୍ଡା ଆର୍ଶିବାଦ କାମନା କରିଥିଲେ। ଏହି ଶୋଭାଯାତ୍ରାରେ ଭାଜପା ନେତ୍ରୀ ଇରାନୀ ରାୟ ମଧ୍ୟ ପଣ୍ଡାଙ୍କ ସହ ସାମିଲ ହୋଇଥିଲେ। ଭାଜପା ଦଳର କର୍ମକର୍ତ୍ତା ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଯୁବ ମାନସର ପ୍ରତିକ ପଣ୍ଡାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଯୁବମୋର୍ଚ୍ଚା ରାଜ୍ୟ ସଭାପତି ଭାବେ ନୂତନ କରି ଦାୟିତ୍ୱ ଗ୍ରହଣ କରିବା ପରେ ପଣ୍ଡା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀକୁ ଗସ୍ତ କରି ଅଞ୍ଚଳବାସୀଙ୍କ ମନରେ ନୂତନ ଆଶା ଓ ଉନ୍ମାଦନା ଭରି ଦେଇଥିବା ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି। ପଣ୍ଡାଙ୍କ ସହ ବରିଷ୍ଠ ଭାଜପା ନେତ୍ରୀ ଇରାନୀ ମଧ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସୂଚନା ଯୋଗ୍ୟ, ଭାପୁର ବ୍ଲକ ଅଧୀନ କଣ୍ଟିଲୋ ନିକଟ ପଥରଚକଡା ଗ୍ରାମର ପଣ୍ଡା ଯୁବ ସମ୍ମିଳନୀ ଭାରତକୁ ଜାପାନରେ ପ୍ରତିନିଧିତ୍ୱ କରିବହୁ ପ୍ରଶଂସାର ପାତ୍ର ହୋଇଥିଲେ । ସେ ୨୫ଟି ରାଜ୍ୟ ଓ ୫ଟି କେନ୍ଦ୍ର ଶାସିତ ଅଂଚଳ ଗସ୍ତ କରି ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିବା ବେଳେ ନିଉଜିଲ୍ୟାଣ୍ଡ, ଫିଜି, ବାନୁଆତୁ, ଟୋଙ୍ଗା ଅାଦି ଦେଶ ଗସ୍ତ କରି ବିଭିନ୍ନ କ୍ଷେତ୍ରରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି।

# କଲଭର୍ଟ ନିର୍ମାଣ ନାଁରେ ଅର୍ଥ ଚଳୁ ଅଭିଯୋଗ

ପୋଲସରା,୧୧।୮(ସୁବ୍ରତ ବେହେରା):

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ମାଧ୍ୟମରେ ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତରେ କାର୍ଯ୍ୟର ନାମ ସୀତା ବନବାସ ରୋଡ ଠାରୁ କଲେଜ ନିକଟବର୍ତ୍ତୀ ପାଣି ଟାଙ୍କି ନିକଟରେ ୨୦୨୩-୨୪ରେ ୫ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ କଲଭର୍ଟ ନିର୍ମାଣ ଫଳକ ଲାଗିଥିଲା। ସାମଗ୍ରୀ ଅଂଶ ୪ ଲକ୍ଷ ଟଙ୍କା ଲେଖା ଯାଇଥିବା ବେଳେ ଅଣ କୁଶଳୀ ଶ୍ରମିକ ଅଂଶ ୪୨୦, ଦୈନିକ ମଜୁରୀ ୨୩୭ ଟଙ୍କା ଲେଖାଯାଇଛି। କିନ୍ତୁ କାର୍ଯ୍ୟର ଆରମ୍ଭ ଆଉ ଶେଷ ତାରିଖ ଲେଖା ଯାଇନଥିବା ଦେଖିବାକୁ ମିଳିଛି। କଲଭର୍ଟ କାମ ନ କରି ବର୍ତ୍ତମାନ ସୁଦ୍ଧା ୨ ଲକ୍ଷ ୧୮ ହଜାର ୨୭୭ ଟଙ୍କା ଉଠାଣ ହୋଇଥିବା ଅନଲାଇନରେ ଦର୍ଶାଯାଇଛି। ଉକ୍ତ କଲଭର୍ଟ ନାମରେ କୌଣସି ପ୍ରୋଜେକ୍ଟ ହୋଇନାହିଁ ବୋଲି କହିଛନ୍ତି ଏପିଓ ଯଶବନ୍ତ କହଁର ଓ ଉକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର।

# ମେରା ମିଟି, ମେରା ଦେଶ କାର୍ଯ୍ୟକ୍ରମ ସାମାଜିକ ସମୀକ୍ଷା ପକ୍ଷରୁ ଚାରା ରୋପଣ

ଖଣ୍ଡପଡ଼ା,୧୧।୮
(ଅଜୟ କୁମାର ମହାରଣା)




କେନ୍ଦ୍ର ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡା ମନ୍ତ୍ରଣାଳୟ ଅଧୀନରେ ଥିବା ନେହେରୁ ଯୁବ କେନ୍ଦ୍ର ନୟାଗଡ ଶାଖା ପକ୍ଷରୁ ଶୁକ୍ରବାର ଖଣ୍ଡପଡ଼ା ବ୍ଲକର ରୟତି ଢୋଲମରା ଗ୍ରାମରେ ମେରା ମିଟି ଓ ମେରା ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ମୁକୁତା ପରିଡା, ସମିତି ସଭ୍ୟ ମାନସ ଦାସ, ସାମାଜିକ କର୍ମୀ ପ୍ରଫୁଲ୍ଲ ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ସ୍ୱେଚ୍ଛାସେବୀ ଦୀପକ କୁମାର ନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହିଅବସରରେ ଦେଶ ପାଇଁ କାର୍ଯ୍ୟ କରୁଥିବା ଯବାନଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ସ୍ୱାଧୀନତାର ୭୫ ବର୍ଷ ପୂର୍ତ୍ତୀ ଉତ୍ସବକୁ ସ୍ମରଣୀୟ କରିବାକୁ ସମସ୍ତଙ୍କ ମିଳିତ ସହଯୋଗରେ ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ କିସମର ୭୫ଟି ଚାରା ରୋପଣ କରାଯାଇଥିଲା। ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ଖଣ୍ଡପଡ଼ା ବ୍ଲକ ଅଧୀନ ଅନ୍ୟ ୨୧ ଟି ପଞ୍ଚାୟତରେ କରାଯିବ ବୋଲି ଆୟୋଜକ ଜଣାଇଛନ୍ତି। ସୂର୍ଯ୍ୟୋଦୟ ଯୁଥ କ୍ଲବ ଓ ଗ୍ରାମ ରୋଜଗାର ସେବକ ରାମକୃଷ୍ଣ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

ନୂଆଗାଁ, ୧୧।୮ (ଧନେଶ୍ୱର ସାହୁ)


ସ୍କୁଲ ପରିସରରେ ଚାରା ରୋପଣ କରାଯାଉଛି ।

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ମାଇଛେଳି ପଂଚାୟତ ସଂପଡାସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନୂଆଗାଁ ବ୍ଲକ ସାମାଜିକ ସମୀକ୍ଷା ପକ୍ଷରୁ ଗୁରବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ପରିବେଶ ସୁରକ୍ଷା ପାଇଁ ଚାରା ରୋପଣ କରିବା ସହିତ ଜନ ସଚେତନତା ସୃଷ୍ଟି କରିବା ପାଇଁ ପରିବେଶ ପ୍ରେମୀମାନେ ଆପ୍ରାଣ ଚେଷ୍ଟା କରୁଛନ୍ତି। ବନ ବିଭାଗ ପକ୍ଷରୁ ମାଗଣାରେ ଚାରା ଯୋଗାଇ ଦିଆ ଯାଇଛି। ବିଭିନ୍ନ ସଂସ୍ଥାର କର୍ମଚାରୀମାନେ ଚାରା ରୋପଣ କରିବାକୁ ଆଗ୍ରହ ପ୍ରକାଶ କରୁଥିବା ଦେଖିବାକୁ ମିଳୁଛି। ସେହିପରି ନୂଆଗାଁ ବ୍ଲକ ସାମାଜିକ ସମୀକ୍ଷକ ସ୍ୱର୍ଣ୍ଣଲତା ଦଳବେହେରାଙ୍କ ପ୍ରଚେଷ୍ଟାରେ ସଂପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ନିମ , ଆତ , ପିଜୁଳି, ଡାଳିମ୍ବ , ପଣସ ଆଦି ବିଭିନ୍ନ ପ୍ରକାରର ୨୫ ଗୋଟି ଚାରା ରୋପଣ କରାଯାଇଛି। କେବଳ ଚାରା ରୋପଣ କରି କାମ ସାରି ଦେଲେ ହେବ ନାହିଁ, ସେହି ଚାରାର ଯତ୍ନ ନେଇ ବଞ୍ଚାଇ ରଖିବା ହେଉଛି ବଡ କଥା ବୋଲି ବ୍ଲକ ସାମାଜିକ ସମୀକ୍ଷକ ବେହେରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବ୍ଲକ ସାମାଜିକ ସମୀକ୍ଷକ ବେହେରା, ବନରକ୍ଷୀ ରଶ୍ମିତା ସେଠୀ, ଗ୍ରାମ୍ୟ ସମ୍ବଳ କର୍ମୀ ମମିତା ଗୋଛାୟତ, ସରୋଜିନୀ ପରିଡାଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଛାତ୍ରୀଛାତ୍ର ଚାରା ରୋପଣ ଓ ସହଯୋଗ କରିଥିଲେ।

# ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପ୍ରତିଷ୍ଠା ଆଶା ବଢ଼ିଲା





କେନ୍ଦ୍ରାପଡ଼ା ଜିଲା ରାଜନଗର ବନଖଣ୍ଡ ଅଞ୍ଚଳର ସମୁଦ୍ରରେ ଦେଖାଯାଉଥିବା ଡଲ୍‌ଫିନ୍, ଅଲିଭ୍‌ରିଡ୍‌ଲେ କଇଁଛ, ଭିତରକନିକା ଅଭୟାରଣ୍ୟରେ କୁମ୍ଭୀର।

କେନ୍ଦ୍ରାପଡ଼ା, ୧୧।୮ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ସାମୁଦ୍ରିକ ଜୀବ ଗବେଷଣା କେନ୍ଦ୍ର ପତିଷ୍ଠା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ବିଭିନ୍ନ ସାମାଜିକ ସଙ୍ଗଠନ, ପରିବେଶବିତ୍‌ଙ୍କ ଦାବିକୁ ଗ୍ରହଣ କରି ରାଜନଗର ବ୍ଲକ ଅଞ୍ଚଳରେ ଏହି ଗବେଷଣା କେନ୍ଦ୍ର ଖୋଲିବାକୁ ବନ ବିଭାଗ ଚଳଚଞ୍ଚଳ ହୋଇଛି। ବନ ବିଭାଗର ଏହି ପ୍ରକ୍ରିୟା ଅଞ୍ଚଳବାସୀଙ୍କ ପାଇଁ ଏକ ସୁଖବର ବୋଲି ମତ ମିଳିଥିବା ବେଳେ ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ଆର୍ଥିକ ଉନ୍ନତି ବଢ଼ିବ ବୋଲି ମତ ଦେଇଛନ୍ତି। ଏ ସମ୍ପର୍କରେ ପୂର୍ବରୁ ଦାବି ଉଠାଇଥିବା ଜିଲା ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା, ଜିଲା ଜନ ସୁରକ୍ଷା ମଞ୍ଚ ସଭାପତି ଗଣେଶ ଚନ୍ଦ୍ର ସାମଲ, ଉତ୍କଳ ଯୁବକ ସଂଘ ସଭାପତି ଗୌତମ କୁମାର ବେହେରା, ସାମୁଦ୍ରିକ କଇଁଛ ଓ ହେନ୍ତାଳ ବଣ ସୁରକ୍ଷା ସମିତି ସମ୍ପାଦକ ହେମନ୍ତ କୁମାର ରାଉତ, ପରିବେଶବିତ୍ ଅଧ୍ୟାପକ କ୍ଷୀତିଶ କୁମାର ସିଂହ ପ୍ରମୁଖ କହିଛନ୍ତି, ବନ ବିଭାଗର ଗବେଷଣା କେନ୍ଦ୍ର ପତିଷ୍ଠା ପାଇଁ ୨ଟି ଚିଠି (ନଂ. ୫୮୯୪ ଓ ନଂ ୧୩୫୧) ଗବେଷଣାଠାରୁ ଆର୍ଥିକ ଉନ୍ନତି ପାଇଁ ଆଶା ସଞ୍ଚାର କରିଛି। ଜାତୀୟ ଉଦ୍ୟାନ ଭିତରକନିକାର ଜୈବ ବିବିଧତା ପରି ଏଠାରେ ଧଳା ବଉଳା କୁମ୍ଭୀର, ଡଲଫିନ, ଅଲିଭରିଡଲେ, ଅକ୍ଟୋପସ, ଅଶ୍ୱ ଖୁରାକୃତି ନୀଳ ରକ୍ତର କଙ୍କଡ଼ା, ଶାମୁକା ଆଦି ବିଶ୍ୱ ପ୍ରସିଦ୍ଧ। ତେବେ ଏମାନଙ୍କ ଜୀବନଚର୍ଯ୍ୟା, ସ୍ଥାନୀୟ ପରିବେଶ, ଔଷଧୀୟ ଗୁଣବତ୍ତା ଆଦି ରହସ୍ୟ ଘେରରେ ଅଛି। ନିର୍ଦ୍ଦିଷ୍ଟ ସମୟରେ ବିରଳ ଅଲିଭ ରିଡ୍‌ଲେଙ୍କ ଏହି ଅଞ୍ଚଳକୁ ଆଗମନ, ଅଣ୍ଡାଦାନ ପରେ ମା' କଇଁଛଙ୍କ ପଳାୟନ, ଦେଢ଼ମାସ ପରେ ଶାବକଙ୍କ ପଶ୍ଚାତ ଗମନ ଆଦି ଏବେ ବି ରହସ୍ୟ ଘେରରେ ରହିଛି। ସେହିପରି ପୁରୀର ରାମଚଣ୍ଡୀ ତଟାଦେଶରେ ୨୦୧୨ରୁ ଅଦ୍ୟାବଧି ଦେଖା ନ ଦେବା କାରଣ ଖୋଜିବା ସହ ଗବେଷଣାଗାରରେ ଏହି ସାମୁଦ୍ରିକ ଜୀବର ଜୀବନଚକ୍ର ଅନୁଧ୍ୟାନ ହୋଇପାରିବ। ସେହିପରି ଏହି ଅଞ୍ଚଳର ବିରଳ ଧଳା କୁମ୍ଭୀର ଗୋରୀ ଏହାର ରଙ୍ଗ ପାଇଁ ବିଶ୍ୱ ପର୍ଯ୍ୟଟକଙ୍କ ଆକର୍ଷଣ ହୋଇଛି। ଗୋରୀ କୁମ୍ଭୀର ଡାଙ୍ଗମାଳର ଆବଦ୍ଧ ସୀମାରେ ଥିଲେ ମଧ୍ୟ ଚଳିତବର୍ଷ ୨୦ଟି ଧଳା କୁମ୍ଭୀରଙ୍କ ଗଣନା ହୋଇଛି। ଯାହା ଗବେଷକଙ୍କ ଗବେଷଣା ପାଇଁ ଆହ୍ୱାନ କରୁଛି। ଅପରପକ୍ଷରେ ଏଠାରେ ଦେଖାଯାଉଥିବା ଜେଲି ଫିସ, ଡଲଫିନ, ଅକ୍ଟୋପସ ଆଦି ସାମୁଦ୍ରିକ ଜୀବ ସମ୍ପର୍କରେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କୁ ଅଧିକ ସଚେତନତା ସୃଷ୍ଟିର ଆବଶ୍ୟକତା ଅଛି। ସେହିପରି ବିରଳ ନୀଳରକ୍ତ କଙ୍କଡାର ସୁରକ୍ଷା ଏଠାରେ ଏକ ଆହ୍ୱାନ ହୋଇଛି। ଏହି କଙ୍କଡ଼ା ଓ ଶାମୁକାରୁ ପ୍ରସ୍ତୁତ ଔଷଧ ମାନବ ସମାଜ ପାଇଁ କେତେଦୂର ଉପଯୋଗୀ ହୋଇପାରିବ, ତାହାର ଗବେଷଣା ଜରୁରୀ ହୋଇପଡ଼ିଛି। ଅପରପକ୍ଷରେ ତଟକ୍ଷୟ ଏଠାରେ ଉଗ୍ରରୂପ ଧାରଣ କରିଛି। ଏହାର ନିରାକରଣ ସମ୍ପର୍କରେ ଗବେଷଣା ହୋଇପାରିବ। ସାମୁଦ୍ରିକ ଜୀବଙ୍କ ସୁରକ୍ଷା ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର ଜାତୀୟ ଉଦ୍ୟାନ ମଧ୍ୟରେ ଏକ ଗବେଷଣାଗାର ପ୍ରତିଷ୍ଠା ପାଇଁ ସେମାନେ ଏହି ଆଲୋଚନାଚକ୍ରରେ ଦାବି କରିଛନ୍ତି। ଏଡିଏମ୍ ପୀତାମ୍ବର ସାମଲ ଏହି ପ୍ରସ୍ତାବକୁ ସ୍ୱାଗତ କରିଛନ୍ତି। ଏହାକୁ କାର୍ଯ୍ୟକାରୀ ପାଇଁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

- ଅଲିଭରିଡ୍‌ଲେଙ୍କ ଜୀବନ ଚକ୍ର ଏବେ ବି ପ୍ରହେଳିକା
- ଗୋରୀ ପରେ ମିଳିଲେଣି ୨୦ ଧଳା କୁମ୍ଭୀର
- ନୀଳରକ୍ତ କଙ୍କଡ଼ା, ଶାମୁକାରୁ ମିଳିବ ଔଷଧ

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରାଜ



@ ଶୁଭାଶିଷ



@ ନାତାଶ



@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ପ୍ରମିଳା ଖଟୁଆ ବିଜୟୀ

## ଦିହୁଡିପୁର ସମିତିସଭ୍ୟା ଉପନିର୍ବାଚନ



ସମର୍ଥକଙ୍କ ଗହଣରେ ବିଜୟୀ ପ୍ରାର୍ଥୀ ପ୍ରମିଳା ଖଟୁଆ।

ପଟ୍ଟାମୁଣ୍ଡାଇ, ୧୧।୮ (ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଦିହୁଡିପୁର ପଞ୍ଚାୟତର କଂଗ୍ରେସ ସମର୍ଥିତ ସମିତିସଭ୍ୟା ପୁଷ୍ପଲତା ସ୍ୱାଇଁଙ୍କ ଅକାଳ ବିୟୋଗ ପରେ ସମିତିସଭ୍ୟା ପଦବୀ ପାଇଁ ୯ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏହି ଆସନକୁ ପୁଣି ନିଜ ହାତରେ ରଖିବା ପାଇଁ କଂଗ୍ରେସ ଦଳ ଜୋରଦାର ଉଦ୍ୟମ କରିଥିଲା। କଂଗ୍ରେସ ହାତରେ ଥିବା ସମିତିସଭ୍ୟା ପଦବୀକୁ ଛଡାଇ ନେବା ପାଇଁ ବିଜେଡି ମଧ୍ୟ ଜୋରଦାର ଉଦ୍ୟମ ଚଲାଇଥିଲା। ଏହାର ଶୁକ୍ରବାର ପଟ୍ଟାମୁଣ୍ଡାଇ ବ୍ଲକ ସମ୍ମିଳନୀ କକ୍ଷରେ କଡା ନିରାପତା ମଧ୍ୟରେ ଦିହୁଡିପୁର ସମିତିସଭ୍ୟା ଉପନିର୍ବାଚନ ଭୋଟ ଗଣତି କରାଯାଇଥିଲା। ଏଥିରେ ବିଜେଡି ସମର୍ଥିତ ପ୍ରାର୍ଥିନୀ ପ୍ରମିଳା ଖଟୁଆ ୨୧୩ ଭୋଟ ବ୍ୟବଧାନରେ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ଝରଣା ପ୍ରଧାନଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ଦିହୁଡିପୁର ପଞ୍ଚାୟତର ସମୁଦାୟ ୨୦୨୫ ଭୋଟର ମତଦାନ ସାବ୍ୟସ୍ତ କରିଥିଲେ। ସେଥିରୁ ବିଜେଡି ସମର୍ଥିତ ପ୍ରାର୍ଥିନୀ ପ୍ରମିଳା ୧୧୧୦ଖଣ୍ଡ ଭୋଟ ପାଇଥିବାବେଳେ କଂଗ୍ରେସ ସମର୍ଥିତ ପ୍ରାର୍ଥିନୀ ୮୯୭ ଖଣ୍ଡ ଭୋଟ ପାଇଛନ୍ତି। ୧୮ ଖଣ୍ଡ ଭୋଟ ନାକଚ ହୋଇଯାଇଛି। ବିଜେଡି ସମର୍ଥିତ ପ୍ରାର୍ଥିନୀ ପ୍ରମିଳା ନିର୍ବାଚିତ ହୋଇଥିବା ସରକାରୀ ଭାବେ ବ୍ଲକ ନିର୍ବାଚନ ଅଧିକାରୀ ତଥା ବିଡିଓ ଶୁଭ୍ରାଂଶୁ ସାହୁ ଘୋଷଣା କରିବା ପରେ ବିଜେଡି ନେତା ଓ କର୍ମୀ ମହଲରେ ଆନନ୍ଦ ଉଲ୍ଲାସ ଖେଳି ଯାଇଥିଲା। ଏହି ଉପନିର୍ବାଚନ ଭୋଟ ଗଣତି ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା କରିବାରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେଉରିଆ, ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପୋଲିସ ଉପସ୍ଥିତ ରହିଥିଲେ। ସେହିପରି ପେଣ୍ଠୁପାଳ ୧୦ ନମ୍ବର ୱାର୍ଡ ସଭ୍ୟ ଉପନିର୍ବାଚନରେ ୩୦୧ ମତଦାନ ହୋଇଥିଲା। ସେଥିରୁ ନିରୁପମା ମଳିକ ୧୫୭ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱି ଶାନ୍ତିଲତା ମଳିକ ୧୨୯ ଖଣ୍ଡ ଭୋଟ ପାଇଛନ୍ତି। ନିରୁପାମା ୨୮ ଖଣ୍ଡ ଭୋଟ ଅଧିକ ପାଇ ନିର୍ବାଚିତ ହୋଇଛନ୍ତି।

# ବିଜେଡି ଜିତିଲା ଜିଲା ପରିଷଦ ଉପନିର୍ବାଚନ

ଧର୍ମଶାଳା/କାଏମା, ୧୧।୮
(ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି)

- ଭାଜପା ପ୍ରାର୍ଥୀ ମହେଶ୍ୱର ତରାଇଙ୍କୁ ମିଳିଲା ୬୪୪୦ ଖଣ୍ଡ ଭୋଟ୍
- କଂଗ୍ରେସ ପ୍ରାର୍ଥୀ ବୈରାଗୀ ମଳିକ ୮୫୧ ଖଣ୍ଡ ପାଇ ଅମାନତ ହରାଇଲେ

ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ୧୫ ନଂ. ଜୋନ୍ ଜିଲା ପରିଷଦ ସଭ୍ୟ ଉପନିର୍ବାଚନ ଫଳାଫଳ ଶୁକ୍ରବାର ପ୍ରକାଶ ପାଇଛି। ଏଥିସହିତ ବ୍ଲକ୍ ଅଧୀନ ନେଉଳପୁର ପଞ୍ଚାୟତ ସମିତିସଭ୍ୟ ଓ ଚକ୍ରଧରପୁର ପଞ୍ଚାୟତର ୭ ନଂ. ୱାର୍ଡ ସଭ୍ୟା ଫଳାଫଳ ପ୍ରକାଶ କରାଯାଇଛି। ଧର୍ମଶାଳା ମହାବିଦ୍ୟାଳୟରେ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଛି। ୧୫ନଂ. ଜିଲା ପରିଷଦ ଜୋନରେ ବିଜେଡି ପ୍ରାର୍ଥୀ ଭାଜପା ପ୍ରାର୍ଥୀଙ୍କୁ ୧୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ବିଜେଡି ପ୍ରାର୍ଥୀ ଚକ୍ରଧର ବେହେରା ୧୬,୬୩୬ ଖଣ୍ଡ ଭୋଟ ପାଇଥିବାବେଳେ ଭାଜପା ପ୍ରାର୍ଥୀ ମହେଶ୍ୱର ତରାଇ ୬୪୪୦ ଖଣ୍ଡ ଭୋଟ୍ ପାଇଛନ୍ତି। କଂଗ୍ରେସ ପ୍ରାର୍ଥୀ ବୈରାଗୀ ମଳିକ ୮୫୧ ଖଣ୍ଡ ପାଇ ଅମାନତ ହରାଇଛନ୍ତି। ୨୫୧ ଖଣ୍ଡ ଭୋଟ ନାକଚ ହୋଇଯାଇଛି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଭାଗ୍ୟଧର ସେଠୀ ୪୧୨୦ ଖଣ୍ଡ ଭୋଟ ବ୍ୟବଧାନରେ ଭାଜପା ପ୍ରାର୍ଥୀ ପୂର୍ଣ୍ଣଚନ୍ଦ୍ର ତରାଇଙ୍କୁ ପରାସ୍ତ କରି ବିଜୟୀ ହୋଇଥିଲେ। ମାତ୍ର ଉପନିର୍ବାଚନରେ ବିଜେଡି ପ୍ରାର୍ଥୀ ବେହେରା ୧୦,୧୯୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି।

ନେଉଳପୁର ପଞ୍ଚାୟତ ସମିତିସଭ୍ୟା ପଦ ପାଇଁ ୩ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ସବନମ ପରୱିନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିର୍ମଳା ବେହେରାଙ୍କୁ ୪୩ ଖଣ୍ଡ ଭୋଟ ବ୍ୟବଧାନରେ ପରାସ୍ତ କରିଛନ୍ତି। ପରୱିନ ୧୬୪୭ ଖଣ୍ଡ ଭୋଟ ପାଇଥିବାବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବେହେରା ୧୬୦୪ ଖଣ୍ଡ ଭୋଟ୍ ପାଇଛନ୍ତି। ଜରିନା ବେଗମ ମାତ୍ର ୭୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି। ୮୨ଖଣ୍ଡ ଭୋଟ ନାକଚ ହୋଇଯାଇଛି। ସେହିପରି ଚକ୍ରଧରପୁର ପଞ୍ଚାୟତ ୭ନଂ. ୱାର୍ଡରୁ ୱାର୍ଡସଭ୍ୟା ଭାବେ ପିଙ୍କିଲତା ଜେନା ବିଜୟୀ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କବିତା ଜେନାଙ୍କୁ ୧୧୬ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ପିଙ୍କିଲତା ୧୩୨ ଖଣ୍ଡ ଭୋଟ ପାଇଥିବାବେଳେ କବିତା ୧୬ ଖଣ୍ଡ ଭୋଟ ପାଇ ଅମାନତ ହରାଇଛନ୍ତି।

ସକାଳ ୮ଟାରୁ ଭୋଟ ଗଣତି ଆରମ୍ଭ ହୋଇଥିଲା। ପ୍ରଥମେ ୱାର୍ଡ ସଭ୍ୟା ପରେ ସମିତିସଭ୍ୟା ଏବଂ ଶେଷରେ ଜିଲା ପରିଷଦ ସଭ୍ୟ ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯାଇଥିବା ନିର୍ବାଚନ ଅଧିକାରୀ ତଥା ଧର୍ମଶାଳା ବିଡିଓ ଦେବେନ୍ଦ୍ର ପ୍ରସାଦ ବଳ ସୂଚନା ଦେଇଛନ୍ତି। ଏହି ନିର୍ବାଚନରେ ବିଜେଡିର ବିପୁଳ ବିଜୟ ପରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଭୋଟରଙ୍କୁ କୃତଜ୍ଞତା ଜଣାଇବା ସହ ସେମାନଙ୍କ ମତଦାନକୁ ସ୍ୱାଗତ କରିଛନ୍ତି। ଗତ ୯ ତାରିଖରେ ଭୋଟ ଗ୍ରହଣ କରାଯାଇଥିଲା।



ବିଜୟୀ ପ୍ରାର୍ଥୀଙ୍କ ସହ ଦଳୀୟ କର୍ମୀ ଓ ବିଧାୟକ ଖୁସି ମନାଉଛନ୍ତି।

# ଉଭୟ ଗୋଷ୍ଠୀରୁ ୧୪ କୋର୍ଟଚାଲାଣ

## କୋରେଇରେ ଗୋଷ୍ଠୀ ବିବାଦ ଘଟଣା

କୋରେଇ, ୧୧।୮ (ଚନ୍ଦ୍ରକାନ୍ତ ପତି)

କୋରେଇ ବଜାରରେ ଗାଡ଼ି ଦୁର୍ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଘଟିଥିବା ଗଣ୍ଡଗୋଳ ଘଟଣାରେ ପୋଲିସ ଉଭୟ ଗୋଷ୍ଠୀରୁ ୧୪ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏକ ବଡ଼ଧରଣ ଗଣ୍ଡଗୋଳ ଆଶଙ୍କା କରି ଗୁରୁବାର ସନ୍ଧ୍ୟାପରଠାରୁ ବନ୍ଦ ଥିବା ଦୋକାନ ବଜାର ଶୁକ୍ରବାର ଚଳଚଞ୍ଚଳ ହୋଇ ଉଠିଛି।

ଗୁରୁବାର ରାତି ପ୍ରାୟ ସାଢ଼େ ୭ଟାରେ କୋରେଇ ଥାନା ଅଧୀନ ବଟିରା ଗ୍ରାମର ଜଣେ ଯୁବକ ଏକ ବୋଲେରୋରେ କୋରେଇ ବଜାରକୁ ଆସିବା ସମୟରେ ଦେବାନ ମହଲାଠାରେ ଜଣେ ଯୁବକକୁ ଧକ୍କା ଦେଇଥିଲେ। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଯୁବକଙ୍କୁ ଉଦ୍ଧାର କରି ମେଡିକାଲ ପଠାଇବା ସହ ଗାଡ଼ିକୁ ଅଟକ ରଖିଥିଲେ। ଏହି ସମୟରେ ଏକ ଗୋଷ୍ଠୀ ପହଞ୍ଚି ଉଦ୍ଧାର କରିଥିବା ଲୋକଙ୍କୁ ମାରଧର କରିଥିଲେ। ଅନ୍ୟ ଏକ ଗୋଷ୍ଠୀ ସେଠାରେ ପହଞ୍ଚିବାରୁ ଦୁଇ ଗୋଷ୍ଠୀ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଖବର ପାଇ କୋରେଇ ପୋଲିସ ପହଞ୍ଚି ଘେରାବନ୍ଦୀ କରିବା ସହ ସେଠାରେ ୧୪୪ଧାରା ଜାରି କରିଥିଲା। ଯାଜପୁର ଏସ୍‌ପି, ଏସଡିପିଓ, ବ୍ୟାସନଗର ଅତିରିକ୍ତ ତହସିଲଦାର ଉପସ୍ଥିତ ରହି ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ପୋଲିସ ପକ୍ଷରୁ ଉଭୟ ପକ୍ଷର ମୁରବୀଙ୍କୁ ଡାକି ଏକ ଆପୋସ ବୁଝାମଣା କରାଯାଇଥିଲା। ଗଣ୍ଡଗୋଳରେ ଲିପ୍ତ ଥିବା ସମସ୍ତଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏନେଇ ନଂ.୨୪୫/୨୩ ଓ ୨୪୬/୨୩ରେ ୨ ମାମଲା ରୁଜୁ କରାଯାଇଛି। ଘଟଣାର ଜଡ଼ିତ ଅନ୍ୟ ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି ଥାନା ପକ୍ଷରୁ ସୂଚନା ମିଳିଛି।

# ରାସ୍ତା ଅବରୋଧ କଲେ ଛାତ୍ରୀଛାତ୍ର

## ଢଳେଇ ରାସ୍ତାରେ ପାଣି

ଏରସମା, ୧୧।୮ (ଦୀପ୍ତି ରଞ୍ଜନ ଖଣ୍ଡୁଆଳ)

ଏରସମା ବ୍ଲକ ଗୋଡା ପଞ୍ଚାୟତସ୍ଥିତ ଆଉଁରି ଗ୍ରାମର ଏକ ଢଳେଇ ରାସ୍ତାରୁ ଜଳ ନିଷ୍କାସନ କରିବା ଦାବିରେ ଛାତ୍ରୀଛାତ୍ର ଶୁକ୍ରବାର ଗ୍ରାମ ରାସ୍ତାରୋକୋ କରିଥିଲେ। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଆଉଁରି ଗ୍ରାମର ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିଠାରୁ ଆଉଁରି ଉଚ୍ଚ ପାଥମିକ ବିଦ୍ୟାଳୟ ପର୍ଯ୍ୟନ୍ତ ଢଳେଇ ରାସ୍ତାରେ ବର୍ଷା ପାଣି ଜମି ରହୁଛି। ଉକ୍ତ ରାସ୍ତା ଭଲଥିଲେ ମଧ୍ୟ ବର୍ଷା ପାଣି ନିଷ୍କାସନ ହେବା ପାଇଁ ବ୍ୟବସ୍ଥା କରାଯାଇନାହିଁ। ଆଉଁରି ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ଥିଲା ବେଳେ ପ୍ରାୟ ୧୨୦ ଜଣ ପିଲା ପାଠପଢ଼ନ୍ତି। ମାତ୍ର ରାସ୍ତାରେ ବର୍ଷାପାଣି ଜମିଥିବାରୁ ସେମାନେ ଉକ୍ତ ପାଣି ପଶି ଯାତାୟାତ କରିବାକୁ ବାଧ ହେଉଛନ୍ତି। ଓଦାହୋଇ ବିଦ୍ୟାଳୟକୁ ଯାଉଥିବାରୁ ବହୁସମୟରେ ବିଭିନ୍ନ ରୋଗରେ ପଡୁଛନ୍ତି। ଏହାର ସୁବ୍ୟବସ୍ଥା କରିବା ଦାବିରେ ଛାତ୍ରୀଛାତ୍ରମାନେ ଆନ୍ଦୋଳନ କରିଥିଲେ। ଦାବି ପୂରଣ ପାଇଁ ଛାତ୍ରୀଛାତ୍ରମାନେ ପ୍ରାୟ ୩ ଘଣ୍ଟା ରାସ୍ତାରୋକୋ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ ଏରସମା ବିଡିଓ ଲମ୍ବୋଦର ଖୁଣ୍ଟିଆ, ତହସିଲଦାର ସନ୍ଧ୍ୟାଞ୍ଜଳୀ ମାଝି, ଏରସମା ଥାନା ଅଧିକାରୀ ନିରଞ୍ଜନ ଦାସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ପିଲାମାନଙ୍କୁ ବୁଝାଶୁଝା କରିଥିଲେ। ଯଥାଶୀଘ୍ର ସେଠାରେ ଜଳ ନିଷ୍କାସନର ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ଛାତ୍ରୀଛାତ୍ରମାନେ ରାସ୍ତାରୋକୋ କରି ପ୍ରତିବାଦ କରୁଛନ୍ତି।

# ବନ ବିଭାଗ ଦ୍ୱାରା ୧୩ ଦେଶୀ କୁଜି କଇଁଛ ଜବତ

ମହାକାଳପଡ଼ା, ୧୧।୮ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

- ବ୍ୟବସାୟୀଙ୍କୁ କୋର୍ଟ ଚାଲାଣ
- ଜଗରିଜୋର ସାପ୍ତାହିକ ହାଟରୁ ବସ୍ ଯୋଗେ କୋଲକାତା ଯିବାର ଥିଲା

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ଦେଶୀ କଇଁଛ ମାଂସ ସହରକୁ ଚାଲାଣ ବୃଦ୍ଧି ପାଇଥିବା ଦେଖିବାକୁ ମିଳୁଛି। ଏହାର ଚାହିଦା ସହର ଅଞ୍ଚଳରେ ରହିଛି ବୋଲି କୁହାଯାଇଛି। ଏହି ଅଞ୍ଚଳର କେତେଜଣ କଇଁଛ ବେପାରୀ ସକ୍ରିୟ ହୋଇଛନ୍ତି। ଦେଶୀ କଇଁଛ ଜଙ୍ଗଲ ଭିତରୁ, ନଦୀବନ୍ଧ ବଣ ବୁଦା ମୂଳେ ଓ ବାଡ଼ି ବଗିଚାରେ ଦେଖିବାକୁ ମିଳେ। କେତେଜଣ ଅସାଧୁ ବ୍ୟକ୍ତି ଏହି ଦେଶୀ କଇଁଛଗୁଡିକ ଧରି ନିକଟସ୍ଥ ହାଟ, ବଜାରରେ ଗଢ଼ି ଉଠିଥିବା ମାଛ ଫିସାରି ମାଧ୍ୟମରେ ନଦୀ ପଥରେ ଡଙ୍ଗା ଓ ସ୍ଥଳ ପଥରେ ବସ୍ ଯୋଗେ କୋଲକାତା, ବାଲେଶ୍ୱର, ଭଦ୍ରକ, କଟକ, ଭୁବନେଶ୍ୱର ଓ ପାରାଦୀପ ଆଦି ଅଞ୍ଚଳକୁ ଚାଲାଣ କରୁଛନ୍ତି। ବିଶେଷକରି ଏହି କଇଁଛ ମାଂସ ରୋଗୀଙ୍କ ମୁଖ୍ୟ ଖାଦ୍ୟ ହୋଇଥାଏ। ଏହାର ବଜାର ଦର କିଲୋ ପ୍ରତି ୫ଶହ ଟଙ୍କାରୁ ଅଧିକ ବୋଲି ବେପାରୀମାନେ ନାମ ଗୋପନ ସର୍ତ୍ତରେ କହିଛନ୍ତି।

ଗୁରୁବାର ସନ୍ଧ୍ୟାରେ ବ୍ଲକର ସ୍ଥାନୀୟ ଜଗରୀଜୋର ସାପ୍ତାହିକ ହାଟରୁ ଏକ ବସ୍‌ରେ କୋଲକାତା କଇଁଛ ବିକ୍ରି କରିବାକୁ ମସୁଧା ଚାଲିଥିଲା। କୌଣସି ସୂତ୍ରରୁ ଖବରପାଇ ବନ ବିଭାଗ କର୍ମଚାରୀ ରୋଜାଲିନ ଦାସଙ୍କ ସମେତ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ଜଣେ ବେପାରୀଙ୍କୁ ଅଟକ ରଖିଥିଲେ। ତାଙ୍କ ନିକଟରୁ ୧୩ଟି ଦେଶୀ କୁଜି କଇଁଛକୁ ଅଖା ବସ୍ତାରେ ଭର୍ତ୍ତି ହୋଇଥିବା ଦେଖି ଜବତ କରିଥିଲେ। ଅଟକ ହୋଇଥିବା କଇଁଛ ବେପାରୀ ହେଲେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅଧୀନ ଧନିଆପଲ୍ଲୀ ଗ୍ରାମର ସହଦେବ ମଳିକ(୪୮) ବୋଲି ଜଣାପଡ଼ିଛି। ଏହି ଦେଶୀ କଇଁଛଗୁଡ଼ିକ ସେଡ୍ୟୁଲ-୨ରେ ଅନ୍ତର୍ଭୁକ୍ତ ହୋଇଥିବାରୁ ୧୯୭୨ ବନ୍ୟଜୀବ ବନ୍ୟଜନ୍ତୁ ସୁରକ୍ଷା ସଂରକ୍ଷଣ ଆଇନ ଅନୁସାରେ ଏକ ମାମଲା ରୁଜୁ କରାଯାଇ କେସ ନମ୍ବର ଓଆର୍ ୧୨/ଏମ ୨୦୨୩-୨୪ କରାଯାଇଛି। ଶୁକ୍ରବାର ଏହି କଇଁଛ ବେପାରୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ମହାକାଳପଡ଼ା ବନାଞ୍ଚଳ ଅଧିକାରୀ କାର୍ତ୍ତିକେଶ୍ୱର ଖଣ୍ଡାଇ କହିଛନ୍ତି। ତେବେ ସେହିପରି ଏହି ପ୍ରଜାତିର ଦେଶୀ କଇଁଛଗୁଡିକ ବ୍ଲକର ବଡିଘର, ଜମ୍ବୁ, ରାମନଗର, ତନ୍ତିଆପାଳ, ବାବାର, ବହାକୁଦ, ତିଖିରୀ, ଯଦୁପୁର, ଓରତଘାଟ ନିକଟରୁ ଗୁପ୍ତ ଭାବେ ବେପାରୀମାନେ ଚାଲାଣ କରୁଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଏହି ଅଞ୍ଚଳରୁ ଦେଶୀ କଇଁଛଗୁଡିକର ବଂଶ ଲୋପ ପାଇବାକୁ ବସିଲାଣି ବୋଲି ପରିବେଶ ପ୍ରେମୀ ସୁବାସ ଚନ୍ଦ୍ର ସ୍ୱାଇଁ ଅଭିଯୋଗ କରିଛନ୍ତି।



ବନ ବିଭାଗ ଦ୍ୱାରା ଜବତ କଇଁଛ ଓ ଗିରଫ ଅଭିଯୁକ୍ତ।

# ମୋବାଇଲ ଫୋନ୍‌ରେ ହେବ ଚାଷୀଙ୍କ ଫସଲ ସର୍ଭେ

ନୟାଗଡ଼,୧୧।୮(ଲୋକନାଥ ମିଶ୍ର)



ଖବରଦାତା ସମ୍ମିଳନୀ ଜିଲାପାଳ ଓ ଅନ୍ୟମାନେ।

ନୟାଗଡ଼ ଜିଲା ସମେତ ଦେବଗଡ, ନୂଆପଡା, ଭଦ୍ରକ ଜିଲାରେ ପାଇଲଟ ଯୋଜନା ଭାବେ ଡିଜିଟାଲ ଫସଲ ସର୍ବେକ୍ଷଣ ଆରମ୍ଭ ହେବ। ଅଗଷ୍ଟ ୧୬ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ୨୭ଦିନ ପର୍ଯ୍ୟନ୍ତ ଏହି ସର୍ଭେ ଚାଲିବ। ଏ ନେଇ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ କହିଛନ୍ତି। ଜିଲାପାଳଙ୍କ ସୂଚନା ଅନୁସାରେ, ମୋବାଇଲ ଆପ ଯୋଗେ ଜିଲାର ୮୭୮ ସର୍ବେକ୍ଷଣକାରୀ ଏହି ସର୍ଭେ କରିବେ। ସର୍ଭେ ପାଇଁ କୃଷକ ସାଥୀ, ପ୍ରାଣୀ ମିତ୍ର, ଉଦ୍ୟାନ ସାଥୀ, ଗୋମିତ୍ର, ଏମ୍‌ବିକେ, କମ୍ୟୁନିଟ୍ ରିସର୍ଚ୍ଚ ପର୍ସନ ଆଦି ୮୭୮ ସର୍ବେକ୍ଷଣକାରୀ ତାଲିମ ନେଇଛନ୍ତି। ଏହି ସର୍ବେକ୍ଷଣକାରୀମାନେ କୃଷି ବିଭାଗ, ରାଜସ୍ୱ ବିଭାଗ, ଆନୁଷଙ୍ଗିକ ବିଭାଗ ଯଥା ମୃତ୍ତିକା ସଂରକ୍ଷଣ ବିଭାଗ, ଉଦ୍ୟାନ ବିଭାଗ, ଯୋଜନା ଓ ପରିସଂଖ୍ୟାନ ବିଭାଗର ପଞ୍ଚାୟତ ଓ ଜିଲାସ୍ତରୀୟ ଅଧିକାରୀଙ୍କ ତତ୍ତ୍ୱାବଧାନରେ କରିବେ। ଜିଲାରେ ୧୩ ଲକ୍ଷ ୧୭ ହଜାର ୫୫୩ ପ୍ଲଟର ସର୍ବେକ୍ଷଣ ହେବ। ଗୋଟିଏ ପ୍ଲଟ ସର୍ବେକ୍ଷଣ ହେଲେ ସର୍ବେକ୍ଷଣକାରୀ ୮ ଟଙ୍କା ପାଇବେ। ଦିନକୁ ଅତି କମରେ ୫୦ଟି ପ୍ଲଟ ସର୍ବେକ୍ଷଣ ହେବାକୁ ଟାର୍ଗେଟ ରହିଛି। ପ୍ଲଟକୁ ନ ଯାଇ ସର୍ବେକ୍ଷଣ କରି ହେବ ନାହିଁ। ସର୍ବେକ୍ଷଣ ସମୟରେ ଚାଷୀ, ଜମି ମାଲିକ, ସ୍ଥାନୀୟ ଲୋକ ସହଯୋଗ କରିବା ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡିଜିଟାଲ କ୍ରପ ସର୍ଭେର ମାଷ୍ଟର ତାଲିମଦାତା ଲଳିତେନ୍ଦୁ ମହାପାତ୍ର, ଜିଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ ସାହୁ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରେନ୍ଦ୍ର ନାଥ ସାହୁ ଉପସ୍ଥିତ ଥିଲେ।

- ଡିଜିଟାଲ ଫସଲ ସର୍ବେକ୍ଷଣ
- ୧୩.୧୭ ଲକ୍ଷ ପ୍ଲଟ ହେବ ସର୍ଭେ
- ନୟାଗଡ଼ ସହ ୪ ଜିଲାରେ ଆରମ୍ଭ ହେଲା ପାଇଲଟ ଯୋଜନା
- ୧୬ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ହେବ ସର୍ଭେ

### ଋଣ, ଫସଲ ବୀମା ଯାଞ୍ଚ ହେବ ସୁବିଧା

ଡିଜିଟାଲ ଫସଲ ସର୍ବେକ୍ଷଣ ଯୋଗୁ କିଷାନ କ୍ରେଡିଟ୍ କାର୍ଡରେ ଋଣ ଓ ଫସଲ ବୀମା ପ୍ରସ୍ତାବର ଯାଞ୍ଚ ପାଇଁ ସୁବିଧା ହେବ ବୋଲି କୁହାଯାଉଛି। ଚାଷୀଙ୍କ ନାଁରେ ଅଣଚାଷୀ ଯେଉଁ ଫାଇଦା ନେଉଛନ୍ତି ସେଥିରେ ରୋକ ଲାଗିବ। ବହୁ ଅଣଚାଷୀ ଚାଷ ନ କରି କିଷାନ କ୍ରେଡିଟ୍ କାର୍ଡରେ ଓ ବ୍ୟାଙ୍କରୁ ଚାଷୀ ଋଣ ନେଇ ଯାଉଥିବା ଅଭିଯୋଗ ହୋଇ ଆସୁଛି। ଜମିରେ ଘର ହୋଇ ଯାଇଥିବା ବେଳେ କେତେଜଣ ଚାଷୀ କୃଷି ଋଣ ନେଉଛନ୍ତି। ଯାହାକି ଜାଲ କରି ଋଣ ନେବା ସମ୍ଭବ ହେବ ନାହିଁ। ସେହିପରି ଚାଷୀଙ୍କ ମୋବାଇଲକୁ ଫସଲ ସମ୍ପର୍କରେ ବିଭିନ୍ନ ପରାମର୍ଶ ମିଳିବ। ସରକାରୀ ସହାୟତା ମିଳିବାରେ ସୁବିଧା ହେବ।

### ପଡ଼ିଆ ଜମି, ନକଲି ଚାଷୀ ଧରା ପଡ଼ିବେ

ଡିଜିଟାଲ ଫସଲ ସର୍ବେକ୍ଷଣ ଯୋଗୁ ପଡ଼ିଆ ଜମି ଚିହ୍ନଟ ହୋଇଯିବ। ପୁଣି ଚାଷୀ ନକଲି କି ଅସଲି ଜଣାପଡ଼ିବ। ଜମିରେ କେଉଁ ଫସଲ ହୋଇଛି ତାହା ମଧ୍ୟ ସ୍ପଷ୍ଟ ହୋଇଯିବ। ସେହିପରି କିଛି ଚାଷୀ ଜଙ୍ଗଲ ଜମି, ନଦୀ ପୋଖରୀ, କାଜୁ ବଗାୟତକୁ ଚାଷ ଜମି ଦେଖାଇ ଧାନ ବିକ୍ରି କରି ଆସୁଥିଲେ। ନକଲି ଚାଷୀଙ୍କ ଧାନ ବିକ୍ରି କରିବା କାଠିକର ପାଠ ହେବ।

# ବର୍ଷାରେ ଭିଜି ବିକ୍ଷୋଭ କଲେ ଶିକ୍ଷକ


ଶିକ୍ଷୟିତ୍ରୀଶିକ୍ଷକ ବର୍ଷାରେ ଭିଜି ଠିଆ ହୋଇଛନ୍ତି।


ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ନୟାଗଡ଼, ୧୧।୮(ଲୋକନାଥ ମିଶ୍ର)

- ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ
- ସାମୂହିକ ଛୁଟିରେ ଯିବେ ସବୁ ବର୍ଗର ଶିକ୍ଷକ
- ୧୬ରୁ ସବୁ ବିଦ୍ୟାଳୟରେ ତାଲା ଝୁଲିବ

ବ୍ଲକ ସ୍ତରରେ ଆନ୍ଦୋଳନ ପରେ ବି ସରକାର ପ୍ରାଥମିକ ଶିକ୍ଷକମାନଙ୍କର ଦାବିକୁ ଅଣଦେଖା କରୁଥିବାରୁ ପ୍ରାଥମିକ ଶିକ୍ଷକମାନେ ଆନ୍ଦୋଳନକୁ ତ୍ୱରାନ୍ୱିତ କରିଛନ୍ତି। ଶୁକ୍ରବାର ମଧ୍ୟାହ୍ନ ଓ ଅପରାହ୍ନରେ ବର୍ଷା ଲାଗି ରହିଥିଲେ ଶିକ୍ଷକମାନେ ଶୋଭାଯାତ୍ରା କରିବା ସହ ବିକ୍ଷୋଭ, ପ୍ରତିବାଦ ସଭା କରିଥିଲେ। ନୟାଗଡ଼ ଜିଲାର ସବୁବର୍ଗର ଶିକ୍ଷକମାନେ ଏକାଠି ହୋଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ବିକ୍ଷୋଭ ସମୟରେ ବର୍ଷା ହେଉଥିବାରୁ ଶିକ୍ଷକମାନଙ୍କ ଦ୍ୱାରା ୫୭ ନଂ. ଜାତୀୟ ରାଜପଥ ଅବରୋଧ ହୋଇଯାଇଥିଲା। ଘେରାଉ କରିବା ପୂର୍ବରୁ ଶିକ୍ଷକମାନେ ନୟାଗଡ଼ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରୁ ଏକ ଶୋଭାଯାତ୍ରାରେ ଜିଲାପାଳ କାର୍ଯ୍ୟାଳୟକୁ ଆସି ସେଠାରେ ପ୍ରତିବାଦ ସଭା କରିଥିଲେ। ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଆବାହକ ତଥା ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ଆବାହକ ତଥା ଜିଲା ସଭାପତି ଜ୍ୟୋତି ରଞ୍ଜନ ଦାସ, ନିଉ ପେନସନ ଶିକ୍ଷକ ସଂଘର ରାଜ୍ୟ ସମ୍ପାଦକ ବିଭୁ ପ୍ରସାଦ ସାହ ଓ ନୟାଗଡ଼ ବ୍ଲକ ସଭାପତି ପୀତବାସ ପ୍ରଧାନ, ସମ୍ପାଦକ ସୁରେଶ ଚନ୍ଦ୍ର ସେଠୀ, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତ ବଲ୍ଲଭ ମିଶ୍ର, ଏକ୍ସ କ୍ୟାଡର ଶିକ୍ଷକ ସଂଘ ଜିଲା ସଭାପତି ଉମେଶ ଚନ୍ଦ୍ର ସ୍ୱାଇଁ, ସମ୍ପାଦକ ଲକ୍ଷ୍ମୀଧର ପାଇକରାୟ, ଶିକ୍ଷକ ନେତା ଏସ୍.ଏ.ଖାଲିକ, ଭଗବାନ ପଣ୍ଡା, ରବୀନ୍ଦ୍ର କୁମାର ସାହୁ, ଜୟକୃଷ୍ଣ ସାହୁ ପ୍ରମୁଖ ଯୋଗଦେଇ ସରକାରଙ୍କୁ ସମାଲୋଚନା କରିଥିଲେ। ବକ୍ତାମାନେ କହିଥିଲେ, ୬ ବର୍ଷର ଠିକା ନିଯୁକ୍ତି ସହ ଏକ୍ସ କ୍ୟାଡର ଉଚ୍ଛେଦ, କଳା ଶିକ୍ଷକମାନଙ୍କୁ ନିୟମିତ କରିବା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ, ପୁରୁଣା ପେନସନ ଲାଗୁ କରିବା ଦରକାର ପଡ଼ିଛି। ସରକାର ଶିକ୍ଷକମାନଙ୍କର ଦାବିକୁ ଅଣଦେଖା କଲେ ପରିସ୍ଥିତି ଭୟାବହ ହେବ। ବ୍ଲକ ଓ ଜିଲାସ୍ତରୀୟ ଆନ୍ଦୋଳନ ଶେଷ ପରେ ବି ସରକାର ଚୁପ ରହିଥିବାରୁ କାର୍ଯ୍ୟରତ ସମସ୍ତ ପ୍ରାଥମିକ ଶିକ୍ଷକ ସାମୁହିକ ଛୁଟିରେ ଯିବେ। ଏଣୁ ପାଠ ପଢ଼ାଇବାକୁ କେହି ବି ସ୍କୁଲରେ ନ ଥିବେ। ସରକାର କୌଣସି ସଂଘରେ ଫାଟ ସୃଷ୍ଟି କଲେ କିଛି ସୁଫଳ ମିଳିବ ନାହିଁ ବୋଲି କହିଛନ୍ତି। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଶିକ୍ଷକମାନେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ଭଞ୍ଜନଗର କୋର୍ଟର ପ୍ରଥମ ରାୟ, ଅଭିଯୁକ୍ତ ଖଲାସ

### ଗଞ୍ଜେଇ ଚୋରା ଚାଲାଣ ମାମଲା

ଭଞ୍ଜନଗର,୧୧।୮(ବାବୁଲା ପ୍ରଧାନ)

୨୦୨୦ରୁ ଭଞ୍ଜନଗର ସ୍ୱତନ୍ତ୍ର କୋର୍ଟରେ ଏନଡିପିଏସ୍ ମାମଲା ଗୁଡ଼ିକର ବିଚାର ଆରମ୍ଭ ହୋଇଛି। ଏହାପୂର୍ବରୁ ଉକ୍ତ ମାମଲାଗୁଡ଼ିକ ବ୍ରହ୍ମପୁର କୋର୍ଟରେ ହେଉଥିଲା। ଶୁକ୍ରବାର ଏକ ଏନଡିପିଏସ୍ ମାମଲାର ରାୟ ପ୍ରକାଶ ପାଇଛି, ଯାହାକି ଏହି କୋର୍ଟର ପ୍ରଥମ ରାୟ। ଭଞ୍ଜନଗର ଏଡିଜେ (ସ୍ୱତନ୍ତ୍ର ଅଦାଲତ) ଦେବଦତ୍ତ ପଟ୍ଟନାୟକ ଏକ ଗଞ୍ଜେଇ ଚୋରା ଚାଲାଣ ମାମଲାର ବିଚାର କରି ଶୁକ୍ରବାର ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ କରିଛନ୍ତି । ସେ ହେଲେ ଜଗନ୍ନାଥପ୍ରସାଦର ସନାତନ ନାସ। ୨୦୨୦ରେ ସନାତନ ଜିରାବାଡ଼ି ନିକଟସ୍ଥ ଛେଲାଖାଇ ନିକଟରେ ୧୦୦ କେଜି ଗଞ୍ଜେଇ ଧରି ଚାଲାଣ ପାଇଁ ବସ୍‌କୁ ଅପେକ୍ଷା କରିଥିଲେ। ଜଗନ୍ନାଥପ୍ରସାଦ ପୋଲିସ ଖବରପାଇ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଗଞ୍ଜେଇ ଜବତ କରିଥିଲା। ସନାତନ ସେବେଠାରୁ ଭଞ୍ଜନଗର ସ୍ୱତନ୍ତ୍ର ଉପ କାରାଗାରରେ ବନ୍ଦୀ ଜୀବନ ବିତାଉଥିଲେ। ମୁଦଲାଙ୍କ ପକ୍ଷରୁ ଆଇନଜୀବୀ ଅଶୋକ ଗୌଡ଼ (ସି) ଏବଂ ପିତବାସ ବିଷୋୟୀ ମୋକଦ୍ଦମା ପରିଚାଳନା କରୁଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରାଜ


@ ସୁବାଷିଶ


@ ନାତିଶ


@ ସୁଜିତ୍

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଫଳକରେ ସୀମିତ, ଖଣ୍ଡପଡ଼ା ଏନ୍‌ଏସିର ନୂତନ କୋଠା ନିର୍ମାଣ

ଖଣ୍ଡପଡ଼ା,୧୧।୮
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟର ନୂତନ କୋଠା ନିର୍ମାଣ ନିମନ୍ତେ ମେ ୨୪ରେ ଏନ୍‌ଏସି ଅଧକ୍ଷା ଆରତି ପ୍ରଧାନଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ମାତ୍ର ଅଢେଇ ମାସ ସମୟ ଅତିବାହିତ ହୋଇଯାଇଥିଲେ ହେଁ ଉକ୍ତ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଯେ, ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ପରିଦର୍ଶନ ବଙ୍ଗଳା ସମ୍ମୁଖସ୍ଥ ଏକ ସରକାରୀ ଜାଗାରେ ଏନ୍‌ଏସିର ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିବା ବେଳେ ଏ ପର୍ଯ୍ୟନ୍ତ କାର୍ଯ୍ୟ ଆରମ୍ଭ ହୋଇନାହିଁ। ମାତ୍ର ସୂଚନା ଫଳକଟି ରହିଛି। କାର୍ଯ୍ୟ ଆରମ୍ଭ ଦିଗରେ ଏନ୍‌ଏସି କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ବିଦ୍ୟୁତ୍ ସଂଯୋଗ ଦାବିରେ ଚାଷୀଙ୍କ ଧାରଣା

ଗଣିଆ, ୧୧।୮
(ସନ୍ତୋଷ କୁମାର ପ୍ରଧାନ)

ଗଣିଆ ବ୍ଲକ କିଶୋରପ୍ରସାଦ ପଞ୍ଚାୟତର ଖଳିସିରା ପାଣି ପଞ୍ଚାୟତରେ ଲାଗିଥିବା ଟ୍ରାନ୍ସଫର୍ମରକୁ ବିଦ୍ୟୁତ୍ ସଂଯୋଗ ଦାବିରେ ଖଳିସିରା ଗାଁର ୩୫ରୁ ଉର୍ଦ୍ଧ୍ୱ ଚାଷୀ ଶୁକ୍ରବାର ଗଣିଆ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ୩ମାସ ତଳେ ଘୂର୍ଣ୍ଣିଝଡ ପ୍ରଭାବରେ ଖଳିସିରା ପାଣି ପଞ୍ଚାୟତର ଟ୍ରାନ୍ସଫର୍ମରକୁ ସଂଯୋଗ ହୋଇଥିବା ବିଦ୍ୟୁତ ଖୁଣ୍ଟଗୁଡିକ ଉପୁଡ଼ି ଯିବା ସହ ତାର ଛିଡି ଯାଇଥିଲା। ଏହାକୁ ୩ ମାସ ବିତି ଯାଇଥିଲେ ମଧ ବିଦ୍ୟୁତ ବିଭାଗ ପକ୍ଷରୁ ମରାମତି କାର୍ଯ୍ୟ କରାଗଲା ନାହିଁ। ଏ ନେଇ ସମ୍ପୃକ୍ତ ଚାଷୀମାନଙ୍କ ପକ୍ଷରୁ ବିଦ୍ୟୁତ୍ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କ ସହ ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ କୌଣସି ସୁଫଳ ମିଳିପାରିନାହିଁ। ଶୁକ୍ରବାର କିଶୋରପ୍ରସାଦ ପଞ୍ଚାୟତ ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ବେହେରା ଓ ସମିତିସଭ୍ୟାଙ୍କ ପ୍ରତିନିଧି ଅକ୍ରୁର ବେହେରାଙ୍କ ନେତୃତ୍ୱରେ ଚାଷୀମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ତେବେ ବିଦ୍ୟୁତ୍ ବିଭାଗ ପକ୍ଷରୁ ସୋମବାର ମଧ୍ୟରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଲୋକମାନେ ଧାରଣା ଦେଇଛନ୍ତି।

# ଅଧିକାରୀଙ୍କ ଗୋହିରିବାଦୁ ଆଶ୍ରମ ସ୍କୁଲ ପରିଦର୍ଶନ

ନୂଆଗାଁ,୧୧।୮ (ଧନେଶ୍ୱର ସାହୁ)


ମଧ୍ୟାହ୍ନଭୋଜନ ପ୍ରସ୍ତୁତିର ତନଖି କରୁଛନ୍ତି ଅଧିକାରୀ।


କର୍ମଚାରୀଙ୍କୁ ତାଗିଦ କରୁଛନ୍ତି ଅଧିକାରୀଗଣ

### ଖବର ପ୍ରକାଶ ପରେ ପ୍ରଶାସନର ତତ୍ପରତା

- ଅଧିକାରୀମାନେ ସିଧାସଳଖ ଛାତ୍ରୀଛାତ୍ରଙ୍କ ମୁହଁରୁ ଶୁଣିଲେ ଅଭିଯୋଗ
- ଶିକ୍ଷକ, ଏସ୍‌ଏଚଜି, ରୋଷେୟାଙ୍କୁ ତାଗିଦ୍ କଲେ ଅଧିକାରୀ

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟରେ ନାନା ଅବ୍ୟବସ୍ଥାକୁ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଜିଲା ମଙ୍ଗଳ ଅଧିକାରୀ, ନୂଆଗାଁ ବିଡିଓ, ନୂଆଗାଁ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ନୂଆଗାଁ ଜିପିଓ ପ୍ରମୁଖ ଗୋହିରିବାଦୁ ଆଶ୍ରମ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ସେଠାରେ ଅଧିକାରୀମାନେ ଶ୍ରେଣୀ ଗୃହକୁ ଯାଇ ଛାତ୍ରୀଛାତ୍ରମାନଙ୍କୁ ସମସ୍ୟା ବାବଦରେ ପଚାରିଥିଲେ। ସେମାନେ ସିଧାସଳଖ ଅଧିକାରୀମାନଙ୍କୁ ବିଭିନ୍ନ ଅଭିଯୋଗ କରିଥିଲେ। ଯାହାକୁ ଶୁଣି ଅଧିକାରୀମାନେ ତାଜୁବ୍‌ହୋଇ ଯାଇଥିଲେ। ଅଧିକାରୀମାନେ ମଧ୍ୟାହ୍ନଭୋଜନ ରୋଷେଇଶାଳକୁ ଯାଇ ରୋଷେଇ ତନଖି କରିଥିଲେ। ରୋଷେଇରେ ରଙ୍ଗ ମିଶ୍ରିତ ମସଲା ବ୍ୟବହାର କରାଯାଉଥିବା ବେଳେ ତାହା ନ କରି ପୁଷ୍ଟିକର ଏବଂ ସରଳ ଖାଦ୍ୟ ଦେବା ପାଇଁ ବିଡିଓ ଓ ଜିପିଓ ନିର୍ଦ୍ଦେଶ ଦେଇଥିଲେ। ସ୍କୁଲର ଶିକ୍ଷକ, ମଧ୍ୟାହ୍ନଭୋଜନ ଦାୟିତ୍ୱ ନେଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ରୋଷେୟାଙ୍କୁ ଅଫିସ୍ ଗୃହକୁ ଡାକି ଅଭିଯୋଗ ବାବଦରେ ତାଗିଦ୍ କରିଥିଲେ। ବିଡିଓ ସଚ୍ଚିଦାନନ୍ଦ ମିଶ୍ର ଶ୍ରେଣୀ ଗୃହକୁ ଯାଇ ପିଲାମାନଙ୍କୁ ପଢ଼ାଇ ଥିଲେ।

ଏହି ବିଦ୍ୟାଳୟରେ ଚଳିତବର୍ଷ ୧ମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୧୧୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେଥିମଧ୍ୟରୁ ୭୪ ଜଣ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ଅନ୍ତେବାସିନୀମାନଙ୍କ ରହିବାକୁ ଆବଶ୍ୟକ ହଷ୍ଟେଲ ଗୃହ ନ ଥିବାରୁ ଶ୍ରେଣୀ ଗୃହରେ ରହୁଛନ୍ତି। ବାକି ୩ ଟି ଶ୍ରେଣୀ ଗୃହରେ ୮ ଟି ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଯାଉଛି। ୮ ଟି ଶ୍ରେଣୀର ୧୧୧ ଜଣ ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଇବା ପାଇଁ ମାତ୍ର ୩ ଜଣ ଶିକ୍ଷକ ଅଛନ୍ତି। ମଧ୍ୟାହ୍ନ ଭୋଜନରେ ନିମ୍ନମାନର ଖାଦ୍ୟ, ହରଡ଼ ଡାଲି ବଦଳରେ ପାଣିଆ ମସୁର ଡାଲି ଦିଆଯାଉଥିବା ଅଭିଯୋଗକୁ ଭିତ୍ତିକରି ଖବର ପ୍ରକାଶ ପାଇଥିଲା। ତେଣୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଦୟାନିଧି ନାୟକ , ବିଡିଓ ମିଶ୍ର, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ଦାୟିତ୍ୱରେ ଥିବା ଜିପିଓ ସାଧୁ ଚରଣ ସାହୁ ସମ୍ପୃକ୍ତ ସ୍କୁଲରେ ପହଞ୍ଚି ଅଭିଯୋଗ ବାବଦରେ ଛାତ୍ରୀଛାତ୍ରମାନଙ୍କୁ ପଚାରିଥିଲେ। ତେବେ ଆମମାନଙ୍କ ନିକଟରେ ଛୁଆଁ ଅଛୁଆଁ ଭେଦ ଭାବ ଦେଖା ଯାଉଛି, ନିମ୍ନମାନର ଖାଦ୍ୟ ଦିଆଯାଉଛି, ବସି ଖାଇବା ପାଇଁ ସ୍ଥାନ ନାହିଁ, ରୋଷେଇ ଘର ନାହିଁ, ଅଣ୍ଡା ନ ଭାଜି କେବଳ ସିଝା ଅଣ୍ଡା ଦିଆଯାଉଛି, ଏପରିକି ହଷ୍ଟେଲରେ ତାଲିକା ଅନୁସାରେ ଠିକ୍‌ଭାବେ ଖାଦ୍ୟ ଦିଆଯାଉ ନ ଥିବା ଅଭିଯୋଗ କରିଥିଲେ। ତେବେ ଅଭିଯୋଗ ବାବଦରେ ଅଧିକାରୀମାନେ ସମ୍ପୃକ୍ତ କର୍ମଚାରୀମାନଙ୍କୁ ତାଗିଦ୍ କରିଥିଲେ। ଅନୁଦାନ ପଡ଼ି ରହିଥିଲେ ମଧ ପ୍ରଶାସନର ଅବହେଳା ଯୋଗୁ କାର୍ଯ୍ୟ ହୋଇପାରୁନାହିଁ ବୋଲି ଜିଲା ମଙ୍ଗଳ ଅଧିକାରୀ ନାୟକ କହିଥିଲେ। ଖରାଛୁଟି ପରଠାରୁ ୪ ଜଣ ଛାତ୍ରୀ ହଷ୍ଟେଲରେ ଅନୁପସ୍ଥିତ ରହିଥିଲେ ମଧ ସେମାନଙ୍କ ବିଷୟରେ କୌଣସି ଖବର ନ ରଖିଥିବାରୁ ଅଧିକାରୀ କ୍ଷୁବ୍ଧ ହୋଇଥିଲେ।

# GOVERNMENT OF ODISHA
# REVENUE AND DISASTER MANAGEMENT DEPARTMENT
## WITHDRAWAL NOTIFICATION

**No. RDM-LAA-JAJ-0027/2018-12777/R&DM** **Dated: 11.04.2023**

No. XXIV-19: In exercise of the powers conferred by Section 93 (1) of the Right to Fair Compensation and Transparency in Land Acquisition, Rehabilitation & Resettlement Act, 2013, the State Government do hereby withdraw land measuring to an area of Ac.7.86 out of an total area of Ac.27.51 in respect of Village: Khamigan, P.S.: Korei No. 27, Tahasil: Vyasanagar, Dist.: Jajpur covered by Revenue & DM Department Notification No. 29295 dated 08.08.2018 and Declaration No. 15309 dated 28.05.2019 published in the extraordinary issue of the Odisha Gazette No. 1714 dated 15.09.2018 and 1533 dated 09.08.2019 respectively acquired for construction of Korei Branch Canal under Rengali Irrigation Project, L.B.C.-II of which possession has not been taken. The land schedule is attached herewith.

## ପ୍ରତ୍ୟାହାର ଜମି ଅନୁସୂଚୀ

### ଗ୍ରାମର ନାମ: ଖମିଗାଁ, ଥାନାର ନାମ: କୋରେଇ ନଂ. ୨୭, ତହସିଲ: ବ୍ୟାସନଗର, ଜିଲ୍ଲା: ଯାଜପୁର
### ଜମି ଅଧିଗ୍ରହଣ କେସ୍ ନଂ. ୦୬/୨୦୧୮

| କ୍ର.ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିସୂଚିତ ଜମିର ରକବା | ପ୍ରତ୍ୟାହାର ରକବା | ରୟତର ନାମ | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ୧ | ୯୩୭ | ଶାରଦ ଦୁଇ | ୦.୪୨ | ୦.୩୦ | ୦.୦୭ | ଅଗାଡ଼ି ଜେନା, ପିତା: ନଣ୍ଡେଇ ଜେନା, ଜା: ପାଣ, ବା: ନିଜଗାଁ | |
| ୨ | | ୬୯୩ | ଶାରଦ ତିନି | ୦.୨୩ | ୦.୦୯ | ୦.୦୫ | ଅଗାଡି ଜେନା ପିତା- ନଣ୍ଡେଇ ଜେନା, ଜା:ପାଣ, ବା:ନିଜଗାଁ | |
| ୩ | | ୬୯୬ | ଶାରଦ ତିନି | ୧.୫୫ | ୦.୧୩ | ୦.୦୪ | ଅଗାଡି ଜେନା ପିତା- ନଣ୍ଡେଇ ଜେନା, ଜା:ପାଣ, ବା:ନିଜଗାଁ | |
| ୪ | | ୩୮ | ଶାରଦ ତିନି | ୧.୮୭ | ୦.୧୨ | ୦.୦୫ | ଅଗାଡି ଜେନା ପିତା- ନଣ୍ଡେଇ ଜେନା, ଜା:ପାଣ, ବା:ନିଜଗାଁ | |
| ୫ | ୪ | ୯୬୯ | ଶାରଦ ଦୁଇ | ୦.୪୪ | ୦.୦୭ | ୦.୦୪ | ମିନତି ଜେନା ସ୍ୱାମୀ-ଅଜୟ କୁମାର ଜେନା, ଜା:ପାଣ, ବା:ନିଜଗାଁ | |
| ୬ | ୧୧ | ୯୩୩ | ଶାରଦ ଦୁଇ | ୦.୭୩ | ୦.୩୪ | ୦.୦୭ | ଏକାଦଶୀ ମଲ୍ଲିକ ପିତା- ସପନି ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୭ | | ୯୫୦ | ଶାରଦ ଦୁଇ | ୦.୧୬ | ୦.୧୬ | ୦.୦୪ | ଏକାଦଶୀ ମଲ୍ଲିକ ପିତା- ସପନି ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୮ | | ୯୫୧ | ଶାରଦ ଦୁଇ | ୦.୬୫ | ୦.୧୨ | ୦.୦୩ | ଏକାଦଶୀ ମଲ୍ଲିକ ପିତା- ସପନି ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୯ | ୧୫ | ୬୪୯ | ବିଆଳି | ୦.୦୫ | ୦.୦୩ | ୦.୦୩ | କଳ୍ପତରୁ ଜେନା ପିତା- ପଠାଣି ଜେନା, ଜା:ପାଣ, ବା:ନିଜଗାଁ | |
| ୧୦ | | ୬୫୨ | ବିଆଳି | ୦.୨୪ | ୦.୧୮ | ୦.୦୩ | କଳ୍ପତରୁ ଜେନା ପିତା- ପଠାଣି ଜେନା, ଜା:ପାଣ, ବା:ନିଜଗାଁ | |
| ୧୧ | ୧୫ | ୬୮୬ | ଶାରଦ ତିନି | ୦.୩୪ | ୦.୧୦ | ୦.୦୯ | କଳ୍ପତରୁ ଜେନା ପିତା- ପଠାଣି ଜେନା, ଜା:ପାଣ, ବା:ନିଜଗାଁ | |
| ୧୨ | | ୧୧୦ | ଶାରଦ ତିନି | ୦.୭୦ | ୦.୩୦ | ୦.୦୬ | କଳ୍ପତରୁ ଜେନା ପିତା- ପଠାଣି ଜେନା, ଜା:ପାଣ, ବା:ନିଜଗାଁ | |
| ୧୩ | ୧୯ | ୮୦୫ | ଶାରଦ ଦୁଇ | ୦.୩୩ | ୦.୨୮ | ୦.୦୬ | କାଠି ଦାସ ପିତା-ପଞ୍ଚୁ ଦାସ, ଜା:ପାଣ, ବା:ନିଜଗାଁ | |
| ୧୪ | | ୯୫୬ | ଶାରଦ ଦୁଇ | ୦.୪୦ | ୦.୨୦ | ୦.୨୦ | କାଠି ଦାସ ପିତା-ପଞ୍ଚୁ ଦାସ, ଜା:ପାଣ, ବା:ନିଜଗାଁ | |
| ୧୫ | | ୯୬୨ | ଶାରଦ ଦୁଇ | ୦.୩୦ | ୦.୦୧ | ୦.୦୧ | କାଠି ଦାସ ପିତା- ପଞ୍ଚୁ ଦାସ, ଜା:ପାଣ, ବା:ନିଜଗାଁ | |
| ୧୬ | | ୯୭୧ | ଶାରଦ ଦୁଇ | ୦.୨୬ | ୦.୨୬ | ୦.୦୬ | କାଠି ଦାସ ପିତା- ପଞ୍ଚୁ ଦାସ, ଜା:ପାଣ, ବା:ନିଜଗାଁ | |
| ୧୭ | ୨୩ | ୪୭ | ଶାରଦ ତିନି | ୦.୦୨ | ୦.୦୧ | ୦.୦୧ | କାଠି ମଳିକ ପିତା-ସାଉଁଟି ମଳିକ, ଜା:ପାଣ, ବା:ନିଜଗାଁ | |
| ୧୮ | ୩୩ | ୬୫୧ | ବିଆଳି | ୦.୩୨ | ୦.୨୬ | ୦.୧୦ | କାହ୍ନୁ ଜେନା ପିତା-ବୁନ୍ଦି ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୧୯ | ୩୭ | ୬୪୫ | ବିଆଳି | ୦.୯୧ | ୦.୧୨ | ୦.୧୧ | କୁଳମଣି ଜେନା ପିତା- ଅନାମ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୨୦ | | ୬୮୫ | ଶାରଦ ତିନି | ୦.୨୦ | ୦.୨୦ | ୦.୦୭ | କୁଳମଣି ଜେନା ପିତା- ଅନାମ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୨୧ | | ୯୭୦ | ଶାରଦ ଦୁଇ | ୦.୫୧ | ୦.୨୬ | ୦.୦୫ | କୁଳମଣି ଜେନା ପିତା- ଅନାମ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୨୨ | ୪୧ | ୬୮୩ | ଶାରଦ ତିନି | ୦.୨୦ | ୦.୨୦ | ୦.୦୩ | କେଶବ ଜେନା ପିତା- ଗଙ୍ଗେଇ ଜେନା, ଜା:ପାଣ, ବା:ନିଜଗାଁ | |
| ୨୩ | | ୩୩୧ / ୧୩୪୩ | ଶାରଦ ତିନି | ୦.୧୨ | ୦.୧୦ | ୦.୦୩ | କେଶବ ଜେନା ପିତା- ଗଙ୍ଗେଇ ଜେନା, ଜା:ପାଣ, ବା:ନିଜଗାଁ | |
| ୨୪ | ୪୨ | ୪୬ | ଶାରଦ ତିନି | ୦.୦୮ | ୦.୦୬ | ୦.୦୩ | କେଶବ ଜେନା ପିତା- ଗଙ୍ଗେଇ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୨୫ | ୪୨ | ୩୨୫ | ଶାରଦ ତିନି | ୦.୧୭ | ୦.୦୩ | ୦.୦୩ | କେଶବ ଜେନା ପିତା- ଗଙ୍ଗେଇ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୨୬ | ୪୩ | ୯୪୦ | ଶାରଦ ଦୁଇ | ୦.୪୮ | ୦.୦୨ | ୦.୦୨ | କେଶବ ସେଠୀ ପିତା- ଭିକାରୀ ସେଠୀ, ଜା:ଧୋବା, ବା:ନିଜଗାଁ | |
| ୨୭ | | ୧୨୮/ ୧୩୩୨ | ଶାରଦ ତିନି | ୦.୧୩ | ୦.୦୨ | ୦.୦୨ | କେଶବ ସେଠୀ ପିତା- ଭିକାରୀ ସେଠୀ, ଜା:ଧୋବା, ବା:ନିଜଗାଁ | |
| ୨୮ | ୪୪ | ୬୮୮ | ଶାରଦ ତିନି | ୦.୧୯ | ୦.୧୪ | ୦.୦୮ | କେଶବ ସେଠୀ ପିତା- ଭିକାରୀ ସେଠୀ ଓଗେର, ଜା:ଧୋବା, ବା:ନିଜଗାଁ | |
| ୨୯ | | ୬୮୯ | ଶାରଦ ତିନି | ୦.୨୩ | ୦.୦୧ | ୦.୦୧ | କେଶବ ସେଠୀ ପିତା- ଭିକାରୀ ସେଠୀ ଓଗେର, ଜା:ଧୋବା, ବା:ନିଜଗାଁ | |
| ୩୦ | | ୮୬୯ | ଶାରଦ ଦୁଇ | ୦.୬୬ | ୦.୨୬ | ୦.୦୫ | କେଶବ ସେଠୀ ପିତା- ଭିକାରୀ ସେଠୀ ଓଗେର, ଜା:ଧୋବା, ବା:ନିଜଗାଁ | |
| ୩୧ | ୪୬ | ୯୫୯ | ଶାରଦ ଦୁଇ | ୦.୯୮ | ୦.୧୧ | ୦.୦୭ | କୋଇଲି ମିଶ୍ର ସ୍ୱାମୀ- ବଳରାମ ମିଶ୍ର, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୩୨ | ୪୮ | ୧୩୫ | ଶାରଦ ତିନି | ୦.୨୫ | ୦.୧୯ | ୦.୦୪ | ଗଙ୍ଗା ଦାସ ପିତା-ଗୁରି ଦାସ, ଜା:ପାଣ, ବା:ନିଜଗାଁ | |
| ୩୩ | ୪୯ | ୬୮୨ | ଶାରଦ ତିନି | ୦.୧୩ | ୦.୦୫ | ୦.୦୫ | ଗଣେଷ ବାରିକ ପିତା- ମକର ବାରିକ, ଜା:ଗୋପାଳ, ବା:ନିଜଗାଁ | |
| ୩୪ | | ୯୨୭ | ଶାରଦ ଦୁଇ | ୦.୨୭ | ୦.୦୧ | ୦.୦୧ | ଗଣେଷ ବାରିକ ପିତା- ମକର ବାରିକ, ଜା:ଗୋପାଳ, ବା:ନିଜଗାଁ | |
| ୩୫ | ୫୫ | ୮୭୦ | ଶାରଦ ଦୁଇ | ୦.୩୫ | ୦.୦୨ | ୦.୦୨ | ଗୋବର୍ଦ୍ଧନ ଜେନା ପିତା- ଅର୍ଜୁନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୩୬ | | ୮୪୬ | ଶାରଦ ଦୁଇ | ୦.୩୬ | ୦.୩୦ | ୦.୦୮ | ଗୋବର୍ଦ୍ଧନ ଜେନା ପିତା- ଅର୍ଜୁନ ଜେନା, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୩୭ | ୬୭ | ୫୫ | ଶାରଦ ତିନି | ୦.୩୯ | ୦.୦୪ | ୦.୦୩ | ଜୟୀରାମ ଜେନା ପିତା- ଭିକାରୀ ଜେନା, ଜା:ପାଣ, ବା:ନିଜଗାଁ | |
| ୩୮ | ୬୯ | ୧୩୯ | ଶାରଦ ତିନି | ୦.୪୬ | ୦.୩୪ | ୦.୦୬ | ଯଶୋଦା ଦାସ ପିତା- ଘୁଟୁରୀ ଜେନା, ଜା:ପାଣ, ବା:ନିଜଗାଁ | |
| ୩୯ | ୭୦ | ୮୪୪ | ଶାରଦ ଦୁଇ | ୦.୩୩ | ୦.୨୪ | ୦.୧୩ | ଜହରି ପତି ସ୍ୱାମୀ-ରାମଚନ୍ଦ୍ର ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୪୦ | ୭୪ | ୮୦୩ | ଶାରଦ ଦୁଇ | ୦.୪୮ | ୦.୪୨ | ୦.୦୮ | ଯୋଗେନ୍ଦ୍ର ମଳିକ ପିତା- ନାରଣ ମଳିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୪୧ | ୭୯ | ୯୬୬ | ଶାରଦ ଦୁଇ | ୦.୪୯ | ୦.୨୬ | ୦.୦୮ | ଦଇ ଜେନା ପିତା-ଦୁନ୍ଦି ଜେନା, ଜା:ପାଣ, ବା:ନିଜଗାଁ | |
| ୪୨ | ୮୮ | ୧୧୧ | ଶାରଦ ତିନି | ୦.୧୧ | ୦.୧୧ | ୦.୦୬ | ଧ୍ରୁବ ଦାସ ପିତା-କେଶବ ଦାସ ଓଗେର, ଜା:ପାଣ, ବା:ନିଜଗାଁ | |
| ୪୩ | | ୧୨୧ | ଶାରଦ ତିନି | ୦.୧୨ | ୦.୦୭ | ୦.୦୩ | ଧ୍ରୁବ ଦାସ ପିତା-କେଶବ ଦାସ ଓଗେର, ଜା:ପାଣ, ବା:ନିଜଗାଁ | |
| ୪୪ | ୯୨ | ୧୦୩ | ଶାରଦ ତିନି | ୦.୫୦ | ୦.୧୫ | ୦.୧୦ | ନବକିଶୋର ଦାସ ପିତା- କେଶବ ଦାସ, ଜା:ପାଣ, ବା:ନିଜଗାଁ | |
| ୪୫ | ୯୬ | ୬୪୪ | ଶାରଦ ତିନି | ୦.୪୮ | ୦.୩୭ | ୦.୦୭ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୪୬ | | ୬୫୦ | ବିଆଳି | ୦.୪୩ | ୦.୪୩ | ୦.୦୭ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୪୭ | | ୯୧୭ | ଶାରଦ ଦୁଇ | ୦.୫୪ | ୦.୨୦ | ୦.୦୬ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୪୮ | | ୯୨୫ | ଶାରଦ ଦୁଇ | ୦.୫୮ | ୦.୪୦ | ୦.୦୬ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୪୯ | ୯୮ | ୮୦୬ | ଶାରଦ ଦୁଇ | ୦.୩୧ | ୦.୦୫ | ୦.୦୫ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୫୦ | | ୯୨୪ | ଶାରଦ ଦୁଇ | ୦.୨୮ | ୦.୦୩ | ୦.୦୩ | ନବଘନ ପତି ପିତା- ପୁରସ୍ତମ ପତି ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୫୧ | ୯୯ | ୯୦୩ | ଶାରଦ ଦୁଇ | ୦.୪୦ | ୦.୨୫ | ୦.୦୫ | ନରହରି ପତି ପିତା-ଆର୍ତ୍ତ ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୫୨ | | ୯୦୬ | ଶାରଦ ଦୁଇ | ୦.୧୯ | ୦.୧୭ | ୦.୦୬ | ନରହରି ପତି ପିତା-ଆର୍ତ୍ତ ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୫୩ | ୧୦୫ | ୬୮୧ | ଶାରଦ ତିନି | ୦.୧୨ | ୦.୦୭ | ୦.୦୪ | ନିତ୍ୟାନନ୍ଦ ଲେଙ୍କା ପିତା- ମଣି ଲେଙ୍କା, ଜା:ଗୋପାଳ, ବା:ନିଜଗାଁ | |
| ୫୪ | | ୬୯୧ | ଶାରଦ ତିନି | ୦.୧୩ | ୦.୦୫ | ୦.୦୫ | ନିତ୍ୟାନନ୍ଦ ଲେଙ୍କା ପିତା- ମଣି ଲେଙ୍କା, ଜା:ଗୋପାଳ, ବା:ନିଜଗାଁ | |
| ୫୫ | ୧୧୧ | ୮୫୫ | ଶାରଦ ଦୁଇ | ୦.୮୬ | ୦.୨୪ | ୦.୦୮ | ପଞ୍ଚୁ ଜେନା ପିତା-ହାଡି ଜେନା, ଜା:ପାଣ, ବା:ନିଜଗାଁ | |
| ୫୬ | ୧୧୨ | ୩୩୩ | ଶାରଦ ତିନି | ୦.୨୧ | ୦.୧୯ | ୦.୦୪ | ପବନ ପେରେଇ ପିତା-କୁନି ପେରେଇ, ଜା:ପାଣ, ବା:ନିଜଗାଁ | |
| ୫୭ | ୧୨୧ | ୩୩୪ | ଶାରଦ ତିନି | ୦.୨୫ | ୦.୦୧ | ୦.୦୧ | ସୁଦାମ ଜେନା ପିତା-କୀର୍ତ୍ତନ ଜେନା, ଜା:ପାଣ, ବା:ନିଜଗାଁ | |
| ୫୮ | ୧୨୭ | ୯୪୨ | ଶାରଦ ଦୁଇ | ୦.୫୫ | ୦.୨୬ | ୦.୦୬ | ଫକିର ଖିଲାର ପିତା- କସ୍ତୁରି ଖିଲାର, ଜା:ଗୋପାଳ, ବା:ନିଜଗାଁ | |
| ୫୯ | | ୯୬୧ | ଶାରଦ ଦୁଇ | ୦.୩୩ | ୦.୧୩ | ୦.୦୪ | ଫକିର ଖିଲାର ପିତା- କସ୍ତୁରି ଖିଲାର, ଜା:ଗୋପାଳ, ବା:ନିଜଗାଁ | |
| ୬୦ | ୧୩୦ | ୮୬୫ | ଶାରଦ ଦୁଇ | ୦.୭୩ | ୦.୨୭ | ୦.୦୭ | ବନମାଳି ପତି ପିତା-ଫକନ ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୬୧ | | ୬୮୦ | ଶାରଦ ତିନି | ୦.୩୯ | ୦.୩୫ | ୦.୦୬ | ବନମାଳି ପତି ପିତା-ଫକନ ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୬୨ | | ୭୯୦ | ଶାରଦ ଦୁଇ | ୦.୫୪ | ୦.୦୩ | ୦.୦୩ | ବନମାଳି ପତି ପିତା-ଫକନ ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୬୩ | | ୯୩୯ | ଶାରଦ ଦୁଇ | ୦.୦୭ | ୦.୦୭ | ୦.୦୩ | ବନମାଳି ପତି ପିତା-ଫକନ ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୬୪ | ୧୩୦ | ୯୭୪ | ଶାରଦ ଦୁଇ | ୧.୪୮ | ୦.୫୬ | ୦.୧୨ | ବନମାଳି ପତି ପିତା-ଫକନ ପତି, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୬୫ | ୧୩୧ | ୧୦୪ | ଶାରଦ ତିନି | ୦.୬୧ | ୦.୧୭ | ୦.୦୭ | ବନମାଳି ଦାସ ପିତା-ରାଘବ ଦାସ ଓଗେର, ଜା:ପାଣ, ବା:ନିଜଗାଁ | |
| ୬୬ | | ୧୨୦ | ଶାରଦ ତିନି | ୦.୪୫ | ୦.୦୧ | ୦.୦୧ | ବନମାଳି ଦାସ ପିତା-ରାଘବ ଦାସ ଓଗେର, ଜା:ପାଣ, ବା:ନିଜଗାଁ | |
| ୬୭ | ୧୩୨ | ୪୯ | ଶାରଦ ତିନି | ୦.୦୮ | ୦.୦୪ | ୦.୦୪ | ବରଜୁ ମଳିକ ପିତା-ଅନାମ ମଳିକ, ଜା:ପାଣ, ବା:ନିଜଗାଁ | |
| ୬୮ | | ୫୦ | ଶାରଦ ତିନି | ୦.୧୪ | ୦.୧୪ | ୦.୦୪ | ବରଜୁ ମଳିକ ପିତା-ଅନାମ ମଳିକ, ଜା:ପାଣ, ବା:ନିଜଗାଁ | |
| ୬୯ | | ୧୩୮ | ଶାରଦ ତିନି | ୦.୪୪ | ୦.୨୩ | ୦.୦୪ | ବରଜୁ ମଳିକ ପିତା-ଅନାମ ମଳିକ, ଜା:ପାଣ, ବା:ନିଜଗାଁ | |
| ୭୦ | | ୩୨୨ | ଶାରଦ ତିନି | ୦.୬୦ | ୦.୦୧ | ୦.୦୧ | ବରଜୁ ମଳିକ ପିତା-ଅନାମ ମଳିକ, ଜା:ପାଣ, ବା:ନିଜଗାଁ | |
| ୭୧ | ୧୩୪ | ୬୪୮ | ବିଆଳି | ୦.୬୦ | ୦.୧୮ | ୦.୦୭ | ବସନ୍ତ ଜେନା ପିତା-କାଳି ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୭୨ | ୧୩୯ | ୬୭୭ | ଶାରଦ ତିନି | ୦.୨୬ | ୦.୨୨ | ୦.୧୦ | ବସନ୍ତ କୁମାର ମଳିକ ପିତା- ହାଡିବନ୍ଧୁ ମଳିକ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୭୩ | | ୮୧୨ | ଶାରଦ ଦୁଇ | ୦.୧୩ | ୦.୧୧ | ୦.୦୮ | ବସନ୍ତ କୁମାର ମଳିକ ପିତା- ହାଡିବନ୍ଧୁ ମଳିକ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୭୪ | ୧୪୧ | ୮୬୭ | ଶାରଦ ଦୁଇ | ୦.୨୮ | ୦.୦୨ | ୦.୦୨ | ଗଣେଶ୍ୱର ମିଶ୍ର ପିତା- ଭରତ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୭୫ | ୧୪୫ | ୮୭୧ | ଶାରଦ ଦୁଇ | ୦.୩୫ | ୦.୨୧ | ୦.୦୫ | ବାଞ୍ଛାନିଧି ବାରିକ ପିତା- ଗଙ୍ଗାଧର ବାରିକ, ଜା- ଭଣ୍ଡାରି, ବା:ନିଜଗାଁ | |
| ୭୬ | ୧୪୬ | ୧୩୬ | ଶାରଦ ତିନି | ୦.୨୬ | ୦.୧୪ | ୦.୦୪ | ବାଞ୍ଛାନିଧି ବାରିକ ପିତା- ଗଙ୍ଗାଧର ବାରିକ, ଜା- ଭଣ୍ଡାରି, ବା:ନିଜଗାଁ | |
| ୭୭ | ୧୫୨ | ୯୪୯ | ଶାରଦ ଦୁଇ | ୦.୦୫ | ୦.୦୨ | ୦.୦୨ | ବାବାଜୀ ଚରଣ ପଣ୍ଡା ପିତା- ଚନ୍ଦ୍ର ପଣ୍ଡା, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୭୮ | ୧୬୦ | ୯୫୭ | ଶାରଦ ଦୁଇ | ୦.୯୯ | ୦.୫୦ | ୦.୧୨ | ବିଜୟ କୁମାର ଜେନା ପିତା-ରଙ୍ଗୀ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୭୯ | ୧୬୧ | ୧୩୨ | ଶାରଦ ତିନି | ୦.୬୨ | ୦.୨୨ | ୦.୦୫ | ବିଜୟ କୁମାର ଜେନା ପିତା-ରଙ୍ଗୀ ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୮୦ | ୧୬୭ | ୯୩୮ | ଶାରଦ ଦୁଇ | ୦.୨୯ | ୦.୨୦ | ୦.୦୫ | ବିପ୍ରବର ସ୍ୱାଇଁ ପିତା- ଅବିନାଶ ସ୍ୱାଇଁ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୮୧ | | ୯୪୧ | ଶାରଦ ଦୁଇ | ୦.୬୨ | ୦.୩୦ | ୦.୦୬ | ବିମ୍ବାବର ସ୍ୱାଇଁ ପିତା- ଅବିନାଶ ସ୍ୱାଇଁ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୮୨ | ୧୬୯ | ୮୦୭ | ଶାରଦ ଦୁଇ | ୦.୦୫ | ୦.୦୫ | ୦.୦୪ | ବିମ୍ବାଧର ଦାସ ପିତା-କୃଷ୍ଣ ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୮୩ | ୧୭୦ | ୮୧୫ | ଶାରଦ ଦୁଇ | ୦.୧୫ | ୦.୦୮ | ୦.୦୭ | ବିମ୍ବାଧର ଦାସ ପିତା-କୃଷ୍ଣ ଦାସ ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୮୪ | | ୮୧୬ | ଶାରଦ ଦୁଇ | ୦.୧୬ | ୦.୦୧ | ୦.୦୧ | ବିମ୍ବାଧର ଦାସ ପିତା-କୃଷ୍ଣ ଦାସ ଓଗେର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୮୫ | ୧୭୨ | ୬୮୪ | ଶାରଦ ତିନି | ୦.୩୪ | ୦.୩୧ | ୦.୦୬ | ବିର ଭଞ୍ଜ ପିତା-ଚଞ୍ଚ ଭଞ୍ଜ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୮୬ | | ୮୬୩ | ଶାରଦ ଦୁଇ | ୧.୦୦ | ୦.୩୦ | ୦.୦୫ | ବିର ଭଞ୍ଜ ପିତା-ଚଞ୍ଚ ଭଞ୍ଜ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୮୭ | ୧୭୮ | ୧୦୯ | ଶାରଦ ତିନି | ୧.୫୪ | ୦.୮୨ | ୦.୨୦ | ବୁଲା ଜେନା ପିତା-ଗଉରୀ ଜେନା, ଜା:ପାଣ, ବା ;ନିଜଗାଁ | |
| ୮୮ | | ୮୦୨ | ଶାରଦ ଦୁଇ | ୦.୮୨ | ୦.୪୨ | ୦.୧୨ | ବୁଲା ଜେନା ପିତା-ଗଉରୀ ଜେନା, ଜା:ପାଣ, ବା ;ନିଜଗାଁ | |
| ୮୯ | ୧୮୩ | ୫୧ | ଶାରଦ ତିନି | ୦.୨୭ | ୦.୧୨ | ୦.୦୨ | ବେଲ ଜେନା ପିତା-ଲକ୍ଷ୍ମୀ ଜେନା ଓଗେର, ଜା:ପାଣ, ବା ;ନିଜଗାଁ | |
| ୯୦ | ୧୯୩ | ୮୬୮ | ଶାରଦ ଦୁଇ | ୦.୩୬ | ୦.୨୯ | ୦.୦୬ | ବୁଧିରାମ ପତି ପିତା-ଫକିର ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୯୧ | ୧୯୪ | ୩୩୧ | ଶାରଦ ତିନି | ୦.୨୧ | ୦.୦୪ | ୦.୦୩ | ଭାଗତ ଜେନା ପିତା-ବୀର ଜେନା ଓଗେର, ଜା:ପାଣ, ବା:ଓଗେର | |
| ୯୨ | ୧୯୬ | ୫୩ | ଶାରଦ ତିନି | ୦.୪୬ | ୦.୨୦ | ୦.୦୫ | ଭାଗିରଥି ଜେନା ପିତା-ନରି ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୯୩ | | ୩୩୦ | ଶାରଦ ତିନି | ୦.୭୦ | ୦.୨୩ | ୦.୦୬ | ଭାଗିରଥି ଜେନା ପିତା-ନରି ଜେନା ଓଗେର, ଜା:ପାଣ, ବା:ନିଜଗାଁ | |
| ୯୪ | ୨୦୭ | ୯୦୯ | ଶାରଦ ଦୁଇ | ୦.୧୦ | ୦.୦୩ | ୦.୦୩ | ମାଧବ ଚନ୍ଦ୍ର ଦାସ ପିତା- ଶ୍ରୀଧର ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୯୫ | | ୯୨୨ | ଶାରଦ ଦୁଇ | ୦.୪୭ | ୦.୦୭ | ୦.୦୭ | ମାଧବ ଚନ୍ଦ୍ର ଦାସ ପିତା- ଶ୍ରୀଧର ଦାସ, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୯୬ | ୨୦୯ | ୯୪୩ | ଶାରଦ ଦୁଇ | ୦.୩୫ | ୦.୩୦ | ୦.୦୮ | ମାଳତୀ ପତି ସ୍ୱାମୀ- ବନମାଳି ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୯୭ | ୨୧୧ | ୫୨ | ଶାରଦ ତିନି | ୦.୬୪ | ୦.୫୨ | ୦.୦୬ | ମିଟିକା ପେରେଇ ପିତା- ଅର୍ଜୁନ ପେରେଇ, ଜା:ପାଣ, ବା:ନିଜଗାଁ | |
| ୯୮ | | ୧୪୦ | ଶାରଦ ତିନି | ୨.୩୪ | ୦.୧୪ | ୦.୦୫ | ମିଟିକା ପେରେଇ ପିତା- ଅର୍ଜୁନ ପେରେଇ, ଜା:ପାଣ, ବା:ନିଜଗାଁ | |
| ୯୯ | ୨୧୨ | ୯୬୫ | ଶାରଦ ଦୁଇ | ୧.୦୦ | ୦.୪୫ | ୦.୧୫ | ମିନତିରାଣୀ ଜେନା ସ୍ୱାମୀ- ଅଜୟ କୁମାର ଜେନା, ଜା:ପାଣ, ବା:ନିଜଗାଁ | |
| ୧୦୦ | ୨୧୪ | ୮୬୧ | ଶାରଦ ଦୁଇ | ୧.୧୨ | ୦.୨୮ | ୦.୦୫ | ମୁରଲୀଧର ରାଉତ ପିତା- ସିଦ୍ଧ ରାଉତ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୦୧ | ୨୧୬ | ୯୬୭ | ଶାରଦ ଦୁଇ | ୦.୩୫ | ୦.୧୭ | ୦.୦୪ | ମୁଳି ମଳିକ ସ୍ୱାମୀ-ଏକାଦଶୀ ମଳିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୦୨ | ୨୧୮ | ୯୦୫ | ଶାରଦ ଦୁଇ | ୦.୧୧ | ୦.୦୪ | ୦.୦୪ | ରବିନ୍ଦ୍ର କୁମାର ମିଶ୍ର ପିତା- ଭରତ ଚନ୍ଦ୍ର ମିଶ୍ର ଓଗେର, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୧୦୩ | ୨୨୦ | ୯୬୮ | ଶାରଦ ଦୁଇ | ୦.୩୮ | ୦.୦୨ | ୦.୦୨ | ରାମଚନ୍ଦ୍ର ପତି ପିତା- ରତ୍ନାକର ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୧୦୪ | | ୯୭୩ | ଶାରଦ ଦୁଇ | ୧.୧୮ | ୦.୨୦ | ୦.୦୪ | ରାମଚନ୍ଦ୍ର ପତି ପିତା- ରତ୍ନାକର ପତି, ଜା:ବ୍ରାହ୍ମଣ,ବା:ନିଜଗାଁ | |
| ୧୦୫ | ୨୨୧ | ୬୭୮ | ଶାରଦ ତିନି | ୦.୩୬ | ୦.୩୬ | ୦.୦୫ | ରାମଚନ୍ଦ୍ର ପତି ପିତା- ରତ୍ନାକର ପତି ଓଗେର,ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୦୬ | | ୮୪୩ | ଶାରଦ ଦୁଇ | ୦.୨୪ | ୦.୨୪ | ୦.୦୮ | ରାମଚନ୍ଦ୍ର ପତି ପିତା- ରତ୍ନାକର ପତି ଓଗେର,ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୦୭ | | ୮୪୫ | ଶାରଦ ଦୁଇ | ୦.୬୪ | ୦.୫୦ | ୦.୧୦ | ରାମଚନ୍ଦ୍ର ପତି ପିତା- ରତ୍ନାକର ପତି ଓଗେର,ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୦୮ | ୨୨୩ | ୯୭୨ | ଶାରଦ ଦୁଇ | ୦.୩୩ | ୦.୦୭ | ୦.୦୫ | ରୁଦ୍ର ଜେନା ପିତା-ପିଣ୍ଡିକା ଜେନା, ଜା:ପାଣ, ବା:ନିଜଗାଁ | |
| ୧୦୯ | ୨୨୯ | ୮୫୭ | ଶାରଦ ଦୁଇ | ୦.୮୨ | ୦.୩୪ | ୦.୧୦ | ଲକ୍ଷ୍ମୀପ୍ରିୟା ମିଶ୍ର ସ୍ୱାମୀ- ଭରତ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୧୦ | ୨୨୯ | ୯୧୯ | ଶାରଦ ଦୁଇ | ୦.୫୦ | ୦.୧୪ | ୦.୦୪ | ଲକ୍ଷ୍ମୀପ୍ରିୟା ମିଶ୍ର ସ୍ୱାମୀ- ଭରତ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୧୧ | | ୯୨୧ | ଶାରଦ ଦୁଇ | ୦.୧୬ | ୦.୦୧ | ୦.୦୧ | ଲକ୍ଷ୍ମୀପ୍ରିୟା ମିଶ୍ର ସ୍ୱାମୀ- ଭରତ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୧୨ | ୨୬୭/ ୬ | ୧୩୩ | ଶାରଦ ତିନି | ୦.୩୧ | ୦.୧୮ | ୦.୦୫ | କାହ୍ନୁ ଚରଣ ନାୟକ ପିତା- ବିନୋଦ ବିହାରୀ ନାୟକ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୧୩ | | ୧୩୪ | ଶାରଦ ଦୁଇ | ୦.୨୯ | ୦.୨୧ | ୦.୦୬ | କାହ୍ନୁ ଚରଣ ନାୟକ ପିତା- ବିନୋଦ ବିହାରୀ ନାୟକ ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୧୪ | ୨୬୭/ ୧୪ | ୯୪୮ | ଶାରଦ ଦୁଇ | ୦.୦୨ | ୦.୦୨ | ୦.୦୨ | ମିନତି ଜେନା ସ୍ୱାମୀ- ଅଭୟ କୁମାର ଜେନା, ଜା:ପାଣ, ବା:ନିଜଗାଁ | |
| ୧୧୫ | ୨୬୭/ ୧୪ | ୯୪୭ | ଶାରଦ ଦୁଇ | ୦.୫୧ | ୦.୦୧ | ୦.୦୧ | ମିନତି ଜେନା ସ୍ୱାମୀ- ଅଭୟ କୁମାର ଜେନା, ଜା:ପାଣ, ବା:ନିଜଗାଁ | |
| ୧୧୬ | ୨୬୭/ ୧୭ | ୮୫୮ | ଶାରଦ ଦୁଇ | ୦.୪୨ | ୦.୩୦ | ୦.୧୦ | ଗୌରାଙ୍ଗ ମଲ୍ଲିକ ପିତା- ଏକାଦଶୀ ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୧୭ | ୨୬୭/ ୧୮ | ୯୫୮ | ଶାରଦ ଦୁଇ | ୦.୫୯ | ୦.୪୪ | ୦.୦୬ | ମିନତି ଜେନା ସ୍ୱାମୀ-ଅଭୟ କୁମାର ଜେନା, ଜା:ପାଣ, ବା:ନିଜଗାଁ | |
| ୧୧୮ | ୨୬୭/ ୪୫ | ୬୪୩ | ବିଆଳି | ୦.୨୭ | ୦.୨୨ | ୦.୦୪ | ମଙ୍ଗୁଳି ମଳିକ ପିତା-ଆକୁଳ ମଳିକ, ଜା:ପାଣ,ବା:ତୋରଦା | |
| ୧୧୯ | ୨୬୭/ ୫୭ | ୯୩୫ | ଶାରଦ ଦୁଇ | ୦.୪୮ | ୦.୨୬ | ୦.୦୫ | ବିଜୟ କୁମାର ନାୟକ ପିତା-କାଳନ୍ଦୀ ଚରଣ ନାୟକ, ଜା:ଗୋପାଳ, ବା:ନିଜଗାଁ | |
| ୧୨୦ | ୨୬୭/ ୬୪(ଏ) | ୯୨୬ | ଶାରଦ ଦୁଇ | ୦.୭୪ | ୦.୪୬ | ୦.୦୭ | ପରିକ୍ଷିତ ମଲ୍ଲିକ ପିତା-ବାସୁ ମଲ୍ଲିକ, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୨୧ | ୨୬୭/ ୬୭ | ୯୨୦ | ଶାରଦ ଦୁଇ | ୦.୧୫ | ୦.୧୩ | ୦.୦୬ | ଗଣେଶ୍ୱର ମିଶ୍ର ପିତା- ଭରତ ଚନ୍ଦ୍ର ମିଶ୍ର, ଜା:ବ୍ରାହ୍ମଣ, ବା:ନିଜଗାଁ | |
| ୧୨୨ | ୨୬୭/ ୭୫ | ୯୬୩ | ଶାରଦ ଦୁଇ | ୦.୪୪ | ୦.୧୩ | ୦.୦୭ | ବାଉରୀ ଜେନା ପିତା-କଳୁ ଜେନା, ଜା:ପାଣ, ବା:ନିଜଗାଁ | |
| ୧୨୩ | ୨୬୭/ ୮୩ | ୬୮୭ | ଶାରଦ ତିନି | ୦.୨୨ | ୦.୨୨ | ୦.୦୩ | ଅନାମ ଚରଣ ମଳିକ ପିତା- ମଙ୍ଗୁଳି ମଳିକ ଓଗେର, ଜା:ପାଣ, ବା:ନିଜଗାଁ | |
| ୧୨୪ | ୨୬୭/ ୮୫ | ୮୧୩ | ଶାରଦ ଦୁଇ | ୦.୦୮ | ୦.୦୬ | ୦.୦୩ | ଦାମୋଦର ଜେନା ପିତା- ପ୍ରଭାକର ଜେନା ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୨୫ | ୨୬୭/ ୮୮ | ୮୧୪ | ଶାରଦ ଦୁଇ | ୦.୧୨ | ୦.୦୧ | ୦.୦୧ | ଦାମୋଦର ଜେନା ପିତା- ପ୍ରଭାକର ଜେନା ଓଗେର, ଜା:ଖଣ୍ଡାୟତ, ବା:ନିଜଗାଁ | |
| ୧୨୬ | ୨୬୭/ ୯୦ | ୧୨୭ | ଶାରଦ ତିନି | ୦.୨୭ | ୦.୧୪ | ୦.୦୪ | ଆତୁଳ ଜେନା ପିତା-ଭ୍ରମର ଜେନା, ଜା:ପାଣ, ବା:ନିଜଗାଁ | |
| ୧୨୭ | ୪୧ | ୩୩୧ / ୧୩୪୩ | ଶାରଦ ତିନି | ୦.୧୨ | ୦.୦୨ | ୦.୦୨ | କେଶବ ଜେନା ପିତା- ଗଙ୍ଗେଇ ଜେନା, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୨୮ | ୪୨ | ୩୨୫ | ଶାରଦ ତିନି | ୦.୧୭ | ୦.୧୪ | ୦.୧୪ | କେଶବ ଜେନା ପିତା- ଗଙ୍ଗେଇ ଜେନା, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୨୯ | ୧୧୨ | ୩୩୩ | ଶାରଦ ତିନି | ୦.୨୧ | ୦.୦୨ | ୦.୦୨ | ପବନ ପେରେଇ ପିତା-କୁନି ପେରେଇ, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୩୦ | ୧୨୧ | ୩୩୪ | ଶାରଦ ତିନି | ୦.୨୫ | ୦.୨୪ | ୦.୨୪ | ପ୍ରହଲ୍ଲାଦ ଜେନା ପିତା-ଧର୍ମୁ ଜେନା, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୩୧ | ୧୮୩ | ୫୧ | ଶାରଦ ତିନି | ୦.୨୭ | ୦.୧୫ | ୦.୧୫ | ବେଲ ଜେନା ପିତା-ଲକ୍ଷ୍ମୀ ଜେନା, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୩୨ | ୨୧୧ | ୫୨ | ଶାରଦ ତିନି | ୦.୬୦ | ୦.୦୯ | ୦.୦୯ | ମିଟିକା ପେରେଇ ପିତା- ଅର୍ଜୁନ ପେରେଇ, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୩୩ | ୧୩୨ | ୩୨୨ | ଶାରଦ ତିନି | ୦.୬୦ | ୦.୫୯ | ୦.୨୯ | ବରଜୁ ମଳିକ ପିତା-ଅନାମ ମଳିକ, ଜା:ପାଣ, ବା:ନିଜଗାଁ | ଗୋଚର ବଦଳି ପ୍ରତ୍ୟାହାର |
| ୧୩୪ | ୧ | ୬୯୬ | ଶାରଦ ତିନି | ୧.୫୫ | ୦.୦୨ | ୦.୦୨ | ଅଗାଡି ଜେନା ପିତା- ନଣ୍ଡେଇ ଜେନା, ଜା:ପାଣ, ବା ;ନିଜଗାଁ | ଶ୍ମଶାନ ବଦଳି ପ୍ରତ୍ୟାହାର |
| | | | | | ମୋଟ | ୭.୮୬ | | |

ଗ୍ରାମର ମୋଟ ପ୍ଲଟ ସଂଖ୍ୟା: ୧୨୬ (ଏକ ଶହ ଛବିଶି), ମୋଟ ପ୍ରତ୍ୟାହାର ରକବା: ୭.୮୬ ଏକର।

**By Order of the Governor**
**(Avaya Kumar Nayak)**
**Special Secretary to Govt.**

OIPR-24001/14/0056/2324

# ୬.୫୩ ଲକ୍ଷ କୋଟିର ପ୍ରତ୍ୟକ୍ଷ ଟିକସ ସଂଗ୍ରହ

ନୂଆଦିଲ୍ଲୀ,୧୧।୮ (ଅଭୟ ଦାଶ)



କ୍ରମାଗତ ଭାବେ ଦେଶର ଟିକସ ସଂଗ୍ରହ ବୃଦ୍ଧି ପାଉଛି। ବିଶେଷ କରି ଚଳିତ ଆର୍ଥିକ ବର୍ଷରେ ଟିକସରୁ ସରକାରଙ୍କ ଆୟ କ୍ରମାଗତ ଭାବେ ବୃଦ୍ଧି ପାଇଛି। ଶୁକ୍ରବାର ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ୍ (ସିବିଡିଟି) ପକ୍ଷରୁ ଜାରି ହୋଇଥିବା ତଥ୍ୟ ଅନୁସାରେ ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୧୦ ପର୍ଯ୍ୟନ୍ତ ସରକାର ପ୍ରତ୍ୟକ୍ଷ ଟିକସରୁ ମୋଟ ୬.୫୩ ଲକ୍ଷ କୋଟି ଟଙ୍କା ସଂଗ୍ରହ କରିଛନ୍ତି। ଏପରିକି ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଆଦାୟ ହୋଇଥିବା ପ୍ରତ୍ୟକ୍ଷ ଟିକସ ରାଶିର ମୂଲ୍ୟ ଠାରୁ ପ୍ରାୟ ୧୬ (୧୫.୭)% ଅଧିକ ବୋଲି କୁହାଯାଇଛି। କେବଳ ଡାଇରେକ୍ଟ ଟ୍ୟାକ୍ସ କ୍ଷେତ୍ରରେ ଚଳିତ ଆର୍ଥିକ ବର୍ଷରେ ସରକାର ଗତ ବର୍ଷ ତୁଳନାରେ ପ୍ରାୟ ୧୬ (୧୫.୭) % ଅଧିକ ଟିକସ ଆଦାୟ କରିଛନ୍ତି। ଉଲ୍ଲେଖଯୋଗ୍ୟ, ୨୦୨୩ ଅଗଷ୍ଟ ୧୦ ମଧ୍ୟରେ ଉକ୍ତ ପରିମାଣରର ଟିକସ ଆଦାୟ ହୋଇଛି। ଅପରପକ୍ଷରେ କରଦାତାଙ୍କ ଫେରସ୍ତ (ରିଫଣ୍ଡ)କୁ ଯଦି ବାଦ୍ ଦିଆଯାଏ ତେବେ ୨୦୨୩ ଅଗଷ୍ଟ ୧୦ ସୁଦ୍ଧା ମୋଟ ୫.୮୪ ଲକ୍ଷ କୋଟି ଟଙ୍କାର ଟିକସ ସରକାର ଆଦାୟ କରିଛନ୍ତି। ସିବିଡିଟିର ସୂଚନା ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଅଗଷ୍ଟ ୧୦ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଟିକସରୁ ନେଟ୍ ବେସିସରେ ଆଦାୟ ହୋଇଥିବା କର ପୂର୍ବ ବର୍ଷ ତୁଳନାରେ ୧୭ (୧୭.୩୩)%ରୁ ଅଧିକ ରହିଛି। ଏହି ସଂଖ୍ୟା ପୁରା ଆର୍ଥିକ ବର୍ଷ ପାଇଁ ବଜେଟ୍ ଆକଳନର ୩୨.୦୩% ସହ ସମାନ ବୋଲି କୁହାଯାଉଛି, ଅର୍ଥାତ ୨୦୨୩-୨୪ର ସମ୍ପୂର୍ଣ୍ଣ ଆର୍ଥିକ ବର୍ଷରେ ଯେତିକି ଆୟ ହେବ ବୋଲି ସରକାର ଆନୁମାନ କରିଥିଲେ ତା'ର ୩୨% ରୁ ଅଧିକ ୨୦୨୩ ଅଗଷ୍ଟ ୧୦ ମଧ୍ୟରେ ଆଦାୟ ହୋଇସାରିଛି। ସେହିପରି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧୀ ମଧ୍ୟରେ ଫେରସ୍ତ ହୋଇଥିବା ରିଫଣ୍ଡ ଠାରୁ ଚଳିତ ବର୍ଷର ସମାନ ସମୟରେ ଅଧିକ ରିଫଣ୍ଡ ଜାରି ହୋଇଛି। ସେହିପରି ସରକାରଙ୍କ ସୂଚନା ଅନୁସାରେ ଚଳିତ ଆର୍ଥିକ ବର୍ଷରେ ଟିକସଦାତାଙ୍କୁପୂର୍ବ ବର୍ଷ ଅପେକ୍ଷା ଅଧିକ ଫେରସ୍ତ ଦିଆଯାଇଛି। ଏପରିକି ୨୦୨୩ ଏପ୍ରିଲରୁ ଅଗଷ୍ଟ ୧୦ ମଧ୍ୟରେ ସରକାର ଟିକସଦାତାଙ୍କୁ ମୋଟ ୦.୬୯ ଲକ୍ଷ କୋଟି ଟଙ୍କା ଫେରସ୍ତ କରିଛନ୍ତି। ଗତ ଆର୍ଥିକ ବର୍ଷର ସମାନ ଅବଧିରେ ଦିଆଯାଇଥିବା ଫେରସ୍ତଠାରୁ ଏହା ୩.୭୩% ଅଧିକ ବୋଲି କୁହାଯାଉଛି।

## ଖସିଲା ଶେୟାର ବଜାର କାରବାର

ନୂଆଦିଲ୍ଲୀ,୧୧।୮

କ୍ରମାଗତ ୨ଦିନ ଲାଗି ଭାରତୀୟ ଶେୟାର ବଜାରର କାରବାରରେ ହ୍ରାସ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସ (ଶୁକ୍ରବାର) ର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ଷ୍ଟକ ମାର୍କେଟର କାରବାର ଶେଷ ସୁଦ୍ଧା ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ) ର ସେନ୍ସେକ୍ସ ୩୬୬ (୩୬୫.୫୩) ପଏଣ୍ଟ କମି ୬୫,୩୨୩ (୬୫,୩୨୨.୬୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ରେ ମଧ୍ୟ ୧୧୫ (୧୧୪.୮୦) ପଏଣ୍ଟ ହ୍ରାସ ଘଟି ୧୯,୪୨୮ (୧୯,୪୨୮.୩୦) ଅଙ୍କରେ କାରବାର ବନ୍ଦ ହୋଇଥିଲା।

## ଏଏମ୍ଏନ୍ଏସ ଇଣ୍ଡିଆ ପକ୍ଷରୁ ରିଲିଫ୍ ସାମଗ୍ରୀ ପ୍ରଦାନ




ଭୁବନେଶ୍ୱର,୧୧।୮

ଆର୍ସେଲରମିତଲ ନିପ୍ପନ୍ ଷ୍ଟିଲ୍ (ଏଏମ୍ଏନ୍ଏସ) ଇଣ୍ଡିଆ ବନ୍ୟା ପ୍ରପିଡିତ ଗ୍ରାମାଞ୍ଚଳଗୁଡିକରେ ରିଲିଫ ବିତରଣ ପାଇଁ ଆବଶ୍ୟକୀୟ ରିଲିଫ ସାମଗ୍ରୀ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍ ପ୍ରଶାସନକୁ ପ୍ରଦାନ କରାଯାଇଛି। ଏପରିକି କୁଜଙ୍ଗ ବ୍ଲକରେ ବନ୍ୟା ଯୋଗୁଁ ଜନଜୀବନ,ପଶୁସମ୍ପଦ ଓ ସମ୍ପତିରେ ବ୍ୟାପକ କ୍ଷୟକ୍ଷତି ହୋଇଛି। କମ୍ପାନୀର ସିଏସ୍ଆର୍ ପଦକ୍ଷେପ ଅଧିନରେ ଏଏମ୍ଏନ୍ଏସ୍ ଇଣ୍ଡିଆ କୁଜଙ୍ଗ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀଙ୍କୁ ଉକ୍ତ ରିଲିଫ୍ ସାମଗ୍ରୀ ପ୍ରଦାନ କରାଯାଇଛି। ଏହି ଅବସରରେ ଏବିଡିଓ ଜ୍ଞାନନନ୍ଦ ନାୟକ, କୁଜଙ୍ଗ ବ୍ଲକ୍ ଡେଭଲପମେଣ୍ଟ ଆକାଉଣ୍ଟସ୍ ଅଫିସର ବସନ୍ତ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଏଏମ୍ଏନ୍ଏସ୍ ଇଣ୍ଡିଆର ଏହି ମହତ୍ କାର୍ଯ୍ୟକୁ ପ୍ରଶଂସା କରି ସୌମ୍ୟଶ୍ରୀ ପାଣିଗ୍ରାହୀ କହିଥିଲେ, ଏହି ସାମଗ୍ରୀ ସରକାରଙ୍କ ସଠିକ୍ ସମୟରେ ଲୋକଙ୍କୁ ରିଲିଫ୍ ସାମଗ୍ରୀ ପ୍ରଦାନ କରିବାର ପଦକ୍ଷେପରେ ସହାୟକ ହେବ। ସେହିଭଳି ଏଏମ୍ଏନ୍ଏସ୍ ଇଣ୍ଡିଆର ସିଏସ୍ଆର ମୁଖ୍ୟ ଡ଼ ବିକାଶ ଯାଦବେନ୍ଦୁ କହିଥିଲେ, କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆମେ ସବୁ ସମୟରେ ରହିଛୁ ଏବଂ ସେମାନଙ୍କର ଥଇଥାନ ଓ ରିଲିଫ ସାମଗ୍ରୀ ପ୍ରଦାନ କ୍ଷେତ୍ରରେ ଜିଲ୍ଲା ପ୍ରଶାସନକୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିବୁ।

## ଭୁବନେଶ୍ୱରରେ ଯାତ୍ରାର ପ୍ରଥମ ଫ୍ରାଞ୍ଚାଇଜ୍ ଷ୍ଟୋର

ଭୁବନେଶ୍ୱର,୧୧।୮

ଦେଶର ଅଗ୍ରଣୀ ଅନଲାଇନ୍ ଟ୍ରାଭେଲ୍ କମ୍ପାନୀ ଯାତ୍ରା (ଯାତ୍ରା) ର ପ୍ରଥମ ଅଫଲାଇନ୍ ଫ୍ରାଞ୍ଚାଇଜ୍ ଷ୍ଟୋର ଓଡିଶା ବଜାରରେ ଉଦଘାଟିତ ହୋଇଯାଇଛି। ବିଶେଷ କରି ଭୁବନେଶ୍ୱରର ଜୟଦେବଠାରେ ଯାତ୍ରାର ପ୍ରଥମ ଫ୍ରାଞ୍ଚାଇଜ୍ ଷ୍ଟୋର ଆନୁଷ୍ଠାନିକ ଭାବେ ଶୁଭାରମ୍ଭ ହୋଇଯାଇଛି। ଏପରିକି ଫ୍ରାଞ୍ଚାଇଜ୍ ନେଟୱାର୍କର ସମ୍ପ୍ରସାରଣ ମାଧ୍ୟମରେ ଅଫଲାଇନ୍ ସେଟିଂରେ ସୁବିଧା ତଥା ବାଧାମୁକ୍ତ ଭ୍ରମଣ ସମାଧାନ ବିତରଣ କରିବାକୁ ଯାତ୍ରାର ବିସ୍ତାର ପ୍ରତିବଦ୍ଧତାକୁ ସୂଚିତ କରୁଛି। ଭୌତିକ ଇଣ୍ଟରଫେସ ଗ୍ରାହକମାନଙ୍କୁ ସେମାନଙ୍କର ସମସ୍ତପ୍ରକାରର ଭ୍ରମଣ ସୁବିଧା ପାଇଁ ବ୍ୟକ୍ତିଗତ ଧ୍ୟାନ ଚାଳିତ ସେବାଗୁଡିକ ଅନୁଭବ କରାଇଥାଏ। କମ୍ପାନୀର ନୂତନ ଫ୍ରାଞ୍ଚାଇଜ୍ ଷ୍ଟୋରକୁ ୧୦୦% ଡିଜିଟାଇଜେସନ୍ କରାଯିବା ସହିତ ଗ୍ରାହକଙ୍କୁ ଯାତ୍ରାର ଉତ୍ପାଦ ତଥା ସେବାଗୁଡିକ ଉପଲବ୍ଧ କରାଯାଇ ତୁରନ୍ତ ବୁକ୍ କରିବାକୁ ଅନୁମତି ଦିଆଯିବ ଯେଉଁଥିରେ ଉଭୟ ଆନ୍ତର୍ଜାତୀୟ ତଥା ଘରୋଇ ଗନ୍ତବ୍ୟସ୍ଥଳ, ଫ୍ଲାଇଟ୍ ବୁକିଂ, ହୋଟେଲ ବୁକିଂ, ଭିସା ସହାୟତା ସେବା, ଭ୍ରମଣ ବୀମା ଏବଂ ଛୁଟି ପ୍ୟାକେଜ୍ ଇତ୍ୟାଦି ଅନ୍ତର୍ଭୁକ୍ତ ରହିବ। ଏ ସମ୍ପର୍କରେ ଯାତ୍ରାର ସିଓଓ (କର୍ପୋରେଟ୍ ଟ୍ରାଭେଲ୍ ଆଣ୍ଡ ହେଡ୍ ଇଣ୍ଡଷ୍ଟ୍ରି ରିଲେସନସ୍) ସବିନା ଚୋପ୍ରା କହିଛନ୍ତି, ପୂର୍ବାଞ୍ଚଳ ବଜାର ଭୁବନେଶ୍ୱରଠାରେ ପ୍ରଥମ ଷ୍ଟୋର୍ ଖୋଲି ଆମେ ବେଶ ଆନନ୍ଦିତ। ଏପରିକି ଭୁବନେଶ୍ୱରରେ ଯାତ୍ରା.କମର କାର୍ଯ୍ୟାଳୟ ଘୋଲିବା ଆମ ପାଇଁ ଏକ ବିଶେଶ ମୁହୂର୍ତ୍ତକୁ ସୂଚିତ କରୁଛି। ବିଶେଷ କରି ଅଫଲାଇନ୍ ଷ୍ଟୋର ଯାତ୍ରୀଙ୍କୁ ସଂଯୋଗ କରିବାକୁ ଏହା ବେଶ ସାହାଯ୍ୟ କରିବ। ଯାହାଦ୍ୱାରା ବ୍ରାଣ୍ଡ ଉପରେ ବିଶ୍ୱାସ ଦୃଢ ହେବ। ସେହିଭଳି ଇଣ୍ଟରାକ୍ଟିଭ୍ ଷ୍ଟୋର ଅଭିଜ୍ଞତା ଏବଂ ବ୍ୟକ୍ତିଗତ ସହାୟତା ଓ ବିଶେଷଜ୍ଞ ମାର୍ଗଦର୍ଶନ ସହିତ ଆମେ ଆମର ଭ୍ରମଣକାରୀଙ୍କ ପରିବର୍ତ୍ତିତ ଆବଶ୍ୟକତାକୁ ପ୍ରଥମେ ପୂରଣ କରିବା ଏବଂ ସେମାନଙ୍କର ଯାତ୍ରା ଯାତ୍ରାକୁ ସଫଳ କରିବାକୁ ଲକ୍ଷ୍ୟ ରଖିଛୁ।

## ବେଦାନ୍ତ ଆଲୁମିନିୟମର ସ୍ୱତନ୍ତ୍ର ଅଭିଯାନ

ଭୁବନେଶ୍ୱର,୧୧।୮




ବେଦାନ୍ତ ଆଲୁମିନିୟମ ପକ୍ଷରୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା ଓ ଛତିଶଗଡ଼ ୟୁନିଟ କାର୍ଯ୍ୟ ପରିସରରେ ଏକ ସ୍ୱତନ୍ତ୍ର ଅଭିଯାନର ଶୁଭାରମ୍ଭ କରାଯାଇଥିଲା। ଏପରିକି ସପ୍ତାହବ୍ୟାପୀ ଆୟୋଜିତ ଉକ୍ତ ଅଭିଯାନରେ ଉଭୟ ମା ଓ ଶିଶୁଙ୍କ ପାଇଁ ସ୍ତନ୍ୟ ପାନର ଉପକାରିତା ସହ ନୂଆ ମା ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ବ୍ୟାପକ ପ୍ରୟାସ କରାଯାଉଛି।କମ୍ପାନୀର ଏଭଳି ଏକ ପଦକ୍ଷେପ ଉକ୍ତ ଅଞ୍ଚଳରେ ଶିଶୁ ମୃତ୍ୟୁ ହାରକୁ ରୋକିବାରେ ବେଶ ସହାୟକ ହେବ। ସେହିପରି ସ୍ତନ୍ୟପାନ କରାଇବା ଉପରେ ୩୫ରୁ ଅଧିକ ରାଲି ଓ ଗୋଷ୍ଠୀ ସଚେତନତା ବୈଠକ ଝାରସୁଗୁଡ଼ାର ପ୍ରମୁଖ ସ୍ଥାନ ମାନଙ୍କରେ ଆୟୋଜିତ ହୋଇଥିଲା। ଏପରିକି ୪୦୦ରୁ ଅଧିକ ଗୋଷ୍ଠୀ ସଦସ୍ୟ ଓ ୬୦ପଞ୍ଚାୟତର ଲୋକମାନେ ଉପକୃତ ହୋଇଥିଲେ। କଂପାନିର ମୋବାଇଲ ହେଲଥ ୟୁନିଟ ଦ୍ୱାରା ମଧ୍ୟ ଉକ୍ତ କାର୍ଯ୍ୟକ୍ରମର ପ୍ରସାର କରାଯାଇଥିଲା। ଏଥିରେ ୫୦ରୁ ଅଧିକ ସହାୟକ ନର୍ସ ଓ ମେଡିକାଲ କର୍ମଚାରୀ ଯୋଗ ଦେଇ ମା ଓ ଶିଶୁ ମାନଙ୍କ ସ୍ୱାସ୍ଥ୍ୟ ବିଷୟରେ ଲୋକମାନଙ୍କୁ ସଚେତନ କରାଇଥିଲେ। ଅପରପକ୍ଷରେ ଲାଞ୍ଜିଗଡ଼ରେ ଥିବା ବେଦାନ୍ତ ହସପିଟାଲରେ ଶିଶୁ ବିଶେଷଜ୍ଞଙ୍କ ଜରିଆରେ ୬ଟି ସଚେତନତା ଶିବିର ଆୟୋଜନ ସହିତ ରାୟପୁରର ବାଲକୋ ମେଡିକାଲ ଓ କୋରବା ସ୍ଥିତ ବାଲକୋ ହସପିଟାଲ ଦ୍ୱାରା ଲୋକମାନଙ୍କ ସ୍ତନ କର୍କଟ ବିଷୟରେ ସଚେତନ କରାଯାଇଥିଲା। ଏସମ୍ପର୍କରେ ଝାରସୁଗୁଡ଼ାର ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡୋଳାମଣି ପଟେଲ କହିଛନ୍ତି, ଉଭୟ ମା ଓ ଶିଶୁଙ୍କ ପାଇଁ ସ୍ତନ୍ୟପାନର ଉପକାରୀତାକୁ ଆଲୋକିତ କରିବା ଅତି ଗୁରୁତ୍ୱପୂର୍ଣ୍ଣ। ବେଦାନ୍ତ ଏ ଦିଗରେ ଆଗେଇ ଆସିଥିବାରୁ ମୁଁ ତାକୁ ଧନ୍ୟବାଦ ଜଣାଉଛି।

## ଇଣ୍ଡିଆସ୍ ବିଗେଷ୍ଟ ଇଲେକ୍ଟ୍ରୋନିକ୍ସ ସେଲ୍

ଭୁବନେଶ୍ୱର,୧୧।୮

ରିଲାଏନ୍ସ ଡିଜିଟାଲର ବହୁ ପ୍ରତୀକ୍ଷିତ ଡିଜିଟାଲ ଇଣ୍ଡିଆ ସେଲ୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷକରି କମ୍ପାନୀର ଲୋକପ୍ରିୟ ଅଭିଯାନ 'ଇଣ୍ଡିଆସ ବିଗେଷ୍ଟ ଇଲେକ୍ଟ୍ରୋନିକ୍ସ ସେଲ୍' ଜରିଆରେ ଉପଭୋକ୍ତାମାନଙ୍କୁ ଟେକ୍ନୋଲୋଜି ସହ ସଶକ୍ତ କରିବା ପାଇଁ ରିଲାଏନ୍ସ ଡିଜିଟାଲ ସବୁ ପ୍ରକାର ସୁବିଧା ଯୋଗାଇ ଦେଉଛି। ଏହି ସୁବିଧା ଓ ସେଲ୍ ୨୦୨୩ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସମସ୍ତ ଡିଜିଟାଲ ଷ୍ଟୋରରେ ଉପଲବ୍ଧ। ଏପରିକି ଏହି ଅଭିଯାନରେ ଉପଭୋକ୍ତା ବିଭିନ୍ନ ପ୍ରକାର ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକ ଉପରେ ଆକର୍ଷଣୀୟ ସୁବିଧା ଓ ସୁନିଶ୍ଚିତ ରିହାତି ପାଇପାରିବେ। ସେହିଭଳି ଡିଜିଟାଲ ଇଣ୍ଡିଆ ସେଲ୍ ଜରିଆରେ ଗ୍ରାହକମାନଙ୍କୁ ଆକର୍ଷଣୀୟ ଅଫର ସହ ଏସ୍‌ବିଆଇ କ୍ରେଡିଟ୍ କାର୍ଡର କାରବାର ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ତତକ୍ଷଣାତ୍ ୧୦%ର ଏକ ରିହାତି ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ଗ୍ରାହକମାନେ ସମସ୍ତ ଡେବିଟ୍ ଓ କ୍ରେଡିଟ୍ କାର୍ଡର କ୍ରୟ ଉପରେ ୩୦୦୦ ଟଙ୍କାର ଅତିରିକ୍ତ ୫% ତତ୍କାଳ ରିହାତିର ଲାଭ ମଧ୍ୟ ଉଠାଇପାରିବେ ଏବଂ ପରବର୍ତ୍ତୀ କ୍ରୟରେ ୧୦%ର ସୁନିଶ୍ଚିତ ରିହାତି ମଧ୍ୟ ପାଇବା ପାଇଁ ରିଡିମ୍ ହୋଇପାରୁଥିବା ଏକ ଭାଉଚର୍ ପାଇବେ, ଯାହା ସଞ୍ଚୟର ଏକ ଡବଲ ବୋନାଞ୍ଜା ହେବ ଏବଂ ଯେଉଁମାନେ ୟୁପିଆଇ ଟ୍ରାଞ୍ଜାକ୍ସନ୍ କରିବାକୁ ଚାହିଁବେ, ସେମାନେ ୧୦%ର ଏକ ତୁରନ୍ତ ରିହାତି ପାଇପାରିବେ। ଏହିସବୁ ନଗଦ ରିହାତି ବ୍ୟତୀତ ରିଲାଏନ୍ସ ଡିଜିଟାଲରେ ସମସ୍ତ ବର୍ଗ ଉପରେ ନିଶ୍ଚିତ ରୂପେ କିଛି ନା କିଛି ଚମତ୍କାର ଅଫର ମଧ୍ୟ ରହିଛି।

# ୭ ମାସରେ ମଲେଣି ୪୪ ହାତୀ

**ହାତୀମାନଙ୍କୁ ସୁରକ୍ଷା ଦେବା ଓ ସଂରକ୍ଷଣ ଉଦ୍ଦେଶ୍ୟରେ ପ୍ରତିବର୍ଷ ଅଗଷ୍ଟ ୧୨ ତାରିଖକୁ 'ବିଶ୍ୱ ହସ୍ତୀ ଦିବସ' ଭାବେ ପାଳନ କରାଯାଇଥାଏ। କିନ୍ତୁ ବାସ୍ତବରେ ଏମାନଙ୍କ ସୁରକ୍ଷାରେ ଅବହେଳା ଓ ମଣିଷ-ହାତୀ ଲଢ଼େଇ ଯୋଗୁ ବିପଦରେ ଏବେ ଏହି ଐତିହ୍ୟ ପ୍ରାଣୀ।**



**ଆଜି ବିଶ୍ୱ ହସ୍ତୀ ଦିବସ**

ଭୁବନେଶ୍ୱର, ୧୧।୮(ଅସମାପିକା ସାହୁ)

ହାତୀକୁ ଐତିହ୍ୟ ପ୍ରାଣୀ ବୋଲି ଘୋଷଣା କରାଯାଇଛି। କିନ୍ତୁ ହାତୀ ଓ ମଣିଷ ଲଢ଼େଇ ଏବେ ବି କମିବାର ନାଁ ନେଉନାହିଁ। ଏହି ଲଢ଼େଇରେ କେତେବେଳେ ହାତୀର ମୃତ୍ୟୁ ହେଉଛି ତ ଆଉ କେଉଁଠି ମଣିଷର ଜୀବନ ଯାଉଛି। ରାଜ୍ୟ ସରକାରଙ୍କ ତଥ୍ୟାନୁସାରେ, ଗତ ୧୦ ବର୍ଷ ଅର୍ଥାତ୍ ୨୦୧୨ରୁ ୨୦୨୨ ମଧ୍ୟରେ ଓଡ଼ିଶାରେ ମୋଟ ୭୮୪ ହାତୀ ଓ ୯୨୫ ମଣିଷଙ୍କ ମୃତ୍ୟୁ ଘଟିଛି। ସେହିଭଳି ଚଳିତ ବର୍ଷ ଜାନୁୟାରୀରୁ ଅଗଷ୍ଟ ୧୦ ମଧ୍ୟରେ ୪୪ଟି ହାତୀଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଓଡ଼ିଶାରେ ହାତୀସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ୨୦୧୨ ହାତୀ ଗଣନାରେ, ରାଜ୍ୟରେ ହାତୀସଂଖ୍ୟା ୧୯୩୦ ଥିବାବେଳେ ୨୦୧୫ରେ ୧୯୫୪ ଓ ୨୦୧୭ରେ ଏହା ବୃଦ୍ଧି ପାଇ ୧୯୭୬ରେ ପହଞ୍ଚିଥିଲା। ତେବେ ରାଜ୍ୟରେ ହାତୀସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ଏମାନଙ୍କୁ ସୁରକ୍ଷା ଦେବାରେ ବନ ବିଭାଗ ବିଫଳ ହେଉଛି। ହାତୀର ସୁରକ୍ଷା ଓ ସଂରକ୍ଷଣ ପାଇଁ ବିଭିନ୍ନ ଯୋଜନା ରହିଛି। କିନ୍ତୁ ଏଥିରେ ସରକାର ଫେଲ୍ ମାରୁଛନ୍ତି। ତେଣୁ ପ୍ରତିବର୍ଷ ବିଭିନ୍ନ କାରଣରୁ ହାତୀଙ୍କ ମୃତ୍ୟୁ ଘଟୁଛି। ରାଜ୍ୟରେ ହାତୀ ଶିକାର ବୃଦ୍ଧି ପାଉଥିବାବେଳେ ଆଉ କେଉଁଠି ବିଦ୍ୟୁତ୍ ତାର ଓ ଟ୍ରେନ୍ ଧକ୍କା ଜୀବନ ନେଉଛି। ବିଧାନସଭାରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ପ୍ରଦୀପ କୁମାର ଅମାତଙ୍କ ତଥ୍ୟ ଅନୁଯାୟୀ, ୨୦୧୨-୧୩ରେ ୮୨ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ୨୦୧୩-୧୪ରେ ୭୦, ୨୦୧୪-୧୫ରେ ୫୪, ୨୦୧୫-୧୬ରେ ୮୬, ୨୦୧୬-୧୭ରେ ୭୬, ୨୦୧୭-୧୮ରେ ୭୮, ୨୦୧୮-୧୯ରେ ୯୩, ୨୦୧୯-୨୦ରେ ୮୨, ୨୦୨୦-୨୧ରେ ୭୭ ଏବଂ ୨୦୨୧-୨୨ରେ ୮୬ ହାତୀଙ୍କର ମୃତ୍ୟୁ ହୋଇଛି। ସେପଟେ ଚଳିତବର୍ଷ ଏପର୍ଯ୍ୟନ୍ତ ୪୪ଟି ହାତୀଙ୍କ ଜୀବନ ଗଲାଣି। ୱାଇଲ୍ଡଲାଇଫ୍ ସୋସାଇଟି ଅଫ୍ ଓଡ଼ିଶା(ଡବ୍ଲ୍ୟୁଏସ୍ଓ)ର ତଥ୍ୟାନୁସାରେ, ଗତ ଜାନୁୟାରୀରୁ ଅଗଷ୍ଟ ୧୦ ମଧ୍ୟରେ ୪୪ଟି ହାତୀଙ୍କର ମୃତ୍ୟୁ ହୋଇଛି। ଜାନୁୟାରୀରେ ୮ ହାତୀଙ୍କ ମୃତ୍ୟୁ ଘଟିଥିବାବେଳେ ଫେବୃୟାରୀରେ ୫, ମାର୍ଚ୍ଚରେ ୭, ଏପ୍ରିଲରେ ୪, ମେ'ରେ ୧୦, ଜୁନ୍‌ରେ ୬, ଜୁଲାଇରେ ୩ ଏବଂ ଅଗଷ୍ଟରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ଏହି ୪୪ ହାତୀଙ୍କ ମଧ୍ୟରୁ ୧୮ଟିର ପ୍ରାକୃତିକ ମୃତ୍ୟୁ ଘଟିଥିବାବେଳେ ବିଦ୍ୟୁତ୍ ଆଘାତରେ ୧୧, ଶିକାରରେ ୫ ଏବଂ ଟ୍ରେନ୍ ଦୁର୍ଘଟଣାରେ ୪ଟି ହାତୀଙ୍କର ଜୀବନ ଯାଇଛି। ତେବେ ଆଉ ୬ଟି ହାତୀଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

## ୫ ବର୍ଷରେ ୪୫୧ ହାତୀଙ୍କ ମୃତ୍ୟୁ

ଭଞ୍ଜନଗର,୧୧।୮(ବାବୁଲା ପ୍ରଧାନ)

ଶନିବାର ବିଶ୍ୱ ହସ୍ତୀ ଦିବସ। ତେଣୁ ହାତୀମାନଙ୍କ ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ରାଜ୍ୟର ବିଭିନ୍ନ ସ୍ଥାନରେ ଅନେକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ପକ୍ଷରୁ ଶନିବାର ପୂର୍ବାହ୍ନରେ ଲାଲସିଂ ନର୍ସରୀ ପରିସରରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ହୋଇଛି। ଦକ୍ଷିଣ ଘୁମୁସର ବନଖଣ୍ଡ ପକ୍ଷରୁ ମଧ୍ୟ ବିଭିନ୍ନ ରେଞ୍ଜରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହାତୀ ସୁରକ୍ଷା ପାଇଁ ସଚେତନତା କରାଯାଉଛି ସତ କିନ୍ତୁ ହାତୀ ମୃତ୍ୟୁ ରୋକିବାରେ ବିଭାଗ ଫେଲ୍ ମାରୁଛି। ୨୦୧୮ ଏପ୍ରିଲ ପହିଲାରୁ ୨୦୨୩ ଅଗଷ୍ଟ ୧୦ ତାରିଖ ସୁଦ୍ଧା ରାଜ୍ୟରେ ୪୫୧ ହାତୀଙ୍କ ମୃତ୍ୟୁ ହୋଇଛି। ସେଥିମଧ୍ୟରେ ଗଞ୍ଜାମ ଜିଲାରେ ୨୧ ହାତୀଙ୍କ ମୃତ୍ୟୁ ହୋଇଛି। ବିଗତ ଏକ ବର୍ଷ ମଧ୍ୟରେ କେବଳ ଉତ୍ତର ଘୁମୁସର ବନଖଣ୍ଡରେ ୮ ହାତୀଙ୍କ ମୃତ୍ୟୁ ହୋଇଛି।

ରାଜ୍ୟରେ ବିଗତ ୫ ବର୍ଷ ମଧ୍ୟରେ ୫୦ ହାତୀ ବିଷକ୍ରିୟା ଏବଂ ଶିକାର ଯୋଗୁ ପ୍ରାଣ ହରାଇଥିବା ଏକ ତଥ୍ୟରୁ ଜଣାପଡିଛି। ବିଦ୍ୟୁତ୍ ଆଘାତରେ ୮୪, ଟ୍ରେନ୍ ଧକ୍କାରେ ୨୨, ରାସ୍ତା ଦୁର୍ଘଟଣାରେ ୪, ସ୍ୱାଭାବିକ ଭାବେ ୧୭୪ ହାତୀଙ୍କ ମୃତ୍ୟୁ ହୋଇଛି। ୧୦୫ ହାତୀ ମୃତ୍ୟୁର କାରଣ ଜଣାପଡିନାହିଁ। ସେଥିମଧ୍ୟରେ ଅଧିକାଂଶ ଶିକାର ଯୋଗୁ ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଛି। ୧୨ଟି ହାତୀ ମରିବା ପରେ କାର୍ଯ୍ୟାନୁଷ୍ଠାନ ଭୟରେ ବିଭାଗୀୟ କର୍ମଚାରୀମାନେ ପ୍ରମାଣ ନଷ୍ଟ ପାଇଁ ଉଦ୍ୟମ କରିଛନ୍ତି। ଅପରପକ୍ଷେ ୨୦୧୭ରେ ଶେଷଥର ପାଇଁ ରାଜ୍ୟରେ ହାତୀ ଗଣନା ହୋଇଥିଲା। ୨ ବର୍ଷ ପରେ ପୁଣି ହାତୀ ଗଣନା ହେବା କଥା। କିନ୍ତୁ କରୋନା ଯୋଗୁ ଗଣନା ସେ ସମୟରେ ହୋଇପାରି ନ ଥିଲା। ଇତିମଧ୍ୟରେ ୬ ବର୍ଷରୁ ଊର୍ଦ୍ଧ୍ୱ ବିତିଗଲାଣି, କିନ୍ତୁ ହାତୀ ଗଣନା ହୋଇପାରିନାହିଁ। ୨୦୨୪ ମେ' ମାସରେ ହାତୀ ଗଣନା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ବିଭାଗୀୟ ସମନ୍ୱୟ ଏବଂ ସଚେତନତା ଲୋଡ଼ା ବୋଲି ପରିବେଶବିତ୍ ରଞ୍ଜିତ ପଟ୍ଟନାୟକ କହିଛନ୍ତି।

## କରିଡର ବିଜ୍ଞପ୍ତି ପ୍ରକାଶନରେ ବିଳମ୍ବ

ହାତୀମାନଙ୍କ ସୁରକ୍ଷା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ହାଇକୋର୍ଟ ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ହାତୀମାନଙ୍କ ସୁରକ୍ଷା ପାଇଁ ବିଭିନ୍ନ ପଦକ୍ଷେପ ନେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। କିନ୍ତୁ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁନାହିଁ। ରାଜ୍ୟରେ ୧୪ଟି ହାତୀ କରିଡର ଅଛି। ସେଥିମଧ୍ୟରୁ ଅଧିକାଂଶ କରିଡର ହାତୀମାନଙ୍କ ଚଳପ୍ରଚଳ ପାଇଁ ଅସୁରକ୍ଷିତ ହୋଇପଡିଛି। ଗତ ୨୦୨୧ ଅଗଷ୍ଟ ୧୭ ତାରିଖରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ପୂର୍ବାଞ୍ଚଳ ଜୋନ ପକ୍ଷରୁ ହାତୀ କରିଡର ବିଜ୍ଞପ୍ତି ପ୍ରକାଶ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ରାଜ୍ୟ ସରକାର ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବାରେ ବିଳମ୍ବ କରିଥିଲେ। ଫଳରେ ଗତ ମାର୍ଚ୍ଚ ୧୪ରେ ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାରେ ବିଳମ୍ବ କଲେ ଦୋଷୀ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଗ୍ରୀନ୍ ଟ୍ରିବ୍ୟୁନାଲ ପକ୍ଷରୁ ନିର୍ଦ୍ଦେଶନାମା ଆସିଥିଲା। ଏନ୍‌ଜିଟି ଆକ୍ଟ ୨୦୧୦ ଧାରା ୨୬ ଅନୁସାରେ ୩ ବର୍ଷ ଜେଲ ଦଣ୍ଡାଦେଶ ନଚେତ୍ ୧୦ କୋଟି ଟଙ୍କା ଜରିମାନା ହେବ ବୋଲି କୁହାଯାଇଥିଲା। ଏଥିସହ କାର୍ଯ୍ୟରେ ଅବହେଳା ପାଇଁ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯିବନି ବୋଲି ଟ୍ରିବ୍ୟୁନାଲ କୈଫିୟତ ମାଗିଥିଲେ, ଯାହାକୁ ନେଇ ରାଜ୍ୟ ସରକାର ଉକ୍ତ ନିର୍ଦ୍ଦେଶନାମା ବିରୋଧରେ ହାଇକୋର୍ଟର ଆଶ୍ରୟ ନେଇଥିଲେ। ବର୍ତ୍ତମାନ ଉକ୍ତ ନିର୍ଦ୍ଦେଶନାମା ଉପରେ ହାଇକୋର୍ଟ ସ୍ଥଗିତାଦେଶ ଜାରି କରିଛନ୍ତି।

ଫୁର୍‌ସତ୍

# ଯୁବଶକ୍ତି ଦେଶ ପ୍ରଗତିର ଉତ୍ସ

**ଅନ୍ତର୍ଜାତୀୟ ଯୁବ ଦିବସ**



**ଦେଶ** ପ୍ରଗତିର ଉତ୍ସ ହିଁ ଯୁବଶକ୍ତି। ସେମାନଙ୍କ ଦ୍ୱାରା ହେଉଥିବା ବହୁବିଧ କାର୍ଯ୍ୟ ଉପରେ ଦେଶର ଅର୍ଥନୀତି ନିର୍ଭର କରିଥାଏ। ଯୁବବର୍ଗଙ୍କର ଆଗକୁ ବଢ଼ିବା ପଥରେ ରହିଥିବା ସମସ୍ୟା ଏବଂ ସେସବୁର ସଫଳ ସମାଧାନ ଦିଗରେ ସଚେତନତା ସୃଷ୍ଟି ଲାଗି ପ୍ରତିବର୍ଷ ଅଗଷ୍ଟ ୧୨ରେ ଅନ୍ତର୍ଜାତୀୟ ଯୁବ ଦିବସ ପାଳନ କରାଯାଇଥାଏ। ୨୦୦୦ ମସିହାରେ ଜାତିସଂଘ ପକ୍ଷରୁ ଯୁବ ଶିକ୍ଷା, ଗୋଷ୍ଠୀ ଉନ୍ନୟନ, ପରିବେଶୀୟ ଗ୍ରୁପ୍ ଗଠନ, ବିଭିନ୍ନ ସାମାଜିକ ପ୍ରକଳ୍ପରେ ସ୍ୱେଚ୍ଛାସେବୀ ଭାବରେ ଯୁବବର୍ଗଙ୍କ ଯୋଗଦାନକୁ ଦୃଷ୍ଟିରେ ରଖି ଅନ୍ତର୍ଜାତୀୟ ଯୁବ ଦିବସ ପାଳନ ଆରମ୍ଭ ହୋଇଥିଲା।

କରୋନା ମହାମାରୀ ପରେ ଏବେ ପୃଥିବୀର ଅର୍ଥ ବ୍ୟବସ୍ଥା ସୁଧୁରିବା ଆରମ୍ଭ କରିଛି। ଏପରିସ୍ଥଳେ ଯୁବବର୍ଗଙ୍କ କାନ୍ଧରେ ବଡ଼ ଦାୟିତ୍ୱ ପଡ଼ିଛି। ତେବେ ସେମାନଙ୍କ ଦକ୍ଷତା ବିକାଶ କ୍ଷେତ୍ରରେ ରହିଥିବା ବାଧା ସମ୍ପର୍କରେ ଜାତିସଂଘ ପକ୍ଷରୁ ଜାରି ହୋଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ୬ରୁ ୧୩ ବର୍ଷ ବୟସର ୫୦ ପ୍ରତିଶତ ପିଲାଙ୍କ ମଧ୍ୟରେ ସେମାନଙ୍କ କଥିତ ଭାଷା କିମ୍ବା ଅନ୍ୟ କୌଣସି ଭାଷା ପଢ଼ିବା ସମସ୍ୟା ବଢ଼ିବାରେ ଲାଗିଛି। ପୃଥିବୀର ବହୁ ପିଲାଙ୍କ ମଧ୍ୟରେ ଗଣିତ ଜ୍ଞାନର ଅଭାବ ଏବଂ ପିଲାଦିନର ଦାରିଦ୍ର୍ୟ ଯୋଗୁ ଦକ୍ଷତା ବିକାଶରେ ବାଧା ସୃଷ୍ଟି ହେଉଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ବିଭିନ୍ନ ଆହ୍ୱାନର ସମ୍ମୁଖୀନ ହେଉଥିବା ଯୁବବର୍ଗ କେତେକ ସମୟରେ ଏସବୁକୁ ସ୍ୱୀକାର ନ କରି ପଳାୟନପନ୍ଥୀ ହୋଇଥାନ୍ତି। ମାତ୍ର ଅନ୍ତର୍ଜାତୀୟ ଯୁବ ଦିବସ ଯୁବବର୍ଗଙ୍କୁ ସମ୍ମୁଖୀନ ହେଉଥିବା ଚାଲେଞ୍ଜଗୁଡ଼ିକୁ ଗ୍ରହଣ କରି ଏହାର ସଫଳ ସମାଧାନର ପଥ ବାହାର କରିବା ଉପରେ ଗୁରୁତ୍ୱାରୋପ କରିଥାଏ।

ପ୍ରତିବର୍ଷ ଅନ୍ତର୍ଜାତୀୟ ଯୁବ ଦିବସ ଉପଲକ୍ଷେ ସ୍ୱତନ୍ତ୍ର ବାର୍ତ୍ତା ଜାରି କରାଯାଇଥାଏ। ଚଳିତ ବର୍ଷ ୨୦୨୩ ପାଇଁ ଏହି ଦିବସ ଲାଗି ବାର୍ତ୍ତା ରହିଛି, ଗ୍ରୀନ ସ୍କିଲ ଫର ୟୁଥ୍: ଟୁୱାର୍ଡସ ଏ ସସ୍ଟେନେବ୍‌ଲ ୱାର୍ଲ୍ଡ(ଯୁବକମାନଙ୍କ ପାଇଁ ସବୁଜ ଦକ୍ଷତା: ଏକ ଦୀର୍ଘ ସ୍ଥାୟୀ ବିଶ୍ୱ ଆଡକୁ ପାଦେ)।

# କେବିସି ଏପିସୋଡ୍ ଶୁଟିଂ ପାଇଁ ୩.୫ କୋଟି ନିଅନ୍ତି ଅମିତାଭ



ମୁମ୍ବାଇ

ଟେଲିଭିଜନ ରିୟଲିଟି ସୋ 'କୌନ ବନେଗା କରୋଡପତି' (କେବିସି) ବର୍ଷ ବର୍ଷ ଧରି ଦର୍ଶକଙ୍କ ହୃଦୟରେ ରାଜ କରି ଚାଲିଛି। କେବିସି ହେଉଛି ଦେଶର ଦୀର୍ଘତମ ରିଆଲିଟି ଶୋ' ମଧ୍ୟରୁ ଅନ୍ୟତମ। ଏହା ୨୦୦୦ରେ ଆରମ୍ଭ ହୋଇଥିଲା ଏବଂ ପ୍ରଥମ ସିଜନରେ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ଶୋ'ର ପ୍ରଥମ ସିଜନରେ ପୁରସ୍କାର ରାଶି ୧ କୋଟି ଟଙ୍କା ଥିଲା। ୨୦୦୫ରେ ଏହା ଦ୍ୱିଗୁଣିତ ହୋଇ ସିଜନ ୨ରେ ୨କୋଟି ଟଙ୍କା ହୋଇଗଲା। ତେବେ, ୨୦୧୦ରେ ସିଜନ ୪ ପାଇଁ ପୁରସ୍କାର ରାଶି ପୁଣି ୧ କୋଟି ଟଙ୍କାକୁ ହ୍ରାସ କରାଯାଇଥିଲା। ୨୦୧୩ରେ, ସପ୍ତମ ସିଜନରୁ ପୁରସ୍କାର ରାଶି ୭କୋଟି ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଯେତେବେଳେ ଏହି ଶୋ' ଆରମ୍ଭ ହେଲା, ଅମିତାଭ ବଚ୍ଚନ ଏହାକୁ ହୋଷ୍ଟ କରିବାକୁ ଏପିସୋଡ ପାଇଁ ୨୫ଲକ୍ଷ ଟଙ୍କା ନେଇଥିଲେ। ପ୍ରଥମ ସିଜନ ହିଟ୍ ହେବା ପରେ ଅମିତାଭ ତାଙ୍କ ଫି ୧କୋଟିକୁ ବୃଦ୍ଧି କରିଥିଲେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ୬-୭ ସିଜନରେ ସେ ୧.୫ରୁ ୨କୋଟି ଟଙ୍କା ନେଉଥିଲେ। ଅଷ୍ଟମ ସିଜନରେ ତାଙ୍କର ଫି ୨ କୋଟି ଥିଲା। ଏହି ଶୋ'ର ଅଷ୍ଟମ ସିଜନରେ ରାନୀ ମୁଖାର୍ଜୀ, ପରିଣୀତି ଚୋପ୍ରା, ପ୍ରିୟଙ୍କା ଚୋପ୍ରା, ଶାହାରୁଖ ଖାନ୍ ଏବଂ ଦୀପିକା ପାଦୁକୋନଙ୍କ ଭଳି ଷ୍ଟାରମାନେ ନଜର ଆସିଥିଲେ। ନବମ ସିଜନରେ ଅମିତାଭ ବଚ୍ଚନ ୨.୬ କୋଟି ନେଇଥିଲେ। ସେହି ସିଜନରେ କ୍ରିକେଟର ଯୁବରାଜ ସିଂ ଏବଂ ଅଭିନେତା ବିଦ୍ୟା ବୋଲେଣ୍ଡର ହଟ୍ ସିଟରେ ଅତିଥି ଭାବରେ ନଜର ଆସିଥିଲେ। ଦଶମ ସିଜନରେ ଅମିତାଭ ଏପିସୋଡ ପାଇଁ ୩କୋଟି ଟଙ୍କା ନେଇଥିଲେ। ଏକାଦଶ, ଦ୍ୱାଦଶ ଏବଂ ୧୩ତମ ସିଜନରେ ସେ ୩.୫ କୋଟି ଟଙ୍କା ଦାବି କରିଥିଲେ।

**ଫିରିଙ୍ଗିଆ ଥାନାଧିକାରୀଙ୍କୁ ଗିରଫ ନ କଲେ ଆନ୍ଦୋଳନ: ଭାଜପା**

ଭୁବନେଶ୍ୱର,(ସୁନିତ୍ ମିଶ୍ର): କନ୍ଧମାଳ ଜିଲା ପୂର୍ବରୁ ଅଦା, ହଳଦୀ, କଦଳୀ ଚାଷ ପାଇଁ ସୁଖ୍ୟାତି ଅର୍ଜନ କରିଥିଲା। ହେଲେ ଏବେ ଏହା ଗଞ୍ଜେଇ ଚାଷ ପାଇଁ ଚର୍ଚ୍ଚାରେ। ପୋଲିସ ପ୍ରତି ସାଧାରଣ ଲୋକଙ୍କ ଅବିଶ୍ୱାସ ଓ ଘୃଣା ଭାବ ଯୋଗୁ ବହୁଚର୍ଚ୍ଚିତ ଫିରିଙ୍ଗିଆ ଥାନା ପୋଡ଼ି ଭଳି ସମ୍ବେଦନଶୀଳ ଘଟଣା ଘଟିଯାଇଛି। ଉକ୍ତ ଘଟଣାର ମୁଖ୍ୟ ନାୟକ ତଥା ଫିରିଙ୍ଗିଆ ଥାନାଧିକାରୀ ତପନ ନାହାକଙ୍କୁ ଗିରଫ ନ କଲେ ବ୍ୟାପକ ଆନ୍ଦୋଳନ ହେବ ବୋଲି ରାଜ୍ୟ ଭାଜପା କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

# ବିଜେଡି, ଭାଜପା ବିରୋଧରେ ରାଜ୍ୟବ୍ୟାପୀ ଆନ୍ଦୋଳନ




ଭୁବନେଶ୍ୱରରେ ଅନୁଷ୍ଠିତ ୧୭ ମିଳିତ ବିରୋଧୀ ଦଳ ବୈଠକରେ ଉପସ୍ଥିତ ନେତୃବୃନ୍ଦ।

**ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)**

୧୭ ମିଳିତ ବିରୋଧୀ ଦଳର ଏକ ରାଜନୈତିକ ସମ୍ମିଳନୀ ଭୁବନେଶ୍ୱରଠାରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମ୍ପ୍ରତିକ ରାଜନୈତିକ, ସାମାଜିକ ତଥା ଅର୍ଥନୈତିକ ପରିସ୍ଥିତି ସମ୍ପର୍କରେ ଦୀର୍ଘ ଆଲୋଚନା ହୋଇଥିଲା। ବିଜେଡି ଏବଂ ଭାଜପା ବିରୋଧରେ ମିଳିତ ବିରୋଧୀ ଦଳ ରାଜ୍ୟରେ ଆନ୍ଦୋଳନକୁ ଜୋରଦାର କରିବ ବୋଲି ସୂଚନା ଦିଆଯାଇଛି।

ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶରତ କହିଛନ୍ତି, ଗତ ଗୁରୁବାର ଲୋକ ସଭାରେ ପ୍ରଧାନମନ୍ତ୍ରୀ ତାଙ୍କ ବିରୋଧରେ ଆଗତ ଅନାସ୍ଥା ପ୍ରସ୍ତାବ ଉପରେ ନିଜ ସଂସଦୀୟ ଜୀବନର ଦୀର୍ଘତମ ଭାଷଣ ଦେଇ ଅନେକ ଅବାନ୍ତର ଓ ଅପ୍ରାସଙ୍ଗିକ ବିଷୟ ଉଲ୍ଲେଖ କଲେ। କିନ୍ତୁ ମଣିପୁରବାସୀଙ୍କ ଆଖିରୁ ଲୁହ ପୋଛିବା ପାଇଁ ସେ କେବେ ମଣିପୁର ଗସ୍ତ କରିବେ ତାହା ପ୍ରକାଶ କଲେ ନାହିଁ। ସେ ଏହା ନ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଅନୁରୂପ ଭାବେ ଗଣତନ୍ତ୍ରର କଣ୍ଠରୋଧ କରିବା

**୧୭ ମିଳିତ ବିରୋଧୀ ଦଳ ବୈଠକ**

ଉଦ୍ଦେଶ୍ୟରେ ମୁଖ୍ୟ ନିର୍ବାଚନ କମିଶନ ଓ ନିର୍ବାଚନ କମିଶନଙ୍କ ନିଯୁକ୍ତି ନିମନ୍ତେ ଗଠିତ କମିଟିରୁ ପ୍ରଧାନ ବିଚାରପତିଙ୍କୁ ବାଦ୍ ଦେବା ଓ ପ୍ରଧାନମନ୍ତ୍ରୀଙ୍କ ମନୋନୀତ ଜଣେ ମନ୍ତ୍ରୀଙ୍କୁ ସ୍ଥାନିତ କରିବା ସମ୍ପର୍କିତ ବିଲ୍ ରାଜ୍ୟ ସଭାରେ ଆଗତ କରିବା ଘଟଣାକୁ ଏହି ମିଳିତ ବିରୋଧୀ ମଞ୍ଚ ଦୃଢ଼ ବିରୋଧ କରୁଛି। ଉଭୟ କ୍ଷେତ୍ରରେ କେନ୍ଦ୍ରର ମୋଦି ସରକାରଙ୍କ ଆଭିମୁଖ୍ୟକୁ ମଧ୍ୟ ନିନ୍ଦା କରାଯାଇଛି। ସମ୍ମିଳନୀରେ ଦେଶ ତଥା ରାଜ୍ୟର ପ୍ରମୁଖ ପ୍ରସଙ୍ଗ ଯେପରିକି ଚାଷୀ, ବେକାରି, ଦରଦାମ୍ ବୃଦ୍ଧି, ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ମହିଳା ନିର୍ଯାତନା, ସାମାଜିକ ନ୍ୟାୟ, ଚିଟ୍‌ଫଣ୍ଡ, ଖଣି, ପାଣି ତଥା ବେଦାନ୍ତ ବିଶ୍ୱବିଦ୍ୟାଳୟ ଦୁର୍ନୀତି ଓ ଟାଟା ପାୱାରର ଖାଉଟି ଶୋଷଣ ନୀତି ସଂକ୍ରାନ୍ତରେ ଆଲୋଚନା ହୋଇଛି। ଏହି ପ୍ରସଙ୍ଗରେ ୧୭ ବିରୋଧୀ ଦଳ ମିଳିତ ଭାବେ ରାଜ୍ୟର ସମସ୍ତ ପ୍ରାନ୍ତ ତଥା ଜିଲାରେ ଦୁର୍ବାର ଆନ୍ଦୋଳନ କରିବାକୁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜ୍ୟରେ ବିଜେଡି ଓଡ଼ିଶାବାସୀଙ୍କ ପ୍ରତି ବିଶ୍ୱାସଘାତକତା କରି ଭାଜପାର ବଶମ୍ବଦ ସାଜିବା ଓ ରାଜ୍ୟ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ନିଜର ସଂକୀର୍ଣ୍ଣ ରାଜନୈତିକ ସ୍ୱାର୍ଥକୁ ଚରିତାର୍ଥ କରିବା ପାଇଁ ମୋଦି ସରକାରଙ୍କର ସମସ୍ତ ଜନବିରୋଧୀ ନୀତି ନିଷ୍ପତ୍ତିକୁ ନିଃସର୍ତ୍ତ ସମର୍ଥନ କରିଚାଲୁଛି। ମିଳିତ ବିରୋଧୀ ମଞ୍ଚ ଏହାର କଠୋର ସମାଲୋଚନା କରୁଛି। ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ ଭାବେ ନିରବଚ୍ଛିନ୍ନ ସଂଗ୍ରାମ ରାଜ୍ୟବ୍ୟାପୀ ଚଳାଇବାକୁ ସଂକଳ୍ପ ନିଆଯାଇଛି। ଏହି ସମ୍ମିଳନୀରେ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଭିତ୍ତିପତ୍ର ଉପସ୍ଥାପନ କରିଛନ୍ତି। ସିପିଏମ, ସିପିଆଇ, ଏଏପି, ସମାଜବାଦୀ ପାର୍ଟି, ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା, ଶିବାଜୀ ମୌଳିକ, ସମୃଦ୍ଧ ଓଡ଼ିଶା, ତୃଣମୂଳ କଂଗ୍ରେସ, ସିପିଆଇ (ଏମ୍‌ଏଲ୍) ଲିବରେଶନ, ଅଲଇଣ୍ଡିଆ ଫରୱାର୍ଡ ବ୍ଲକ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି, ଆରଜେଡି, ସମତାକ୍ରାନ୍ତି, ଆରପିଆଇ ପ୍ରମୁଖ ଦଳର ସଦସ୍ୟମାନେ ଯୋଗଦେଇ ନିଜର ଅଭିଭାଷଣ ଦେଇଛନ୍ତି। ଜେଡିୟୁ ଓ ସିପିଆଇ ଏମ୍‌ଏଲ୍ ରେଡ୍‌ଷ୍ଟାର ପକ୍ଷରୁ ଏହି ସମ୍ମିଳନୀକୁ ଲିଖିତ ଭାବେ ସମର୍ଥନ ଦିଆଯାଇଛି।

# ମଣିପୁର ଜଳୁଥିବାବେଳେ ପ୍ରଧାନମନ୍ତ୍ରୀ ମଜାକ ଉଡ଼ାଉଛନ୍ତି: ରାହୁଲ

**ନୂଆଦିଲ୍ଲୀ,୧୧।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଣିପୁରରେ ଜଳୁଥିବା ହିଂସାର ନିଆଁକୁ ଲିଭାଇବାକୁ ଚାହୁଁନାହାନ୍ତି, ଯାହା ହେଉଛି ବାସ୍ତବ ସତ୍ୟ ବୋଲି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁବାର ପାର୍ଲାମେଣ୍ଟରେ କହୁଥିବାବେଳେ ମଜାକ ଉଡ଼ାଉଥିଲେ। ଏନ୍‌ଡିଏ ସଦସ୍ୟମାନେ ସ୍ଲୋଗାନ ଦେଉଥିବାବେଳେ ମୋଦି ହସୁଥିଲେ। ଏହା ଜଣେ ପ୍ରଧାନମନ୍ତ୍ରୀଙ୍କୁ ଶୋଭା ଦେଉନାହିଁ। ପ୍ରଧାନମନ୍ତ୍ରୀ ଅନ୍ତତଃ ମଣିପୁର ଯାଇ ସମ୍ପ୍ରଦାୟଗୁଡ଼ିକ ସହ ଆଲୋଚନା କରିପାରିଥାନ୍ତେ। ଗୃହରେ ମଣିପୁର ପ୍ରସଙ୍ଗରେ ନ କହି ମୋ ବିଷୟରେ ଓ କଂଗ୍ରେସ ଉପରେ କହିଥିଲେ ବୋଲି ରାହୁଲ କହିଛନ୍ତି।

କଂଗ୍ରେସ ନେତା ଆହୁରି କହିଛନ୍ତି, ସେ ୧୯ ବର୍ଷ ହେଲା ରାଜନୀତିରେ ଅଛନ୍ତି ଓ ସବୁ ରାଜ୍ୟକୁ ଯାଇଛନ୍ତି। ହେଲେ ମଣିପୁରରେ ସେ ଯାହା ଦେଖିଲେ, ତାହା ଅନ୍ୟ କୌଣସି ରାଜ୍ୟରେ ଦେଖିନାହାନ୍ତି। ଯେତେବେଳେ ସେ ମେଇତି ଅଞ୍ଚଳକୁ ଯାଇଥିଲେ, ତାଙ୍କୁ ସୁରକ୍ଷା ପାଇଁ ସାଙ୍ଗରେ କୌଣସି କୁକିଙ୍କୁ ନ ନେବା ପାଇଁ କୁହାଯାଇଥିଲା। ମେଇତି ଅଞ୍ଚଳକୁ କୌଣସି କୁକି ଗଲେ ତାଙ୍କୁ ସେଠାରେ ମାରିଦିଆଯିବ। କୁକି ଅଞ୍ଚଳରେ ମଧ୍ୟ ଅନୁରୂପ ସ୍ଥିତି। ମଣିପୁର କୁକି ଓ ମେଇତିଙ୍କୁ ନେଇ ଦୁଇଭାଗ ହୋଇଯାଇଛି, ଯାହା ସେ ପାର୍ଲାମେଣ୍ଟକୁ ଜଣାଇଥିଲେ ବୋଲି ରାହୁଲ କହିଛନ୍ତି। ମଣିପୁରରେ ଭାରତ ମାତାଙ୍କୁ ହତ୍ୟା କରାଯାଉଥିବାବେଳେ ଲୋକ ସଭାରେ ପ୍ରଧାନମନ୍ତ୍ରୀ ହସୁଛନ୍ତି। ସେ ଚାହିଁଲେ ମଣିପୁର ସ୍ଥିତିକୁ ନିୟନ୍ତ୍ରଣ କରିପାରିବେ। କିନ୍ତୁ ସେ ତାହା ଚାହୁଁନାହାନ୍ତି। ଜଣେ ବ୍ୟକ୍ତି ପ୍ରଧାନମନ୍ତ୍ରୀ ହେବା ପରେ ସେ ସାଧାରଣ ରାଜନେତାଙ୍କ ଭଳି କହିବା ଉଚିତ ନୁହେଁ। ତାଙ୍କର ଦୁଇଘଣ୍ଟାର ଭାଷଣ ଶୁଣିବା କଂଗ୍ରେସ ଓ ବିରୋଧୀମାନଙ୍କ ପାଇଁ ଦୁର୍ବିସହ ଥିଲା। ଏହା ପ୍ରଧାନମନ୍ତ୍ରୀ ପଦବୀ ପାଇଁ ଯଥାର୍ଥ ନୁହେଁ। ପ୍ରଧାନମନ୍ତ୍ରୀଙ୍କ ହାତରେ କ୍ଷମତା ଥିଲେ ମଧ୍ୟ ସେ ତାହାର ଉପଯୋଗ କରୁନାହାନ୍ତି, ଯେଉଁଥିପାଇଁ ସେ ମଣିପୁର ଯିବାକୁ ଚାହୁଁନାହାନ୍ତି ବୋଲି ରାହୁଲ କହିଛନ୍ତି।

# ‘ନୂଆ ଉନ୍ନତ ଅଭିଳାଷା ଓଡ଼ିଶା’ ଯୋଜନାକୁ ବିରୋଧୀଙ୍କ ଟାର୍ଗେଟ

**ଭୁବନେଶ୍ୱର, ୧୧।୮ (ସୁନିତ୍ ମିଶ୍ର)**

- ୨୦୨୪ ନିର୍ବାଚନକୁ ଦେଖି ଯୁବପିଢ଼ିକୁ ପ୍ରଲୋଭନ ଦେଖାଉଛନ୍ତି: ଭାଜପା
- ବିରୋଧୀଙ୍କ କାମ ବିରୋଧ କରିବା, ହେଲେ ଫରକ ପଡିବନି: ବିଜେଡି

୨୦୨୪ ସାଧାରଣ ନିର୍ବାଚନ ଲାଗି ସମୟ ପାଖେଇ ଆସୁଥିବା ବେଳେ ଯୁବ ଭୋଟରଙ୍କ ଉପରେ ବିଜେଡି ଫୋକସ୍ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ରାଜ୍ୟ ସରକାର କ୍ୟାବିନେଟ୍‌ରେ ନୂଆ ଉନ୍ନତ ଅଭିଳାଷା ଓଡିଶା ସମ୍ପର୍କିତ ନୂଆ ଯୋଜନାକୁ ଅନୁମୋଦନ ମିଳିଛି। ଏଥିରେ ପ୍ରତ୍ୟେକ ବର୍ଷ ଲକ୍ଷେ ଯୁବତୀ, ଯୁବକଙ୍କୁ ଦକ୍ଷ କରିବା ଲାଗି କାମ ହେବ। ଏଥିଲାଗି ୩ ବର୍ଷରେ ୩୮୫ କୋଟି ଟଙ୍କା ଖର୍ଚ୍ଚ କରିବା ଲାଗି ଯୋଜନା ରହିଛି। ଏହାକୁ ନେଇ ଏବେ ରାଜନୀତି ଜୋର୍ ଧରିବାରେ ଲାଗିଛି। ଭାଜପା ବିଧାୟକ ମୁକେଶ ମହାଲିଙ୍ଗ କହିଛନ୍ତି, କେତେ ନିଯୁକ୍ତି ଦେଇଛନ୍ତି ତା’ର ଶ୍ୱେତପତ୍ର ଜାରି କରନ୍ତୁ। ସରକାର ଯେଉଁ ନୂଆ ଓଡ଼ିଶା କଥା କହୁଛନ୍ତି ଏହା ଧୂଆଁ ବାଣ। ଆଗାମୀ ନିର୍ବାଚନ ପାଇଁ ଯୁବ ଭୋଟରଙ୍କୁ ପ୍ରଲୋଭିତ ଲାଗି ଏହା ଏକ ନୂଆ ଚାଲ୍। ଏମାନେ ଆଗରୁ କ’ଣ କରୁଥିଲେ ବୋଲି ମହାଲିଙ୍ଗ ପ୍ରଶ୍ନ କରିଛନ୍ତି। ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି, ବହୁ ଯୁବତୀ,ଯୁବକମାନେ ଟ୍ରେନିଂ ପାଇ ବର୍ତ୍ତମାନ ସିଙ୍ଗାପୁର ଠାରୁ ଆରମ୍ଭ କରି ଦେଶ ଭିତରେ ଏବଂ ବାହାରେ ଆତ୍ମନିଯୁକ୍ତି ପାଇଛନ୍ତି। ତେଣୁ ଏ ଦିଗରେ ସରକାର ଆଉ ପାଦ ଆଗକୁ ଯାଇଛନ୍ତି। ବିରୋଧୀ କେବଳ ବିରୋଧ କରିବା ଜାଣିଛନ୍ତି। ଏହାଦ୍ୱାରା କିଛି ଫରକ ପଡିବ ନାହିଁ ବୋଲି ସେ କହିଛନ୍ତି।


**OFFICE OF THE ZILLA PARISHAD, KENDRAPARA** No.CAD-1650

Ori-dkendrapada@nic.in

GOVERNMENT OF ODISHA ‘e’ PROCUREMENT NOTICE
e-Procurement Notice for Building Works
Bid Identification No.ZP/KDP-05/2023-24

1. Total No. of Work : 15 (Fifteen) Nos. of Building Work (Civil).
2. Estimated Cost : Rs.50.00 Lac to 85.00 Lac (Approximately)
3. Period of Completion : 04(Four) Calendar Months
4. Class of Contractors : “B” Class Contractor.
5. Date and Time of Sale & Receipt of Bid Document : From 10.00 AM of 16.08.2023 to 5.00 PM of 02.09.2023 (Double cover online mode)
6. Last date & time of receipt of Bids : 02.09.2023 upto 5.00 P.M.
7. Date & Time of Opening of Bids : 11.00 AM OD 04.09.2023
8. Procurement Officer : Chief Development Officer-cum-Executive Officer Zilla Parishad, Kendrapara

Further details with any addendum, corrigendum and cancellation can be seen from the State Govt. website portal https://www.tendersorissa.gov.in.

Sd./- Chief Development Officer-cum-Executive Officer, Zilla Parishad, Kendrapara

OIPR-19269/11/0015/2324



Your classified advertisement published in Dharitri will be listed free in Dharitri online edition :
**www.dharitri.com**



**OFFICE OF THE DIVISIONAL FOREST OFFICER (T) JHARSUGUDA FOREST DIVISION**

At/P.O.: Badmal, K.M. Road, Jharsuguda, PIN - 768202
email id: dfo.jharsuguda@odisha.gov.in

Notice No. 186 Dt.: 09.08.2023

**TENDER CALL NOTICE**

No. MM-117: Sealed tenders are invited from registered agencies for providing manpower services of various categories of trained/experienced persons to work under **Jharsuguda Forest Division, Jharsuguda** for implementation of CAMPA APO 2023-24/OFSDP/Other schemes on outsourcing basis. The prescribed tender schedule can be downloaded from Jharsuguda Forest Division website **www.dfojharsuguda.org/www.jharsuguda.nic.in from 09.08.2023 at 05 P.M. to 24.08.2023 at 4 P.M.**

The tender paper duly filled along with all documents will be received in the Office of Divisional Forest Officer (T), Jharsuguda Forest Division **on or before 24.08.2023 at 5.00 P.M. by Hand/Speed Post/Registered Post only**. The Technical Bid will be opened on **25.08.2023 at 11 A.M.** & Financial Bid will be opened on **29.08.2023 at 11 A.M.** in the Office of the Divisional Forest Officer (T), Jharsuguda Forest Division in the presence of the tenderer or their authorised representative if any. The tender documents must be accompanied with last GST Return Certificate, PAN Card, Registration Certificate, EMD and tender paper cost in shape of Demand Draft of Rs.10,000/- (Non refundable) drawn in favour of Divisional Forest Officer, Jharsuguda Forest Division website **www.dfojharsuguda.org/www.jharsuguda.nic.in**. The tender document received beyond the schedule date and time will not be considered at all. Details of personnel to be provided to this Division under General, CAMPA, CORPORATE SECTOR, OFSDP-II Project and any other schemes are as follows (Manpower for other scheme as and when required).

| Sl. No. | Name of the Position | Tentative No. of Personnel |
|---|---|---|
| 1 | Para Forest Staff, Anti-Poaching/Depredation Squad, Local Youth Squad, Wildlife Squad, Elephant Squad Accountant, DEO, Driver, Project Accountant, Stenographer & Peon | 140 |

The undersigned reserves the right to accept or reject any or all the tenders without assigning any reason thereof.

Sd./- Divisional Forest Officer
Jharsuguda Forest Division

OIPR-08054/11/0006/2324



Government of Odisha

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BHAWANIPATNA**

**NOTICE**

FOR PRADHAN MANTRI GRAM SADAK YOJANA (PMGSY)
NATIONAL COMPETITIVE BIDDING THROUGH e-PROCUREMENT
NOTICE FOR PMGSY-III, BATCH-I (2022-23) PACKAGE

Bid Identification No. BPT/Online-15/2023-24

No. O-620: **The Chief Construction Engineer, R. W. Circle, Bhawanipatna on behalf of Odisha State Rural Road Agency invites the percentage rate bids** in electronic tendering system for construction of roads & bridges under Pradhan Mantri Gram Sadak Yojana in the districts of **Kalahandi and Nuapada for 03 (Three)** numbers of package with estimated cost totaling to **Rs.10.56 Cr.** including their maintenance for five years from the eligible contractors registered with **State PWD / CPWD / MES / Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract.

Date of release of Invitation for Bids through e-procurement **dtd.17.08.2023**.

**Availability of Bid Documents and Mode of Submission:** The bid document is available online and should be submitted online in **www.pmgsytenders.gov.in**. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) Original Demand Draft towards the cost of bid document and (b) Original bid security in approved format, (c) Original affidavit regarding correctness of information furnished with bid document as per provisions of Clause 4.4B(a)(ii)of ITB with **C.C.E., R. W. Circle, Bhawanipatna**/ Concerned Executive Engineers, R.W. Division (as per Tender Call Notice) on a date not later than three working days after the opening of technical qualification part of the Bid, either by Registered Post or by hand, failing which the bids shall be declared non-responsive.

**Last Date/ Time for receipt of bids through e-procurement: 31.08.2023 upto 5.00 P.M.**

For further details please log on to **www.pmgsytenders.gov.in**.

Sd./- CHIEF CONSTRUCTION ENGINEER
Rural Works Circle, Bhawanipatna

OIPR-25102/11/0020/2324



**OFFICE OF PANCHAYAT SAMITI SAHARPADA, KEONJHAR**

No.i-298: BID IDENTIFICATION No.
TCN No. 02/Saharpada/2023-24

No. 1922/DEV Dt.09.08.2023

1. The **Block Development Officer, Saharpada, Keonjhar** invites sealed Percentage Rate tenders in single cover system on behalf of Governor of Odisha for the construction works as detailed as cited in the web portal, from registered and eligible class of civil contractor of the State PWD/(R&B)/Water Resources/Rural Works/MI/CPWD for the following works eventually to be drawn up in the P.W.D. P-1 agreement form in conformity with the Detailed Tender Call Notice.
2. The tender papers (including Tender Call Notice, Approved Tender Schedule & DTCN) will be available in the official website **http://www.kendujhar.nic.in** from Dt.11.08.2023 to 24.08.2023 upto 5.00 P.M. and can be downloaded from the website.
3. Bids shall be received by this agency upto 5.00 P.M. on Dt.25.08.2023 through Registered Post/Speed Post only. The authority will not be held responsible for any postal delay in delivering of the Bid documents or non-receipt of the same.
4. The Bid will be opened on **Dt.28.08.2023 at 11.00 A.M.** in the Office of the undersigned in the presence of the members of the District Level Tender/Purchase Committee and the bidders or their authorized representative. If the office happens to be closed on the date of receipt/opening of the bids as specified, above will be received/opened on the next working day at the same time and venue.

Sd./- Block Development Officer, Saharpada

OIPR-19120/11/0003/2324



GOVERNMENT OF ODISHA

**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, KENDRAPARA-JAJPUR**

AT/PO- NAYABAZAR, CUTTACK-753004, Tel.No.0671-2444488, Email:serw_kpd@yahoo.com
No. Tender Online RCK-25/23 Letter No.2757, Date:8.8.23

**e-Procurement NOTICE**

**No.O-624:** Name of the Work: Tender for the Road work under MMSY-TRIP and Rehabilitation in the Dist. of Kendrapara. 2.Class of Contractor: As specified in the Column-6 of the Annexure. 3. Time of completion: As specified in the Column-7 of the Annexure. 4.Detail Projects: As per Annexure attached. 5. Other details:

| Procurement Officer | Bid Identification No. | Availability of tender Online for bidding | | Last Date & Time of seeking Tender Clarification | Date & Time of opening of Tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Kendrapara-Jajpur | Tender Online RCK-25/23 | 11.08.2023 at 10.00 A.M. | 25.08.2023 to 05.30 P.M. | 28.08.2023 upto 02.00 P.M. | 28.08.2023 at 10.00 A.M. | 05.09.2023 at 11.00 A.M. |

Further details can be seen from the website www.tendersorissa.gov.in.

Sd./- D.P. Karan
Chief Construction Engineer, Rural Works Circle, Kendrapara-Jajpur

OIPR-25129/11/0021/2324



idco Your power to grow ISO 9001 & 14001 Corporation | ODISHA NEW OPPORTUNITIES

**OFFICE OF THE CHIEF GENERAL MANAGER (P&C), IDCO, IDCO TOWER, BHUBANESWAR**

Tender Call Notice No.File No.IDCO/HO-P&C/O-2572/04/2023/V-1/24771 Dated: 08.08.2023
No.CAD-1631 Bid Identification No. P&C/EST/E-95/2023-24

NOTICE INVITING TENDER THROUGH e-Procurement

**Name of the Work: SITC of VRF units for IDCO Head Office, Janpath, Bhubaneswar. Tender Value: Rs.2,07,66,232.00**

| Procurement Officer | Bid Identification No. | Period of Completion | Availability of Tender Online for Bidding | |
|---|---|---|---|---|
| | | | From | To |
| 1 | 2 | 3 | 4 | 5 |
| Chief General Manager (P&C), IDCO, IDCO Tower, Bhubaneswar | Bid Identification No. P&C/EST/E-95/2023-24 | 06 (Six Calendar Months) | 10.00 Hours of dt.14.08.2023 | 17.00 Hours on dt.07.09.2023 |

**Further details can be seen from the e-Procurement Portal : www.Tendersodisha.gov.in.** and Corrigendum if any will be published in newspapers and can only be seen in the e-Procurement portal as well as in IDCO website.

Sd./-Chief General Manager (P&C), IDCO, Bhubaneswar

OIPR-14003/11/0172/2324



**ZILLA SWASTHYA SAMITI GANJAM**

Advt.No.11405 Date:09.08.2023

**REQUEST FOR PROPOSAL (RFP) FOR HIRING OF VEHICLES FOR RBSK**

**No.E-318:** Sealed proposal as per the prescribed RFP documents are invited from interested eligible bidders (Private individuals/Tour operators/Travel Agency/Society/Firm) for hiring of vehicles for Mobile Health Team at Block CHCs, Ganjam on a monthly basis for implementation of the Rashtriya Bal Swasthya Karyakram (RBSK). The eligibility criteria, the Terms of Reference and the formats for submission of bid are set forth in the RFP document, which can be downloaded from the district website: https://ganjam.nic.in.

Interested bidders fulfilling the eligibility criteria may submit their proposal(s) (with EMD & Documents as per RFP) for one or more than one Block CHCs of their choice. The bidders have to submit their proposals (s) at the Office of the concern Block CHCs of Ganjam as mentioned in section-IV, for which they want to bid. Proposal(s) complete in all respect should reach the concerned Superintendent Office of Ganjam on or before 11.09.2023 by 2.00 P.M through Speed Post/Registered Post only. The technical & financial bids shall be opened at same office on same day 11.09.2023 at 4.00 P.M. The District Authority reserves the right to reject any or all the proposal without assigning any reason thereof.

Sd/- CDM&PHO-cum-DMD, Ganjam

OIPR-10041/11/0013/2324



GOVERNMENT OF ODISHA

**OFFICE OF THE SUPERINTENDING ENGINEER, KALAHANDI (R&B) DIVISION, BHAWANIPATNA**

E-mail: eekalahandi@gmail.com, FAX No.06670-230512
E-Procurement Notice
Bid Identification No.BC KLD-13/2023-2024
No.B-637: No.9533, Dated 07.08.2023

| | | | |
|---|---|---|---|
| 1 | No. of the Work | : | 08 (Eight) number Civil Works |
| 2 | Estimated Cost | : | Rs.19.00 to 99.97 Lakhs |
| 3 | Period of Completion | : | 01 (One) and 08 (Eight) Calendar Months |
| 4 | Date and time of availability of bid document in the portal | : | 11.00 hrs. of 11.08.2023 to17.00 hrs. of 22.08.2023 |
| 5 | Last date/Time for receipt of bid in the portal | : | 17.00 hour of 22.08.2023 |
| 6 | Name and address of the Officer Inviting Bid | : | Superintending Engineer, Kalahandi (R&B) Division, Bhawanipatna |
| 7 | Date & Venue of Opening of the Single Cover Bid and Technical Bid (Cover 1) of Double Cover Bid | : | On 23.08.2023 at 11.00 AM in the Office of the Superintending Engineer, Kalahandi (R&B) Division, Bhawanipatna |

Further details can be seen from the e-Procurement portal https://tendersodisha.gov.in.

(Er. P.K. Behera)
Superintending Engineer, Kalahandi (R&B) Division

OIPR-34017/11/0010/2324



**OFFICE OF THE PANCHAYAT SAMITI, KANKADAHAD, DHENKANAL**

Kankadahad, Dhenkanal-759028,
Tel.No.-06768-264022, Mob:+918280405104, Email:ori-kankadahad@nic.in
No.i-300: Letter No.1403/ Dt.07.8.23
Tender Call Notice No.- BDOKANKADAHAD/01/2023-24

| Sl. No. | Name of the Work | Approximately value of Work (in Rs.) | Concerned T.I.A. | Cost of Bid Documents | Class of Bidder | EMD 1% | Period of Completion (in Month) |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | Construction of Dining Hall at Govt. High School, Kantol | Rs.11,02,015.75 | BDO, Kankadahad | Rs.6000 | ‘C’ & ‘D’ Class | Rs.11020 | 4 (Four Calendar Months) |
| 2 | Construction of Dining Hall at Tarinipasi Govt. High School, Batagaon | Rs.10,74,958.43 | BDO, Kankadahad | Rs.6000 | ‘C’ & ‘D’ Class | Rs.10749 | 4 (Four Calendar Months) |
| 3 | Construction of ICT Lab and Smart Learning Facility Center at Tarinipasi Govt. High School, Batagaon | Rs.11,59,936.26 | BDO, Kankadahad | Rs.6000 | ‘C’ & ‘D’ Class | Rs.11599 | 4 (Four Calendar Months) |
| 4 | Construction of ICT Lab and Smart Learning Facility Center at Govt. High School, Kantol | Rs.11,66,042.75 | BDO, Kankadahad | Rs.6000 | ‘C’ & ‘D’ Class | Rs.11660 | 4 (Four Calendar Months) |

1. Total Number of Work: **04 Nos.**
2. Date & Time of availability of the bid document in the Portal 14.08.2023 10.00 A.M. to 23.08.2023 5.30 PM.
3. Last date/time of receipt of the original bid documents: **23.08.2023, 5.30 PM.**
4. Date of Seeking Clarification: **18.08.2023 within office hours.**
5. Date of Opening: **24.08.2023, 11.00 AM.**
6. Name & Address of the Office: **Office of the Block Development Officer, Kankadahad.**

Further details can be seen from the Dhenkanal Portal www.dhenkanal.nic.in.

Sd./- Block Development Officer, Kankadahad

OIPR-19381/11/0001/2324



GOVERNMENT OF ODISHA

**HIGHER EDUCATION DEPARTMENT**

**NOTICE**

**Advertisement for re-engagement of retired Government Servants in Higher Education Department**

No. HE-OE1-MISC-0081-2023/34091/HE Date: 09.08.2023

No. N-55: Applications are invited from the eligible desirous retired Government Servants below the age of 65 (Sixty Five) years having good service records and physically fit for re-engagement as Officer on Special Duty on contractual basis to do the base level work in Higher Education Department functioning at Loka Seva Bhavan and HoD Building against the vacant posts of Assistant Section Officer (in Higher Education Department) and Junior Assistants (in the Directorate of Higher Education) respectively in the Department in pursuance of guidelines enshrined in GA & PG Depatment Resolution No. 23750/Gen., dated 27.08.2014 and Finance Department Office Memorandum No. 24533/F, dated 29.09.2022.

The details of Criteria, Remuneration, Vacancies and Period of engagement along with prescribed application format are availabe in the official website of Higher Education Department **https://dhe.odisha.gov.in/**.

The filled in application should reach in Higher Education Department, Loka Seva Bhavan within 15 days from the date of issue of the advertisement. Applications received thereafter shall not be entertained.

Sd./- Joint Secretary to Government

OIPR-11001/11/0019/2324



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BALASORE**

E Mail ID: serw_balasore@yahoo.in, Ph-No-06782-260318, Balia, Balasore
“e” Procurement Notice for Bridge Work
Identification No.Online Tender Bridge N.C.B. No. 17 of 2023-24
Letter No. 3122/WE, Date: 04.08.2023

**No.O-616:** 1. Name of the Work :- Bridge work. 2. Total No. of Work :- 01 No. (One). 3. Estimated Cost :- Rs.572.10 lakh (Approximately). 4. Eligible Class of Contractor :- “A” Class (of Odisha P.W.D.) or relevant Class of other licensing authorities (as per annexure). 5. Period of Completion :- 18 (Eighteen) Calendar Months (As per annexure). 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E.R.W. Circle, Balasore | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Balasore | N.C.B. No.17 of 2023-24 | 14.08.2023 at 11.00 A.M. | 28.08.2023 upto 5.00 P.M. | 25.08.2023 upto 5.00 P.M. | 29.08.2023 at 11.00 A.M. | Will be Intimated Later |

- Further details can be seen from the website www.tendersodisha.gov.in.

Sd./- Er. S.K. Mishra
Chief Construction Engineer, R.W.Circle, Balasore

OIPR-25105/11/0019/2324



**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, BARIPADA**

E Mail ID: serwcbaripada@gmail.com, Ph-No-06792-261343/261344, Gangraj, Baripada
“e” Procurement Notice for Road Work
Identification No.- Online Tender- Road N.C.B. No. 299 for 2023-24.
Letter No. 3471 / Date. 9.8.23

**No.O-618:** 1. Name of the Work :- Plan Road Works. 2. Total No. of Work :- 03 Nos. (Three). 3. Estimated Cost :- Rs.1071.86 lakhs to Rs.1327.04 Lakhs (Approximately). 4. Eligible Class of Contractor :- As per annexure. 5. Period of Completion :- As per annexure. 6. Other details :

| Procurement Officer | Bid Identification No. | Availability of tender Online for bidding | | Last date & time of seeking tender clarification | Date & Time of Opening of Tender in O/O C.C.E., R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Road Online N.C.B. No.299 | Dt.14.08.2023 at 10.00 A.M. | Dt.28.08.2023 upto 5.30 P.M. | Dt.25.08.2023 Upto 5.30 P.M. | Dt.29.08.2023 at 10.00 A.M. | Will be Intimated Later |

- Further details can be seen from the website www.tendersodisha.gov.in.
- Any Corrigendum/Addendum will be displayed in the above e_tender website only.

OIPR-25130/11/0022/2324 Sd./- Chief Construction Engineer, R.W.Circle, Baripada

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..............................


ସୁବେଶ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଭାରତ-ମାଲେସିଆ ଫାଇନାଲ



ମାଲେସିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।



କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ପି.ଆର. ଶ୍ରୀଜେଶଙ୍କୁ ଏଫ୍ଆଇଏଚ୍ ସଭାପତି ଟାୟବ ଇକ୍ରାମ ଏକ ସ୍ମାରକୀ ଦେଇ ସମ୍ମାନିତ କରୁଛନ୍ତି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଉପସ୍ଥିତ ଅଛନ୍ତି।

### ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

**ଚେନ୍ନାଇ, ୧୧।୮**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ନାମେଣ୍ଟର ଫାଇନାଲ ଭାରତ ଓ ମାଲେସିଆ ମଧ୍ୟରେ ଅନୁଷ୍ଠିତ ହେବ। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ପୂର୍ବତନ ଚାମ୍ପିୟନ ଦକ୍ଷିଣ କୋରିଆକୁ ୬-୨ ଗୋଲରେ ହରାଇ ମାଲେସିଆ ପ୍ରଥମଥରପାଇଁ ଫାଇନାଲରେ ପ୍ରବେଶ କରିଥିବାବେଳେ ଦ୍ୱିତୀୟ ସେମିଫାଇନାଲରେ ଭାରତ ୫-୦ ଗୋଲରେ ଜାପାନକୁ ପରାସ୍ତ କରିଛି। ଭାରତ-ମାଲେସିଆ ଟାଇଟଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ। ଜାପାନ ଓ କୋରିଆ ବ୍ରୋଞ୍ଜ ପଦକପାଇଁ ଖେଳିବେ।

ଜାପାନ ବିପକ୍ଷରେ ଭାରତ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ପ୍ରଥମ କ୍ୱାର୍ଟରରେ ଯଦିଓ ଗୋଲ ହୋଇ ନ ଥିଲା ତେବେ ଦ୍ୱିତୀୟ କ୍ୱାର୍ଟରରେ ୩ଟି ଗୋଲ ଦେଇ ଭାରତ ପ୍ରଥମାର୍ଦ୍ଧ ଶେଷ ବେଳକୁ ୩-୦ରେ ଅଗ୍ରଣୀ ଲାଭ କରି ସାରିଥିଲା। ଦଳ ପକ୍ଷରୁ ୧୯ତମ ମିନିଟରେ ଆକାଶଦୀପ ସିଂ, ୨୩ତମ ମିନିଟରେ ଅଧିନାୟକ ହରମନପ୍ରୀତ ସିଂ ଏବଂ ୩୦ତମ ମିନିଟରେ ମନଦୀପ ସିଂ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ କ୍ୱାର୍ଟରରେ ଅର୍ଥାତ୍ ୩୯ତମ ମିନିଟରେ ସୁମିତ ଓ ୫୧ତମ ମିନିଟରେ ସେଲଭାମ୍ କାର୍ଥୀ ଆଉ ୨ଟି ଗୋଲ ସ୍କୋର କରିଥିଲେ। ଏହି ମ୍ୟାଚରେ ଭାରତୀୟ ଗୋଲକିପର ପି.ଆର. ଶ୍ରୀଜେଶ କ୍ୟାରିୟରର ୩୦୦ତମ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିଲେ। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଓ ସମ୍ପାଦକ ଭୋଳାନାଥ ସିଂ ଙ୍କ ଉପସ୍ଥିତିରେ ଏଫ୍ଆଇଏଚ୍ ସଭାପତି ଟାୟବ ଇକ୍ରାମ ତାଙ୍କୁ ଏକ ସ୍ମାରକୀ ଦେଇ ସମ୍ମାନିତ କରିଥିଲେ।

ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା କୋରିଆ ପକ୍ଷରୁ ଜି ଉ ଚେନ୍ ୨ୟ ମିନିଟରେ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ପ୍ରତିଆକ୍ରମଣ କରି ମାଲେସିଆ ସଫଳ ହୋଇଥିଲା। ୩ୟ ମିନିଟରେ ଅଜରାଇ ଅବୁ କମଲ ଗୋଲଟି ପରିଶୋଧ କରି ଦେଇଥିବାବେଳେ ୯ମ ମିନିଟରେ ଜଜଲାନ ନଜମି ଆଉ ଏକ ଗୋଲ ଦେଇ ମାଲେସିଆକୁ ଆଗୁଆ କରିଥିଲେ। ତେବେ ୧୪ତମ ମିନିଟରେ କୋରିଆ ଅଧିନାୟକ ଜଙ୍ଗ୍ ଜୋଙ୍ଗହ୍ୟୁନ୍ ପେନାଲ୍ଟି କର୍ନରରୁ ଗୋଲଟି ପରିଶୋଧ କରିଦେବାରୁ ପ୍ରଥମ କ୍ୱାର୍ଟର ଶେଷ ବେଳକୁ ସ୍ଥିତି ୨-୨ରେ ପହଞ୍ଚି ଯାଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ମାଲେସିଆ ଆଧିପତ୍ୟ ବିସ୍ତାର କରି ଖେଳିଥିଲା। ୧୯ ଓ ୨୧ତମ ମିନିଟରେ ଦଳକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ଯଥାକ୍ରମେ ସାରି ଫୈଜଲ ଓ ଜଜଲାନ ନଜମି ପ୍ରଥମାର୍ଦ୍ଧ ଶେଷସୁଦ୍ଧା ଦଳକୁ ୪-୨ରେ ଅଗ୍ରଣୀ କରିଥିଲେ। ତୃତୀୟ କ୍ୱାର୍ଟରରେ ଜୋରଦାର ଲଢ଼େଇ ହୋଇଥିଲେ ହେଁ ଗୋଲ ହୋଇପାରି ନ ଥିଲା। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ମାଲେସିଆର ସିଲଭରିଅସ ଶେଲୋ ଯଥାକ୍ରମେ ୪୭ ଓ ୪୮ତମ ମିନିଟରେ ୨ଟି ଫିଲ୍ଡ ଗୋଲ ଦେଇ ଦଳକୁ ବଡ଼ ବ୍ୟବଧାନରେ ବିଜୟୀ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ମାଲେସିଆ ପୂର୍ବରୁ ୫ ଥର ୨୦୧୧, ୨୦୧୨, ୨୦୧୩, ୨୦୧୬ ଓ ୨୦୧୮ରେ ସର୍ବାଧିକ ତୃତୀୟ ସ୍ଥାନ ଅଧିକାର କରିଥିଲା। ଅର୍ଥାତ୍ ଦଳ ୫ ଥର ସେମିଫାଇନାଲ ଖେଳିଥିଲେ ହେଁ ପରାଜିତ ହୋଇଥିଲା।

# ପଞ୍ଜାବ ଓ ହରିୟାଣା ହାଇକୋର୍ଟଙ୍କ ରହିତାଦେଶ

### ଭାରତୀୟ କୁସ୍ତି ମହାସଂଘ ନିର୍ବାଚନ

**ଚଣ୍ଡିଗଡ଼, ୧୧।୮ (ପି.ଟି.)**

ଶନିବାର ହେବାକୁଥିବା ବହୁପ୍ରତୀକ୍ଷିତ ଭାରତୀୟ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍ଆଇ) ନିର୍ବାଚନ ଉପରେ ରହିତାଦେଶ ଜାରି କରିଛନ୍ତି ପଞ୍ଜାବ ଓ ହରିୟାଣା ହାଇକୋର୍ଟ। ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ (ଏଚ୍ଏଡବ୍ଲ୍ୟୁଏ)କୁ ଭୋଟ ଦାନ ଅଧିକାର ମିଳିଥିବା ବେଳେ ସେମାନଙ୍କୁ କେଉଁ କାରଣରୁ ଏଥିରୁ ବଞ୍ଚିତ କରାଯାଇଛି ଦର୍ଶାଇ ହରିୟାଣା ରେସ୍‌ଲିଂ ଆସୋସିଏଶନ (ଏଚ୍ଡବ୍ଲ୍ୟୁଏ) ପକ୍ଷରୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା। ପାର୍ଲାମେଣ୍ଟ ସଦସ୍ୟ ଦୀପିନ୍ଦର ହୁଡା ଏଚ୍ଡବ୍ଲ୍ୟୁଏର ମୁଖ୍ୟ ଅଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ମକଦ୍ଦମା ଲଢୁଥିବା ଆଡ୍‌ଭୋକେଟ ରବିନ୍ଦର ମଲିକ କହିଛନ୍ତି, ଏଚ୍ଡବ୍ଲ୍ୟୁଏ ହେଉଛି ରାଜ୍ୟରେ ଏକ ପଞ୍ଜୀକୃତ ସୋସାଇଟି। ଡବ୍ଲ୍ୟୁଏଫ୍ଆଇ ଦ୍ୱାରା ମଧ୍ୟ ଏହା ସ୍ୱୀକୃତି ଲାଭ କରିଛି। ଡବ୍ଲ୍ୟୁଏଫ୍ଆଇର ସମ୍ବିଧାନ ଅନୁସାରେ କୌଣସି ପଞ୍ଜୀକୃତ ଓ ସ୍ୱୀକୃତିପ୍ରାପ୍ତ ପରିଷଦ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନରେ ଭୋଟ ଦେବା ଲାଗି ଏହାର ଦୁଇଜଣ ପ୍ରତିନିଧିଙ୍କୁ ପଠାଇ ପାରିବ। ଏଚ୍ଡବ୍ଲ୍ୟୁଏର ଆଡ୍‌ଭୋକେଟ କହିଛନ୍ତି, ରାଜ୍ୟର ଅନ୍ୟ ଏକ ପରିଷଦ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ଦାବି କରିଛି ଯେ, ଏହା ହରିୟାଣା ଅଲିମ୍ପିକ ଆସୋସିଏଶନ ସମେତ ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ହାସଲ କରିଛି। ଏହି ଆସୋସିଏଶନ ପୁଣି କହିଛି ଯେ ଏଚ୍ଡବ୍ଲ୍ୟୁଏ ନିର୍ବାଚନ ପ୍ରକ୍ରିୟାରେ ଭାଗ ନେଇପାରିବ ନାହିଁ। କାରଣ ଏହା ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ଲାଭ କରିନାହିଁ। ଅନ୍ୟପକ୍ଷରେ ରିଟର୍ନିଂ ଅଫିସର ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ସପକ୍ଷରେ ଯୁକ୍ତି କରିଛନ୍ତି। ଏହି ଆସୋସିଏଶନ ଉଭୟ ଡବ୍ଲ୍ୟୁଏଫ୍ଆଇ ଓ ହରିୟାଣା ଅଲିମ୍ପିକ ଆସୋସିଏଶନ ଦ୍ୱାରା ସ୍ୱୀକୃତି ଲାଭ କରିବା ପାଇଁ ଆବଶ୍ୟକ ପଡୁଥିବା ସମସ୍ତ ସର୍ତ୍ତ ପୂରଣ କରୁଛି। ରିଟର୍ନିଂ ଅଫିସରଙ୍କ ଏହି ନିର୍ଦ୍ଦେଶକୁ ଆମେ କୋର୍ଟରେ ଚ୍ୟାଲେଞ୍ଜ କରିଛୁ ବୋଲି କୋର୍ଟରେ ଏଚ୍ଡବ୍ଲ୍ୟୁଏ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଆଡ୍‌ଭୋକେଟ ମଲିକ କହିଛନ୍ତି। ସେ କହିଛନ୍ତି, ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନ ହୁଏତ ଡବ୍ଲ୍ୟୁଏଫ୍ଆଇଠାରୁ ସ୍ୱୀକୃତି ଲାଭ କରିଥାଇପାରେ, କିନ୍ତୁ ନିର୍ବାଚନ ପ୍ରକ୍ରିୟା ପାଇଁ ଅଯୋଗ୍ୟ। କାରଣ ଏହା ହରିୟାଣା ଅଲିମ୍ପିକ ଆସୋସିଏଶନ ଦ୍ୱାରା ସ୍ୱୀକୃତି ପାଇ ନାହିଁ। ଏପରିସ୍ଥଳେ ହରିୟାଣା ଆମେଚର ରେସ୍‌ଲିଂ ଆସୋସିଏଶନକୁ ଯଦି ନିର୍ବାଚନ ପ୍ରକ୍ରିୟାରେ ଭାଗ ନେବା ଲାଗି ଅନୁମତି ଦିଆଯାଏ ତେବେ ତାହା ବେଆଇନ ବୋଲି ବିବେଚନା କରାଯିବ। ହାଇକୋର୍ଟ ବିଚାରପତି ବିନୋଦ ଏସ୍. ଭରଦ୍ୱାଜ ଡବ୍ଲ୍ୟୁଏଫ୍ଆଇ ନିର୍ବାଚନ ଉପରେ ରହିତାଦେଶ ଦେଇଛନ୍ତି। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଅଗଷ୍ଟ ୨୮ରେ ହେବ। ତେଣୁ ଏହା ପୂର୍ବର ନିର୍ବାଚନ ସମ୍ଭବ ନୁହେଁ ବୋଲି ମନେହେଉଛି।

# ଭୁବନେଶ୍ୱର ହ୍ୟାଣ୍ଡବଲ ଦଳ ଘୋଷିତ


ଭୁବନେଶ୍ୱର ହ୍ୟାଣ୍ଡବଲ ଦଳ।

**ଭୁବନେଶ୍ୱର, ୧୧।୮ (ତପନ ସ୍ୱାଇଁ)**

କେନ୍ଦୁଝରରେ ୧୨ ଓ ୧୩ ତାରିଖ ଦୁଇ ଦିନ ଧରି ହେବାକୁଥିବା ୩୬ ତମ ରାଜ୍ୟ ସିନିୟର ପୁରୁଷ ହ୍ୟାଣ୍ଡବଲ ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଦଳ ଘୋଷିତ ହୋଇଛି। ଦଳର ସଦସ୍ୟମାନେ ହେଲେ ରାଜକିଶୋର ସାମଲ (ଅଧିନାୟକ), ଆର୍ଯ୍ୟନ ବ୍ରାହ୍ମୀନ, ଅନିଶ ଗୋପାଳ ସାହୁ, ସ୍ୱୟଂ ପ୍ରଧାନ, ଚିନ୍ମୟ ବେହେରା, ରବିନାରାୟଣ ସାମଲ, ସୋନୀ ଦାସ, ମହମ୍ମଦ ସାହାବାଜ ଖାଁ, ଜ୍ୟୋତି ରଞ୍ଜନ ସେଠୀ, ସୁପ୍ରଜିତ ବେହେରା, ସତ୍ୟବ୍ରତ ନାୟକ ଓ ପ୍ରକାଶ ପାତ୍ର। କୋଚ ଗୌରୀ ଶଙ୍କର ମିଶ୍ର ଓ ମ୍ୟାନେଜର ଶ୍ରୀନିବାସ ସାମଲ ଦଳ ସହ କେନ୍ଦୁଝର ଯାତ୍ରା କରିଛନ୍ତି।

# ପ୍ରଥମ ଦିନରେ ଓଡ଼ିଶାକୁ ୭ ପଦକ

### ଇଣ୍ଡିପେଣ୍ଡେନ୍ସ କପ୍ କରାଟେ

**ଭୁବନେଶ୍ୱର, ୧୧।୮ (ତପନ ସ୍ୱାଇଁ)**

ଦିଲ୍ଲୀର ତାଲକୋଟ୍ରାଠାରେ ଚାଲିଥିବା ଇଣ୍ଡିପେଣ୍ଡେନ୍ସ କପ୍ କରାଟେ ପ୍ରତିଯୋଗିତାର ପ୍ରଥମ ଦିବସରେ ଶୁକ୍ରବାର ଓଡ଼ିଶା ପ୍ରତିଯୋଗୀ ୭ ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୩ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୩ ବ୍ରୋଞ୍ଜ ସାମିଲ। ସିନିୟର ବିଭାଗ ୫୫ କେଜି ଫାଇଟରେ ଡି. ଭଗବାନ ରେଡ୍ଡୀ, ୪୫ କେଜି ମହିଳା ଫାଇଟ୍‌ରେ ସିନ୍ଧୁ ତନୟା ଖୁଣ୍ଟିଆ ଓ ୫୦ କେଜି ମହିଳା ଫାଇଟ୍‌ରେ ଲୋମା ସ୍ୱାଇଁ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। କୃଷ୍ଣ ଚନ୍ଦ୍ର ନାୟକ ୬୦ କେଜି ଫାଇଟ୍‌ରେ ରୌପ୍ୟ ପଦକ ଲାଭ କରିଛନ୍ତି। ସେହିପରି ୬୭ କେଜି ଫାଇଟ୍‌ରେ ତ୍ରିନାଥ ରାଣା ଏବଂ ୪୫ କେଜି ଫାଇଟ୍ ଓ ମହିଳା କାଟାରେ ସୁସ୍ମିନୀ ପାଲଟାସିଂ ୨ଟି ବ୍ରୋଞ୍ଜ ପଦକ ପାଇଛନ୍ତି। ଶନିବାର ଜୁନିୟର ଓ ଯୁବବର୍ଗର ପ୍ରତିଯୋଗିତା ହେବ। ପ୍ରତିଯୋଗିତାରେ ଓଡ଼ିଶାର ରାଜୀବ ସିଂ(ଏସିଆନ ରେଫରି) ଅଫିସିଆଲ ଭାବେ ଯୋଗ ଦେଇଛନ୍ତି। କୃତୀ କରାଟେକାଙ୍କୁ ରାଜ୍ୟ ସଂଘ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।



ଅଫିସିଆଲଙ୍କ ସହ ପଦକ ବିଜୟୀ କରାଟେକା।


# Classified Everyday
**0674-2580101, 2549949**



REAL ESTATE

**SALE**

New cancer hospital ନାଇଜର, ଜଟଣୀରେ ବର୍ଗଫୁଟ ୩୫୦/- ଜାଗା ବିକ୍ରି ହେଉଛି। 9938086025. D-75142

**Flat for sale 3BHK Deluxe with parking, price 1.5 cr, Near Kalinga Hospital, Bhubaneswar, New Jivan Bima Nagar. Contact: 9337469627, 6371761144.** D-74560

BDA TP SC Plot 7500Sqft Shyamsundarpur, General Plot 3000Sqft at Chakeisihani, Patia, Satyavihar, Rokata. 7008711445, 6372801963. D-1039

ଭୁବନେଶ୍ୱର ପଟିଆ, **KIIT** ଜଗନ୍ନାଥମନ୍ଦିର ନିକଟ **ODM Global School** ପାଖରେ **Boundary, Road, Electricity** ସୁବିଧାଥାଇ ସଙ୍ଗେସଙ୍ଗେ ଘର କଲାଭଳି **plot** ମିଳୁଛି-**8249976746.** D-74897

ଭୁବନେଶ୍ୱର ହଂସପାଳ ଛକରୁ 8K.M. ଦୂରତାରେ ଭିଙ୍ଗାରପୁର ପାଖରେ ଘରବାରି ବାଉଣ୍ଡାରୀ ପ୍ଲଟ୍ ମିଳୁଛି। 8093465134, 9668194157. D-75201

**3 BHK ready to move flat sale at KIIT Square, Patia, Bhubaneswar (SBA-1800 sqft.), Price- 90 Lakhs. 7978701424.** D-75203

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

3BHK Apartment Rasulgarh-89,00,000/-, 3BHK Duplex near Tankapani- 79,00,000/-, 4BHK Duplex Balianta-89,00,000/-, 3BHK Duplex near Nandankanan-89,00,000/-, Gangapada 11Acre, Pitapalli 2Acre. Residential Land Patia-2890, Tankapani-2650, Patrapada-2200, Tamando-1500, Hanspal-2500, Mancheswar-1650, Pitapalli-1650, Balianta-1200, Baranga-1200, Sundarpada-900, Jaanla-900, DPSback-900. 8984071303, 8249630501. D-1028

**Residential cum commercial plot 6KM. from Phulnakhara, from Bhubaneswar 11KM. 3500sqft. 7809525452.** D-75022

SC plot for sale at Nakhara near Trinath Bazar, 30ft. road, boundarywall sqft.-900/-,. Contact: 8328903038, 9090142564. D-75202

ଭୁବନେଶ୍ୱର-ଖୋର୍ଦ୍ଧା ପିତାପଲ୍ଲିଛକ ପାଖରେ ସଙ୍ଗେ ସଙ୍ଗେ ଘର କଲାଭଳି ପ୍ଲଟ୍ 30' ରୋଡ୍, ଇଲେକ୍ଟ୍ରିସିଟି ଥାଇ ମିଳୁଛି। **7504861292.** D-74899

ଧରିତ୍ରୀ
DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


CONSTRUCTION

**Construct your Dream home @460/-, 850/-, 1325/- with Branded material along with 3years AMC & 50 years structural guarantee. We provide plan approval, Boring, Bank Estimate. Contact The Engineering Pvt. Ltd., 9439856856.** D-1038

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




**Land with built up shed & Office space suitable for Large Firms, Business House available for rent 60,000sqft. Location on NH. Call: 9861394945, Mail to: pprasant897@gmail.com.** D-1036

**Land with building available for rent. Best suitable for Kalyan Mandap with some alteration. (a) 40-50 rooms can be created, (b) Banquet Hall, (c) Restaurant, (d) 10,000sqft. of 20ft. height shed, (e) Green area 40000sqft. Location on NH. Call: 7657012183, Mail to: pprasant897@gmail.com.** D-1035




Newly healthcare benefited SPA experience therapist in Bhubaneswar. Please visit this SPA. 7846814019. D-75140

Newly open SPA positively health benefits with expert therapist. 7849011931. D-75141

Full body massage in homely atmosphere in all therapy. Mob: 8114881641. D-73439

All types of professional body massage by professional therapy, contact 7077933109/ 9556924059/ 8658803018. D-1000

Spa Kerala body Massage only best Therapist @699/- Bhubaneswar. 9337672475. D-1033

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-75023

**AFFIDAVIT**

I, Kaavya Sharma, D/o. Shilp Sharma resident of Hena Apartment, Kanheipur and P.O/ P.S: Jajpur Road, Dist: Jajpur (Odisha) 755019 declare by this affidavit No. 3373, dated 03.09.2022 that now onwards I shall be known as SHRIYAM ADYA SHARMA for all future purposes. D-1034

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ବିଦେଶୀଙ୍କ ଲେଖନୀରେ ଭାରତୀୟ ଭାଷା

**ଅବଲୋକନ**

**ପଞ୍ଚାନନ ଅଗ୍ରୱାଲା**

ଭାରତ ବାହାର ଦେଶର ବିଦେଶୀ ମୁଲକର ଗୋଟିଏ ଗୋଷ୍ଠୀ ବହୁତ ଜ୍ଞାନପିପାସୁ ଥିଲେ। ସେମାନେ ଭଲଭାବେ ଜାଣିଥିଲେ ଯେ ଭାରତର ଅଧ୍ୟାତ୍ମ୍ୟ, ଭୂଗୋଳ, ଇତିହାସ, ସମାଜ, ଅର୍ଥନୀତି, ସାହିତ୍ୟ, ସଂସ୍କୃତି କଳା ଆଦି ଅତ୍ୟନ୍ତ ସମୃଦ୍ଧ ରହିଛି। ଏହାକୁ ବୁଝିବା ପାଇଁ ସେମାନେ ହିନ୍ଦୀ ବୁଝିବାର ପ୍ରୟାସ କଲେ। ସେହି ବିଦ୍ୱାନ୍ ଲୋକମାନଙ୍କର ଉଦ୍ଦେଶ୍ୟ ଥିଲା କି ନିଜ ନିଜ ଦେଶରୁ ଆସି ଭାରତୀୟ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରି ଭାରତର ସାହିତ୍ୟ ସଂସ୍କୃତିକୁ ଉପଲବ୍ଧି କରିବା। ଇଂରାଜୀ ଅତିରିକ୍ତ ପର୍ତ୍ତୁଗାଲୀ ଲୋକେ, ଡଚ୍ ଆଉ ଫ୍ରାନ୍ସର ଲୋକେ ଅନ୍ୟ ଭାରତୀୟ ଭାଷା ବଙ୍ଗଳା, ଗୁଜୁରାଟୀ, ମରାଠୀ ଆଦି ମଧ୍ୟ ଶିଖିଥିଲେ। ଇଂରେଜମାନେ ଆରମ୍ଭରୁ ହିନ୍ଦୀ ଆରବୀ ପାର୍ସୀ ଭାଷା ସହିତ ହିନ୍ଦୀ ଶିଖିଥିଲେ। ସେମାନେ ହିନ୍ଦୁସ୍ଥାନୀ ଥିଲେ, ଯାହାର ସମର୍ଥକ ମହାତ୍ମା ଗାନ୍ଧୀ ଥିଲେ। ୧୭ଶହ ଖ୍ରୀଷ୍ଟାବ୍ଦ ପୂର୍ବାର୍ଦ୍ଧରେ ହିନ୍ଦୀ ଭାଷା ବ୍ୟାକରଣର ବିଚାରରୁ ମହତ୍ତ୍ୱପୂର୍ଣ୍ଣ ଥିଲା। ଏକରୁ ଅନେକ ବିଦ୍ୱାନ୍ ଥିଲେ, ଯେଉଁମାନେ ଭାରତ ସୀମା ବାହାର କ୍ଷେତ୍ରରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର କରିଥିଲେ।

ହଲାଣ୍ଡ ନିବାସୀ ଜନ୍ ଜେଶୁଆ କେଟ୍ଲେରଙ୍କ ଯୋଗଦାନକୁ ବିସ୍ମରି ହେବ ନାହିଁ। ସେ ଭାରତକୁ ଆସିବା ପରେ ହିନ୍ଦୀରେ ବିଧିବଦ୍ଧ ଭାବେ ଜ୍ଞାନ ଅର୍ଜନ କରିଥିଲେ। ସେ ଡଚ୍ ଭାଷାରେ ହିନ୍ଦୁସ୍ଥାନୀ ଭାଷାର ବ୍ୟାକରଣ ଲେଖିଥିଲେ। ୧୭୪୩ ମସିହାରେ ଡେଭିଡ୍ ମିଲ ତାକୁ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ। ୧୮୦୫ ମସିହାରେ ଫାର୍ସୀ-ହିନ୍ଦୁସ୍ଥାନୀ ଇଂରାଜୀ ଶବ୍ଦକୋଷ ଅସ୍ତିତ୍ୱକୁ ଆସିଥିଲା। ଏହାକୁ ଫ୍ରାନ୍ସର ଗ୍ଲେଡ୍ୱିନ ଲେଖିଥିଲେ। ଏହାପରେ ବିଦେଶୀ ଲେଖକମାନେ ହିନ୍ଦୀ ଶବ୍ଦକୋଷ ଲେଖିବାର ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। 'ରେଭରେଣ୍ଡ ୱିଲିୟମ୍ ୟେଟ୍ସ ହିନ୍ଦୁସ୍ଥାନ-ଇଂରାଜୀ କୋଷ ଡଙ୍କନ ଫେବର୍ସଙ୍କ ଏ ଡିକ୍ସନାରି ଅଫ୍ ହିନ୍ଦୁସ୍ଥାନୀ ଏଣ୍ଡ୍ ଇଂଲିଶ୍, ଯୋସଫର୍ଟି ଥମ୍ସନ ଡିକ୍ସନାରି ଇନ୍ ହିନ୍ଦୀ ଏଣ୍ଡ୍ ଇଂଲିଶ୍' ବହୁଳ ଆଦୃତ ହୋଇଥିଲା।

୧୮୦୮ ମସିହାରେ କଲିକତାରୁ ପ୍ରକାଶିତ 'ହିନ୍ଦୁସ୍ଥାନୀ-ଇଂରାଜୀ' ଡିକ୍ସନାରି ପ୍ରକାଶ ପାଇଲା। ତାକୁ ୱିଲିୟମ ହଣ୍ଟର ଲିଖନ ଆଉ ସଂପାଦନା କରିଥିଲେ। ଡେନିସଭାଷୀ ଡ. ବେମିନ ସୁଲଜ ଭାରତ ଆସି ଅଧ୍ୟବସାୟ ବଳରେ ହିନ୍ଦୀ ବ୍ୟାକରଣକୁ ଲାଟିନ୍ ଭାଷାରେ ଲେଖିଥିଲେ। ସେହି ପୁସ୍ତକରେ ଦେବନାଗରୀ ଲିପିରେ 'ପରିଶିଷ୍ଟ'ରେ ବାଇବେଲର ମହତ୍ତ୍ୱପୂର୍ଣ୍ଣ କଥା ଉଲ୍ଲେଖ କରିଥିଲେ। ଇଟାଲୀର ହିନ୍ଦୀ ବିଦ୍ୱାନ୍ ଆଉ କ୍ୟାଥଲିକ ଚର୍ଚ୍ଚର ପାଦ୍ରୀ କୌସିୟାନୋ ବେଲିଗଟି ଭାରତ ଆସିବା ପରେ ଏଭଳି ବ୍ୟାକରଣାତ୍ମକ ପୁସ୍ତକ ଲେଖିଥିଲେ, ଯାହାକୁ ଦେବନାଗରୀ ଲିପି ଆଉ ହିନ୍ଦୀ ଭାଷାର ବର୍ଣ୍ଣମାଳାରେ ପ୍ରସ୍ତୁତ କରି ବ୍ୟାଖ୍ୟା କରିଥିଲେ। ତାହା ୧୭୭୧ରେ ପ୍ରକାଶ ପାଇଥିଲା। ଗ୍ରେଟ୍‌ବ୍ରିଟେନ୍‌ର ହିନ୍ଦୀ ବିଦ୍ୱାନ୍ ଜର୍ଜ ହେଡ୍‌ଲେ ହିନ୍ଦୀ ବ୍ୟାକରଣ ପରମ୍ପରାର ନୂଆ ଯୁଗର ସୂତ୍ରପାତ କରିଥିଲେ। ୧୭୭୩ରେ ଗ୍ରାମାଟିକାଲ ରିମାର୍କସ ଅନ ଦି ପ୍ରାକ୍ଟିକାଲ ଏଣ୍ଡ୍ ବଲଗର ଡାଇଲେକ୍ଟ ଅଫ୍ ଦ ହିନ୍ଦୁସ୍ଥାନ ଲାଙ୍ଗୁଏଜ୍‌କୁ ଲଣ୍ଡନରୁ ପ୍ରକାଶ କରାଇଥିଲେ। ଜନ୍ ବାର୍ଥବିକ ଗିଲ କ୍ରାଇଷ୍ଟ ଏଡ୍‌ନବିରାର ନିବାସୀ ଥିଲେ। ତାଙ୍କ 'ଇଂଲିଶ୍-ହିନ୍ଦୁସ୍ଥାନ ଡିକ୍ସନାରି' ଆଉ ହିନ୍ଦୁସ୍ଥାନୀ ଗ୍ରାମାର ଅତ୍ୟନ୍ତ ଚର୍ଚ୍ଚିତ ଥିଲା। ଭାରତରେ ସର୍ବାଧିକ ବ୍ୟବହାର କରାଯାଉଥିବା ହିନ୍ଦୀକୁ ସେ ଖଡ଼ି ବୋଲି ନାମ ଦେଇଥିଲେ।

ହେରାସିସ ସ୍ତୋପନବିଚ ଲେବିଦୋବ ହିନ୍ଦୀ ଭାଷାର ସ୍ୱାଧ୍ୟାୟରୁ ହିନ୍ଦୁସ୍ଥାନୀ-ଇଂରାଜୀ କୋଷ ଲେଖିଥିଲେ, ଯାହାର ନାମ 'ଗ୍ରାମାର ଅଫ୍ ଦ ପିୟୋର ଏଣ୍ଡ ମିକ୍ସଡ ଇଷ୍ଟ ଇଣ୍ଡିଆନ୍ ଡାଇଲେକ୍ଟସ। ଟାମସ ଏରୋବେକ 'ଇଂଲିଶ୍ ଏଣ୍ଡ ହିନ୍ଦୁସ୍ଥାନୀ ନୋବେଲ ଡିକ୍ସନାରି ଅଫ୍ ଟେକ୍‌ନିକାଲ ଟର୍ମସ ଏଣ୍ଡ୍ ସି ଫେଜି, ୧୮୧୧ ମସିହାରେ କଲିକତାରୁ ପ୍ରକାଶ କରିଥିଲେ। ପାଦ୍ରୀ ମ୍ୟାଥ୍ୟୁ ଥମ୍ସନ ଏଡମ' ଏ ଗ୍ରାମାର ଅଫ୍ ହିନ୍ଦୀ ଲାଙ୍ଗୁଏଜ ନାମକ ପୁସ୍ତକକୁ ୧୮୨୭ରେ କଲିକତାରୁ ପ୍ରକାଶ କରିଥିଲେ। ସେହି ପୁସ୍ତକରେ ଦେବନାଗରୀ ଲିପିରେ ଆଧୁନିକ ପଦ୍ଧତିର ବର୍ଣ୍ଣ କ୍ରମାନୁସାରେ ସଂଯୋଜନା କରାଯାଇଥିଲା। ଫ୍ରାନ୍ସର ହିନ୍ଦୀ ବିଦ୍ୱାନ୍ ଗାସା ଡି ତାସି ଆଧୁନିକ ବିଚାରରୁ ହିନ୍ଦୀ ସାହିତ୍ୟର ଇତିହାସ ଲେଖିବା ଦୃଷ୍ଟିକୁ ବିକଶିତ କରିଥିଲେ। ସେ ଫ୍ରେଞ୍ଚ ଭାଷାରେ ଇସ୍ତୱାର ଦ ଲିଟ୍ରେଡ୍‌ଉର ଏନ୍ଦୁସ୍ଥାନୀ (ହିନ୍ଦୁ ଆଉ ହିନ୍ଦୁସ୍ଥାନୀ) ସାହିତ୍ୟର ଇତିହାସ ଲେଖିଥିଲେ। ୧୮୩୯ ମସିହାରେ ଏହା ପ୍ୟାରିସରୁ ପ୍ରକାଶ ପାଇଥିଲା। ଏଲେକ୍ସେଇ ପେଟ୍ରୋବିଚ ବରାନ୍ନିକୋଭ ରୁଷୀୟ ବିଦ୍ୱାନ୍ ଥିଲେ। ସେ ରୁଷୀୟ ଭାଷାରେ ତୁଳସୀଦାସକୃତ 'ଶ୍ରୀରାମଚରିତ ମାନସ'ର ଅନୁବାଦ କରି ବ୍ରଜବୋଲି ଭାଷା ପ୍ରତି ନିଷ୍ଠା ବ୍ୟକ୍ତ କରିଥିଲେ। ସେ ଆଜି ନାହାନ୍ତି ସତ, ତାଙ୍କ ସମାଧିସ୍ଥଳରେ ଶ୍ରୀରାମଚରିତମାନସର ପଦ୍ୟାବଳୀ ଆଜି ମଧ୍ୟ ଅଙ୍କିତ ରହିଛି।



ଗ୍ରାସିନ୍ ଡି ଟାସି



ଜର୍ଜ ଏ ଗ୍ରିର୍‌ସନ୍

ହଙ୍ଗେରୀର ଆଇମରେ ବୈଙ୍ଘ ଯେତେବେଳେ ବୁଡ଼ାପେଷ୍ଟ ୟୁନିଭର୍ସିଟିରୁ 'ଇଣ୍ଡୋଲଜୀ' ବିଷୟରେ ଅଧ୍ୟୟନ କରୁଥିଲେ, ସେହି ସମୟରେ ଭାରତୀୟ କବି ଆନନ୍ଦଘନଙ୍କ କବିତାଗୁଡ଼ିକର ଶବ୍ଦଶକ୍ତିରେ ଏତେଦୂର ପ୍ରଭାବିତ ହୋଇଯାଇଥିଲେ ସେ ହିନ୍ଦୀଭାଷା ଓ ସାହିତ୍ୟର ବିଧିବଦ୍ଧ ଶିକ୍ଷାଗ୍ରହଣ କରିବାକୁ ବାଧ୍ୟ ହୋଇଥିଲେ। ସେ ଶାନ୍ତିନିକେତନରୁ ହିନ୍ଦୀ ବିଷୟରେ ପିଏଚ୍.ଡି. ଉପାଧି ଅର୍ଜନ କରିଥିଲେ। ସେ ଦେବନାଗରୀ ଲିପିରେ ହିନ୍ଦୀ ଭାଷାରେ 'ସନ୍ଦେହ କୋ ମାରଗ' ନାମକ କାବ୍ୟକୃତି ପ୍ରଣୟନ କରିଥିଲେ। ପରେ ସେ ଅକ୍ସଫୋର୍ଡ ୟୁନିଭର୍ସିଟିରେ ହିନ୍ଦୀ ସାହିତ୍ୟର ପ୍ରାଧ୍ୟାପକ ଭାବେ ନିଯୁକ୍ତି ପାଇଥିଲେ।

ଜର୍ଜ ଆବ୍ରାହମ୍ ଗ୍ରିୟର୍ସନ ଡବ୍‌ଲିନ ଆୟର୍ଲାଣ୍ଡ ନିବାସୀଥିଲେ। କିନ୍ତୁ ଯେତେବେଳେ ସେ ଭାରତୀୟ ଲୋକସେନାର ଅଧିକାରୀ ରୂପେ ଭାରତ ଆସିଲେ, ସେତେବେଳେ ସେ 'ଭାଷା ବିଜ୍ଞାନର ସର୍ବେକ୍ଷଣ' ଲେଖି ଆପଣା ଭିତରେ ଥିବା ଭାରତୀୟତା ଜାଗ୍ରତ କରିଥିଲେ। ସେ ତୁଳସୀଦାସ ଆଉ ବିଦ୍ୟାପତିଙ୍କ ସାହିତ୍ୟର ମହତ୍ତ୍ୱକୁ ପ୍ରତିପାଦିତ କରିଥିଲେ। ହିନ୍ଦୀ କ୍ଷେତ୍ରର ବୋଲିଗୁଡ଼ିକ ଆଉ ଲୋକ ସାହିତ୍ୟର ସନ୍ଧାନ ଦିଗରେ ତାଙ୍କ ଭୂମିକା ଯଥେଷ୍ଟ ଥିଲା। ଜାପାନ ଦେଶରେ ହିନ୍ଦୀର ପ୍ରଚାର ପ୍ରସାର ପ୍ରଥମ ସ୍ଥାନ ଅଧିକାର କରିଥିଲା। ଭାରତ ବାହାରେ ଯଦି ସର୍ବପ୍ରଥମେ ହିନ୍ଦୀର ଅଧ୍ୟୟନ ଅଧ୍ୟାପନା ଆରମ୍ଭ ହୋଇଥିଲା, ତାହା ହେଉଛି ଟୋକିଓ ୟୁନିଭର୍ସିଟି। ଏହି ସନ୍ଦର୍ଭରେ ଅକିୟୋ ହାଗାଙ୍କ ଅବଦାନକୁ ଭୁଲି ହେବ ନାହିଁ। ସେ ମହାତ୍ମା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ହିନ୍ଦୀ ବିଶ୍ୱବିଦ୍ୟାଳୟ, ୱାର୍ଦ୍ଧାରେ ହିନ୍ଦୀର ପ୍ରଧାପନ ମଧ୍ୟ କରିଥିଲେ। ଇଟାଲୀର ହିନ୍ଦୀ ଅନୁରାଗୀ ଡ. ଏଲ୍.ପି. ଟେସିଟାରୀ ତୁଳସୀ ଦାସ ଆଉ ଶ୍ରୀରାମଚରିତମାନସର କଥାବସ୍ତୁର ତୁଳନା ବାଲ୍ମୀକି ରାମାୟଣର କଥାବସ୍ତୁ ସହିତ କରି ଗବେଷଣା ପୁସ୍ତକ ଲେଖିଥିଲେ।

ବିଦେଶରେ ଥିବା ବହୁ ବିଦ୍ୱାନ୍ ଭାରତୀୟ ସାହିତ୍ୟ ଓ ପ୍ରତିଭା ପ୍ରତି ଗଭୀର ଅନୁରାଗ ବ୍ୟକ୍ତ କରି ସାହିତ୍ୟକୁ ଗୌରବାନ୍ୱିତ ଆଉ ସମୃଦ୍ଧ କରିଛନ୍ତି। ଏ ଦିଗରେ ଅଧିକ ଅନୁଧ୍ୟାନ ଓ ଗବେଷଣାର ପ୍ରୟୋଜନୀୟତା ରହିଛି।

ମୋ: ୯୭୭୭୭୪୦୭୧

## କବିତା

### ସହରରେ ବନ୍ୟା

**ଡ. ବିଦ୍ୟୁତ୍‌ପ୍ରଭା ଗନ୍ତାୟତ**

ବଡ଼ ବଡ଼ ସହରରେ
ମୌସୁମୀ ଉଭାନ୍ ହୁଏ
ଅବପାତ, ଲଘୁଚାପ
ବର୍ଷା ଆଣେ ବନ୍ୟା।

ମାନେ ନାହିଁ
ହାଇଟେକ୍ ଜୀବନଶୈଳୀ
ଆଧୁନିକ ସାଧନ ଓ କୋଠାବାଡ଼ି
ପ୍ରକୃତିର ବାଟ ଓଗାଳି
ସ୍ରୋତର ଛାତି ଉପରେ ଠିଆ
ମଲ୍, ମଲ୍‌ଟିପ୍ଲେକ୍ସ ଓ ଇଷ୍ଟେଟ୍
ଭେଳା ଭେଳା ଗାଡ଼ି।

ସହରରେ ବର୍ଷା ଆଣେ ବନ୍ୟା
ଆତ୍ମଘୋଷିତ, ଦର୍ପିତ
ଦିଗ୍‌ବିଜୟୀ ମଣିଷଙ୍କ
ରଙ୍ଗମଖା ମୁହଁମାନଙ୍କୁ
ବୁଡ଼ାଏ, ବିବର୍ଣ୍ଣ କରେ।

ବର୍ଷା ଆଣେ ବନ୍ୟା
କ୍ଷମତାର ଅଧିକାରୀ,
ଆସ୍ପର୍ଦ୍ଧାର ଅନୁଚରମାନଙ୍କ
ବୟାନ ବିବୃତିକୁ
ଜଳଲୀନ କରେ।

ସହରରେ ବର୍ଷା
ଗେଟ୍ ଟପି ପାଣି ଘରେ ପଶେ
ଗ୍ୟାରେଜ୍, ଡ୍ରଇଂ, ଡାଇନିଂ,
କିଚେନ୍ ଓ ବେଡ୍‌ରୁମ୍
ବେଧଡ଼କ ବୁଡ଼ାଏ।

ବର୍ଷା ଆଣେ ବନ୍ୟା
ଜଳବନ୍ଦୀ ନିଷ୍କର୍ଷ ବିହୀନ
ସହରୀ ମଣିଷଙ୍କ
ଆବଦ୍ଧତାକୁ ହେଣ୍ଟାଳେ।

ପ୍ରକୃତିର ପ୍ରତିଶୋଧ
ବର୍ଷାର ତାଣ୍ଡବ
କୃତ୍ରିମ ବନ୍ୟାରେ ଉବୁଟୁବୁ
ସହର ଓ ସହରୀଙ୍କ ପରାଭବ
ବର୍ଷା ଆଣେ ବନ୍ୟା।

ମୋ: ୭୯୭୮୬୨୮୨୨୦

### ମୋକ୍ଷଦାୟିନୀ

**ଡା. ମନୋରଞ୍ଜନ ଦାଶ**

ନିଟୋଳ ସଂସ୍କାର ଭିତରୁ
ଜନ୍ମନେଇଛି ମୋ
ନାରୀତ୍ୱର ସତ୍ତା।
ମିଥ୍ୟା ପ୍ରଗଲ୍‌ଭତା, ସ୍ୱେଚ୍ଛାଚାରିତା
ମୋର ପରିଚୟ ନୁହେଁ।
ସଞ୍ଜଣାର ଠାଣିରେ ମୁଁ ମଥାରେ
ସିନ୍ଦୂର ଲଗାଏ।

ପତିବ୍ରତାର ପାଥେୟରେ
ବେଶ୍ ଜୀବନ ଜିଉଚି।
ବାରବୁଲି ହେବାର ଅପଯଶକୁ ମୁଁ
ପାଦରେ ଦଳିଚି।
ମୋ ପରିବାରର ସୁଖ-ଦୁଃଖ
ମୋର ସାଥୀ।
ମିଥ୍ୟାଚାରୀମାନଙ୍କ ପ୍ରଶଂସାରେ
ମୁଁ ନୁହେଁ ବିହ୍ୱଳିତ।
ଅଭିଶାପ କି ଅପାଂକ୍ତେୟତାରେ
ବିଶ୍ୱାସ ମୁଁ ରଖେନା।

ଅସହାୟତା ମୋ ଅନୁଭବରେ
ଆସେନା।
ମୁଁ ସୁକ୍ରେୟ ନୁହେଁ,
କାହା ଅଙ୍ଗୁଳି ନିର୍ଦ୍ଦେଶରେ...
ମୁଁ ମୁକ୍ତ ସନ୍ନ୍ୟାସିନୀ ନୁହେଁ!
ସ୍ୱୟଂ ସଂପୂର୍ଣ୍ଣା ବି ନୁହେଁ।
ଏକ ମାତ୍ର ଲଜ୍ଜା
ମୋର ଆଭୂଷଣ।
ପୁରୁଷମାନେ ମୋ ସମକକ୍ଷ ନୁହନ୍ତି
ମୁଁ ବି ପୁରୁଷମାନଙ୍କ ସମକକ୍ଷା ନୁହେଁ।
ମୁଁ କେବଳ ନାରୀତ୍ୱର
ନିଟୋଳ ସତ୍ତାରେ
ମୋକ୍ଷଦାୟିନୀ।

ମୋ: ୯୪୩୭୩୧୭୭୨୨

**ଗୀତି-କବିତା**

### କାହିଁକି କେଜାଣି ଆଜି ଏ ସଞ୍ଜ

**ହରିଶ୍ଚନ୍ଦ୍ର ବେହେରା**

କାହିଁକି କେଜାଣି ଆଜି ଏ ସଞ୍ଜ
ଲାଗେ ମୋତେ ନୂଆ ନୂଆ
କେଉଁ ପରଦେଶୀ ଆସିବ ଲୋ ସହୀ
ଦେହରେ କାଉଁରି ଛୁଆଁ।୦।

ପବନରେ ଆଜି ମିଠା ମହକ ଲୋ
ରଜନୀଗନ୍ଧା ଓ ଯୂଇ
ମଳୟ ବୋହୁଛି କୋଇଲିର କୁହୁ
ଯାଏ ମନ ପ୍ରାଣ ଛୁଇଁ
ବଢୁରା ଦୁଃଖକୁ ରାଗ ପୂରବୀରେ
ଗାଉଛନ୍ତି ଶାରୀ ଶୁଆ।୧।

ତୋଟା ବିଲ ବଣ ସବୁଠି ଯେମିତି
ନୀଳ ନୀଳ ନୀରବତା
ଜନ୍ମ ଜନ୍ମାନ୍ତର ତାଙ୍କୁ ହିଁ ଲୋଡୁଛି
ମୋ ପ୍ରାଣ ଅପରାଜିତା
ଅନ୍ଧ ଆବେଗରେ ମନ ବିକିଦେଲି
ସେ ତ ବଡ଼ ଦଗାଦିଆ।୨।

ତଥାପି କାହିଁକି ଏ ପ୍ରାଣ ମୋହର
ଲୋଡୁଛି ତାହାଙ୍କୁ ସହୀ
ଶୂନ୍ୟ ହୃଦୟରୁ ପ୍ରୀତି ସାହାନାଇ
ଶୁଭୁଅଛି ରହି ରହି
ତ୍ରିଭଙ୍ଗ ଭଙ୍ଗୀରେ ବଇଁଶୀ ବଜେଇ
ଡାକୁଛି ମୋହରି ନାଆଁ।୩।

ମୋ: ୯୪୩୭୮୧୩୭୦୮

## ପୁସ୍ତକ ପରିଚୟ

### ଚିତ୍ରପଟ୍ଟ




**ଲେଖକ:** ଶ୍ରୁତି ଶୈଳଜା
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ମଧୁସୂଦନ ନଗର, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୧୫୦/-

ଶ୍ରୁତି ଶୈଳଜାଙ୍କ ପ୍ରଥମ ଗଳ୍ପ ସଂକଳନ 'ଚିତ୍ରପଟ୍ଟ'। ଏଥିରେ ମୋଟ ୧୭ଟି ଗଳ୍ପ ସ୍ଥାନିତ। 'ଚିତ୍ରପଟ୍ଟ' ବହିର ଶେଷଗଳ୍ପ ଓ ବହିର ଶିରୋନାମ ବି। ସାଧିକା ଓ ସୋହମ୍ ବିଭାଘର ପରେ ଓଡ଼ିଆ ରୀତିନୀତି ଅନୁସାରେ ଶ୍ରୀଜଗନ୍ନାଥ ଦର୍ଶନରେ ସପରିବାର ପୁରୀ ଯାଇଛନ୍ତି। ସମଗ୍ର ଗପଟିରେ ପୁରୀର ବର୍ଣ୍ଣନା ପୁରୀ ଉପରେ ଗୋଟେ ସ୍କୁଲପିଲା ରଚନା ଲେଖିବା ପରି ଲାଗେ। ସମୁଦ୍ର, ବେଳାଭୂମି, ଲକ୍ଷ୍ମୀଙ୍କ ମନ୍ଦିର ଓ ଶ୍ରୀମନ୍ଦିର ଭିତରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଆକର୍ଷଣ ସହିତ ସ୍ନାନବେଦୀର ବର୍ଣ୍ଣନା ଅତି ସରଳ ଓ ପ୍ରାଣଘେନା ଭାଷାରେ କରିଛନ୍ତି ଲେଖିକା। ଶ୍ରୀମନ୍ଦିର ସହ ଜଡ଼ିତ ନାନା ବିଶ୍ୱାସକୁ ନେଇ ସାଧିକାଙ୍କ ମନରେ କେତେ ପ୍ରଶ୍ନ ଉଠେ, ହେଲେ ବିନା ଉତ୍ତରରେ ସେସବୁ ସ୍ୱତଃ ସମାହିତ ହୋଇଥାଏ ଯେଉଁ ମନରୁ ଉଠିଥିଲା, ସେଇ ମନରେ। ଶୈଳଜାଙ୍କ ଗଳ୍ପ, କେବଳ ଗଳ୍ପ। ଏଥିରେ କିଛି ବଡ଼ ଗୋଟେ ତତ୍ତ୍ୱ ବା ଦର୍ଶନ ବଖାଣିବାର ଅଭିଳାଷ ତାଙ୍କର ନ ଥାଏ- ଖାସ୍ ଏଇଥିପାଇଁ ତାଙ୍କ ଗଳ୍ପଗୁଡ଼ିକ ସ୍ୱାଭାବିକ୍ ଲାଗେ, ତାଜା ଲାଗେ। 'ଆଲୋକିତ ଅନ୍ଧାର', 'ଦିଦି', 'ଭିଜାମାଟି', 'ମହୁଲ', 'ନିଃଶବ୍ଦ ପ୍ରାର୍ଥନା', 'ଛକିଶୂନ ଖେଳ', 'ଛାଇ', 'ଦଗ୍ଧ ପଳାଶ', 'ଅର୍ଦ୍ଧ ନାରୀଶ୍ୱର', 'ଚମ୍ପାଫୁଲର ବାସ୍ନା' ଓ 'ଦିବ୍ୟା ବୁଟିକ୍' ଭଳି ଗଳ୍ପଗୁଡ଼ିକ ଲେଖିକାଙ୍କ ସମ୍ଭାବନାପୂର୍ଣ୍ଣ ପ୍ରତିଶ୍ରୁତି ଓଡ଼ିଆ କଥାଜଗତ ପାଇଁ, ଏଥିରେ ସନ୍ଦେହ ନାହିଁ।

### ଏ ଯୁଦ୍ଧ ବି ସରିଯିବ ଦିନେ




**କବି:** ଜୟନ୍ତୀ ବିଶ୍ୱାଳ ବେହୁରିଆ
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୩୯/-

ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୪୬ଟି କବିତା ଗ୍ରଥିତ, ଯାହାର ପ୍ରସଙ୍ଗ ସମକାଳୀନ ସମୟ, ସମାଜ ଓ ମଣିଷର ଜୀବନଯାପନ। ବହିର ପ୍ରଥମ କବିତାକୁ କବି ବହିର ଶିରୋନାମ କରିଛନ୍ତି। 'ପ୍ରଚ୍ଛଦଲେଖ'ରେ କୁହାଯାଇଛି ଜୟନ୍ତୀ ହେଉଛନ୍ତି ଦୁଇ ଦଶନ୍ଧି ଧରି କବିତା ଲେଖିଆସୁଥିବା ଲେଖିକା ଓ ଆଲୋଚ୍ୟ ବହିଟି ତାଙ୍କର ଦ୍ୱିତୀୟ କବିତା ସଂକଳନ। ହେଲେ ବି ବହିର ପ୍ରାୟ କବିତା ଖୁବ୍ ପାକଳ ଲାଗେ। କବିତାରେ କିଛି ନୂଆ ଲେଖାଯାଏନି, ପୁରୁଣା ଅନୁଭୂତିକୁ କେବଳ ଦିଆଯାଏ ନୂଆ ପ୍ରକାଶ-କୌଶଳ। ଏହି ଦୃଷ୍ଟିରୁ ଦେଖିଲେ ବହିଟିର ଅନେକ କବିତା ପଢ଼ିସାରିଲା ପରେ ଓ ପଢୁଥିବା ବେଳେ ପାଠକଙ୍କୁ ଚମକିପଡ଼ିଲା ପରି ଲାଗେ। ସରଳ, ନିରାଡ଼ମ୍ବର, ଅହମିକାଶୂନ୍ୟ ଏକ ଅଙ୍ଗୀକାରବଦ୍ଧତାକୁ ବହିର କବିତାଗୁଡ଼ିକ ମଧ୍ୟରୁ ଆବିଷ୍କାର କରାଯାଇପାରେ। ଶୀର୍ଷକ କବିତାରୁ ଉଦାହରଣଟିଏ ନେବା- ''ଏ ଯୁଦ୍ଧ ଦିନେ ସରିଯିବ,/ ହେଲେ ସେ ସମୟ କେମିତି ଥିଲା/ ତା'ର ବିଭୀଷିକାରେ ଘାରି ହେଇ/ ଲୁହ ଝରାଇବାକୁ ମୁଁ ଆଉ ନ ଥିବି/ x x ତୁମେ ପୁଣି ଦେଶ ଗଢ଼ିବ/ ସ୍ୱପ୍ନ ବୁଣିବ, ହେଲେ ମୁଁ ନ ଥିବି ସେ ଦେଶରେ।'' ('ଏ ଯୁଦ୍ଧ ବି ସରିଯିବ ଦିନେ', ପୃ: ୦୯)। 'ମାଆ'ର ଚିତ୍ରଟିଏ ଦିଅନ୍ତି ନିଜ କବିତାରେ କବୟିତ୍ରୀ ଓ କହନ୍ତି: ''ଗୋଟେ ଗୀତ ଗାଉଥିବା/ ଝରଣା ଓ ଗୋଟେ ଗଡ଼ ଜିତିବାର ଉଦ୍ଦାମତା ମାଆ।'' (ଗୋଟେ ଗଡ଼ ଜିତିବାର ଉଦ୍ଦାମତା ମାଆ, ପୃ: ୫୯)। ମନେହୁଏ, ବହିଟିର କବିତାଗୁଡ଼ିକ ସତ-ଜୀବନର କବିତା ଓ ଏହି ସତତା ପାଇଁ ବହିଟି ପାଠକୀୟ ଆଦୃତି ଲାଭକରିବ।

## ନୀଳ ଆକାଶ ଓ ନୀଳ ଫ୍ରକ୍

**ଅମୃତା ମିଶ୍ର**

**ଲଘୁଗଳ୍ପ**

ସବୁଦିନ ରାତି ଚାରିଟାରୁ ଉଠେ ସୁନିବୋଉ। ସେଦିନ କିନ୍ତୁ ରାତି ଦୁଇଟାରୁ ଉଠି ଦି' କିଲୋ ଅଧିକ ବୁଟ ସିଝାଇ ଥିଲା ଓ କାକୁଡ଼ି, ଲେମ୍ବୁ, କଞ୍ଚାଲଙ୍କା ଧୋଇଧାଇ ଥୋଇଥିଲା। ସୁନିବାପା ନଡ଼ିଆ ଭାଙ୍ଗି କାଟି ଝାଲବୁଟ ଡାଲାଟିକୁ ସଜାଡ଼ିବା ବେଳେ ସୁନିବୋଉ କହିଲା, ''ବୁଝିଲ, ସୁନିଟା ଆମର ଜିଦି କରୁଛି ଏଥର ରଜରେ ନୂଆ ନୀଳ ଫ୍ରକ୍‌ଟିଏ ପିନ୍ଧିବ ବୋଲି। ଆଉ ଦିନ ଦି'ଟାରେ ରଜ। ଆଜି ଯେମିତି ହେଲେ ତା'ପାଇଁ ଫ୍ରକ୍‌ଟିଏ କିଣି ଆଣିବ। ମୁଁ ଦି' କିଲୋ ବୁଟ ଅଧିକ ସିଝାଇଛି।''

ସୁନିବାପା ଝାଲବୁଟ ଡାଲାଟିକୁ ଧରି ଘରୁ ଷ୍ଟେଶନ ଯିବାକୁ ବାହାରିବା ବେଳେ ଭାବୁଥିଲା ଟିକିଏ ଅଧିକ ପରିଶ୍ରମ କରିବାକୁ ପଡିଲେ ପଡ଼ିବ, ହେଲେ ଆଜି ଝିଅ ପାଇଁ ଫ୍ରକ୍ ନିଶ୍ଚୟ ଆଣିବ। କିଏ ଜାଣିଥିଲା ସେଦିନ ସନ୍ଧ୍ୟାବେଳର ରେଳଗାଡ଼ିରେ କାଳଯମ ଆସି ଗୋଟିଏ ମୁହୂର୍ତ୍ତରେ କେତେନା କେତେ ଲୋକଙ୍କୁ ଘୋଷାରି ନେବ ଆରପୁରକୁ। ଏତେ ଲୋକଙ୍କୁ ନେଲାବେଳେ ସୁନିବାପାକୁ ନେଇଯାଇଥିବ ସେ କାଳଯମ। ନହେଲେ ରେଳ ଦୁର୍ଘଟଣାର ପନ୍ଦର ଦିନ ହେଲାଣି, ତା'ର ଖୋଜଖବର ମିଳୁନାହିଁ କାହିଁକି? ଗାଁ ଲୋକ, ସାଇ ପଡ଼ିଶା ସମସ୍ତଙ୍କଠାରୁ ଏଇ କଥା ଶୁଣି ପଥର ପାଲଟି ଯାଇଥିଲେ ସୁନିବୋଉ ଆଉ ସୁନି।

ସେଦିନ ଗାଁ ର ଜଣେଲୋକ କହିଲା- ଖବରକାଗଜରେ ବାହାରିଛି, ସେ ରେଳ ଦୁର୍ଘଟଣାରେ ମରିଥିବା କିଛି ଅଜଣା ଲୋକଙ୍କ ଶବ ଭୁବନେଶ୍ୱରର ଗୋଟିଏ ଡାକ୍ତରଖାନାରେ ରଖା ଯାଇଛି। ସୁନିବୋଉ ଗାଆଁର ପୁତୁରା ସହ ଭୁବନେଶ୍ୱରରେ ପହଞ୍ଚିଲା ବେଳକୁ ସବୁ ଅଚିହ୍ନା ଶବ ଦାହ ସରିଥିଲା। ନିଜ ଭାଗ୍ୟକୁ ଦୋଷ ଦେଇ ମଥା ପିଟି କାନ୍ଦୁଥିବା ବେଳେ ଡାକ୍ତରଖାନାର ଜଣେ କର୍ମଚାରୀ ପ୍ୟାକେଟଟିଏ ତାକୁ ଦେଖାଇ ପଚାରିଲେ, ଏଇଟା ଗୋଟିଏ ଶବ କାନ୍ଧରେ ଝୁଲୁଥିବା ବ୍ୟାଗ ଭିତରେ ଥିଲା। ଏଠିକି ଆସୁଥିବା ଲୋକଙ୍କୁ ମୁଁ ଏଇଟା ଦେଖାଉଛି, କେହି ନେଉ ନାହାନ୍ତି। ତମେ ଦେଖିଲ, ଏଇଟା ତମର ନୁହେଁ ତ? ପ୍ୟାକେଟ୍‌ଟି ଖୋଲି ଚମକି ଉଠିଲା ସୁନିବୋଉ। ତା' ହାତରୁ ଖସିପଡ଼ିଲା ସେ ପ୍ୟାକେଟଟା। ଏତିକିବେଳେ ତାକୁ ଶୁଭିଲା- କିଏ ଜଣେ କହୁଥିଲା- ମୁଁ ତୋ' ପାଖେ ପାଖେ ଅଛି। ତୁ କାନ୍ଦୁଛୁ କାହିଁକି? ଜମା କାନ୍ଦେନା। ତତେ ମୋ' ରାଣ। ଆମ ସୁନି ପାଇଁ ମୁଁ ସେ ଫ୍ରକ୍‌ଟା ଆଣିଛି ପରା, ତୁ ତଳେ ପକାଇଦେଲୁ କାହିଁକି? ନେ। ସୁନିବୋଉ ଏବେ ମୁହଁ ଉଠେଇ ଉପରକୁ ଚାହିଁଲା। ଦେଖିଲା, ସୁନିବାପା ନୀଳ ଆକାଶରେ ଥାଇ ତା' ହାତକୁ ବଢ଼ାଇ ଦେଉଥିଲା ଅତି ସୁନ୍ଦର ନୀଳ ଫ୍ରକ୍ ଟିଏ।

ମୋ : ୯୪୩୭୨୬୦୨୭୧



## ପଞ୍ଜୁରି

**ଅନୁବାଦ ଗଳ୍ପ**

**ମୂଳ ହିନ୍ଦୀ: ରଙ୍ଗନାଥ ଦ୍ୱିବେଦୀ**
**ଅନୁବାଦ-ମନୋଜ କୁମାର ବେହେରା**

ଆକାଶ ଅଫିସ୍ ଚାଲିଗଲା ପରେ ଆସବୁଦିନ ଭଳି କଂକ୍ରିଟ୍‌ର ସେହି ପଞ୍ଜୁରିରେ ବନ୍ଦୀ ହୋଇ ବିଲ୍‌କୁଲ୍ ଏକୁଟିଆ ଆଉ ଦୁଃଖୀ ହୋଇ ରହିଯାଏ ଅଞ୍ଜଳି। ବିଲ୍‌କୁଲ୍ ସେହିପରି ଯେମିତି ନିଜେ ସେହି ପଞ୍ଜୁରିରେ ପାଳିଥିବା କୁନି ଚଢ଼େଇ ପରି ଯିଏ ଏପଟ ସେପଟ ହୋଇ ନିଜ ଡେଣାକୁ ଫଡ୍‌ଫଡ୍ କରେ କିଛି ସମୟ ପାଇଁ ଆଉ ତା'ପରେ ଉଦାସ ହୋଇ ବସିପଡ଼େ ବନ୍ଦୀଟିଏ ପରି।

ନା' ତ ଏହି ବନ୍ଦୀ ଜୀବନରୁ ଅଞ୍ଜଳି ମୁକ୍ତ ହୋଇ ପାରୁଥିଲା ଆଉ ମୁକ୍ତ ହୋଇ ପାରୁଥିଲା ସେହି କୁନି ଚଢ଼େଇଟି। ହୁଏତ ସେ ମୁକ୍ତ ହୋଇ ପାରିବନି ଏଇ ବନ୍ଦୀ ଜୀବନରୁ। ବନ୍ଦୀର ଜୀବନ କେମିତି ହୋଇଥାଏ ତାହା କେବଳ ସେହି କୁନି ଚଢ଼େଇ ହିଁ ଜାଣିଛି। କାହିଁକିନା ତା' ସାମ୍ନାରେ ତା' ପସନ୍ଦର କଟା ଫଳ, ପାଣି ସବୁ ଅଛି ତଥାପି ସେଇ ଚଢ଼େଇ ଆନମନା ହୋଇ ଉଦାସ ମନରେ ଖାଏ ସିନା ହେଲେ ତା'ର ସେହି ଖାଇବାରେ ସ୍ୱାଧୀନତାର ସୁଖ ନଥାଏ।

ଅଞ୍ଜଳି ପାଖରେ ମଧ୍ୟ ଏହି କୁନି ଚଢ଼େଇ ପରି ସବୁ କିଛି ଅଛି, ପିନ୍ଧିବା ପାଇଁ ଦାମୀ ଲୁଗାପଟା, ନାନା ପ୍ରକାରର ଗହଣା, ମେକ୍‌ଅପ୍‌ର ସାମଗ୍ରୀ ସହିତ ଖାଇବା ପାଇଁ ନାନା ପ୍ରକାରର ସ୍ୱାଦିଷ୍ଟ ବ୍ୟଞ୍ଜନ। ହେଲେ ତା' ଭିତରେ ଗୋଟିଏ ପଞ୍ଜୁରି ଅଛି ଯେଉଁଥିରେ ସେ ବନ୍ଦୀ ହୋଇ ଅଛି, ଗୋଟିଏ ଅସହ୍ୟ ଯନ୍ତ୍ରଣା ଆଉ ପୀଡ଼ା ସହିତ।

ହେଲେ ଠିକ୍ ସେତିକିବେଳେ ଏ କ'ଣ ହେଲା? ଅଚାନକ ଅଞ୍ଜଳି ଉଠିଲା ଆଉ ନିଜର ଥର ଥର ହାତରେ ସେ ସେହି କୁନି ଚଢ଼େଇର ପଞ୍ଜୁରିର ଛୋଟିଆ ଦ୍ୱାରକୁ ଖୋଲି ଦେଲା। ଚଢ଼େଇଟି ସେହି ଦ୍ୱାର ପଟେ ବାହାରି ଆସିଲା ବାହାରକୁ ଆଉ ଥରଟେ ନିଜର ଲୁହ ଛଳଛଳ ଆଖିରେ ଦେଖିଲା ସେ ସାମ୍ନାରେ ଥିବା ଆକାଶ ଆଡ଼େ। ତା'ପରେ ନିଜର ଏହି ମୁକ୍ତି ପାଇଁ ସେ ଅଞ୍ଜଳିକୁ ଧନ୍ୟବାଦ କହି ନିଜର କୁନି ଡେଣାକୁ ଫଡ୍‌ଫଡ୍ କରି ଉଡ଼ିଗଲା ଖୋଲା ଆକାଶରେ।

ଆଉ ଏପଟେ ଅଞ୍ଜଳି ସେପର୍ଯ୍ୟନ୍ତ ଚାହିଁଥିଲା ସେହି କୁନି ଚଢ଼େଇକୁ ସ୍ଥାଣୁ ହୋଇ ଯେପର୍ଯ୍ୟନ୍ତ ସେ ତା' ଆଖି ଆଗରୁ ଅଦୃଶ୍ୟ ନ ହେଇଛି। ଯେତେବେଳେ କୁନି ଚଢ଼େଇଟି ଆଉ ଦୃଶ୍ୟମାନ ହେଲା ନାହିଁ ସେତେବେଳେ ସେ ଦୀର୍ଘଶ୍ୱାସ ନେଇ ଭାବିଲା କି କ'ଣ ତା'ର ଆକାଶ ଦିନେ ତାକୁ ଏହିପରି କଂକ୍ରିଟ୍‌ର ଫ୍ଲାଟ୍‌ର ପଞ୍ଜୁରିରେ ବନ୍ଦୀ ନିଜ ଅଞ୍ଜଳିକୁ ମୁକ୍ତ କରି ଖୋଲା ଆକାଶରେ ତା' ସହିତ ଉଡ଼ିପାରିବ ହୁଏତ ନା!

ମୋ: ୭୯୭୮୮୩୦୬୧୧



## କାଳକାଳକୁ



**''ଏକ ଆତ୍ମଜୀବନୀରେ ମିଛ ଥାଇପାରେ, କିନ୍ତୁ ଗୋଟେ ଉପନ୍ୟାସ କେବେ ବି ମିଛ କହେନା, ଏହା ଲେଖକକୁ ପୂର୍ଣ୍ଣଭାବେ ଉନ୍ମୋଚିତ କରେ।''**
**- ଭି.ଏସ୍. ନାଇପଲ୍**

**ସାର୍ ବିଦ୍ୟାଧର ସୁରଜପ୍ରସାଦ ନାଇପଲ୍‌ଙ୍କର** ଜନ୍ମ ୧୭ ଅଗଷ୍ଟ ୧୯୩୨ରେ, ତ୍ରିନିଦାଦ୍‌ରେ ଓ ପରଲୋକ ୧୧ ଅଗଷ୍ଟ ୨୦୧୮ରେ। ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱକାଳର ଲେଖକ ଜୀବନରେ ସେ ୩୦ରୁ ଊର୍ଦ୍ଧ୍ୱ ପୁସ୍ତକର ସ୍ରଷ୍ଟା। ତାଙ୍କର ଗଦ୍ୟଶୈଳୀ ନାନା ବୈଚିତ୍ର୍ୟରେ ପରିପୂର୍ଣ୍ଣ, ଚିର ସଦ୍ୟ ତା'ର ସ୍ୱାଦ। ଲେଖକ ଭାବେ ତାଙ୍କର ଦୃଷ୍ଟିକୋଣ ସ୍ପଷ୍ଟ ହୋଇଥିଲେ ବି କେବେକେବେ ବିବଦମାନ ପ୍ରତୀତ ହୋଇଥାଏ। ତାଙ୍କର ପ୍ରସିଦ୍ଧ ରଚନା ମଧ୍ୟରେ 'ଏ ହାଉସ୍ ଫର୍ ମିଷ୍ଟର୍ ବିଶ୍ୱାସ', 'ଇନ୍ ଏ ଫ୍ରି ଷ୍ଟେଟ୍', 'ଏ ବେଣ୍ଡ୍ ଇନ୍ ଦ ରିଭର୍' ଓ 'ଦ ଏନିଗ୍‌ମା ଅଫ୍ ଆରାଇଭାଲ୍' ପ୍ରମୁଖତା ଦାବି କରନ୍ତି। ସାହିତ୍ୟକୁ ନିଜର ଅମୂଲ୍ୟ ଅବଦାନ ପାଇଁ ତାଙ୍କୁ ମିଳିଛି 'ବୁକର୍ ପୁରସ୍କାର' ୧୯୭୧ରେ, 'ଇନ୍ ଏ ଫ୍ରି ଷ୍ଟେଟ୍' ପୁସ୍ତକ ପାଇଁ ଓ ୧୯୮୩ରେ ମିଳିଛି 'ଜେରୁଜେଲମ୍ ପୁରସ୍କାର', ୧୯୯୦ରେ 'ନାଇଟ୍ ହୁଡ୍' ଓ ୨୦୦୧ରେ 'ନୋବେଲ ପୁରସ୍କାର'। ''ଅସହମତିକୁ ଉସ୍କାଇବା ଲେଖକଙ୍କର କାମ ହେବା ଉଚିତ୍''- କହନ୍ତି ନାଇପଲ୍।

ଧରିତ୍ରୀ
DHARITRI





ବିଡବ୍ଲ୍ୟୁଏଫ୍ ତାଜିକସ୍ତାନ ଅନ୍ତର୍ଜାତୀୟ ବ୍ୟାଡ୍‌ମିଣ୍ଟନ ସିରିଜର ମହିଳା ଡବଲ୍ସରେ ସ୍ୱର୍ଣ୍ଣ ପଦକ ଅର୍ଜନ କରିଥିବା ଓଡ଼ିଶାର ଶ୍ୱେତପର୍ଣ୍ଣା ଓ ରତପର୍ଣ୍ଣା ପଣ୍ଡା।

# ସିରିଜ ବରାବର ଲକ୍ଷ୍ୟରେ ଭାରତ

**ଲୌଡରହିଲ (ଆମେରିକା), ୧୧।୮ (ପି.ଟି.)**

ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଚଳିତ ସିରିଜର ୪ର୍ଥ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଏଠାରେ ଅନୁଷ୍ଠିତ ହେବ। ଭାରତ ତୃତୀୟ ମ୍ୟାଚ ଜିତିବାରୁ ୱେଷ୍ଟଇଣ୍ଡିଜ ସମ୍ପ୍ରତି ୨-୧ରେ ସିରିଜ ଅଗ୍ରଣୀ ରହିଛି। ତେଣୁ ଆଗାମୀ ମ୍ୟାଚ ଜିତି ଭାରତ ସିରିଜକୁ ବରାବର ସ୍ଥିତିକୁ ଆଣିବା ଲକ୍ଷ୍ୟରେ ରହିଛି। ପୂର୍ବ ମ୍ୟାଚରେ ସୂର୍ଯ୍ୟକୁମାର ଯାଦବ ମ୍ୟାଚ ବିଜୟୀ ଇନିଂସ ଖେଳିଥିଲେ। ତିଳକ ବର୍ମା ମଧ୍ୟ ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି। ମାତ୍ର ଭାରତର ଓପନିଂ କମ୍ବିନେଶନ କ୍ରମାଗତ ବିଫଳ ହୋଇଛି। ଏହା ଟିମ୍ ଇଣ୍ଡିଆ ପାଇଁ ଚିନ୍ତାର କାରଣ ପାଲଟିଛି।

ତୃତୀୟ ଟି୨୦ରେ ଇଶାନ କିଶନଙ୍କୁ ବିଶ୍ରାମ ଦିଆଯାଇ ଯଶସ୍ୱୀ ଜୟସ୍ୱାଲଙ୍କୁ ଡେବ୍ୟୁ ସୁଯୋଗ ମିଳିଥିଲା। ମାତ୍ର ଜୟସ୍ୱାଲ ୬ ରନକରି ପ୍ରଥମ ଓଭରରେ ହିଁ ଦ୍ରୁତ ବୋଲର ଓବେଡ ମ୍ୟାକକୟଙ୍କ ବଲ୍‌ରେ ଆଉଟ ହୋଇଥିଲେ। ପ୍ରଥମ ୨ଟି ମ୍ୟାଚରେ କିଶନ ଓ ଶୁବମନ ଗିଲ୍ ପ୍ରଥମ ଉଇକେଟରେ ଯଥାକ୍ରମେ ୫ ଓ ୧୬ ରନ କରିପାରିଥିଲେ। ଫଳରେ ମିଡିଲ ଅର୍ଡରଙ୍କ ଉପରେ ଚାପ ପଡ଼ିଥିଲା। ଆଗାମୀ ମ୍ୟାଚ ଜିତିବା ନିହାତି ଆବଶ୍ୟକ ଥିବାବେଳେ କିଶନ ଚୂଡ଼ାନ୍ତ ଦଳକୁ ଫେରୁଛନ୍ତି କି ନାହିଁ ତାହା ଦେଖିବାର ଅଛି। କେବଳ ଟପ୍ ଅର୍ଡର ନୁହେଁ ଲୋୟର ଅର୍ଡରରେ ମଧ୍ୟ ଭାରତ ପ୍ରଭାବୀ ବ୍ୟାଟିଂ କରି ପାରିନାହିଁ। ଫଳରେ ଟପ୍ ଅର୍ଡରଙ୍କ ଉପରେ ଦଳ ନିର୍ଭର କରୁଛି। ସନ୍ତୁଳନ ବଜାୟ ରଖିବା ପାଇଁ ଅକ୍ଷର ପଟେଲ ୭ ନମ୍ବର ସ୍ଥାନରେ ଅପରିବର୍ତ୍ତିତ ରହିପାରନ୍ତି। କ୍ୟାରିୟର ଆରମ୍ଭରେ ତିଳକ ଯେପରି ଦାୟିତ୍ୱ ତୁଲାଉଛନ୍ତି ତାହା ଉଲ୍ଲେଖନୀୟ। ସେ ୩ ମ୍ୟାଚରେ ଯଥାକ୍ରମେ ୨୨ ବଲ୍‌ରୁ ୩୯, ୪୧ ବଲ୍‌ରୁ ୫୧ ଓ ୩୭ ବଲ୍‌ରୁ ୪୯ ରନକରି ନିଜ ଉଜ୍ଜ୍ୱଳ ଭବିଷ୍ୟତର ପ୍ରମାଣ ଦେଇଛନ୍ତି। ସେ ୬୯.୫୦ ଆଭରେଜରେ ୧୩୯ ରନକରି ଭାରତର ଅଗ୍ରଣୀ ସ୍କୋରର ଅଛନ୍ତି।

ଆହତ ସମସ୍ୟା ଯୋଗୁ ଦ୍ୱିତୀୟ ମ୍ୟାଚ ଖେଳିପାରି ନ ଥିବା କୁଲଦୀପ ଯାଦବ ତୃତୀୟ ଟି୨୦ରେ ପ୍ରଭାବୀ ରହିଛନ୍ତି। ସେ ୨୮ ରନ ବିନିମୟରେ ୩ଟି ଉଇକେଟ ନେଇଛନ୍ତି। ଫଳରେ ତାଙ୍କ ଉପରେ ଆସ୍ଥା ବଢ଼ିଛି। ସିରିଜରେ ୱେଷ୍ଟଇଣ୍ଡିଜର ନିକୋଲସ ପୁରନ ଭଲ ଫର୍ମରେ ଅଛନ୍ତି। ତୃତୀୟ ଟି୨୦ରେ ସେ ବିପଜ୍ଜନକ ସାବ୍ୟସ୍ତ ହେବା ପୂର୍ବରୁ କୁଲଦୀପ ତାଙ୍କୁ ଆଉଟ କରି ଦେଇଥିଲେ। ଦେଖିବାକୁ ଗଲେ ଗତ ମ୍ୟାଚରେ ଭାରତର ୩ ଜଣ ଯାକ ସ୍ପିନର କୁଲଦୀପ, ଅକ୍ଷର ଓ ଯୁଜବେନ୍ଦ୍ର ଚହଲ ପ୍ରଭାବୀ ରହିଥିଲେ। ଆଗାମୀ ମ୍ୟାଚରେ ମଧ୍ୟ ସେପରି ପ୍ରଦର୍ଶନ ଆଶା କରାଯାଉଛି।

ସେଣ୍ଟ୍ରାଲ ବ୍ରୋୱାର୍ଡ ଷ୍ଟାଡିୟମ ପିଚ୍ ସାଧାରଣତଃ ପ୍ରଥମେ ବ୍ୟାଟରଙ୍କୁ ସୁହାଇଥାଏ। ମ୍ୟାଚ ଆଗେଇବା ସହ ଧିମା ହୋଇ ଯାଇଥାଏ। ତେଣୁ ଏଠାରେ ଅନୁଷ୍ଠିତ ୧୩ ମ୍ୟାଚରୁ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୧୧ଟିରେ ବିଜୟୀ ହୋଇଛି। ୱେଷ୍ଟଇଣ୍ଡିଜ ସୁଯୋଗ ଅପେକ୍ଷାରେ ଅଛି। ୨୦୧୬ ପରେ ପ୍ରଥମଥର ପାଇଁ ଭାରତ ବିପକ୍ଷରେ ସିରିଜ ବିଜୟକୁ ହାତଛଡ଼ା କରିବାକୁ ଚାହୁଁନାହିଁ। ତେଣୁ ଆଗାମୀ ମ୍ୟାଚ ସଂଘର୍ଷପୂର୍ଣ୍ଣ ହେବା ସମ୍ଭାବନା ରହିଛି।

**ଭାରତ-ୱେଷ୍ଟଇଣ୍ଡିଜ ୪ର୍ଥ ଟି୨୦ ଆଜି**

ସ୍ଥାନ:ଲୌଡରହିଲ (ଆମେରିକା)
ସମୟ: ରାତି ୮.୦୦, ପ୍ରସାରଣ: ଡିଡି ସ୍ପୋର୍ଟ୍ସ

# ରୋମାନିଆରେ ଟ୍ରେନିଂ ନେବେ ୬ କୁସ୍ତିଯୋଦ୍ଧା

**ନୂଆଦିଲ୍ଲୀ, ୧୧।୮(ପି.ଟି.)**

ଏସିଆନ ଗେମ୍ସ ପାଇଁ ମନୋନୀତ ୬ଜଣ କୁସ୍ତି ଯୋଦ୍ଧା ରୋମାନିଆ ଗସ୍ତ କରିଛନ୍ତି। ୧୫ ଦିନ ଧରି ଏହି ଇଣ୍ଟରନ୍ୟାଶନାଲ ଟୁର୍‌ରେ ସେମାନେ ଏକ ସ୍ୱତନ୍ତ୍ର ଟ୍ରେନିଂ କ୍ୟାମ୍ପରେ ଯୋଗଦାନ କରିବା ସହ ପ୍ରତିଯୋଗିତାରେ ମଧ୍ୟ ଭାଗ ନେବେ। ଏ ବାବଦରେ ସମସ୍ତ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା କ୍ରୀଡ଼ା ମନ୍ତ୍ରଣାଳୟର ଏନ୍‌ଏସ୍‌ଏଫ୍ ସ୍କିମ୍‌ରୁ ଯୋଗାଇ ଦିଆଯିବ। ସେମାନଙ୍କ ସହିତ ୩ ସପୋର୍ଟ ଷ୍ଟାଫ୍ ଯାଇଛନ୍ତି। ଗସ୍ତକାଳରେ ଦଳ ଅଗଷ୍ଟ ୧୮ରୁ ୨୦ ପର୍ଯ୍ୟନ୍ତ ଇଅନ୍ କୋର୍ନିଆନୁ ଓ ଲାଡିସ୍ଲାଉ ସିମନ ଇଭେଣ୍ଟରେ ଭାଗ ନେବେ। ଏସିଆନ ଗେମ୍ସ ଚାଇନାର ହାଙ୍ଗ୍‌ଝୋଠାରେ ସେପ୍ଟେମ୍ବର ୨୩ରୁ ଅକ୍ଟୋବର ୮ ପର୍ଯ୍ୟନ୍ତ ହେବ। ରୋମାନିଆ ଟୁର୍‌ରେ ଯାଇଥିବା ଗ୍ରୀକୋ ରୋମାନ କୁସ୍ତିଯୋଦ୍ଧାମାନେ ହେଲେ: ଜ୍ଞାନେନ୍ଦର, ନୀରଜ, ବିକାଶ, ସୁନୀଲ କୁମାର, ନରିନ୍ଦର ଚିମା ଓ ନବୀନ।












4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ